ବର୍ଷ-୪୮ : ସଂଖ୍ୟା-୭ ଜୁଲାଇ, ୨୦୧୭ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଶିଶୁ, ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଜୁଲାଇ, ୨୦୧୭


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ମନ୍ତ୍ର ଓ ଜପ ସମ୍ପର୍କରେ | ... | ଶ୍ରୀଅରବିନ୍ଦ | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୫ |
| ନିଷ୍ପାପର ଅଭ୍ୟାସ | ... | ଶ୍ରୀମା | ... | ୬ |
| ଶ୍ରୀଅରବିନ୍ଦ : ମହାଯୋଗୀଙ୍କ ଜୀବନ ଏବଂ ଯୁଗ | | | | |
| (ପରିଚ୍ଛେଦ : ୫୬) | | | | |
| ଏକ ନୂତନ ଯୁଗର ଆରମ୍ଭ (୨) | ... | ମନୋଜ ଦାସ | ... | ୭ |
| 'ତୁମେ' (କବିତା) | ... | ହୃଷୀକେଶ ପଣ୍ଡା | ... | ୧୦ |
| ସଂବୋଧ୍ ମନ | ... | ପୂର୍ଣ୍ଣଚନ୍ଦ୍ର ମହାପାତ୍ର | ... | ୧୧ |
| ବୈଜ୍ଞାନିକଙ୍କ ଭଗବାନ୍ | ... | ନଳିନୀକାନ୍ତ ଗୁପ୍ତ | ... | ୧୫ |
| ଧ୍ୟାନ (୭) | ... | ମାଧବ ପଣ୍ଡିତ | ... | ୧୯ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୫୪) | ... | ... | ... | ୨୧ |
| ଦୁଇକୋଟି ମୁଦ୍ରା ବନାମ ଦୁଇଗୋଟି ମୁଦ୍ରା | ... | ... | ... | ୨୪ |
| ମକ୍ଷିକାର ସ୍ୱପ୍ନ (କବିତା) | ... | ଅନାଦି ଚରଣ ସ୍ୱାଇଁ | ... | ୨୬ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୯) | ... | ମହେନ୍ଦ୍ର ନାଥ ସ୍ୱାଇଁ | ... | ୨୭ |
| ଆଦର୍ଶ ମାତାପିତା (୮) | ... | ଶ୍ରୀମା | ... | ୩୦ |
| ଗଙ୍ଗାଧର (୨) | ... | ... | ... | ୩୨ |
| ଗୁପ୍ତ ତଥ୍ୟର ଆବିଷ୍କାର (୧) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୩୪ |
| କାମବାସନା ଉପରେ ବିଜୟ | ... | ଶେଖ ଅବଦୁଲ କାଶମ | ... | ୩୭ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୩୯) | ... | ସାହାନା ଦେବୀ | ... | ୪୦ |
| ଆମ ସ୍ୱାସ୍ଥ୍ୟ (୨୨) | ... | ଭୋଳେଶ୍ୱର ଭୂୟାଁ | ... | ୪୧ |
| ଭାରତୀୟ ଦାର୍ଶନିକଗଣ (୪) | ... | ଶ୍ରୀପତି ଦାସ | ... | ୪୫ |
| ଇତିହାସ କେତେ ସତ ! | ... | ଆର୍ତ୍ତତ୍ରାଣ ମିଶ୍ର | ... | ୪୮ |
| ପ୍ରଭୁ ! ଧନ୍ୟବାଦ | ... | ... | ... | ୪୯ |
| ଜିଜ୍ଞାସୁର ପୃଷ୍ଠା | ... | ରାମକୃଷ୍ଣ ଦାସ | ... | ୫୩ |
| ''କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର !'' | ... | ମନୋଜ ଦାସ | ... | ୫୫ |


❖

# ପ୍ରାର୍ଥନା

ହେ ପ୍ରଭୁ, ଅକଳ୍ପନୀୟ ଔଜ୍ଜ୍ୱଲ୍ୟ, ତୁମ ସୌନ୍ଦର୍ଯ୍ୟ ସମଗ୍ର ଧରିତ୍ରୀରେ ହେଉ ପରିବ୍ୟାପ୍ତ, ତୁମ ପ୍ରେମ ଶିଖାୟିତ ହେଉ ପ୍ରତି ହୃଦୟରେ ଏବଂ ତୁମ ଶାନ୍ତି ସଭିଙ୍କ ଉପରେ ରାଜୁତି କରୁ ।

ଏକ ଗଭୀର ଏବଂ ଗମ୍ଭୀର ଛାନ୍ଦୋଚ୍ଚାରଣୀ, ସରସ ଓ ସୂକ୍ଷ୍ମ, ମୋ ହୃଦୟରୁ ହୁଏ ଉଚ୍ଚାରିତ, ଏବଂ ଜାଣେନା ଏ ଛାନ୍ଦୋଚ୍ଚାରଣୀ ମୋଠାରୁ ତୁମ ପାଖକୁ ଯାଉଛି ନା ତୁମଠାରୁ ଆସୁଛି ମୋ ପାଖକୁ ଅଥବା ତୁମେ ଏବଂ ମୁଁ ଏବଂ ଏ ସମଗ୍ର ବିଶ୍ୱଜଗତ୍ ଏହି ଚମତ୍କାର ଛାନ୍ଦୋଚ୍ଚାରଣୀ ଯାହା ସମ୍ପର୍କରେ ମୁଁ ସଦ୍ୟ ସଚେତନ ହୋଇ ଉଠୁଛି... ନିଶ୍ଚୟ ଏଣିକି ଆଉ କୌଣସି ତୁମେ ବା ମୁଁ ଅଥବା କୌଣସି ଭିନ୍ନ ବିଶ୍ୱଜଗତ୍ ନାହିଁ; ରହିଛି କେବଳ ମାତ୍ର ଏକ ବିପୁଳ ସଂହତି, ମହତ୍ ଏବଂ ଅସୀମ, ଯାହାହିଁ ଏ ଚରାଚର ସମସ୍ତ ଏବଂ ଦିନେ ଯେଉଁ ବିଷୟରେ ଚରାଚର ସମସ୍ତ ହୋଇ ଉଠିବ ସଜାଗ । ଏହା ସୀମାହୀନ ପ୍ରେମରହିଁ ସଂହତି, ଯେଉଁ ପ୍ରେମ ସମସ୍ତ ଯାତନା ଏବଂ ତମସା ଉପରେ ବିଜୟୀ ।

ଏହି ପ୍ରେମର ବିଧାନ ଅନୁସାରେ, ଯାହାକି ତୁମରି ବିଧାନ, ମୁଁ ଅଧିକରୁ ଅଧିକ ପୂର୍ଣ୍ଣତାଭରେ ଜୀବନ ଧାରଣ କରିବାକୁ ଚାହେଁ । ତାକୁହିଁ ମୁଁ ମୋ ନିଜକୁ ଅକୁଣ୍ଠଭାବେ ପ୍ରଦାନ କରୁଛି ।

ଏବଂ ମୋର ସମଗ୍ର ସତ୍ତା ଏକ ଅନିର୍ବଚନୀୟ ଶାନ୍ତିରେ ଉଚ୍ଛ୍ୱସିତ ।

ଜୁଲାଇ ୨୩, ୧୯୧୩ — ଶ୍ରୀମା



# ମନ୍ତ୍ର ଓ ଜପ ସମ୍ପର୍କରେ

The word is a sound expressive of the idea. In the supra-physical plane when an idea has to be realised, one can by repeating the word-expression of it, produce vibrations which prepare the mind for the realisation of the idea. That is the principle of the Mantra and of japa. One repeats the name of the Divine and the vibrations created in the consciousness prepare the realisation of the Divine.

(*Letters on Poetry and Art,* Page 7) – Sri Aurobindo

ବାକ୍ ହେଲା ଚୈତ୍ୟୋପଲବ୍ଧ ସତ୍ୟର ଅଭିବ୍ୟକ୍ତିମୂଳକ ଏକ ଧ୍ୱନି । ସ୍ଥୂଳୋତ୍ତର ସ୍ତରରେ ଯେତେବେଳେ ଏକ ଚୈତ୍ୟୋପଲବ୍ଧ ସତ୍ୟ ଉପଲବ୍ଧ ହେବା କଥା, ସେତେବେଳେ ଜଣେ ତା'ର ଧ୍ୱନିଗତ ଅଭିବ୍ୟକ୍ତିର ପୁନରାବୃତ୍ତି କରି ଏଭଳି ସ୍ପନ୍ଦନ ସୃଜିପାରେ, ଯାହା ସେ ଚୈତ୍ୟୋପଲବ୍ଧ ଜ୍ଞାନର ଉପଲବ୍ଧି ସକାଶେ ମନକୁ ପ୍ରସ୍ତୁତ କରେ । ମନ୍ତ୍ର ଏବଂ ଜପର ତାହାହିଁ ମୂଳତତ୍ତ୍ୱ । ଜଣେ ଭଗବାନଙ୍କ ନାମ ପୁନଃପୁନଃ ଆବୃତ୍ତି କରିଚାଲେ ଏବଂ ତାହା ଦ୍ୱାରା ଚେତନାରେ ସୃଜିତ ସ୍ପନ୍ଦନ ଭଗବାନଙ୍କ ଉପଲବ୍ଧି ନିମନ୍ତେ ପ୍ରସ୍ତୁତି ଆଣିଦିଏ ।

— ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

### ଦ୍ୱିତୀୟ ପର୍ବ : ସପ୍ତମ ସର୍ଗ, ମହା-ରାତ୍ରି ମଧ୍ୟକୁ ଅବତରଣ

### (The Descent into Night)

### (୬୩)

## ଶ୍ରୀଅରବିନ୍ଦ

Around him crowded grey and squalid huts
Neighbouring proud palaces
of perverted Power,
Inhuman quarters and demoniac wards.

ତାଙ୍କ ଚତୁର୍ଦ୍ଦିଗରେ ଘଟିଥିଲା ଧୂସର ଓ କ୍ଲିନ୍ନ କୁଟୀରମାନଙ୍କର ସମାବେଶ; ଆଖପାଖ ଇଲାକାରେ ମୁଣ୍ଡଟେକି ଥିଲେ ବିକୃତ ଶକ୍ତିର ଉଦ୍ଧତ ପ୍ରାସାଦଶ୍ରେଣୀ, ଅମାନୁଷୀ ନିବାସ ଓ ଦାନବୀୟ ପ୍ରକୋଷ୍ଠାବଳୀ ।

A pride in evil hugged its wretchedness;
A misery haunting splendour
pressed those fell
Dun suburbs of the cities of dream-life.

ପାପ ମଧ୍ୟରେ ଏକ ଗର୍ବିତ ଭାବ ଆପଣାର ଦୁର୍ଗତିକୁ ଦୃଢ଼ ବାହୁବନ୍ଧନରେ ଭିଡ଼ି ଧରିଥିଲା; ସମୁଜ୍ଜ୍ୱଳ ଦୀପ୍ତିକୁ ବାରଂବାର ଆକ୍ରାନ୍ତ କରି ଏକ ଦୁଃସ୍ଥିତି ସ୍ୱପ୍ନମୟ ଜୀବନର ନଗରଚୟର ସେହି ନିର୍ମମ ଧୂସର ଉପକଣ୍ଠସବୁକୁ ଚାପଗ୍ରସ୍ତ କରି ରଖିଥିଲା ।

There Life displayed to the spectator soul
The shadow depths of her strange miracle.

ଜୀବନ ସେଠାରେ ଦର୍ଶକ ଅନ୍ତରାତ୍ମା ଆଗରେ ତାହାର ଅଦ୍ଭୁତ ଅତ୍ୟାଶ୍ଚର୍ଯ୍ୟର ଛାୟାନ୍ଧ ଗଭୀରତା ସକଳକୁ ପ୍ରଦର୍ଶିତ କରୁଥିଲା ।

A strong and fallen goddess without hope,
Obscured, deformed by some dire Gorgon spell,
As might a harlot empress in a bouge,
Nude, unashamed, exulting she upraised
Her evil face of perilous beauty and charm
And, drawing panic to a shuddering kiss
Twixt the magnificence of her fatal breasts,
Allured to their abyss the spirit's fall.

ଏକ ଶକ୍ତିମତୀ ଓ ପତିତା ଆଶାହରା ଦେବୀ କୌଣସି ଭୟଙ୍କରୀ ମାୟାବିନୀ(ଗର୍ଗନ୍)ର କୁହକ ମନ୍ତ୍ର ବଳରେ ତମସାବୃତା ଓ ବିରୂପିତା ହୋଇ, ଜଣେ ବାରନାରୀ ସାମ୍ରାଜ୍ଞୀ ସଦୃଶ ଏକ ରଙ୍ଗଭବନରେ ଉଲଗ୍ନ, ନିର୍ଲଜ୍ଜ ଅବସ୍ଥାରେ, ଉଲ୍ଲସିତ ଭାବରେ ଆପଣାର ବିପଜ୍ଜନକ ସୁଷମା ଓ ଲାବଣ୍ୟମଣ୍ଡିତ ଅଶୁଭ ମୁଖମଣ୍ଡଳଟିକୁ ଊର୍ଦ୍ଧ୍ୱକୁ ତୋଳି ଧରିଥିଲେ ଏବଂ ତାଙ୍କର ପ୍ରାଣାନ୍ତକ ଯୁଗଳ ବକ୍ଷୋଜର ଅପରୂପ ମହିମାର ମଧ୍ୟସ୍ଥଳରେ ଏକ ଶିହରିତ ଚୁମ୍ବନ ପ୍ରତି ପ୍ରବଳ ଭୀତି ଆକର୍ଷଣ ପୂର୍ବକ ଆତ୍ମାକୁ ପ୍ରଲୁବ୍ଧ କରି ନେଇଯାଉଥିଲେ ସେ ଦୁଇଟିର ଅତଳ ଗହ୍ୱରରେ ଅଧଃପତନ ନିମିତ୍ତ ।

Across his field of sight she multiplied
As on a scenic film or moving plate
The implacable splendour of her
nightmare pomps.

ଦୃଷ୍ଟି-କ୍ଷେତ୍ରର ପ୍ରସାର ମଧ୍ୟ ଦେଇ ସେହି ଦେବୀ ଆପଣାର ନୈଶଦୁଃସ୍ୱପ୍ନଜର୍ଜର ଆଡ଼ମ୍ବରଚୟର ନିର୍ଦ୍ଦୟ ଔଜ୍ଜ୍ୱଲ୍ୟକୁ ବହୁଗୁଣିତ କରିଚାଲିଥିଲେ, ଏକ ଚଳଚ୍ଚିତ୍ରର ପର୍ଦା ଅଥବା ଏକ ଗତିଶୀଳ ଫଳକ ଉପରେ ଯେପରି ସେସବୁ ଦୃଶ୍ୟମାନ୍ ହେଉଥିଲେ ।

(କ୍ରମଶଃ)

ଗଦ୍ୟାନୁବାଦ : ରବୀନ୍ଦ୍ରନାଥ ପାଢ଼ୀ

❑❑❑

# ନିଷ୍ଠାପର ଅଭ୍ୟାସ

## ଶ୍ରୀମା

### ନିଷ୍ଠାପର ଅଭ୍ୟାସ

ତୁମେ ଯେଉଁ ଅଳ୍ପ କିଛି ଜାଣିଛ, ତାକୁ ଅଭ୍ୟାସ କର, ତାହାହିଁ ଅଧିକ ଜାଣିବାର ଶ୍ରେଷ୍ଠ ଉପାୟ; ଅଗ୍ରଗତି କରିବାର ଏହାହିଁ ସବୁଠାରୁ ଶକ୍ତିଶାଳୀ ମାର୍ଗ – ସାମାନ୍ୟ ଟିକେ ଆନ୍ତରିକ ଭାବେ ଅଭ୍ୟାସ କର । ଉଦାହରଣସ୍ୱରୂପ, ଯାହା କରିବା ଉଚିତ ନୁହେଁ ବୋଲି ଜାଣିଛ, ତାହା କର ନାହିଁ । ତୁମେ ତୁମ ଭିତରେ ଗୋଟିଏ ଦୁର୍ବଳତା, ଏକ ଅସାମର୍ଥ୍ୟ ଦେଖୁଛ, ଚେଷ୍ଟାକର ଯେପରି ସେଇ ଅସାମର୍ଥ୍ୟ ତୁମକୁ ଆଉଥରେ କାବୁ କରି ନ ଦିଏ; ସେଦିଗରେ ତୁମର ଚେଷ୍ଟା ଅବ୍ୟାହତ ରଖ । ଯଦି କୌଣସି ମୁହୂର୍ତ୍ତରେ ତୁମ ଆଗରେ ତୁମର କ'ଣ ହୋଇଉଠିବା ଉଚିତ ଏହା କୌଣସି ପ୍ରକାରେ ପ୍ରତିଭାତ ହୋଇଥାଏ, ତେବେ ଏକ ତୀବ୍ର ଆସ୍ପୃହା ଭିତରେ ତୁମେ ତାହା ହୋଇଉଠିବା ଲାଗି କେବେ ବି ଯେପରି ଭୁଲି ନଯାଅ ।

କେତେକ ଲୋକ ସବୁବେଳେ ଅଭିଯୋଗ କରନ୍ତି ଯେ, ସେମାନେ ଅସମର୍ଥ । କିନ୍ତୁ ଏପରି ମନୋଭାବ ତୁମକୁ ବେଶୀ ବାଟ ନେଇଯାଇ ପାରେନା । ଯଦି ଥରେ ତୁମେ ତୁମର ଦୁର୍ବଳତାକୁ ସତକୁ ସତ ଦେଖୁପାରିଛ, ସତକୁ ସତ ଆନ୍ତରିକଭାବେ ତାହା ବୁଝିପାରିଛ ଯେ ତୁମର ସେପରି ହେବା ଉଚିତ ନୁହେଁ – ତେବେ ତୁମର ଆଉ କୌଣସି ଅଭିଯୋଗ ରହିବ ନାହିଁ । ତା'ପରେ ତୁମେ ପ୍ରତିଦିନହିଁ ଅଭ୍ୟାସ କରିଚାଲିବ, ତୁମର ସଂକଳ୍ପକୁ ଦୃଢ଼ କରି ଚାଲିବ, ପ୍ରତି ମୁହୂର୍ତ୍ତରେ ତୁମେ ସତର୍କତା ମଧ୍ୟ ବୃଦ୍ଧି କରିଚାଲିବ – ଚିହ୍ନି ନେଇ ପାରିଥିବା ଭୁଲ୍‌କୁ ପୁଣି ଯେପରି ପୁନରାବୃତ୍ତି ହେବାକୁ ନଦିଅ ।

### ଚେଷ୍ଟାହିଁ ଆନନ୍ଦ ଦିଏ

ପ୍ରକୃତରେ ଚେଷ୍ଟାହିଁ ଆନନ୍ଦ ଦେଇଥାଏ । ଯେଉଁ ମଣିଷ କିପରି ଚେଷ୍ଟା କରିବାକୁ ହୁଏ ଜାଣେ ନାହିଁ, ସେ କେବେ ବି ଆନନ୍ଦ ପାଇବ ନାହିଁ । ଯେଉଁମାନେ ପ୍ରକୃତରେ ଅଳସୁଆ, ସେମାନେ କେବେ ଆନନ୍ଦ ପାଇବେ ନାହିଁ – ଆନନ୍ଦ ପାଇବା ପାଇଁ ସେମାନଙ୍କ ଭିତରେ ଶକ୍ତି ନଥାଏ ! ପ୍ରଚେଷ୍ଟାହିଁ ଆନନ୍ଦ ଦିଏ । ଏହି ପ୍ରଚେଷ୍ଟା ତୁମର ସତ୍ତା ଭିତରେ ଏପରି ଏକ ସ୍ପନ୍ଦନ ସୃଷ୍ଟି କରେ, ଯାହାକି ତୁମକୁ ଆନନ୍ଦ ପାଇବାରେ ସକ୍ଷମ କରେ ।

ଯେକୌଣସି ପ୍ରକାର ଚେଷ୍ଟା ହେଉ ନା କାହିଁକି – ବସ୍ତୁଗତ ପ୍ରଚେଷ୍ଟା ହେଉ କି ନୈତିକ ପ୍ରଚେଷ୍ଟା ହେଉ କିଂବା ବୌଦ୍ଧିକ ସ୍ତରରେ ପ୍ରଚେଷ୍ଟା ହେଉ – ତାହା ତୁମ ସତ୍ତାରେ ଏପରି ସ୍ପନ୍ଦନ ସୃଷ୍ଟି କରିବ, ଯାହା ଦ୍ୱାରା କି ତୁମେ ବିଶ୍ୱଗତ ସ୍ପନ୍ଦନ ସଙ୍ଗେ ଯୁକ୍ତ ହୋଇପାରିବ; ଏବଂ ଏହାହିଁ ଆନନ୍ଦ ଦିଏ । ଏହି ପ୍ରଚେଷ୍ଟାହିଁ ତୁମକୁ ଜଡ଼ତା ଭିତରୁ ଟାଣି ଆଣେ; ଏହି ପ୍ରଚେଷ୍ଟାହିଁ ତୁମକୁ ବିଶ୍ୱଗତ ଶକ୍ତିଗୁଡ଼ିକ ସହିତ ଯୁକ୍ତ କରେ । ସର୍ବୋପରି ଅନ୍ୟ ଏକ କଥା ହେଲା ଯେଉଁମାନେ କୌଣସି ଯୋଗାଭ୍ୟାସ କରୁ ନାହାନ୍ତି, ଯେଉଁମାନଙ୍କର କୌଣସି ଆଧାତ୍ମିକ ଅଭୀପ୍ସା ନାହିଁ, ଯେଉଁମାନେ ଅତି ସାଧାରଣ ଜୀବନଟିଏ ଯାପନ କରନ୍ତି, ସେମାନେ ଯେତେବେଳେ ଏହି ଚେଷ୍ଟା ବା ଅଧ୍ୟବସାୟ ଆରମ୍ଭ କରିଦିଅନ୍ତି, ତାହାରି ବଳରେହିଁ ସେମାନେ ବିଶ୍ୱଶକ୍ତିଗୁଡ଼ିକର ସ୍ପନ୍ଦନ ସଙ୍ଗେ ନିଜର ସ୍ପନ୍ଦନର ଆଦାନ-ପ୍ରଦାନ ଫଳରେ ସ୍ୱତଃସ୍ଫୂର୍ତ୍ତ ଭାବରେ ଏହି ଆନନ୍ଦ ଲାଭ କରି ଥାଆନ୍ତି ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ ❑

# ଶ୍ରୀଅରବିନ୍ଦ :
# ମହାଯୋଗୀଙ୍କ ଜୀବନ ଏବଂ ଯୁଗ
## (ପରିଚ୍ଛେଦ : ୫୬)
## ଏକ ନୂତନ ଯୁଗର ଆରମ୍ଭ (୨)
## ମନୋଜ ଦାସ

''ଘଟଣା ପ୍ରବାହ-ନିର୍ଣ୍ଣାୟକ ଏମିତି ସବୁ ବ୍ୟାପାର ପର୍ଦା ଆଢୁଆଳରେ ଘଟେ, ଯାହା ଇତିହାସ କ୍ବଚିତ୍ ଲିପିବଦ୍ଧ କରେ । ପର୍ଦା ସାମନାରେ ଘଟୁଥିବା ଘଟଣାବଳିହିଁ ଇତିହାସ ଲିପିବଦ୍ଧ କରେ । (ତିଳକଙ୍କ ସହ ଆଲୋଚନା ନକରି) ମୁଁ ହିଁ ଏମନ୍ତ ନିର୍ଦ୍ଦେଶ ଦେଇଥିଲି, ଯାହାଫଳରେ କଂଗ୍ରେସ ଅଧିବେଶନ ଭାଙ୍ଗିଗଲା । ମାନ୍ଦାପନ୍ଥୀମାନଙ୍କ ତାତ୍କାଳିକ ସଭାରେ ଯୋଗ ଦେବା ନିମନ୍ତେ ଅସ୍ବୀକୃତି ପାଇଁ ମଧ୍ୟ ମୁଁ ଦାୟୀ ଥିଲି । ସୁରତରେ ଏହି ଦୁଇଟି ଥିଲା ଗୁରୁତ୍ୱପୂର୍ଣ୍ଣ ଘଟଣା ।''

— ଶ୍ରୀଅରବିନ୍ଦ(୧)

ସୁରତରେ ଯାହା ଘଟିଗଲା, ଭାରତୀୟ ଐତିହାସିକ-ମାନେ ତା'ର ଯଥାର୍ଥ ମୂଲ୍ୟାୟନ କରି ନାହାନ୍ତି । ଉଭୟ ସ୍ଥୂଳ ଓ ସୂକ୍ଷ୍ମ ପର୍ଯ୍ୟାୟରେ ତା'ର ପ୍ରଭାବ ଅଚିରେ ଅନୁଭୂତ ହେବାକୁ ଲାଗିଲା । ବିଂଶ ଶତାବ୍ଦୀର ଜଣେ ସ୍ୱନାମଧନ୍ୟ ଐତିହାସିକ ଆର୍. ସି. ମଜୁମଦାର ତାଙ୍କ ବିପୁଳ ଗ୍ରନ୍ଥ 'Struggle for Freedom'ରେ ଲେଖିଛନ୍ତି, କଂଗ୍ରେସର ଇତିହାସରେ ସୁରତ ବିଭାଜନ ଏକ ପ୍ରଚଣ୍ଡ ଘଟଣା । ସେ ମହାଜାତୀୟ ପ୍ରତିଷ୍ଠାନର ପ୍ରଥମ ପର୍ବ ଉପରେ ସେହିଠାରେ ଯବନିକା ପତନ ହେଲା ।(୨)

କିନ୍ତୁ ଖାଲି କଂଗ୍ରେସର ଇତିହାସରେ ନୁହେଁ, ସମଗ୍ର ଜାତିର ଇତିହାସରେ ସୁରତରେ ସଂଘଟିତ ଘଟଣାର ତାତ୍ପର୍ଯ୍ୟ ଅଚିରେ ପ୍ରମାଣିତ ହେବାକୁ ଆରମ୍ଭ କଲା । ସେ ଘଟଣାର ଚାଳିଶ ବର୍ଷ ପରେ ଯେ ସ୍ୱାଧୀନତା ଉପଲବ୍ଧ ହେଲା, ସେ ପାଇଁ ଅନେକ ଯୁକ୍ତି ଉପସ୍ଥାପନ କରାଯାଇପାରେ : ଗାନ୍ଧିଜିଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନ, ଦ୍ୱିତୀୟ ମହାଯୁଦ୍ଧର ପଟଭୂମିରେ ପୃଥିବୀବ୍ୟାପୀ ରାଜନୈତିକ ଅବସ୍ଥାରେ ବିପୁଳ ପରିବର୍ତ୍ତନ, ବ୍ରିଟେନରେ ଶ୍ରମିକ ଦଳର କ୍ଷମତା ଲାଭ, ଅନ୍ୟାନ୍ୟ ଉପନିବେଶ ସମୂହରେ ବିପ୍ଲବ ଇତ୍ୟାଦି । କିନ୍ତୁ ଏଭଳି ଯାବତୀୟ ଘଟଣା ପଶ୍ଚାତରେ ଯାହା ପ୍ରଚଣ୍ଡ ବାସ୍ତବତା ଭାବରେ ବିଦ୍ୟମାନ ଥିଲା, ତାହା ହେଲା ସ୍ୱାଧୀନତା ହାସଲ ସକାଶେ ଭାରତ-ବାସୀମାନଙ୍କର ସୁଦୃଢ଼ ସଂକଳ୍ପ । କୁହାଯାଏ, ଯେଉଁ ଆଦର୍ଶ ଉପଲବ୍ଧ ହେବା ନିମନ୍ତେ ସମୟ ସମାଗତ, ତାହା ହଠାତ୍ ଦୁର୍ଜୟ ହୋଇଉଠେ । (There is nothing more powerful than an idea for which the time had come.)

ଭାରତ ତା'ର ପରାଧୀନତା ତୁଟାଇଦେବା ନିମନ୍ତେ ଯଥାର୍ଥ ମୁହୂର୍ତ୍ତ ଆଗତପ୍ରାୟ – ସୁରତ ଘଟଣା ତାହାହିଁ ସୂଚାଇ ଦେଉଥିଲା ।

ବ୍ରିଟିଶ ଶାସନ ଏକ ଚିରସ୍ଥାୟୀ ମଙ୍ଗଳମୟ ଆଶୀର୍ବାଦ – ପ୍ରାଥମିକ ପାଠ୍ୟପୁସ୍ତକରେ ଥିବା ଏମନ୍ତ ଧାରଣା କିଂବା ବ୍ରିଟିଶ ସରକାର ଏକ ମହାଶକ୍ତି; – ତାଠୁଁ ଦୟା ଭିକ୍ଷା କରାଯାଇପାରେ, ତାକୁ ପରାଭୂତ କରିବାର ପ୍ରଶ୍ନ ଉଠୁ ନାହିଁ – ଏଭଳି ଅନ୍ଧବିଶ୍ୱାସମାନ କ୍ଷିପ୍ର ଭାବରେ ଦୂର ହେବାକୁ ଲାଗିଲେ । ଜନସାଧାରଣ ଅଚାନକେ ଜାଗି ଉଠିଲେ । ନେଭିନ୍‌ସନ୍ ପରିବେଷିତ ବିବରଣୀରୁ ଆମେ ପଢୁଁ, ଲୋକେ ଯେପରି ରାତାରାତି ମାନ୍ଦାପନ୍ଥୀମାନଙ୍କ ନେତୃତ୍ୱକୁ ହେୟଜ୍ଞାନ କରିବାକୁ ଆରମ୍ଭ କରିଥିଲେ ! ଅବଶ୍ୟ ବିଶାଳ ଭାରତବର୍ଷର ଅଧିକାଂଶ ନରନାରୀ ରାଜନୀତି ପ୍ରତି ବୀତସ୍ପୃହ ଥିଲେ; କିନ୍ତୁ ଶିକ୍ଷିତ ଓ ଛାତ୍ର-ସମାଜ ଏବଂ ମଧ୍ୟବିତ୍ତ ଶ୍ରେଣୀଙ୍କୁ ସ୍ୱାଧୀନତାର ସ୍ୱପ୍ନ ଉଦ୍‌ବୁଦ୍ଧ କରିବାର ମୁହୂର୍ତ୍ତ ଉପନୀତ ହୋଇଥିଲା ।

ହାୟ, ଦେଶରେ ଏମିତି ନବ ଜାଗରଣର ସୂତ୍ରପାତ ହେବା ବେଳେ ମାନ୍ଦାପନ୍ଥୀମାନଙ୍କ ମନୋଭାବ ପ୍ରତି ଦୃଷ୍ଟିପାତ କଲେ ବିସ୍ମିତ ଓ ହତାଶ ହେବାକୁ ପଡ଼େ । ଗୋପାଳକୃଷ୍ଣ ଗୋଖେଲଙ୍କ ଭଳି ନେତା 'Modern Review' ପତ୍ରିକାରେ ଲେଖିଲେ : ''ପାଗଳ ଗାରଦ ବାହାରେ ଥିବା ପାଗଳମାନେହିଁ ସ୍ୱାଧୀନତା କଥା ଚିନ୍ତା କରି ପାରନ୍ତି ବା କହି ପାରନ୍ତି ।''(୩)

ଭଦ୍ରଲୋକ ଏକ ଭାଷଣରେ କହିଥିଲେ : ''ସ୍ୱାଧୀନତା ଆମର ବାସ୍ତବ ଲକ୍ଷ୍ୟ, ଏମିତି ଅଜବ କଥା କହିଲା ଭଳି ଲୋକ ଅଛନ୍ତି ! ଦେଶର ସ୍ୱାର୍ଥ ଦୃଷ୍ଟିରୁ ଆମେ ଆମ ସମସ୍ତ ଶକ୍ତି ଖଟାଇ ଏଭଳି ପ୍ରଚାର ବନ୍ଦ କରିବା ଦରକାର । ନହେଲେ ଦେଶ ଧ୍ୱଂସ ହୋଇଯିବ ।''[୪]

ସୁରତ କଂଗ୍ରେସ ପରେ ପରେ ସାର୍ ଫିରୋଜଶାହ ମେହଟା, ସୁରେନ୍ଦ୍ର ନାଥ (ପରେ 'ସାର୍') ଗୋଖେଲ୍‌ଙ୍କ ଭଳି ତୁଙ୍ଗନେତାମାନେ ନିଷ୍ପ୍ରଭ ଦେଖାଗଲେ । ସେତିକି ନୁହେଁ, ଏପରିକି ଲାଲା ଲାଜପତ ରାୟଙ୍କ ଭଳି ନେତା, ଯିଏ ସଦ୍ୟ ବ୍ରିଟିଶ କାରାଗାରରୁ ମୁକୁଳି ଥିଲେ ଏବଂ ଯାହାଙ୍କ ଉପରେ ଜାତୀୟବାଦୀମାନଙ୍କର ଆସ୍ଥା ଥିଲା, ସେ ମଧ୍ୟ ପ୍ରଭାବହୀନ ମନେ ହେଲେ । ଆଦର୍ଶଗତ ଅନୈକ୍ୟର ଊର୍ଦ୍ଧ୍ୱରେ ସର୍ବଜନମାନ୍ୟ ନେତା ହେବା ଦିଗରେ ତାଙ୍କର ଅଭିଳାଷ ପୂର୍ଣ୍ଣ କଲା ଭଳି ମାନସିକତା ସେତେବେଳେ ଦେଶବାସୀଙ୍କର ନଥିଲା । ମହାରାଷ୍ଟ୍ରର ବିଶିଷ୍ଟ ଜାତୀୟବାଦୀ ନେତା ଗଣେଶ ଶ୍ରୀକୃଷ୍ଣ ଖାପାର୍ଡ଼େ ତାଙ୍କ ଡାଏରିରେ ୧୯୦୭ ଡିସେମ୍ବର ୨୯ ତାରିଖରେ ଲେଖିଛନ୍ତି ଯେ କଂଗ୍ରେସ ନେତାଙ୍କୁ ଦେଖିଲେ ରାସ୍ତାଘାଟରେ ପିଲାଏଁ 'ବନ୍ଦେ ମାତରମ୍' ଧ୍ୱନି ଦେବାରେ ଅଭ୍ୟସ୍ତ ଥା'ନ୍ତି । କିନ୍ତୁ ଲାଲା ଲାଜପତଙ୍କୁ ଆଉ ସେ ସମ୍ମାନ ମିଳୁ ନଥାଏ ।[୫]

ସୁରତ କଂଗ୍ରେସର ଅନ୍ୟ ଏକ ପ୍ରତିକ୍ରିୟା ହେଲା, ବ୍ରିଟିଶ ଶାସନର ଗୁରୁତ୍ୱପୂର୍ଣ୍ଣ କର୍ତ୍ତାମାନେ ବୁଝିପାରିଲେ, ଥରେ ପୂର୍ଣ୍ଣ ସ୍ୱରାଜର ଆଦର୍ଶ ଜନସାଧାରଣଙ୍କର ଏକାଂଶକୁ ଆନ୍ଦୋଳିତ କରିବାକୁ ଆରମ୍ଭ କଲେ କ୍ରମେ ତାହା ବ୍ୟାପି ଯିବ । ନୂତନ ଦମନ ନୀତିର ଉଦ୍‌ଭାବନ ନିମନ୍ତେ ସେମାନଙ୍କ ମଗଜ ଚଳଚଞ୍ଚଳ ହୋଇଉଠିଲା ।

ସେମାନଙ୍କର ଭୟ ଓ କ୍ରୋଧ ପୁଞ୍ଜୀଭୂତ ହେଲା ମୁଖ୍ୟତଃ ତିଳକ ଏବଂ ଶ୍ରୀଅରବିନ୍ଦଙ୍କ ଉପରେ । ତିଳକ ତାଙ୍କ ନିଜ ସମ୍ବାଦପତ୍ରରେ ପ୍ରକାଶ କରିଥିବା ଏକ ନିବନ୍ଧକୁ ଦେଶଦ୍ରୋହମୂଳକ ବୋଲି ଆଖ୍ୟା ଦେଇ ସରକାର ତାଙ୍କୁ ଛଅ ବର୍ଷକାଳ ବର୍ମା(ମିଆଁମାର)ରେ କାରାରୁଦ୍ଧ କଲେ । ଅନୁରୂପ ଅଭିଯୋଗ ଆସିଲା 'ବନ୍ଦେ ମାତରମ୍'ରେ ଶ୍ରୀଅରବିନ୍ଦଙ୍କ ଲିଖିତ ପ୍ରବନ୍ଧକୁ ଭିତ୍ତି କରି । କିନ୍ତୁ ପ୍ରବନ୍ଧର ଲେଖକ ଶ୍ରୀଅରବିନ୍ଦ ବୋଲି ଅଭିଯୋଗ ପ୍ରମାଣିତ ହେଲା ନାହିଁ । ସେ ମୁକ୍ତି ପାଇଲେ । ସରକାରଙ୍କ ଶୀର୍ଷ ସ୍ଥାନୀୟ ଅଧିକାରୀମାନେ ତ ସେଥିରେ ବିବ୍ରତ ହେଲେ, କିନ୍ତୁ ଭାରତ ଶାସନର ସର୍ବୋଚ୍ଚ ଆସନରେ ଅଧିଷ୍ଠିତ ସ୍ୱୟଂ ବଡ଼ଲାଟ ଲର୍ଡ଼ ମିଣ୍ଟୋ ସେଥିରେ ଯେପରି ଭୟଭୀତ ହେବା ଭଳି ମନେ ହୁଏ, ବ୍ରିଟିଶ ଯୁଗରେ ତା'ର ପଟାନ୍ତର ନାହିଁ । ତାଙ୍କ ଆୟତ୍ତରେ ଥିବା ବିଶାଳ ଶାସନକାଳ ଯେକୌଣସି ସୁଯୋଗରେ ଶ୍ରୀଅରବିନ୍ଦଙ୍କୁ କାବୁ କରିବାକୁ ଟାକି ରହିଲେ ।

କିନ୍ତୁ ଶ୍ରୀଅରବିନ୍ଦ ରାଜନୀତି କ୍ଷେତ୍ରରୁ ବିଦାୟ ନେବା ଅନ୍ତେ ମଧ୍ୟ ସୁରତ କଂଗ୍ରେସ ସ୍ୱାଧୀନତାର ଯେଉଁ ସ୍ୱପ୍ନ ସଞ୍ଚାର କଲା, ତାହା ପ୍ରଭାବରେ କାରାମୁକ୍ତ ତିଳକ ହୋଇ ଉଠିଲେ ଦେଶର ସର୍ବମାନ୍ୟ ନେତା । ସେ ଏକମାତ୍ର ବ୍ୟକ୍ତି ଯିଏ ଥିଲେ ମହାଭାରତୀୟ ଅଭୀପ୍ସାର ପ୍ରତିଭୂ । ଐତିହାସିକ ପର୍ସିଭାଲ୍ ସ୍ପିଆର୍ (Percival Spear) ଲେଖିଛନ୍ତି :

''ବାସ୍ତବିକ, ତିଳକଙ୍କ ସମ୍ପର୍କରେ ଏକଥା ସ୍ୱୀକାର କରିବାକୁ ପଡ଼ିବ ଯେ ତାଙ୍କରି କାର୍ଯ୍ୟସୂଚୀହିଁ ୧୯୪୭ରେ ସଫଳ ହେଲା; ମାନ୍ଦାପନ୍ଥୀମାନଙ୍କର ନୁହେଁ । ସରକାରୀ ଶାସନର ପ୍ରତ୍ୟକ୍ଷ ପ୍ରତିରୋଧ ପଦ୍ଧତିହିଁ କାର୍ଯ୍ୟକାରୀ ହେଲା, ମାନ୍ଦାପନ୍ଥୀମାନଙ୍କର ବିକ୍ଷୋଭ ପ୍ରକାଶ ନୁହେଁ ।''[୬]

କହିବା ବାହୁଲ୍ୟ, ସୁରତ କଂଗ୍ରେସ ପରେ ପରେ ଶ୍ରୀଅରବିନ୍ଦଙ୍କ ଆଦର୍ଶହିଁ ତିଳକ ଅନୁସରଣ କରୁଥିଲେ । ଶ୍ରୀଅରବିନ୍ଦଙ୍କ ଗୋପନ ନିର୍ଦ୍ଦେଶରେ ସୁରତ କଂଗ୍ରେସରେ ଜାତୀୟବାଦୀ ଆଦର୍ଶ ଆନ୍ଦୋଳନର ପୁରୋଭାଗକୁ ଆସି ନଥିଲେ ତିଳକ ହୁଏତ ମାନ୍ଦାପନ୍ଥୀମାନଙ୍କ ସହ ବୁଝାମଣା କରିବାରେ ଲାଗି ପଡ଼ିଥା'ନ୍ତେ । ଶ୍ରୀଅରବିନ୍ଦ ସ୍ୱୀକାର କରିଛନ୍ତି ଯେ ତତ୍କାଳୀନ ପରିସ୍ଥିତି ଦୃଷ୍ଟିରୁ ତିଳକଙ୍କ ମନୋଭାବ ଯଥାର୍ଥ ଥିଲା, କିନ୍ତୁ ତାହା ଦ୍ୱାରା ଆନ୍ଦୋଳନର ବାସ୍ତବ ଅଗ୍ରଗତି ସମ୍ଭବପର ହୋଇ ନଥା'ନ୍ତା । ମାନ୍ଦାପନ୍ଥୀ ନେତୃବର୍ଗଙ୍କ ସମବେତ ଗତାନୁଗତିକ ସ୍ୱର ଭିତରେ ତାଙ୍କ ଭିନ୍ନ ସ୍ୱର ଶୁଣାଯାଇ ନଥା'ନ୍ତା ।

ସୁରତ କଂଗ୍ରେସରେ ଆଦର୍ଶଗତ ବିଭାଜନ ହୁଏତ କମ୍ ନାଟକୀୟ ଢଙ୍ଗରେ ହୋଇପାରିଥା'ନ୍ତା । କିନ୍ତୁ ଯେଉଁ ହଟ୍ଟଗୋଳ ହେଲା, ସେ ପାଇଁ ମାନ୍ଦାପନ୍ଥୀମାନେହିଁ ଦାୟୀ । ଖାପାର୍ଡ଼େଙ୍କ ବ୍ୟକ୍ତିଗତ ଡାଏରି (୨୭.୧୨.୧୯୦୭)ରେ ଆମେ ପଢ଼ୁଁ : ''ବଦମାସମାନଙ୍କୁ ବ୍ୟାଜ୍ ପିନ୍ଧାଇ କଂଗ୍ରେସ ସ୍ୱେଚ୍ଛାସେବକ ଭାବରେ ସମ୍ମିଳନୀ ଭିତରକୁ ଅଣାଯାଇଥାଏ । ଡଃ. ଗାଡ୍ରେ ଏତଥ୍ୟ ସର୍ବସମକ୍ଷକୁ ଆଣିଲେ ।''[୭]

ଖାପାର୍ଡ଼େଙ୍କ ବକ୍ତବ୍ୟ ହେଲା ଯେଉଁ ମରାଠା ଜୋତା ଖଣ୍ଡିକ ସ୍ୱୟଂଚାଳିତ ଭଳି ପ୍ରଥମେ ସୁରେନ୍ଦ୍ରନାଥଙ୍କ ଚିବୁକରେ ଚୁମ୍ବନ ଦେଇ ଫିରୋଜ୍ ଶାହଙ୍କ ମସ୍ତକ ସ୍ପର୍ଶ କରିବା ଅନ୍ତେ କ୍ଷାନ୍ତ ହେଲା, ତାହା ବାସ୍ତବରେ ତିଳକଙ୍କୁ ଲକ୍ଷ୍ୟ କରି ନିକ୍ଷେପିତ ହୋଇଥିଲା । ସେଦିନର ଅନୁଷ୍ଠାନରେ ସଭାପତି ନିର୍ବାଚିତ ହୋଇ ସାରିଥିଲେ କି ନା ଏବଂ ତିଳକଙ୍କୁ 'ବେନିୟମ' ବୋଲି ଘୋଷଣା କରାଯାଇ ପାରନ୍ତା କି ନା, ସେସବୁ ସାଂବିଧାନିକ ପ୍ରଶ୍ନ ଆପଣାଛାଏଁ ଶୂନ୍ୟରେ ମିଳେଇ ଗଲେ ଯେତେବେଳେ ସମ୍ଭବତଃ ଅମ୍ବାଲାଲ୍ ନାମଧେୟ ଜଣେ ମାନ୍ଦାପନ୍ଥୀ ତିଳକଙ୍କ ଉପରକୁ ଶୂନ୍ୟ ମାର୍ଗରେ ଚୌକିଟାଏ ଫୋପାଡ଼ିଲେ !

ତା'ପରେ ଯାଇ ଜାତୀୟବାଦୀମାନେ ସେମାନଙ୍କର ବିଦ୍ରୋହମୂଳକ ପ୍ରତିକ୍ରିୟା ପ୍ରକାଶ କଲେ – ଏ ତଥ୍ୟ ଆମେ ନେଭିନ୍‌ସନ୍‌ଙ୍କ ବିବରଣୀରୁ ପାଇଛୁ ।

ମାନ୍ଦାପନ୍ଥୀମାନେ ସେମାନଙ୍କ ଦୃଷ୍ଟିକୋଣରୁ ବିଭ୍ରାଟର ବିବରଣୀ ବିତରଣ କଲେ ।

ଡିସେମ୍ବର ୩୦ ତାରିଖ ଦିନ ଶ୍ରୀଅରବିନ୍ଦ, ତିଳକ, ଖାପାର୍ଡ଼େ, ଏଚ୍. ମୁଖାର୍ଜୀ ଏବଂ ବି. ସି. ଚାଟାର୍ଜୀଙ୍କ ଦସ୍ତଖତରେ ଏବଂ ଜାତୀୟବାଦୀମାନଙ୍କ ଦସ୍ତଖତରେ ସେ ବିବରଣୀର ଉତ୍ତର ମଧ୍ୟ ପ୍ରକାଶିତ ଓ ବିତରିତ ହେଲା ।

ପରଦିନ ଶ୍ରୀଅରବିନ୍ଦ ବରୋଦା ଅଭିମୁଖେ ଯାତ୍ରା କଲେ ।

ତାଙ୍କ ବରୋଦା ଆଗମନ ସମ୍ବାଦ ପ୍ରଚାରିତ ହେବା ମାତ୍ରେ କଲେଜର ଅଧକ୍ଷଙ୍କ ଆଦେଶ ବିଜ୍ଞାପିତ ହେଲା : କୌଣସି ଛାତ୍ର ତାଙ୍କୁ ଭେଟି ପାରିବେ ନାହିଁ । ତାଙ୍କର ସମସ୍ତ କାର୍ଯ୍ୟକ୍ରମରେ ଛାତ୍ରମାନଙ୍କ ଯୋଗଦାନ ନିଷିଦ୍ଧ ।

କଲେଜ ପରିସରରେ ସେଦିନ ବିରାଜମାନ କରୁଥାଏ ଅସ୍ୱାଭାବିକ ନୀରବତା । କିନ୍ତୁ ଯେମିତି ଶ୍ରୀଅରବିନ୍ଦଙ୍କ ଘୋଡ଼ାଗାଡ଼ି ଓ ତାଙ୍କ ସହ ଚାଲିଥିବା ଅଘୋଷିତ ଶୋଭାଯାତ୍ରା କଲେଜ ସାମନା ରାସ୍ତାରେ ପହଞ୍ଚିଲା, କଲେଜ ପରିସର 'ବନ୍ଦେ ମାତରମ୍' ଧ୍ୱନିରେ ପ୍ରକମ୍ପିତ ହେଲା । ଛାତ୍ରମାନେ ଦୌଡ଼ି ଆସିଲେ ରାଜପଥକୁ, ଏକଦା ସେମାନଙ୍କ ବରେଣ୍ୟ ଅଧ୍ୟାପକ ଥିବା ଆଜିର ମହାଜାତୀୟ ନେତାଙ୍କୁ ଅଭିବାଦନ ଜଣାଇବା ନିମନ୍ତେ ।

ସେତିକି ନୁହେଁ, ଯାହା ଅଧକ୍ଷ ମହୋଦୟଙ୍କୁ ବିସ୍ମିତ ଓ ହତାଶ କରିଥିବ ଏବଂ ସେ ଦୃଶ୍ୟ ଦେଖୁଥିବା ଅଧ୍ୟାପକ ଓ ଜନସାଧାରଣଙ୍କୁ ଆମୋଦିତ କରିଥିବ, ଛାତ୍ରମାନେ ଗାଡ଼ିରୁ ଘୋଡ଼ା ଖୋଲିଦେଇ ସମବେତ ଭାବରେ ତାହା ଟାଣି ନେଇଗଲେ ଶ୍ରୀଅରବିନ୍ଦଙ୍କ ଗନ୍ତବ୍ୟ ସ୍ଥାନ ଖାସେରାଓ ଯାଦବଙ୍କ ବାସଭବନ ପର୍ଯ୍ୟନ୍ତ ।[୧]

ପ୍ରବୀଣ ଐତିହାସିକ ରମେଶ ଚନ୍ଦ୍ର ମଜୁମଦାରଙ୍କ ଲେଖା ଉପରେ ଦୃଷ୍ଟି ଦେଇ ଏ ପରିଚ୍ଛେଦ ଶେଷ କରାଯାଉ :

''୧୯୦୭-୮ ମସିହାରେ ନିମ୍ନୋକ୍ତ ହାଲୁକା ପଦ୍ୟଟି ଭାରି ଜନପ୍ରିୟ ଥିଲା :

"Repression comes, but Reform lingers,  
And we linger on the shore,  
And the Moderates wither,  
And Extremist is more and more.

''ଚରମ ପନ୍ଥୀମାନଙ୍କର ବିଜୟୀ ଉତ୍ଥାନ ସକାଶେ ତଥା ଅଚିରେ ମାନ୍ଦାପନ୍ଥୀମାନଙ୍କର ପ୍ରାୟ ନିର୍ବାଣ ନିମନ୍ତେ ମୁଖ୍ୟ ଗୌରବ ଅରବିନ୍ଦ ଘୋଷଙ୍କର ପ୍ରାପ୍ୟ ।''

(To Arabinda Ghose is due the chief credit for the triumphal emergence of the Extremist party and the virtual extinction of the Moderate party which was shortly to follow.)

(କ୍ରମଶଃ) ❑

---

### ତଥ୍ୟ ନିର୍ଦ୍ଦେଶିକା


୧. ଶ୍ରୀଅରବିନ୍ଦ : *On Himself;* SABCL, Vol. 26

୨. R. C. Majumdar : *Struggle for Freedom,* Bharatiya Vidya Bhavan, Mumbai. (1969)

୩. R. C. Majumdarଙ୍କ ଦ୍ୱାରା ଉଦ୍ଧୃତ : *History of the Freedom Movement in India,* Vol. 2; Firma K. L. Mukhopadhaya, Kolkata, 1963

୪. Speeches of Gokhale.

୫. “Khaparde Papers”; Diary of G. S. Khaparde; Sri Aurobindo Ashram Archives, Pondicherry.
୬. Percival Spear : *India - A Modern History;* Ann Arbor, The University of Michigan Press, 1961.
୭. Khaparde Papers.
୮. Manoj Das : Sri Aurobindo in the First Decade of the 20th Century.
୯. ବାରୀନ୍ଦ୍ର କୁମାର ଘୋଷ : ଆତ୍ମକାହାଣୀ (ବଙ୍ଗଳା); D. M. Library, Kolkata
୧୦. R. C. Majumdar : *History of Freedom Movement in India.* ❑

# ‘ତୁମେ’

## ହୃଷୀକେଶ ପଣ୍ଡା

ପ୍ରଥମ ଦେଖାର ପ୍ରଥମ ବନ୍ଦନା
ପ୍ରଥମ ଓଁକାର ତୁମେ ।
ପ୍ରଥମ ଶିକ୍ଷାର ପ୍ରଥମ ସାଧନା
ପ୍ରଥମ ଝଙ୍କାର ତୁମେ । (୧)
ତୁମେ ମୋ ଆଖିର ପ୍ରଥମ ଆଲୋକ
ପ୍ରଥମ ସପନ ତୁମେ ।
ତୁମେ ମୋ ପ୍ରାଣର ପ୍ରଥମ ପୁଲକ
ପ୍ରଥମ ସ୍ପନ୍ଦନ ତୁମେ । (୨)
ତୁମେ ମୋ ମନର ପ୍ରଥମ ଦେବତା
ପ୍ରଥମ ଆକୁତି ତୁମେ ।
ତୁମେ ମୋ ଦୀପର ପ୍ରଥମ ସଳିତା
ପ୍ରଥମ ଆରତି ତୁମେ । (୩)
ତୁମେ ମୋ ପୁଷ୍ପର ପ୍ରଥମ ଅର୍ଘ୍ୟ
ପ୍ରଥମ ମିନତି ତୁମେ ।
ତୁମେ ମୋ ଯଜ୍ଞର ପ୍ରଥମ ହବ୍ୟ
ପ୍ରଥମ ଆହୁତି ତୁମେ । (୪)
ତୁମେ ମୋ ଭାଷାର ପ୍ରଥମ କବିତା
ପ୍ରଥମ ସ୍ଫୁରଣ ତୁମେ ।
ତୁମେ ମୋ ଉଷାର ପ୍ରଥମ ସବିତା
ପ୍ରଥମ କିରଣ ତୁମେ । (୫)
ତୁମେ ମୋ ସତ୍ତାର ପ୍ରଥମ ପରଶ
ପ୍ରଥମ ମୁକୁର ତୁମେ ।
ତୁମେ ମୋ ଆତ୍ମାର ପ୍ରଥମ ବିଶ୍ୱାସ
ପ୍ରଥମ ସ୍ୱାକ୍ଷର ତୁମେ । (୬) ❑



ଯୋଗସମନ୍ୱୟ (୭୪)

# ସଂବୋଧ୍ ମନ

[ମହାଯୋଗୀ ଶ୍ରୀଅରବିନ୍ଦଙ୍କ ରଚିତ **'The Synthesis of Yoga'** (ଯୋଗସମନ୍ୱୟ) ଗ୍ରନ୍ଥର ଉତ୍ତରାର୍ଦ୍ଧର ଚତୁର୍ଥ-ଭାଗ ''ଆତ୍ମପରିପୂର୍ଣ୍ଣତାର ଯୋଗ''ର ବିଂଶ ଅଧ୍ୟାୟ ''ସଂବୋଧ୍ ମନ'' (**The Synthesis of Yoga, Part - IV, The Yoga of Self-Perfection, Chapter - XX "The Intuitive Mind"**ର ଅବଲମ୍ବନରେ ।]

## ପୂର୍ଣ୍ଣଚନ୍ଦ୍ର ମହାପାତ୍ର

"THE intuitive mind is an immediate translation of truth into mental terms half transformed by a radiant supramental substance, a translation of some infinite self-knowledge that acts above mind..."

(*The Synthesis of Yoga*, p. 811)

ସଂବୋଧ୍ମନ ସତ୍ୟର ଅପରୋକ୍ଷ ରୂପାନ୍ତର । ଏହା ଜ୍ୟୋତିର୍ମୟ ଅତିମାନସ ଦ୍ୱାରା ଅର୍ଦ୍ଧ ରୂପାନ୍ତରିତ, ମନ ଉପରେ ଅତିଚେତନ ଚିଦ୍-ଗତତା ମଧ୍ୟରେ ସକ୍ରିୟ । ଏହା ଅନନ୍ତ ଚିଦ୍‌ଗତତାର ପରିବର୍ତ୍ତିତ ରୂପ ।

ପୂର୍ବେ ଆଲୋଚନା କରିଛୁ ଅତିମାନସ ହେଲା ପୁରୁଷୋତ୍ତମଙ୍କର ସ୍ୱରୂପ-ଶକ୍ତି । ଏଇ ଶକ୍ତିର ପ୍ରକାଶହିଁ ବିଶ୍ୱ । ଏଣୁ ଅତିମାନସ କେବଳ ଊର୍ଦ୍ଧ୍ୱତମ ବିଷୟ ନୁହେଁ, ଏହା ସର୍ବତ୍ର ଅନୁସୃତ । ଆମ ମଧ୍ୟରେ ବି ତାହା ସକ୍ରିୟ କିନ୍ତୁ ଅସ୍ଫୁଟ । ଏହି ଅସ୍ଫୁଟ ଅତିମାନସକୁ ପ୍ରସ୍ଫୁଟ କରିବାକୁ ହେବ । ତେବେ ଯାଇ ପ୍ରଭୁଙ୍କର ପ୍ରଜ୍ଞାବୀର୍ଯ୍ୟର ପ୍ରସ୍ଫୁଟନ ସମ୍ଭବ ହେବ । ଏହାହିଁ ଆମ ମଧ୍ୟରେ ଘଟାଇବ ରୂପାନ୍ତର । ଏ ଯାଏଁ ଏହା ଆମର ପ୍ରାକୃତ ଚେତନାରେ ସମ୍ଭବ ହୋଇନି । କାରଣ ତାହା ମଧ୍ୟରେ ସର୍ବାଧିକ ପ୍ରକାଶ ଘଟିଛି ଅର୍ଦ୍ଧଜ୍ଞାନ-ମନଶ୍ଚେତନାର । ନିମ୍ନରୁ ତଥାପି ଊର୍ଦ୍ଧ୍ୱାୟନ ପାଇଁ ଚାଲିଛି ଆସ୍ପୃହା । ସେଇ ଆସ୍ପୃହାକୁ ସହଯୋଗ କରୁଛି ଊର୍ଦ୍ଧ୍ୱରୁ ଅବତରିତ ଶକ୍ତି । ଏହାକୁ ତନ୍ତ୍ର କହେ ଶକ୍ତିପାତ । ପୁରୁଷୋତ୍ତମଙ୍କ ସ୍ୱରୂପ ଶକ୍ତିର ଅବତରଣହିଁ ଅତିମାନସର ଅବତରଣ । ଆମକୁ ଉତ୍ତରଣ ଓ ଅବତରଣ କ୍ରିୟା କ'ଣ ଜାଣିବାକୁ ହେବ । ଏଥିରେ ଅଧିମାନସର ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଅଛି ।

ଅତିମାନସର ଅବତରଣ ଏକ ଅସାଧାରଣ ବ୍ୟାପାର । କାରଣ ଏହା ଏପରି ଜ୍ଞାନ, ଯାହା ପରିଦୃଷ୍ଟ ହୁଏ ତାହାହିଁ ଘଟିଥାଏ । 'A knowledge which became what it perceived,'(*Savitri*, p. 28) ଯଥାର୍ଥ ଜ୍ଞାନଲାଭ ହୁଏ ଦୃଷ୍ଟବସ୍ତୁ ସହ ଦ୍ରଷ୍ଟାର ଏକୀଭବନ (identification)ରେ । ଆମକୁ ମୂଳରୁ ଅତିମାନସରୁ ନୁହେଁ ମନୋଭୂମିରୁ ସାଧନା କରିବାକୁ ହୋଇଥାଏ । ଏହି ସାଧନାର ଶେଷ ସମତାରେ । ସମତ୍ୱ ହେଲା ଦିବ୍ୟଶକ୍ତିର ଆଧାର । ଏଣୁ ଦ୍ୱିତୀୟ ସ୍ତରର ସାଧନା ହେଲା ଶକ୍ତିର ସାଧନା । ଏହା କରେ ବୀର୍ଯ୍ୟର ବିକାଶ । ତା'ପରେ ଚେତନାର ଉତ୍ତରଣ କରିବାକୁ ହେବ । ଅର୍ଥାତ୍ ମନର ସ୍ଥାନାଧିକାର କରିବ ବିଜ୍ଞାନ ବା ଅତିମାନସ, ଯାହା କରିବ ଦିବ୍ୟରୂପାନ୍ତର ।

ଏବେ ଆମେ ସମ୍ବୋଧ୍ମନ (intuitive mind)ର ଭୂମିକାକୁ ଉତ୍ତରଣ ଓ ଅବତରଣ ଉଭୟ ଦିଗରୁ ବିଚାର କରିବା । ଧରନ୍ତୁ ମନୋଭୂମିରେ ଏବେ ଆମେ ଅଛୁଁ, ମନୋଭୂମିରୁ ଅତିମାନସକୁ ସିଧା ରାସ୍ତା ପଡ଼ିନି । ଏହା ମଧ୍ୟରେ ଅଛି ବହୁ ଚେତନାର ସ୍ତର । ମନୋଭୂମିରେ ମଧ୍ୟ ତିନୋଟି ସ୍ତର ଅଛି । ପ୍ରଥମ ଜ୍ଞାନେନ୍ଦ୍ରିୟ ହେଲା ମାନସ ବା sense-mind । ଆମର ପଞ୍ଚ ଇନ୍ଦ୍ରିୟ ଅଛନ୍ତି । ତାହା ହେଲା ଶ୍ରବଣେନ୍ଦ୍ରିୟ, ସ୍ପର୍ଶେନ୍ଦ୍ରିୟ, ଦର୍ଶନେନ୍ଦ୍ରିୟ, ଘ୍ରାଣେନ୍ଦ୍ରିୟ ଓ ରସନେନ୍ଦ୍ରିୟ । ଏମାନଙ୍କ ମାଧ୍ୟମରେ ଆମେ ବାହ୍ୟ-ଜଗତର ଶବ୍ଦ, ସ୍ପର୍ଶ, ଦୃଶ୍ୟ, ଗନ୍ଧ ଓ ରସ ସଂଗ୍ରହ କରୁ, ଏହାର ସତ୍ୟାସତ୍ୟ ବାରିଥାଏ ଆମର **ଚିତ୍ତ** । ସେ ସଂଗୃହୀତ ଜ୍ଞାନର ବ୍ୟାଖ୍ୟାକାର । ଏହାକୁ ସକ୍ରିୟ ମନ ବା dynamic mind କହିପାରିବା । କିନ୍ତୁ ସଂଗୃହୀତ ଜ୍ଞାନର ପରୀକ୍ଷକ ହେଲା **ବୁଦ୍ଧି** (Reasoning mind) । ଏହା ଦୁଇ

ଭାଗରେ ବିଭକ୍ତ । ଗୋଟିଏ **ଦକ୍ଷିଣ ଭାଗ** । ଅନ୍ୟଟି **ବାମ ଭାଗ** । ବାମ ଭାଗ ବସ୍ତୁକୁ ତନ୍ନ ତନ୍ନ କରି **ନିରୀକ୍ଷଣ** କରେ । ଅନ୍ୟଟି ସବୁକିଛିକୁ ଏକତ୍ର କରି ଦେଖେ । ପ୍ରଥମଟିର ଇଂରାଜୀ ପ୍ରତିଶବ୍ଦ ହେଲା Analysis । ଦ୍ୱିତୀୟଟି ହେଲା Synthesis । ଯୁକ୍ତିବାଦୀ ବୁଦ୍ଧି ଜ୍ଞାନର ଚରମ ସ୍ତର ନୁହେଁ, ବର୍ତ୍ତମାନ ଏହା ସମସ୍ତେ ଜାଣୁଛନ୍ତି । ଯୁକ୍ତି ପୂର୍ଣ୍ଣସତ୍ୟ ସମ୍ପର୍କରେ ଅନ୍ଧ । ଏହା ଅର୍ଦ୍ଧଜ୍ଞାନ ।

ଏବେ ମନୋଭୂମିକୁ ଅତିକ୍ରମ କରିବାକୁ ହେବ ସତ୍ୟାନୁସନ୍ଧାନରେ । ମନର ଉପର ସ୍ତର **ଉଚ୍ଚମନ** (Higher-mind), ତତ୍‌ପରେ **ଜ୍ୟୋତିର୍ମୟ ମନ** (Illumine mind) । ଏହାହିଁ **ଆଧ୍ୟାତ୍ମିକ ମନ** (Spiritual mind) । ଏଠାରେ ଉପଲବ୍ଧ ଜ୍ଞାନ ସର୍ବଦା ଜ୍ୟୋତିର୍ମୟ । ଏଣୁ ଏଠାରେ ସନ୍ଦେହର ଛାୟା ନଥାଏ ।

ଜ୍ୟୋତିର୍ମୟ ମନର ଊର୍ଦ୍ଧ୍ୱରେ ଅଛି **ବୋଧ୍ ମାନସ**,ଏହାର ଇଂରାଜୀ ନାମ Intuitive mind । ଏଠାରେ ସତ୍ୟ ଓ ଜ୍ଞାନ ବିଦ୍ୟୁତ୍ ଛଟା ବା ଝଲକ ପରି ପ୍ରକାଶ ପାଏ । ପୂର୍ଣ୍ଣ ସତ୍ୟ ଉପଲବ୍ଧି ହେବା ପୂର୍ବରୁ ଏଠାରେ ତା'ର ଝଲକ ବା ସାଂକେତିକ ଦୃଶ୍ୟର ସାଂକେତିକ ରୂପ ପ୍ରକାଶ ପାଏ । Intuitive mind ବା ବୋଧ୍‌ମାନସ ଉପରେ ଅଛି Overmind । ଏହାକୁ କହିପାରିବା **ଅଧିମାନସ** । ଅଧିମାନସ ବା Overmind ଅପରାର୍ଦ୍ଧର ଚରମ ଭୂମି । ଏହା ସବୁ ମହା-ଦେବ ଦେବୀଙ୍କ ଭୂମି । ଏହା ଉପରେ ଅଛି Supermind ବା ଅତିମାନସ । ଏହି ଅତିମାନସ ବା ବିଜ୍ଞାନଚେତନା ଆଧାରର ରୂପାନ୍ତର କରିବ । ଅତିମାନସ ଓ ମାନସ ମଧ୍ୟରେ **ବୋଧ୍** (intuition) ସଂଯୋଗ-ସେତୁ ରୂପେ ବିଦ୍ୟମାନ । ଏଠାରେ ଜ୍ଞାନ ଓ କ୍ରିୟା ସ୍ୱତଃସ୍ଫୂର୍ତ୍ତ, ଯାହା ମନର ଭୂମିରେ ପ୍ରାୟ ଅସମ୍ଭବ । ମନ ଅତୀନ୍ଦ୍ରିୟ କ'ଣ ଠିକ୍ ଜାଣେ ନାହିଁ, ଅନୁମାନ ଦ୍ୱାରା ଜାଣିବାକୁ ପ୍ରୟାସ କରେ । ଏହି ଅନୁମାନରେ ସତ୍ୟକୁ ପ୍ରତ୍ୟକ୍ଷ କରିବା ସମ୍ଭବ ହୁଏ ନାହିଁ । ବୁଦ୍ଧି ମଧ୍ୟ ଏ ଦିଗରେ ସମର୍ଥ ନୁହେଁ, କିନ୍ତୁ **ମନ ଓ ବୁଦ୍ଧିର ଅସାମର୍ଥ୍ୟକୁ ଦୂର କରେ ବୋଧ୍** । ଏହି ସଂବିତ୍‌କୁ କୁହାଯାଇପାରେ ପ୍ରାତିଭସଂବିତ୍, ଏହା ବିଦ୍ୟୁତ୍ ଝଲକ ପରି, କେବେ ଏକ ଅଲୌକିକ ଆଭାସ, ଯାହା କେବେ କିପରି ଆମର ଅନୁଭବ ମଧ୍ୟକୁ ଆସେ । ଏହା ଇନ୍ଦ୍ରିୟ ଜ୍ଞାନ, ବୁଦ୍ଧି ଓ ଅନୁଭବର ବିଷୟ ନୁହେଁ । ଏହାର ଅନ୍ୟ ନାମ **ପ୍ରତିବୋଧ** । ବିବର୍ତ୍ତନର ଗୋଟିଏ ସୋପାନରେ ଆମେ ଏହାର ଉପସ୍ଥିତି ଓ ଶକ୍ତିକୁ ବୁଝିପାରୁ ଏବଂ ଏହାର କ୍ରିୟାମାନଙ୍କୁ ଅନୁଭବ କରିପାରୁ । ତଥାପି ଏହାକୁ ବୁଦ୍ଧିର କ୍ରିୟା ଭଳି ବିଶ୍ଳେଷଣ କରିବା ଆମ ପକ୍ଷରେ ସମ୍ଭବ ହୁଏ ନାହିଁ । ବୁଦ୍ଧି ନିଜକୁ ସିନା ବୁଝେ ମାତ୍ର ତା'ର ଆୟତନ ବାହାରର କଥା ବୁଝିପାରେ ନାହିଁ । ପରମେଶ୍ୱର ସେଇଥିପାଇଁ ମନ, ବୁଦ୍ଧି, ବଚନରେ ପ୍ରାପ୍ତ ହୁଅନ୍ତି ନାହିଁ । ସେ ବୁଦ୍ଧିର ଅଗମ୍ୟ ବା ଅପହଞ୍ଚ ସ୍ଥାନରେ ବିରାଜମାନ । ବୁଦ୍ଧି କେବଳ ତା'ର ଅଗମ୍ୟ ବସ୍ତୁର ଚିତ୍ରରୂପଟିଏ ତିଆରି କରିପାରେ । କିନ୍ତୁ ଅତିମାନସ ଏଥିପାଇଁ ସମର୍ଥ । ତେବେ ବି ବୋଧ୍‌ମାନସ ବା ପ୍ରତିବୋଧର ଶକ୍ତି ଆମ ମଧ୍ୟରେ ପ୍ରଚ୍ଛନ୍ନ । ତା'ର ଚାଲିଛି ଗୁପ୍ତ କ୍ରିୟା, କେବେ କିପରି ତା'ର ଉଜ୍ଜ୍ୱଳ ଇଙ୍ଗିତ ଆମେ ପାଇଥାଉ । ମନ ଏହାକୁ ଅଧିକାର କରି ସୀମାବଦ୍ଧ କରିପକାଏ । ଏଣୁ ମନ ଏହାର ଅନୁଭୂତି ଓ କର୍ମର ପରିସରର ସମ୍ପୂର୍ଣ୍ଣ ଆଲୋକିତ ରୂପ ଦେଖିପାରେ ନାହିଁ ।

ତେବେ ଏଥିପାଇଁ ଦୁଇଟି ପଥ ନିର୍ଦ୍ଧାରଣ କରିବାକୁ ହେବ । ପ୍ରଥମତଃ ପ୍ରତିବୋଧ କ୍ରିୟାର ସଂପ୍ରସାରଣ ଓ ତାକୁ ସଦା ସ୍ଥାୟୀ ଓ ନିରବଚ୍ଛିନ୍ନ କରିବାକୁ ହେବ । ପୁଣି ଏହା ଯେପରି ହେବ ସର୍ବଗ୍ରାହୀ ତାହା ଦେଖିବାକୁ ହେବ । ଶେଷରେ ଆମ ସତ୍ତା ଲାଗି ଏହା ହେବ ସ୍ୱାଭାବିକ ଓ ଅନ୍ତରଙ୍ଗ । ଏହା ସାଧାରଣ ମନର ସ୍ଥାନ ଅଧିକାର କରିବ ।

କିନ୍ତୁ ଏହି କାର୍ଯ୍ୟରେ ମନର ହସ୍ତକ୍ଷେପ ଓ ତା'ର ବିକୃତି ଓ ମିଶ୍ରଣ ଯେତେ ଦିନ ପର୍ଯ୍ୟନ୍ତ ଥିବ, ସେତେଦିନ ଯାଏ ଉଚ୍ଚତର ସଂବୋଧିର ପ୍ରତିଷ୍ଠା ସମ୍ଭବ ହେବ ନାହିଁ । ବ୍ୟକ୍ତି ଯେତେବେଳେ ତା'ର ଅହଂ ଓ ଜିଦ୍ ଛାଡ଼ି ସେହି ବୃହତ୍ତର ଚେତନା ବା ସଂବିତ୍ ହାତରେ ନିଜକୁ ସମର୍ପିତ କରିପାରିବ ସେତେବେଳେ ଏହା ହେବ ମାର୍ଗଦର୍ଶକ । ଫଳରେ ଯୋଗେଶ୍ୱରଙ୍କୁ ଉପଲବ୍ଧି କରିବାର ମାର୍ଗ ଖୋଲି ଯିବ । ଏପରି ଦିନ ଆସିବ ଯେତେବେଳେ ପରମେଶ୍ୱର ସ୍ୱୟଂ ସାଧନାକୁ ନିଜ ହାତକୁ ନେଇ ପ୍ରକୃତିର ପ୍ରୟୋଜନାନୁସାରେ ପଦ୍ଧତି ନିରୂପଣ କରି ନିଜ ଶକ୍ତିର ନିୟୋଜନ ବା ପ୍ରୟୋଗ କରିପାରିବେ ।

ଏଥିପାଇଁ ପ୍ରଥମ କଥା ହେଲା ବ୍ୟକ୍ତିକୈନ୍ଦ୍ରିକ ଇଚ୍ଛା, କାମନାବାସନା, ମନ, ବୁଦ୍ଧି ଆଦିକୁ ନୀରବ କରିବାକୁ ହେବ । ତା' ନହେଲେ ଅହଂର ଉପସ୍ଥିତି ଯୋଗୁଁ ଏହା ଈଶ୍ୱରଙ୍କ କାର୍ଯ୍ୟରେ ଅର୍ଗଳ ରୂପେ ବାଧକ ହୋଇଥିବ । ଯଦି ବ୍ୟକ୍ତି ନିଜକୁ ସମର୍ପିତ, ଶାନ୍ତ ଓ ସ୍ଥିର ରଖିବାକୁ ସମର୍ଥ ହେବ, ତେବେ ଅତିମାନସ ଆଲୋକ, ସାମର୍ଥ୍ୟ ଓ ଆନନ୍ଦ ଦ୍ୱାରା ସତ୍ତା ସନ୍ଦୀପିତ ହେବାରେ

ଏକ ସରଳ ଓ ସମ୍ୟକ୍ ମାର୍ଗ ମିଳିଯିବ । ଏହା ମହତୀ ଶକ୍ତିର ପ୍ରଶସ୍ତ ପଥ । ଏହା ଦ୍ୱାରା ସତ୍ତା ପରମଙ୍କ ନିକଟରେ ଉନ୍ମୋଚିତ ହୋଇପାରିବ । ଏହା ଊର୍ଦ୍ଧ୍ୱଭୂମିରୁ ଆସୁଥିବା ସକଳ ପ୍ରତିବୋଧ, ପ୍ରେରଣା ଏବଂ ସକଳ ଉଦ୍‌ଘାଟନକୁ ଗ୍ରହଣ କରିପାରିବ । ଆବଶ୍ୟକ ସ୍ଥଳେ ଏହି ଶାନ୍ତି ଆମ ମଧ୍ୟରେ ଯଥାର୍ଥ ଭାବନା, ଇଚ୍ଛା ଓ ଅନୁଭୂତିକୁ ଘଟାଇବାକୁ ସକ୍ଷମ ହେବ । କିନ୍ତୁ ଏହା ଫଳରେ ଅତିମାନସ ଚେତନା ଯେ ନିଶ୍ଚିତ ରୂପେ ପ୍ରକାଶ ପାଇବ ଏହା କୁହାଯାଇ ନପାରେ । କାରଣ ବାହାରର ବହୁ ପ୍ରସ୍ତାବନା ଓ ପ୍ରେରଣାର ହସ୍ତକ୍ଷେପକୁ ସମ୍ପୂର୍ଣ୍ଣ ଆଡ଼େଇ ଦେବା ସମ୍ଭବ ହୋଇ ନପାରେ । ନିମ୍ନତର ମନ ସେଇ ଉଚ୍ଚତର ଚାରଣା ସହ ମିଶି ସବୁକିଛିକୁ ତିଳତଣ୍ଡୁଳିତ କରିଦେଇପାରେ । ଏଣୁ ନିମ୍ନତର ଭୂମିର ଉଚ୍ଛେଦ ସାଧନ ଅଥବା ରୂପାନ୍ତର ଆବଶ୍ୟକ ।

ଏହିପରି ରୂପାନ୍ତର ଭକ୍ତିଯୋଗରେ ଅପେକ୍ଷାକୃତ ସହଜ । କାରଣ ଯଥାର୍ଥ ଭକ୍ତି-ଯୋଗୀ ଅନ୍ତରସ୍ଥ ଈଶ୍ୱରଙ୍କ ବାଣୀ ଶୁଣିପାରେ । ସେହି ପ୍ରଭୁ ସର୍ବ ଅନ୍ତରରେ ବିଦ୍ୟମାନ ବୋଲି ଗୀତା କହନ୍ତି, ''ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି'' । ପ୍ରଭୁଙ୍କ ବିଚାର, ସଂକଳ୍ପ, ଆବେଗ ଓ ଅନୁଭୂତି ସ୍ୱତଃ ଆପଣାର ସ୍ୱଭାବରେ ସଂବୋଧିଧର୍ମୀ ହୋଇଯାଏ । ସେହି ପରମ ସତ୍ତା ଆସ୍ପୃହାଶୀଳ ଭକ୍ତର ସର୍ବକେନ୍ଦ୍ରରେ ପ୍ରତ୍ୟକ୍ଷ ବା ପରୋକ୍ଷ ଭାବେ ଅନୁଭୂତ । ଇଚ୍ଛା କଲେ ଆମେ ସର୍ବତୋଭାବେ ଏହାଙ୍କ ନିକଟରେ ପୂର୍ଣ୍ଣ ସମର୍ପିତ ହୋଇ ତାଙ୍କ ପ୍ରେରଣାରେ ପଥ ଚାଲିପାରୁ । ମାତ୍ର ଅନ୍ତର୍ଦେଶ ଆମ ସତ୍ତାର ସର୍ବୋଚ୍ଚ କେନ୍ଦ୍ର ନୁହେଁ । ଏହା ପାଇଁ ତଥାପି ଅତିମାନସ ଏକ ଅଲୌକିକ ଓ ଚମତ୍କାର ବିଷୟ । ମାତ୍ର ଅତିମାନସକୁ ଆମକୁ ସ୍ୱାଭାବିକ ଭାବେ ଅନୁଭବ କରିବାକୁ ହେବ । ଏଯାଏଁ ଆମ ସୂକ୍ଷ୍ମ ଦେହର ସର୍ବୋଚ୍ଚ ଭୂମି ସହସ୍ରଦଳ ପଦ୍ମ । ଏହା ଯୋଗର ପ୍ରତୀକ । ଏହାର ଚୂଡ଼ା ସହିତ ଅତିମାନସ ସଂପୃକ୍ତ । ଏହା ମନର ଊର୍ଦ୍ଧ୍ୱରେ । ଏଠାରେ ପ୍ରଥମେ ଊର୍ଦ୍ଧ୍ୱଦେଶରୁ ଅବତରିତ ଶକ୍ତିର ଅନୁଭବ ହୋଇପାରେ । ଏଠାରେ ଆମେ ଯୋଗରେ ଉପନୀତ ହେଲେ କ୍ରମଶଃ ଭୌତିକ ମନର ସୀମାରୁ ମୁକ୍ତ ହୋଇଯାଉ ଏବଂ ଅନୁଭବ କରୁ ଏକ ମୁକ୍ତଜୀବନ । ଆମେ ସୂକ୍ଷ୍ମ ଶରୀରକୁ ଅନୁଭବ କରୁ । ତଥାପି ଏହା ଏକ ମାନସିକ ତତ୍ତ୍ୱ, ଅତିମାନସ ନୁହେଁ । କିନ୍ତୁ ଏହି ସୂକ୍ଷ୍ମାନୁଭୂତି ଅତିମାନସ ସହ ସଂପୃକ୍ତ ହେବାରେ ଯଥେଷ୍ଟ ସହାୟକ ହୁଏ । ଅତିମାନସର ଅବତରଣ ଓ ତଦ୍ଦ୍ୱାରା ରୂପାନ୍ତର ଆଉ ଅସମ୍ଭବ ବୋଧ ହୁଏ ନାହିଁ ।

ଚିନ୍ତନପ୍ରଧାନ ମନୁଷ୍ୟ ନିକଟରେ ଅତିମାନସ ଲାଭର ଅନ୍ୟ ଏକ ଉପାୟ ଅଛି । ଏ ମାର୍ଗ ହେଲା ବୁଦ୍ଧିର ବିଲୋପ ସାଧନ ନୁହେଁ, ବିକାଶ ସାଧନ । ଏଇ ମାର୍ଗରେ ଯାଇ ବୁଦ୍ଧିକୁ ଅତିକ୍ରମ କରିବାକୁ ହେବ । ଯୋଗସ୍ଥ ଦିବ୍ୟଶକ୍ତି ଦ୍ୱାରା ବୁଦ୍ଧି ପ୍ରେରିତ ସତ୍ତାକୁ ପରିବର୍ତ୍ତିତ କରି ତା'ର ସର୍ବୋଚ୍ଚ ସମ୍ଭାବନା ପର୍ଯ୍ୟନ୍ତ ଉତ୍ତୋଳିତ କରିବାକୁ ହେବ । ମନେ ରଖିବାକୁ ହେବ ଯେ ବୁଦ୍ଧି ମଧ୍ୟ ମନୋଗତ ଦୋଷରୁ ମୁକ୍ତ ନୁହେଁ । ଏଣୁ ଏ କ୍ଷେତ୍ରରେ ଅତିମାନସର ହସ୍ତକ୍ଷେପ ଅପରିହାର୍ଯ୍ୟ ।

କିନ୍ତୁ ଏ ପ୍ରକାର ହସ୍ତକ୍ଷେପ ଯବନିକାର ଅନ୍ତରାଳରୁ ନହୋଇ, ପ୍ରତ୍ୟକ୍ଷଭାବେ ହେବା ଉଚିତ । ତାହା ହେଲେ ଅତିମାନସ ସତ୍ୟ-ସୂର୍ଯ୍ୟର ଆବିର୍ଭାବ ଘଟିବ । ସେ ବୁଦ୍ଧିର କ୍ରିୟାକୁ ପ୍ରବୋଧିପ୍ରେରିତ ସତ୍ୟ ରୂପରେ ରୂପାନ୍ତରିତ କରିପାରିବ । ଦିବ୍ୟଶକ୍ତିର ବିଶାଳ କ୍ରିୟାରେ ବର୍ଣ୍ଣିତ ସକଳ ମାର୍ଗ ପରସ୍ପର ସହ ସଂଯୁକ୍ତ । କିନ୍ତୁ ବିଭିନ୍ନ ସମୟରେ ବିଭିନ୍ନ ମାର୍ଗ ଉନ୍ମୋଚିତ ହୋଇଯାଏ । ଆଉ ବି କୌଣସି ଏକ ଅବସ୍ଥାରେ ଚିଦ୍‌ଗତ ନୀରବତା ଅନୁଭୂତ ହୁଏ । ମନ ମଧ୍ୟରେ ଏହି ଚେତନା ପ୍ରଚ୍ଛନ୍ନ ଥାଏ । ଆମେ ପ୍ରସ୍ତୁତ ଥିଲେ ଏହା ଜାଗିଉଠେ । ଆମର ସକଳ ଚିନ୍ତା, ଅନୁଭୂତି, ସଂକଳ୍ପ ଏହା ଦ୍ୱାରା କବଳିତ ହୋଇପାରନ୍ତି ଏବଂ ଏହା ଦ୍ୱାରା ବିକଶିତ ହୁଅନ୍ତି । କ୍ରମଶଃ ଏମାନଙ୍କ ପରିସରର ବୃଦ୍ଧି ଘଟେ । ଫଳରେ ସଂବୋଧି ମନର ପ୍ରକାଶ ଘଟେ ଏବଂ ଅତିମାନସ ଶକ୍ତି ସକ୍ରିୟ ହୋଇଯାଏ । ପ୍ରାକୃତ ଜୀବନର ଚିନ୍ତା, ଅନୁଭୂତି, ଇଚ୍ଛା ପୂର୍ବପରି ଅଜ୍ଞାନାଚ୍ଛନ୍ନ ନହୋଇ ସଂବୋଧି ଶକ୍ତିର ଆଲୋକରେ କ୍ରମଶଃ ରଶ୍ମିମନ୍ତ ହୋଇଥାଏ ଏବଂ ଅତିମାନସର କ୍ରିୟା ପାଇଁ ଅନୁକୂଳ ଅବସ୍ଥା ସୃଷ୍ଟି କରେ । ଏପରି କ୍ରିୟା ଯାନ୍ତ୍ରିକ ନହୋଇ ମୁକ୍ତ, ନମନୀୟ ଓ ସ୍ୱାଭାବିକ ହୋଇପଡ଼େ ।

ଏବେ ଯୁକ୍ତି-ବୁଦ୍ଧି ନିର୍ଭର ମନର ସ୍ଥାନ ପୂରଣ କରେ ସଂବୋଧିଯୁକ୍ତ ମନ । ଏହା ଫଳରେ ଆମ ଭାବନା ହୋଇ-ଉଠେ ଜ୍ୟୋତିର୍ମୟ, ଶକ୍ତିମୟ ଓ ଆନନ୍ଦମୟ । ବ୍ୟକ୍ତିର ଘଟେ ଅପରୋକ୍ଷ ଅନୁଭୂତି । ବ୍ୟକ୍ତି ଲାଭ କରେ ସ୍ୱତଃସ୍ଫୂର୍ତ୍ତ ଦର୍ଶନ ସାମର୍ଥ୍ୟ, ଯାହା ମଧ୍ୟରେ ଥାଏ ସୁନିଶ୍ଚିତତା । ସେତେବେଳେ ଆମ ସଂବୋଧିପ୍ରେରିତ ସଂକଳ୍ପ ଶକ୍ତି ''କର୍ତ୍ତବ୍ୟଂ କର୍ମ'' ଲାଗି ଅବାରିତ ଆଲୋକ ଓ ଶକ୍ତି ମଧ୍ୟରେ ସକ୍ରିୟ ହୋଇଉଠେ । ବ୍ୟକ୍ତିର କର୍ତ୍ତବ୍ୟ କର୍ମ ତ୍ରୁଟିଶୂନ୍ୟ ହୋଇଉଠେ । ତେବେ ବି ବ୍ୟକ୍ତିର ଅସ୍ଥାୟୀଭାବେ କିଛି ବାସନା ଓ ସଂବେଗ

ରହିଯାଇପାରେ । କ୍ରମେ ତାହା ବି ଚାଲିଯିବ । ତା' ସ୍ଥାନରେ ସ୍ୱତଃସ୍ଫୂର୍ତ୍ତ ଜ୍ୟୋତିର୍ମୟ ପ୍ରେମ ଓ ଆନନ୍ଦ ପ୍ରକଟିତ ହେବ । ଏହା ଯୋଗୁଁ ଇନ୍ଦ୍ରିୟଗତ ଗତିସ୍ପନ୍ଦନ ଓ ଶରୀର ଚେତନା ମଧ୍ୟ ଜ୍ୟୋତିର୍ମୟ ହୋଇଉଠିବ । ପ୍ରକୃତିର ଦାବି ଓ କାର୍ଯ୍ୟର ଆବଶ୍ୟକତାନୁସାରେ ଏସବୁ ସ୍ୱତଃସ୍ଫୂର୍ତ୍ତଭାବେ ଘଟିଚାଲିବ । ଏଥିରେ ଯାନ୍ତ୍ରିକତା ବା ବୌଦ୍ଧିକ ବାଧ୍ୟବାଧକତା ରହିବ ନାହିଁ । ଏବେ ମନ ବହୁ ପ୍ରସାରିତ ଓ ବହୁ କ୍ରିୟାତ୍ମକତା ଲାଗି ସମର୍ଥ ହେବ ।

ତଥାପି ଏହାକୁ ସ୍ଥାୟୀରୂପ ଦେବା ପାଇଁ ଅତିମାନସର ଉନ୍ମୋଚନକାରୀ ସାମର୍ଥ୍ୟ ଲୋଡ଼ା । ସେହିଁ ସଂବୋଧିମନର ସୀମା ଓ ସ୍ୱଚ୍ଛତାକୁ ସ୍ପଷ୍ଟଭାବେ ସୂଚାଇ ଦେବ । ଏବେ ମଧ୍ୟ ସଂବୋଧିମନ ମନସ୍ତରର, ଏହା ଯୁକ୍ତିବୁଦ୍ଧି ଓ ଅତିମାନସର ମଧ୍ୟବର୍ତ୍ତିଲୋକ । ଏହା ଅତିମାନସ ନୁହେଁ, ଏହା ଅତିମାନସର ଏକ ଆଲୋକ ରେଖା । ମନ ମଧ୍ୟରେ ସକ୍ରିୟ ହେବାବେଳେ ସେ ତା'ର ଅଜ୍ଞାନ ଭିତ୍ତି ଯୋଗୁଁ ସଂକୀର୍ଣ୍ଣ, ଏହା ସମ୍ପୂର୍ଣ୍ଣ ଓ ସଂପ୍ରସାରିତ ସୂର୍ଯ୍ୟାଲୋକ ନୁହେଁ, ଏହା ଆଲୋକର ଝଲକ ଭଳି, ଯାହା ଅତିମାନସରୁ ସ୍ଫୁରିତ । ଏହାର ଅପୂର୍ଣ୍ଣତା ଥିବା ଯାଏ, ଏଥିରେ ଅନ୍ୟାନ୍ୟ ଚେତନାର ହସ୍ତକ୍ଷେପ ସମ୍ଭବ । ଏଥିରେ ଅଭ୍ୟାସଗତ ଭାବେ ନିମ୍ନ-ବିଚାର ବୁଦ୍ଧିର ହସ୍ତକ୍ଷେପ ମଧ୍ୟ ଅସମ୍ଭବ ନୁହେଁ । ଏଣୁ ଏହା ଉପରେ ଭ୍ରମଜାଲର ପରଦା ପଡ଼ିପାରେ, ଏଣୁ ଏହା ନିର୍ଦୋଷ ହୁଏ ନାହିଁ । ବ୍ୟକ୍ତିର ମନ ମଧ୍ୟ ଗୋଷ୍ଠୀର ଅଭ୍ୟାସଗତ ଭ୍ରାନ୍ତିରୁ ମୁକ୍ତ ହୋଇ ନପାରେ । ଯଦି ସଂବୋଧିମନ ସମ୍ପୂର୍ଣ୍ଣରୂପେ ଅତିମାନସ ଚେତନା ଦ୍ୱାରା ଆଲୋକିତ, ରୂପାନ୍ତରିତ ଓ ଉତ୍ତୋଳିତ ହୋଇ ରହିପାରେ ତେବେ ସଂବୋଧିମନ ସମ୍ପୂର୍ଣ୍ଣ ତ୍ରୁଟିଶୂନ୍ୟ ହୋଇପାରିବ ।

ମନୁଷ୍ୟ ମଧ୍ୟରେ ସଂବୋଧିଗତ ମନର ସାମର୍ଥ୍ୟର ବିକାଶ ଦ୍ୱାରା ସତ୍ତାର ବିଶେଷ ଉନ୍ନତି ଘଟେ ଓ ଏଥିରେ ନୂତନ ଶକ୍ତି ପ୍ରକାଶ ପାଏ । ଏହା ଆମର ସାଂପ୍ରତିକ ମନ ଓ ଅତିମାନସ ମଧ୍ୟରେ ମଧ୍ୟବର୍ତ୍ତୀ ସ୍ତର ହୋଇ ରହିଥାଏ । ଏହା ନିମ୍ନର ଆକର୍ଷଣ ଓ ଆକ୍ରମଣ ତଥା ଉର୍ଦ୍ଧ୍ୱର ଆକର୍ଷଣ ଓ ଆକ୍ରମଣର ଶରବ୍ୟ ହୁଏ । ନିମ୍ନସ୍ତରର ପ୍ରଭାବରେ ମନ ତା'ର ଅର୍ଦ୍ଧାଲୋକକୁ ପୂର୍ଣ୍ଣଭାବେ ଜଗାଇ ରଖିଲା ପରି ଲାଗେ । ଯେତେବେଳେ ସେ ଉଚ୍ଚତର ଭୂମି ଦିଗରେ ଉଠିଯାଉଛି ସେ ପାଉଛି ଏକ ଜ୍ୟୋତିର୍ବାହୀ ସଂକେତ ଓ ଅପରୋକ୍ଷ ଜ୍ଞାନର ଦୃଷ୍ଟି । ଯୋଗ ସମନ୍ୱୟ ଅନ୍ତିମ ନିଷ୍ପତ୍ତି ନେଇ ଜଣାଉଛନ୍ତି —

"The perfect perfection lies beyond on the supramental levels and must be based on a more decisive and complete transformation of the mentality and of our whole nature..."

(*The Synthesis of Yoga,* p. 810)

ତେବେ ସଂବୋଧିମନ ଆମକୁ ପରିପୂର୍ଣ୍ଣ କରିପାରିବ ନାହିଁ । ଏଥିପାଇଁ ଆମକୁ ଅତିମାନସର ଉର୍ଦ୍ଧ୍ୱକୁ ବା gnosisକୁ ଯିବାକୁ ହେବ । ସେତେବେଳେ ବିକାଶର ଭିତ୍ତି ହେବ ମନ ଏବଂ ସମ୍ଭବ ହେବ ଆମ ପ୍ରକୃତିର ପୂର୍ଣ୍ଣ ରୂପାନ୍ତର ।

ଆମେ ଜାଣିଲୁ ବୋଧିମାନସକୁ ଅତିକ୍ରମ କରି ଆମକୁ ଏଥିପାଇଁ ଅତିମାନସକୁ ଯିବାକୁ ହେବ । ଅତିମାନସର ବି ବହୁସ୍ତର ଅଛି । ଏବେ ତା'ର ନିମ୍ନସ୍ତରରୁ କାର୍ଯ୍ୟାରମ୍ଭ ହେବ । ପର ପ୍ରବନ୍ଧରେ ସେଇ ସୋପାନାବଳୀ ସମ୍ପର୍କରେ ଆଲୋଚନା କରିବା ।

❑❑❑

ଜୀବନର ଯଥାର୍ଥ ଲକ୍ଷ୍ୟ ହେଉଛି ନିଜ ଅନ୍ତରର ଗଭୀରତାରେ ପରମେଶ୍ୱରଙ୍କ ଦିବ୍ୟ ଉପସ୍ଥିତିକୁ ଆବିଷ୍କାର କରିବା ଏବଂ **ଏହା** ନିକଟରେ ନିଜକୁ ସମର୍ପିତ କରିବା ଯାହା ଫଳରେ **ଏହା** ଜୀବନର, ସକଳ ଅନୁଭୂତିର ଏବଂ ଶରୀରର ସକଳ କର୍ମର ନେତୃତ୍ୱ ନେଇଥାଏ ।

ଏହା ଜୀବନକୁ ଏକ ଯଥାର୍ଥ ଓ ସମୁଜ୍ଜ୍ୱଳ ଲକ୍ଷ୍ୟ ପ୍ରଦାନ କରିଥାଏ ।

— ଶ୍ରୀମା

# ବୈଜ୍ଞାନିକଙ୍କ ଭଗବାନ୍

## ନଳିନୀକାନ୍ତ ଗୁପ୍ତ

ବୈଜ୍ଞାନିକମାନେ ଯେ ନାସ୍ତିକ ହେବେ ତା'ର କୌଣସି ଅର୍ଥ ନାହିଁ । ପୂର୍ବତନ କାଳର ଉଲ୍ଲେଖ ନିଷ୍ପ୍ରୟୋଜନ – ନିଉଟନ୍, କ୍ୟାପ୍ଲାର୍, ଟାଇକୋବ୍ରାହେର୍ ପ୍ରଭୃତିଙ୍କୁ ଛାଡ଼ି ଦେଲେ ବି, ଆଧୁନିକ ଯୁଗ ଓ ଜଗତ୍ ପର୍ଯ୍ୟନ୍ତ ଏପରି ବୈଜ୍ଞାନିକମାନଙ୍କର ଅଭାବ ନାହିଁ ଯେଉଁମାନେ ଆସ୍ତିକ-ବୁଦ୍ଧିସମ୍ପନ୍ନ – ଏ ସମ୍ପର୍କରେ ଲଜ୍, ଏଡ଼ିଂଟନ୍, ଆଇନ୍‌ଷ୍ଟାଇନ୍, ପ୍ଲାଙ୍କ୍ ପ୍ରଭୃତି ସ୍ୱନାମଧନ୍ୟ ହୋଇଛନ୍ତି । ତେବେ କୁହାଯାଇଥାଏ ଯେ, ବୈଜ୍ଞାନିକମାନେ ଆସ୍ତିକ ବା ଭଗବତ୍-ବିଶ୍ୱାସୀ ହୋଇପାରନ୍ତି ସତ, କିନ୍ତୁ ବୈଜ୍ଞାନିକ ହିସାବରେ ନୁହେଁ । ଯେଉଁ ବୃତ୍ତି ଦ୍ୱାରା ସେ ଏଇ ଅତିଲୌକିକ ବା ଅସାଧାରଣ ସିଦ୍ଧାନ୍ତ ସବୁରେ ପହଞ୍ଚନ୍ତି ତାହା ବୈଜ୍ଞାନିକ-ବୃତ୍ତି ନୁହେଁ, ତାହା ମନୁଷ୍ୟଙ୍କର ଅନ୍ୟ ଏକ ଦିଗର କଥା । ମନୁଷ୍ୟଙ୍କ ସତ୍ତା ସ୍ୱଭାବତଃ ଏହିପରି ଦ୍ୱିଧା ଭିନ୍ନ, ଦୁଇ ଭାଗରେ ବିଭକ୍ତ – ଗୋଟିଏ ପଟେ ସେ ବୈଜ୍ଞାନିକ ହେଲେ ବି, ଅନ୍ୟ ପଟେ ସେ ଅବୈଜ୍ଞାନିକ ରହି ଯାଆନ୍ତି । କେବଳ ବୈଜ୍ଞାନିକମାନେ ନୁହନ୍ତି, ଦାର୍ଶନିକମାନେ ବି ଅନେକ ସମୟରେ ଏକଥାରେ ସମ୍ମତି ଦେଇ ଥାଆନ୍ତି – କହନ୍ତି ଯୁକ୍ତି ଦୃଷ୍ଟିରୁ ଦେଖିଲେ ଭଗବାନ୍, ଆତ୍ମା ବା ଅମରତ୍ୱ – ଏସବୁ ଜିନିଷର ପ୍ରମାଣ ମିଳେନି, କିନ୍ତୁ ଅନୁଭବ ଓ ହୃଦୟବୃତ୍ତିର ଦୃଷ୍ଟିରୁ ଏସବୁର ସତ୍ୟ ବା ସାରବତ୍ତା (ସାରତତ୍ତ୍ୱ) ପ୍ରତିଷ୍ଠିତ ହୋଇଥାଏ ।

ବୈଜ୍ଞାନିକମାନେ ଯେଉଁ ବୃତ୍ତି ବା ଉପାୟରେ ସତ୍ୟାନୁସନ୍ଧାନ କରନ୍ତି ତା' ହେଲା ଯୁକ୍ତି – ମନୋମୟ ପୁରୁଷର ବା ମାନବର ବିଚାର ଶକ୍ତି । ଆଉ ଏଇ ଯୁକ୍ତି ବା ବିଚାର-ଶକ୍ତିର ସେପରି ସାମର୍ଥ୍ୟ ନାହିଁ ଯାହା ଇନ୍ଦ୍ରିୟାନୁଭୂତିର କ୍ଷେତ୍ରକୁ ଏକାନ୍ତଭାବେ ଅତିକ୍ରମ କରିଯାଇପାରିବ – ଅବଶ୍ୟ ଯଦି ସେ ସତ୍ୟସନ୍ଧ ବା ସତ୍ୟ ଉପରେ ପ୍ରତିଷ୍ଠିତ ରହିବାକୁ ଚାହେଁ । ନହେଲେ ବୃଥା ବିପରୀତ ଚେଷ୍ଟା କଲେ ସେ ଗଢ଼ିବ କେବଳ 'କାଇମେରା' (Chimera) ବା ଆକାଶକୁସୁମ, ମରୀଚିକା ବା ମୃଗତୃଷ୍ଣା ନତୁବା ଶଶବିଷାଣ ବା ବନ୍ଧ୍ୟାପୁତ୍ର ଅର୍ଥାତ୍ ଇନ୍ଦ୍ରିୟାନୁଭୂତିର ବିସଦୃଶ ସଂଯୋଗ ବା ବିୟୋଗ । ଦାର୍ଶନିକ 'ବେର୍ଗସଁ' ସେଇଥି ପାଇଁ କହନ୍ତି – ''ବୁଦ୍ଧି-ଶକ୍ତି ଇନ୍ଦ୍ରିୟ-ପ୍ରତୀତିକୁ ଅତିକ୍ରମ କରିବାକୁ ଅକ୍ଷମ, କାରଣ ବୁଦ୍ଧି-ଶକ୍ତିର ଜନ୍ମ ଓ ସ୍ଥିତି ଇନ୍ଦ୍ରିୟ-ପ୍ରତୀତିର କ୍ଷେତ୍ରରେ, ସେଠାକାର ଏକ କ୍ରିୟା-ପ୍ରତିକ୍ରିୟାର ଫଳରେ, ଏକ ପ୍ରୟୋଜନର ଚାପରେହିଁ ହୋଇଥାଏ । ବୁଦ୍ଧିବୃତ୍ତିର ଉତ୍ପତ୍ତି ହେଲା ଜଡ଼କୁ ଯଥାର୍ଥ ବା ଉପଯୁକ୍ତ ବ୍ୟବହାରର କୌଶଳ ଭାବରେ – ବୈଜ୍ଞାନିକମାନେ ଯେଉଁ ତଥାକଥିତ ବିଶ୍ୱ-ସତ୍ୟ, ପ୍ରାକୃତିକ ବା ସ୍ୱାଭାବିକ ନିୟମ ସେମାନଙ୍କର ବୁଦ୍ଧିବୃତ୍ତିର ବଳରେ ଆବିଷ୍କାର କରନ୍ତି, ସେସବୁର ପ୍ରଧାନ ସାର୍ଥକତା ହେଲା ଏଇୟା ଯେ, ବାହ୍ୟ ଜଗତ୍ ସହିତ କାରବାରକୁ ବା ବ୍ୟବହାରକୁ ତାହା ସହଜ କରିଦିଏ । ସୁତରାଂ ଜଡ଼ ଧର୍ମ ଛଡ଼ା ଅନ୍ୟ ଧର୍ମର ରହସ୍ୟ ବିଷୟରେ ସେ ଅନ୍ଧ ରହିବା ଭଳି ତ୍ରୁଟି ତା'ର ଜନ୍ମଗତ ତଥା ପ୍ରକୃତିଗତ । ସେ ଯାହା ହେଉ, ତଥାପି କହିବାକୁ ହେବ ଯେ, ବୈଜ୍ଞାନିକମାନଙ୍କ ମଧ୍ୟରେ ବୁଦ୍ଧିବୃତ୍ତିର ଚରମ ବିକାଶ ଘଟିତ ହୋଇଛି ଏବଂ ବୁଦ୍ଧିବୃତ୍ତିର ଯାହା ବୈଶିଷ୍ଟ୍ୟ ତାହା ସ୍ପଷ୍ଟଭାବେ ପ୍ରକାଶ ପାଇଛି । ଇନ୍ଦ୍ରିୟାନୁଭୂତିର ସମ୍ପଦ ଦ୍ୱାରା, ସେଗୁଡ଼ିକର ସଂଶ୍ଳେଷଣ-ବିଶ୍ଳେଷଣ, ପରୀକ୍ଷଣ-ପର୍ଯ୍ୟବେକ୍ଷଣ କରି, ଯେତେ ଦୂର ସମ୍ଭବ ବିଶ୍ୱବ୍ୟାପୀ ବିଧାନ ମଧ୍ୟରେହିଁ ଧାରଣ କରି ଦେଖାଇବା ହେଲା ବୈଜ୍ଞାନିକ-ବୁଦ୍ଧିର ନିଜସ୍ୱ ପ୍ରତିଭା ।

''ବୈଜ୍ଞାନିକ ଉପାୟ''ରେ ପ୍ରକୃତିର ଲୀଳା ଖେଳାର ଯେଉଁ ରହସ୍ୟ ବିଜ୍ଞାନ ଆବିଷ୍କାର କରିଛି, ତା'ର ମୂଲ୍ୟ ଯାହା ବି ହେଉ, ପ୍ରକୃତିର ରହସ୍ୟର ତାହାହିଁ ଶେଷ କଥା ବା ସବୁ କଥା ନୁହେଁ । ଅବଶ୍ୟ କୁହାଯାଇପାରେ ଯେ, ଜ୍ଞାନର, ସତ୍ୟ-ଜ୍ଞାନର ଅନ୍ୟ କୌଣସି ଦ୍ୱିତୀୟ ପନ୍ଥା ନାହିଁ । ଅନ୍ୟ ପନ୍ଥାରେ ଚାଲିଲେ ଯଥା 'କଳ୍ପନା'ର, 'କବିତ୍ୱ'ର, 'ମାୟା'ର, 'ମୋହ'ର ରାଜ୍ୟରେ ଯାଇ ପହଞ୍ଚାଯାଇ ପାରେ, କିନ୍ତୁ ବସ୍ତୁତନ୍ତ୍ର-ଜଗତରେ ତାହା ହେବ ନାହିଁ । ଜ୍ଞାନର, ସତ୍ୟାନୁସନ୍ଧାନର ଅନ୍ୟ ପନ୍ଥା ଅଛି କି ନା ସେ ସମ୍ବନ୍ଧରେ ପରେ କିଛି କହିବି; ଆପାତତଃ ଦେଖିବାକୁ ଚେଷ୍ଟା କରିବି ବୈଜ୍ଞାନିକଙ୍କ ପନ୍ଥାରେ ଆଉ କିଛି ଦୂର ଯାଇହେବ କି ଯାଇ ହେବନି ଏବଂ ଯେଉଁସବୁ ବୈଜ୍ଞାନିକମାନେ ଏଇ କିଛି ଦୂର ଯାଇଛନ୍ତି, ସେମାନେ କେଉଁଠାରେ ଯାଇ ଉତ୍ତୀର୍ଣ୍ଣ ହୋଇଛନ୍ତି ଆଉ ତା'ର ମୂଲ୍ୟ ବା କ'ଣ ?

କହିଛି ବୈଜ୍ଞାନିକ-ବୁଦ୍ଧିର ମୂଳଭିତ୍ତି (ବୁନିଆଦ) ହେଲା ଇନ୍ଦ୍ରିୟାନୁଭୂତି ଏବଂ ଏଇ ଭିତ୍ତି ଉପରେ ତା'ର ସମଗ୍ର ଜ୍ଞାନ-ସୌଧଟି ପ୍ରତିଷ୍ଠିତ ଏବଂ ତା' ଦ୍ୱାରା ପ୍ରଦତ୍ତ ନିୟମକାନୁନ ବା ଛକଚିହ୍ନ ଅମାନ୍ୟ କରି ବା ଅତିକ୍ରମ କରି ସେ ଯାଇ ପାରେନି । ତଥାପି ଗୋଟାଏ କଥା ଅଛି – ଏହା ହେଲା ଜ୍ଞାନର ବିଷୟ ବା ବସ୍ତୁର ସୀମା ଓ ସୀମାନାର କଥା, କିନ୍ତୁ ଜ୍ଞାନର ସ୍ୱରୂପ ବା ସ୍ୱଭାବ ଏଠାରେ ତା'ର ସର୍ବୋଚ୍ଚ ଶିଖରରେ କେଉଁ ଧରଣର ହୋଇପାରେ ? ଜିଜ୍ଞାସ୍ୟ ହେଲା – (ବା ପ୍ରଶ୍ନ କରାଯାଇପାରେ),– ଆଇନ୍‌ଷ୍ଟାଇନ୍ ବା ପ୍ଲାଙ୍କ୍‌ଙ୍କ ଯେଉଁ ଆସ୍ତିକ୍ୟବୁଦ୍ଧିର ପରିଚୟ ଦେଇଛନ୍ତି ତାହା ସେମାନଙ୍କ ବୈଜ୍ଞାନିକ-ବୁଦ୍ଧିର ପରିଣତି (ଶେଷ ଫଳ) ନା ଅନ୍ୟ ଧରଣର ଏକ ଅବୈଜ୍ଞାନିକ ବୃତ୍ତିର ପ୍ରତିଚ୍ଛାୟା ? ଦଳେ ଖାଣ୍ଟି ରୁଷ-ୟୁରୋପବାସିନ୍ଦା (continental) ବୈଜ୍ଞାନିକ ଦ୍ୱୈପାୟନ ଇଂରେଜ-ବୈଜ୍ଞାନିକମାନଙ୍କ ସମ୍ବନ୍ଧରେ ଯେପରି କହିଥା'ନ୍ତି ଯେ, ଇଂରେଜମାନଙ୍କର ଧର୍ମଜ୍ଞାନ, ଧର୍ମବୋଧ ଅଥବା ଶୁଦ୍ଧି ସଂସ୍କାର (Puritanism) ଏତେ ପ୍ରବଳ ଯେ, 'ଲଗାରିଥମ୍ ଇସ୍ତାହାର' ମଧ୍ୟରେ ବି ଏଠିସେଠି 'ବାଇବେଲ'ର ଦି'ଚାରିଟା କଥା ମିଶାଇ ଦେଇ ନ ପାରିଲେ ସେମାନଙ୍କୁ ସ୍ୱସ୍ତି ମିଳେନି ।

ସେ ଯାହା ହେଉ, ତଥାପି ଆସ୍ତିକ ବୈଜ୍ଞାନିକମାନେ ଯେଉଁ ଆସ୍ତିକ୍ୟବୁଦ୍ଧି ପାଇଥା'ନ୍ତି ତାହା ବୈଜ୍ଞାନିକ-ବୁଦ୍ଧିର ସହଜ ସ୍ୱାଭାବିକ ପରିଣତି ହୋଇପାରେ । ଅନ୍ୟ କୌଣସି ଆଦିମ ଅଯୌକ୍ତିକ ବୃତ୍ତି ମଧ୍ୟରୁ ଯେ ତା'ର ଉତ୍ପତ୍ତି ହେବ, ତା' ନୁହେଁ । ବୈଜ୍ଞାନିକର ଖାଣ୍ଟି ବୈଜ୍ଞାନିକ-ବୁଦ୍ଧି ଓ ଆସ୍ତିକ୍ୟ-ବୁଦ୍ଧି ସମ-ପର୍ଯ୍ୟାୟର ଜିନିଷ – ଉଭୟର ରହିଛି ଏକ ସାଜାତ୍ୟ, ସହଜାତ ସ୍ୱଭାବ । ନିର୍ଜଳା ବା ଖାଣ୍ଟି ଧର୍ମବୋଧ ବା ଆଧ୍ୟାତ୍ମିକ-ପ୍ରବଣତା ଦ୍ୱାରା ଯେଉଁ ଆସ୍ତିକ୍ୟ ବୁଦ୍ଧି ଆଉ ବୈଜ୍ଞାନିକମାନଙ୍କର ନିଜସ୍ୱ ଯେଉଁ ଆସ୍ତିକ୍ୟ ବୁଦ୍ଧି ଏ ଦୁଇଟିର ରଙ୍ଗ ଓ ଗୁଣରେ ପାର୍ଥକ୍ୟ ଓ ସ୍ୱାତନ୍ତ୍ର୍ୟ ରହିଛି ।

ବୁଦ୍ଧି-ଶକ୍ତିର ବିଭିନ୍ନ ଓଜନ ବା ମୂଲ୍ୟ ଦୃଷ୍ଟିରୁ ବୈଜ୍ଞାନିକ-ବୁଦ୍ଧି ମଧ୍ୟରେ ନିଛକ ଯୁକ୍ତିର ଦିଗଟା ଯେ ସବୁଠାରୁ ବଡ଼ କଥା ତା' ନୁହେଁ । ଯୁକ୍ତି, ସିଦ୍ଧାନ୍ତ, ତଥ୍ୟ – ଏସବୁ ବିଜ୍ଞାନର ପ୍ରୟୋଜନ । ଉପକାର, ଲାଭ ବା ବସ୍ତୁର ଦିଗ ତା'ର ହାଡ଼-ମାଂସର କଥା; କିନ୍ତୁ ସେଇ ବୁଦ୍ଧିର ଆଉ ଗୋଟିଏ ଦିଗ ରହିଛି ଯା' ହେଲା ଅଶରୀରୀ,– ଫଳର 'ସୌରଭ'ର ଦିଗ ନୁହେଁ କି ବସ୍ତୁର 'ଆଭା'ର ଦିଗ ନୁହେଁ । ତା'ହେଲେ କ'ଣ ସେଇଟା ? ବିଭିନ୍ନ ବୈଜ୍ଞାନିକ ତାକୁ ବିଭିନ୍ନ କଥାରେ ବ୍ୟକ୍ତ କରିଛନ୍ତି, ହେଲେ ମୋଟ ଉପରେ ତାହା ଏକହିଁ ଜିନିଷ । ପ୍ରକୃତିରେ, ପ୍ରକୃତିର ଜଡ଼-ଅଙ୍ଗକୁ ଓଜନ କରି, ମାପିଚୁପି, ଯୁକ୍ତିର କାଠଗଡ଼ାରେ ଠିଆ କରାଇ, ବୈଜ୍ଞାନିକଙ୍କର ପ୍ରୟାସ ହୋଇଛି ଜ୍ଞାନ ଆହରଣ କରିବା ପାଇଁ, ସତ୍ୟକୁ ଲାଭ କରିବା ପାଇଁ, ବାସ୍ତବକୁ ଅଧିକାର କରିବା ପାଇଁ । କିନ୍ତୁ ଯେଉଁ ଜିନିଷଟି ପ୍ରଥମେ ଯଦିବା ବ୍ୟକ୍ତ ହୋଇ ନଥାଏ, କ୍ରମଶଃ ଫୁଟି ଉଠିଥାଏ, ସେମାନଙ୍କୁ ଘାରି ଯାଏ, ହୁଏତ ବା ମୂଳରୁ ଅନ୍ତରାଳରେ, ପ୍ରଚ୍ଛନ୍ନଭାବେ, ଗୁପ୍ତ ପ୍ରେରଣା ରୂପେ ତା' ଥିଲା ଏକ ଅତଳ ରହସ୍ୟର ବୋଧ, ଏକ ଅସୀମତାର, ଆନନ୍ତ୍ୟର ସ୍ପର୍ଶ, ଏକ 'କେମିତି କେମିତି' (କ'ଣ ଏହା ? କ'ଣ ଏହା ? ବା କି ପ୍ରକାରର ?) 'ଆଶ୍ଚର୍ଯ୍ୟବତ୍ ପଶ୍ୟତି' (ଆଶ୍ଚର୍ଯ୍ୟ ଭଳି ଦେଖନ୍ତି) ବା ସେଇ ଧରଣର କିଛି, ଏକ ଅବ୍ୟକ୍ତ, ଅନିର୍ଦ୍ଦେଶ୍ୟ ଅଥଚ କିଭଳି ଏକ ଜାଗ୍ରତ୍ ସତ୍ତାର ଆଭାସ – ତାକୁ କେହି କହୁଛନ୍ତି ପରମ ସମନ୍ୱୟ, କେହି କହୁଛନ୍ତି ସମୁଚ୍ଚ ବିଧାନ ବା ବିଧି, କେହି କହୁଛନ୍ତି ପରମ ଯୁକ୍ତିବତ୍ତା, ଆଉ କେହି କହୁଛନ୍ତି ଚିନ୍ମୟତା । ଏ ସକଳ ବୋଧ, ଅନୁଭବ, ପ୍ରତୀତି ଅବଶ୍ୟହିଁ ସେମାନଙ୍କର ଖାସ୍ ବୈଜ୍ଞାନିକ ଗବେଷଣାର ଅନ୍ତର୍ଭୁକ୍ତ ନୁହେଁ, କିନ୍ତୁ ତାଙ୍କୁ ଯେପରି ଚାରିଆଡ଼ୁ ଘେରି ରହିଛି ଏକ ସୂକ୍ଷ୍ମ ବାତାବରଣ ବା ଆଭାମଣ୍ଡଳ ସଦୃଶ – ସେହିଠାରୁହିଁ ଯେପରି ଆସୁଛି ତାଙ୍କର ଗବେଷଣାର ପ୍ରେରଣା, ଇଙ୍ଗିତ ଓ ସତ୍ୟଦୃଷ୍ଟି । କହିବି କି ଏଇ ସମ୍ପଦ – ଏଇ ଉନ୍ମୁକ୍ତି ସକଳ ବୈଜ୍ଞାନିକଙ୍କରହିଁ ରହିଛି । ଅନେକେ ହୁଏତ କେବଳ ତଥ୍ୟ ସଂଗ୍ରାହକ, ତାଲିକାକାର । କିନ୍ତୁ ଯେଉଁମାନେ ସତରେ କିଛି ଆବିଷ୍କାର କରିଛନ୍ତି, ପ୍ରକୃତିର ଅବଗୁଣ୍ଠନ ଟିକିଏ ଅପସାରିତ କରି ପାରିଛନ୍ତି, ସେମାନଙ୍କ ମଧ୍ୟରେହିଁ ଏଇ ଯୁକ୍ତିର ଅତିରିକ୍ତ ଏକ ଅଧିକ-କିଛିର ସୁରଭି ଓ ଆଭା ଦେଖିବାକୁ ମିଳେ । କ୍ୟାପ୍‌ଲାର୍ ଯେତେବେଳେ ତାଙ୍କର ଦୂରବୀକ୍ଷଣ ଯନ୍ତ୍ରଟି ଧରି ଆକାଶ ଆଡ଼କୁ ଚାହିଁ ରହିଛନ୍ତି, ନିରୀକ୍ଷଣ କରୁଛନ୍ତି ଗ୍ରହରାଜିର ଗତିବିଧି, ତନ୍ମୟ ହୋଇ ଯାଇଛନ୍ତି ଏକ ବିପୁଳର, ଅନନ୍ତର, ଆଶ୍ଚର୍ଯ୍ୟମୟର, ରହସ୍ୟମୟର ଅନୁଭବରେ, ସେତେବେଳେ କୌଣସି ଏକ ଶୁଭ ମୁହୂର୍ତ୍ତରେ ତାଙ୍କ ମସ୍ତିଷ୍କରେ ବିଦ୍ୟୁତ୍-ବିଳସନ ପରି ଖେଳିଯାଇଥିଲା ନା ତାଙ୍କର ଏଇ ମହା-ଆବିଷ୍କାର – "ଗ୍ରହମାନଙ୍କର ଗତିପଥ ହେଲା ବୃତ୍ତାଭାସ (ଏବଂ ସୂର୍ଯ୍ୟ ସେଇ ବୃତ୍ତାଭାସର କେନ୍ଦ୍ରରେ) ? 'ନିଉଟନ୍'ଙ୍କ ସମ୍ବନ୍ଧରେ ଯେଉଁ

କାହାଣୀ ରହିଛି ଯେ, ଆପେଲ୍ (ସେଓ) ଗଛରୁ ପଡୁଥିବା ଦେଖି ସେ ମାଧ୍ୟାକର୍ଷଣ ତତ୍ତ୍ୱ ଆବିଷ୍କାର କରି ପକାଇଲେ – ଏହା ବି କ'ଣ ସେହି ଏକ ପ୍ରକାରର ରହସ୍ୟ ନୁହେଁ ?

ଫଳତଃ ବୈଜ୍ଞାନିକ ସିଦ୍ଧାନ୍ତ କେବଳ ବା ପ୍ରଧାନତଃ ଯେ ଯୁକ୍ତି ଦ୍ୱାରା ଆବିଷ୍କୃତ ହୁଏ ତାହା ଏକ ଧାରଣା ବା ସଂସ୍କାର ମାତ୍ର । ବୈଜ୍ଞାନିକମାନଙ୍କ ମଧ୍ୟରୁ ଅନେକେ ହୁଏତ ମନେ କରନ୍ତି ଯେ, ଏଭଳି ହେବା ଉଚିତ ଏବଂ ଅନେକେ ହୁଏତ ବିଶ୍ୱାସ କରନ୍ତି ଯେ, ବାସ୍ତବରେ ଏପରି ଘଟିଥାଏ – କିନ୍ତୁ ତାହା ସତ କଥା ନୁହେଁ । ଆବିଷ୍କାର ଅର୍ଥ ଯବନିକାର ଅପସାରଣ ଏବଂ ଆକସ୍ମିକ ଅପସାରଣ । ଯୁକ୍ତି ପରେ ଆସି ଆବିଷ୍କୃତ ସତ୍ୟକୁ ସ୍ଥିର-ପ୍ରତିଷ୍ଠ କରେ, ଖୁବ୍ ଜୋର୍ ହୁଏତ ଏପଟେ ସେପଟେ ଟିକିଏ ଅଦଳବଦଳ କରି, ଯୋଗ-ବିୟୋଗ କରି, ପରିଷ୍କାର-ପରିଚ୍ଛନ୍ନ କରି ରଖେ । ସକଳ ଜ୍ଞାନରେ, ସକଳ ସିଦ୍ଧାନ୍ତରେ ଏଇ ଯୁକ୍ତି-ବହିର୍ଭୂତ, ଅପରୋକ୍ଷ, ଆନ୍ତର ଏକ ଅନୁଭବ, ବୋଧ ବା ପ୍ରତୀତିହିଁ ଦେଇଥାଏ ଯୁକ୍ତିର ଅବୟବରେ ତା'ର 'major premise' ମୁଖ୍ୟ ସୂତ୍ରଟିକୁ ବା ସ୍ୱତଃ ସିଦ୍ଧାନ୍ତଟିକୁ ।

କିନ୍ତୁ ତଥାପି କହିବାକୁ ହେବ, ବୁଦ୍ଧିର ବା ବୈଜ୍ଞାନିକ-ବୁଦ୍ଧିର ଏଇ ଯେଉଁ ସୂକ୍ଷ୍ମତମ, ଉର୍ଦ୍ଧ୍ୱତମ ଧାରା ତା' ମଧ୍ୟରେ ଆସ୍ତିକତାର, ଆଧ୍ୟାତ୍ମିକତାର ବା ଧର୍ମବୋଧର ଇମେଜ୍ ବା ଭାବରୂପ ଯାହା ବା ଯେତେ ଟିକକ ଥାଉ ନା କାହିଁକି, ତାହା ସମ୍ପୂର୍ଣ୍ଣଭାବେ ବା ଖାଣ୍ଟି ଅଧ୍ୟାତ୍ମବସ୍ତୁ ହୋଇଉଠି ପାରିନି । ଅନେକ ଦାର୍ଶନିକ ବି ହୁଏତ ଆହୁରି ସହଜରେ ସେହି ଏକ ପ୍ରକାରର ଅନୁଭବ ମଧ୍ୟରେ ଉତ୍ତୀର୍ଣ୍ଣ ହୋଇଛନ୍ତି । ଦାର୍ଶନିକ 'ସ୍ପିନୋଜା' ଆଉ ବୈଜ୍ଞାନିକ 'ଆଇନ୍‌ଷ୍ଟାଇନ୍' ଯେଉଁ ଆନନ୍ତ୍ୟର ବୋଧ ପାଇଛନ୍ତି ତାହା ପ୍ରାୟ ଏକ ଧରଣର, ଏକହିଁ ପର୍ଯ୍ୟାୟର – କିପରି ନିର୍ବସ୍ତୁକ, ତତ୍ତ୍ୱମାତ୍ରିକ (abstract) ଗାଣିତିକ ଅନନ୍ତ, ତାହା ହେଲା ଯେପରି 'x' । ବୈଜ୍ଞାନିକ ତାଙ୍କର ବୁଦ୍ଧିର ଶିଖରରେ ଉଠିଛନ୍ତି ବହିରିନ୍ଦ୍ରିୟର ଉର୍ଦ୍ଧ୍ୱାୟନର ଫଳରେ ଆଉ ଦାର୍ଶନିକ ବି ଅନୁରୂପ ପନ୍ଥାରେ ଚାଲିଛନ୍ତି, କିନ୍ତୁ ତାଙ୍କର ମାନସ-ଧାରଣା (conceptual ideation)ର ଏକ ଉର୍ଦ୍ଧ୍ୱାୟନ ଫଳରେ । ଉଭୟେ (ବୈଜ୍ଞାନିକ ଓ ଦାର୍ଶନିକ) କିନ୍ତୁ ବୁଦ୍ଧିର ସୀମା, ମସ୍ତିଷ୍କର ଘେରଟିକୁ ଅତିକ୍ରମ କରି ପାରି ନାହାନ୍ତି । ହେଲେ ଯଥାର୍ଥ ଅଧ୍ୟାତ୍ମଜ୍ଞାନ ବା ଅଧ୍ୟାତ୍ମବୋଧ ହେଲା ଠିକ୍ ଏଇ ସୀମାକୁ ଅତିକ୍ରମ କରିବାରେ – ତନ୍ତ୍ର-ଭାଷାରେ ଯାହାକୁ କୁହାଯାଏ 'ଷଟ୍‌ଚକ୍ରଭେଦ' । 'ସ୍ପିନୋଜା'ଙ୍କର 'ଆମୋର୍ ଇଣ୍ଟେଲେକ୍ଟୁଆଲି' (amor intellectualis) ବୈଜ୍ଞାନିକ ଆସ୍ତିକ୍ୟବୋଧର ସୂତ୍ର ହୋଇପାରେ, କିନ୍ତୁ ତାହା ଅଧ୍ୟାତ୍ମବୋଧରେ ପହଞ୍ଚି ପାରି ନାହିଁ ।

ଗୋଟାଏ ଲକ୍ଷଣୀୟ ବିଷୟ କେତେ ଜଣ ସତରେ ଲକ୍ଷ୍ୟ କରିଛନ୍ତି ଜାଣେନି, ତେବେ ତା' ହେଲା ଏଇ – ବୈଜ୍ଞାନିକ ବୁଦ୍ଧି-ଅନୁପ୍ରାଣିତ, ଯୁକ୍ତିବାଦୀ ଆଧୁନିକ ମନ ଯେତେବେଳେ ଧର୍ମ ବା ଅଧ୍ୟାତ୍ମସତ୍ୟ ଆଡ଼କୁ କୌଣସି ନା କୌଣସି କାରଣରୁ ଝୁଙ୍କିଛନ୍ତି, ସେତେବେଳେ ଦେଖୁ ପ୍ରାୟହିଁ ତାହା ବେଦାନ୍ତ ବା ବୌଦ୍ଧ ସିଦ୍ଧାନ୍ତ* ଆଡ଼କୁହିଁ ମୁହାଁଇଛନ୍ତି । ଏହାର ମୁଖ୍ୟ କାରଣ ମୋର ମନେ ହୁଏ ଏଇ – ଧର୍ମ କହିଲେ ସାଧାରଣତଃ ଓ ପ୍ରଧାନତଃ ଏପରି କେତେକ ସତ୍ୟ ଓ ତଥ୍ୟକୁ ବୁଝାଏ ଯାହାକୁ ବୈଜ୍ଞାନିକମାନେ 'Anthropomorphic' ବା 'ମାନବତା-ବିହୀନ' ବିଶେଷଣ ଯୁକ୍ତ କରିଥା'ନ୍ତି ବା ଯୋଡ଼ି ଦେଇଥା'ନ୍ତି । ବୈଜ୍ଞାନିକମାନେ ଠିକ୍ ଏଇ ଜିନିଷଟିକୁ ବରଦାସ୍ତ କରି ପାରନ୍ତି ନାହିଁ । କାରଣ, 'ବିଜ୍ଞାନ'ର ବୈଜ୍ଞାନିକ ପଦ୍ଧତିର ବୈଶିଷ୍ଟ୍ୟ ହେଲା ଏଇ ମନୁଷ୍ୟ-କଥାଟିକୁ ମନୁଷ୍ୟର ଜ୍ଞାନ ମଧ୍ୟରୁ ପୃଥକ୍ କରି ରଖିବା – ବିଶିଷ୍ଟ ଜ୍ଞାତାରହିଁ ବିଶିଷ୍ଟ ଜ୍ଞାନ ହୋଇଥାଏ, କିନ୍ତୁ ଜ୍ଞାତା-ନିରପେକ୍ଷ ଜ୍ଞାନହିଁ ବିଜ୍ଞାନର ଲକ୍ଷ୍ୟ । ଏବେ ବୈଜ୍ଞାନିକ-ବୁଦ୍ଧି ତା'ର ଚରମରେ ପହଞ୍ଚି କହୁଛି – ''ଏହା ପରେ କ'ଣ ଅଛି ଜଣା ନାହିଁ, ତାହା ଅଜ୍ଞାତ, ଅଜ୍ଞେୟ ।''– ଏଇ ବିଜ୍ଞ-ଅଜ୍ଞତା, ଯାହାକୁ ଅଜ୍ଞେୟବାଦ ବୋଲି କହନ୍ତି, ଯାହା ଅନ୍ୟ ଅର୍ଥରେ ସଂଶୟବାଦ, ତାହାହିଁ ହେଲା ବୈଜ୍ଞାନିକ ଯୁକ୍ତିବାଦର ନ୍ୟାଯ୍ୟ ପରିଣାମ । କିନ୍ତୁ ଏଇ ଅଜ୍ଞାତ ଓ ଅଜ୍ଞେୟଙ୍କୁ ଟିକିଏ ଶ୍ରଦ୍ଧାନ୍ୱିତ ହୋଇ, ଶ୍ରଦ୍ଧାଳୁ ଭାବରେ, ଟିକିଏ ଆସ୍ତିକ୍ୟବୁଦ୍ଧିରେ ଦେଖିଲେ କୁହାଯାଇପାରେ ''ଯତୋ ବାଚୋ ନିବର୍ତନ୍ତେ ଅପ୍ରାପ୍ୟ-ମନସା ସହ''– ଯାହାଙ୍କୁ କୁହାଯାଏ ''ଅବାଙ୍ ମାନସଗୋଚର-ବ୍ରହ୍ମ''– [ଯେଉଁ ବ୍ରହ୍ମ ବାକ୍ (ଶବ୍ଦ ବା ବାଣୀ) ଓ ମନର ଅଗୋଚର] ତାଙ୍କର ଅନ୍ୟ ଏକ ନାମହିଁ 'ଶୂନ୍ୟ' (ଶୂନ୍ୟ ବ୍ରହ୍ମ) । ମନ ବୁଝିପାରେ ମନକୁ, ନହେଲେ

---

* (ଏଠାରେ ପାଦଟୀକାରେ ନଳିନୀଦା' ଉଲ୍ଲେଖ କରିଛନ୍ତି – ଭାରତରେ ୟୁରୋପୀୟ ଯୁକ୍ତିବାଦ ଆଣିଛନ୍ତି ରାମମୋହନ ରାୟ – ସିଏ ବି ବୈଦାନ୍ତିକ (ଉପନିଷଦ୍) ସିଦ୍ଧାନ୍ତ ଉପରେ ଜୋର୍ ଦେଇଥିବାର ଦେଖୁ, ସେ ବୈଦିକ ସିଦ୍ଧାନ୍ତ ଉପରେ ଜୋର୍ ଦେଇ ନାହାନ୍ତି ।)

ମନର ଧ୍ୱଂସ କରି, ବାଦ୍ ଦେଇ ଉଭୟର ଅନ୍ତର୍ବର୍ତ୍ତୀ କିଛିକୁ ସମ୍ୟକ୍ ଧାରଣା କରିବା ତା' ପକ୍ଷରେ ଦୁରୂହ, କଠିନ କାର୍ଯ୍ୟ । ବିଚାରବୁଦ୍ଧି ପକ୍ଷରେ ଅଧ୍ୟାତ୍ମର 'ନେତି-ତତ୍ତ୍ୱ' ଗ୍ରହଣ କରିବା ସେତେ କଠିନ ନୁହେଁ ଯେତେ କଠିନ ଅଧ୍ୟାତ୍ମର ଅନ୍ୟବିଧ ତତ୍ତ୍ୱ – 'ସାକାର-ତତ୍ତ୍ୱ', 'ଅବତାର-ତତ୍ତ୍ୱ', 'ପୁରୁଷୋତ୍ତମ-ତତ୍ତ୍ୱ', ଏପରିକି 'ପୁନର୍ଜନ୍ମ-ତତ୍ତ୍ୱ' । ବୈଦାନ୍ତିକଙ୍କର 'ସତ୍-ଚିତ୍-ଆନନ୍ଦ' ଏପରି ଏକ ସାଧାରଣ ତତ୍ତ୍ୱ, ଏପରି ଏକ ନିରପେକ୍ଷ, ନିର୍ବିଶେଷ ବସ୍ତୁ ଯାହାକୁ ବୁଦ୍ଧି ପ୍ରାୟ ଅନୁଭବ କରେ, ସ୍ପର୍ଶ କରେ, ଯେତେବେଳେ ସେ ତା' ନିଜର ସୀମାରେ ଯାଇ ଛିଡ଼ା ହୁଏ । ଅନ୍ୟ କଥାରେ, ମସ୍ତିଷ୍କ ମଧ୍ୟରେ ତା'ର ଊର୍ଦ୍ଧ୍ୱତମ ସ୍ତରରେ ଅଧ୍ୟାତ୍ମର ପ୍ରଥମ ପ୍ରକାଶ, ଆଭା, ପ୍ରତିଛବି ହେଲା ଏହି ପ୍ରକାରର ଏକ ଅଶରୀରୀ 'ଅନନ୍ତ'ର ବୋଧ ଯେଉଁ ଅନନ୍ତର ସ୍ୱରୂପ ହେଲା ସତ୍-ଚିତ୍-ଆନନ୍ଦ କିଂବା ତିନୋଟିହିଁ ଏକ ସଙ୍ଗେ, ଯୁଗପତ୍ ବା 'ଅସତ୍' ଯାହା ମଧ୍ୟରେ ରହିଛି କିନ୍ତୁ ସକଳ ସତ୍ ।

ବୈଜ୍ଞାନିକ-ବୁଦ୍ଧି ଏଇଭଳି ଆସ୍ତିକତାର ଗୋଟିଏ ଦିଗରେ ପହଞ୍ଚିଛି 'ଅସତ୍'-କିଛି – ଠିକ୍ ଯେପରି ଅନୁରୂପ ସ୍ତରରେ ଆଉ ଏକ ଦିଗରେ ଯାଇ ପହଞ୍ଚିଛନ୍ତି କବି ଓ ଶିଳ୍ପୀମାନେ । ଶିଳ୍ପୀଙ୍କର ରସନାନୁଭୂତି ସ୍ୱାଦ ବାରିବାର କଳା, ବିଶ୍ୱସୃଷ୍ଟି ମଧ୍ୟରେ ଏକ ନିବିଡ଼ ସୌନ୍ଦର୍ଯ୍ୟର ଆଉ ଆନନ୍ଦର ବୋଧ,– ଯଦିଚ ତାହା ବୁଦ୍ଧିଜାତ ବସ୍ତୁ ନୁହେଁ, ତଥାପି ତାହା ବୁଦ୍ଧିର ସଗୋତ୍ର, ତାହା ମାନସ-ରାଜ୍ୟର କଥା – ଚେତନାର ଯେଉଁ ସୀମା ପାର ହୋଇଗଲେ ଆମେ ପହଞ୍ଚୁ ଅଧ୍ୟାତ୍ମଲୋକରେ ସେହି ସୀମାର ଏପାଖର କଥା, ହୁଏତ ତାହା ଠିକ୍ ସୀମାନ୍ତର ବିଷୟ, ତଥାପି ତା'ର ସୁର, ତା'ର ଭଙ୍ଗୀ, ତା'ର ଚାଲିଚଳନ ଏପାରିର କଥା – ତା'ର ଆସ୍ପୃହା ଯେତେ ବି ସେପାରିରେ ଥାଉ ନା କାହିଁକି । ଅବଶ୍ୟ ମୁଁ କହୁଛି ସାଧାରଣ ଶିଳ୍ପୀମାନଙ୍କ କଥା, ଶିଳ୍ପୀମାନଙ୍କର ସାଧାରଣ ସୃଷ୍ଟିର କଥା – ଏପରି ଶିଳ୍ପୀ ଅଛନ୍ତି, ଶିଳ୍ପୀଙ୍କର ଏପରି ସୃଷ୍ଟି ଅଛି, – ଯାହାଙ୍କର ଓ ଯାହା ମଧ୍ୟରେ ଯଥାର୍ଥ ଆଧ୍ୟାତ୍ମିକ ଅନୁଭୂତି ଓ ଉପଲବ୍ଧି ପ୍ରକାଶ ପାଇଛି । କିନ୍ତୁ ତାହା ସ୍ୱତନ୍ତ୍ର କଥା – ଆଧ୍ୟାତ୍ମିକ ଶିଳ୍ପର କଥା । ସାଧାରଣ ଶିଳ୍ପ ସେ ପର୍ଯ୍ୟାୟର ନୁହେଁ, ତା'ର ଅନୁପ୍ରେରଣା ଅନ୍ୟ ଧରଣର । ସେହିଭଳି ଦର୍ଶନ ମଧ୍ୟ ଆଧ୍ୟାତ୍ମିକ ଅନୁଭୂତି ଓ ଉପଲବ୍ଧିରେ ପ୍ରକାଶ ହୋଇପାରେ – ଏ ଧରଣର ଦର୍ଶନ ଓ ଦାର୍ଶନିକ ବିରଳ ନୁହନ୍ତି । ଭାରତୀୟ ଦର୍ଶନର ବେଶୀ ଭାଗ ଏହି ପର୍ଯ୍ୟାୟର । ଶାଙ୍କର (ଶଙ୍କରାଚାର୍ଯ୍ୟଙ୍କର) ଦର୍ଶନ ବା ରାମାନୁଜୀୟ (ରାମାନୁଜଙ୍କର) ଦର୍ଶନ, ସାଂଖ୍ୟ ବା ପାତଞ୍ଜଳ (ପତଞ୍ଜଳିଙ୍କର) ଯୋଗ-ଦର୍ଶନ ଏକ ଏକ ଆଧ୍ୟାତ୍ମିକ ଦର୍ଶନ ବା ଦୃଷ୍ଟିର ବୁଦ୍ଧିଗତ ବ୍ୟାଖ୍ୟା ମାତ୍ର । ଏହା ଯଦି ସତ, ତେବେ ଏପରି କଥା କ'ଣ କୁହାଯାଇ ପାରିବ ନାହିଁ ଯେ, ବିଜ୍ଞାନ ମଧ୍ୟ ହୋଇଉଠିପାରେ ଆଧ୍ୟାତ୍ମିକ ଉପଲବ୍ଧିର ପ୍ରକାଶ ବା ବାହନ ? ହୁଏତ ଏ ଯାଏ ତାହା ହୋଇପାରି ନାହିଁ; କିଂବା ହୁଏତ ଏ ଧାରାରେ ଏକ ପ୍ରଚେଷ୍ଟା ହୋଇଥିଲା ଯାହାକୁ କୁହାଯାଏ ଗୁପ୍ତବିଦ୍ୟା ବା ମନ୍ତ୍ରବିଦ୍ୟା, ଏପରିକି ପ୍ରାଚୀନମାନେ ଯାହାକୁ କହୁଥିଲେ ରସାୟନ ବିଦ୍ୟା, ତା' ମଧ୍ୟରେ । ହେଲେ ଏସବୁର ଶେଷ ପରିଣତି ନିବିଡ଼ କୁସଂସ୍କାର ମଧ୍ୟରେ ଯେପରି ସମାଧିସ୍ଥ ହୋଇ ପଡ଼ିଥିଲା । ଅବଶ୍ୟ ଏ ଧରଣର ବିଦ୍ୟାକୁ ଅପରାବିଦ୍ୟାହିଁ କୁହାଯାଏ, ପରାବିଦ୍ୟା ନୁହେଁ । ତା'ହେଲେ ବି ଏକ ସମୟରେ ଅପରା-ବିଦ୍ୟାକୁ ପରା-ବିଦ୍ୟାର ସୋପାନ, ବାହନ ବା ପ୍ରକାଶ ହିସାବରେ ଗ୍ରହଣ କରା ହୋଇଥିଲା – ''ଅବିଦ୍ୟୟା ମୃତ୍ୟୁଂ ତୀର୍ତ୍ୱା ବିଦ୍ୟୟାଽମୃତମଶ୍ନୁତେ'' (ଅବିଦ୍ୟା ଦ୍ୱାରା ମୃତ୍ୟୁକୁ ପାର ହୋଇ, ଅତିକ୍ରମ କରି ବିଦ୍ୟା ଦ୍ୱାରା ଅମୃତ ଆସ୍ୱାଦନ କରିବ) ।

କିନ୍ତୁ, ଯାହାବି ହେଉ, ଅତୀତରେ ଆଧୁନିକ 'ଜଡ଼ତମ'-ବିଜ୍ଞାନର, ଯାହାକି ଘୋର ଅପରାବିଦ୍ୟା ତା' ସହିତ ପରାବିଦ୍ୟାର ସାକ୍ଷାତ୍‌ଭାବେ ଏବଂ ପୂର୍ଣ୍ଣତର ଭାବରେ ସଂଯୋଗ ଘଟିପାରେ – ଏପ୍ରକାର ସମ୍ଭାବନା ଆଦୌ ଥିଲା କି ? ଯଦି ଥିଲା ତା'ହେଲେ କେଉଁ ଦିଗରେ ?

ଆମେ ଅନ୍ୟତ୍ର କହିଛୁ ଏହା ସମ୍ଭବ ହେବ ସେତେବେଳେ ଯେତେବେଳେ ବୈଜ୍ଞାନିକ ଗବେଷଣା ଓ ସତ୍ୟାନୁସନ୍ଧାନ ପାଇଁ ବାସ୍ତବ ବସ୍ତୁ ଓ ଘଟଣା ନିରୀକ୍ଷଣ କରିବାକୁ ଏବଂ ଆହରଣ କରିବାକୁ ଆମେ ଶିଖିବୁ କେବଳ ସ୍ଥୂଳ ଇନ୍ଦ୍ରିୟଗୁଡ଼ିକର ସହାୟତାରେ ନୁହେଁ, ବରଂ ସୂକ୍ଷ୍ମତର ଆନ୍ତର ଇନ୍ଦ୍ରିୟସବୁର ସହାୟତାରେ ମଧ୍ୟ; ଆଉ ସେହି ସୂକ୍ଷ୍ମତର ଆନ୍ତର ଇନ୍ଦ୍ରିୟ ସକ୍ରିୟ ହେବ, ପ୍ରତିଷ୍ଠିତ ହେବ ସେତେବେଳେ ଯେତେବେଳେ ବୈଜ୍ଞାନିକଙ୍କ ଦୃଷ୍ଟି ମନୋମୟ ଦୃଷ୍ଟିରୁ ଉନ୍ନୀତ ହୋଇ, ରୂପାନ୍ତରିତ ହୋଇ ପ୍ରତିଷ୍ଠିତ ହେବ ଆତ୍ମାରେ, ଅନ୍ତରାତ୍ମାର ପ୍ରଜ୍ଞାନମୟ ଚେତନାରେ ।

(ମୂଳ ବାଂଲା ରଚନାବଳୀ, ୭ମ ଖଣ୍ଡରୁ ଅନୂଦିତ)

ଅନୁବାଦ : ରାମଚନ୍ଦ୍ର ପାଣି

❑❑❑

# ଧ୍ୟାନ

## (୭)

## ମାଧବ ପଣ୍ଡିତ

### ପ୍ରାଣାୟାମ

ତା'ପରେ ପତଞ୍ଜଳିଙ୍କ ଦ୍ୱାରା ସଂଯୋଜିତ ହୋଇଛି ପ୍ରାଣାୟାମ, ଯାହା ହେଲା ଶ୍ୱାସକ୍ରିୟାର ନିୟନ୍ତ୍ରଣ; ପରିମିତ ପ୍ରଶ୍ୱାସ (ପୂରକ), ପ୍ରଶ୍ୱାସର ଧାରଣ (କୁମ୍ଭକ) ଓ ନିଃଶ୍ୱାସ (ରେଚକ) [୧], ପ୍ରତ୍ୟେକ ଶ୍ୱାସର ସମୟର ଦୀର୍ଘୀକରଣ । ମାନସିକ ଶକ୍ତିରାଜି ଓ ପ୍ରାଣିକ ଶକ୍ତିରାଜି ଯାହା ଶରୀରରେ ତାଙ୍କୁ ସାହାଯ୍ୟ କରେ ସେମାନଙ୍କ ମଧ୍ୟରେ ଏକ ପ୍ରତ୍ୟକ୍ଷ ସମ୍ପର୍କ ରହିଛି । ପ୍ରତ୍ୟେକେ ପରସ୍ପରକୁ ପ୍ରଭାବିତ ତଥା ନିୟନ୍ତ୍ରିତ କରନ୍ତି । ପ୍ରାଣଶକ୍ତିର ଅବସ୍ଥା ମାନସର ଗତିବୃତ୍ତିରେ ପ୍ରତିଫଳିତ ହୁଅନ୍ତି । ପ୍ରାଣଶକ୍ତିର ସବୁଠାରୁ ଉଲ୍ଲେଖଯୋଗ୍ୟ କ୍ରିୟା ଶ୍ୱାସପ୍ରଶ୍ୱାସର ନିୟମନ ଦ୍ୱାରା ମାନସ ଶକ୍ତିର ଗତିବୃତ୍ତିକୁ ନିୟନ୍ତ୍ରଣ କରିବା ସମ୍ଭବ ହୁଏ । ପ୍ରାଣବାୟୁର ଛନ୍ଦ ମନ ମଧ୍ୟକୁ ପ୍ରବେଶ କରୁଥିବା ପରିବର୍ତ୍ତନର ପ୍ରବାହକୁ ନିୟନ୍ତ୍ରଣ କରେ । ଏଥିପାଇଁ ନବଦୀକ୍ଷିତକୁ ତା'ର ମନରେ ଅବିଶ୍ରାନ୍ତ ଚିନ୍ତାପ୍ରବାହକୁ ଶାନ୍ତ କରିବା ପାଇଁ ଏହି ଶ୍ୱାସ-ପ୍ରଶ୍ୱାସର ନିୟନ୍ତ୍ରଣ ତଥା ପରିଚାଳନା ପ୍ରକ୍ରିୟା ସମ୍ବନ୍ଧେ ପରାମର୍ଶ ଦିଆଯାଇଥାଏ । ବାସ୍ତବପକ୍ଷେ ଆହୁରି ଅନେକ ସୁଦୂରପ୍ରସାରୀ ଉଲ୍ଲେଖଯୋଗ୍ୟ ପ୍ରଭାବ ମଧ୍ୟ ରହିଛି । ପ୍ରାଣାୟାମ ପ୍ରାଣବାୟୁର କ୍ରିୟାର ନିୟନ୍ତ୍ରଣ କରେ ଯାହା ଶରୀରର ମଧ୍ୟ ପଞ୍ଚପ୍ରାଣଙ୍କର ଗତିଧାରା ମଧ୍ୟରେ ସର୍ବାଗ୍ରଗଣ୍ୟ ଅଟେ । ଏହା ଆମେ ଜାଣୁ, ପ୍ରାଣ ହେଉଛି ବିଶ୍ୱଗତ ଜୀବନୀଶକ୍ତି ଯାହା ନିଜକୁ ଦୈହିକ ସତ୍ତାରେ ବ୍ୟକ୍ତିଗତ ଭାବରେ ଆରୋପ କରେ ଓ ପାଞ୍ଚ ପ୍ରକାର ଭିନ୍ନ ଭିନ୍ନ କାର୍ଯ୍ୟ ନିଷ୍ପାଦନ କରେ । ଯଥା : ପ୍ରାଣ – ଅନ୍ତର୍ଗାମୀ ବାୟୁ, ଅପାନ – ବହିର୍ଗାମୀ ବାୟୁ, ସମାନ – ଏହି ଦୁଇ ପ୍ରକ୍ରିୟାର ସମାନକାରୀ ତଥା ଶକ୍ତିଚୟର ସନ୍ତୁଳନ ରକ୍ଷାକାରୀ ବାୟୁ; ବ୍ୟାନ – ବ୍ୟାପ୍ତ ବାୟୁ, ଯାହା ସମଗ୍ର ଶାରୀର ପ୍ରକ୍ରିୟାରେ ପ୍ରାଣଶକ୍ତି ଖେଳାଇଦିଏ । ଉଦାନ – ଊର୍ଦ୍ଧ୍ୱଗାମୀ ଶ୍ୱାସ ଯାହା ବ୍ୟକ୍ତିଗତ ପ୍ରାଣ ଓ ବିଶ୍ୱଗତ ପ୍ରାଣ ମଧ୍ୟରେ ଏକ ସଂଯୋଜକ ଭାବରେ କାର୍ଯ୍ୟ କରେ । ଏହି ପାଞ୍ଚ ପ୍ରକାରର ପ୍ରାଣବାୟୁ ମଧ୍ୟରେ ଯେଉଁ ପ୍ରଥମଟି ଅନ୍ତର୍ଗାମୀ ବାୟୁ, ଯାହା ସାଧାରଣ ପ୍ରାଣଶକ୍ତିକୁ ଆଧାର ମଧ୍ୟକୁ ଘେନି ଆସେ ତାହାହିଁ ସର୍ବପ୍ରଧାନ ଏବଂ ଯଥାର୍ଥତଃ ମୂଳ ପ୍ରାଣର ନାମରୁ ପ୍ରାଣ ବୋଲି ଅଭିହିତ ହୋଇଛି । ଏହି ପ୍ରାଣବାୟୁର ସଂଯମନ ତଥା ନିୟନ୍ତ୍ରଣ ଫଳରେ ପ୍ରାଣଶକ୍ତିର ଅନ୍ୟାନ୍ୟ କ୍ରିୟାଗୁଡ଼ିକ ସ୍ୱତଃ ନିୟନ୍ତ୍ରିତ ହୁଏ । ସାଧାରଣତଃ ସେମାନଙ୍କ ମିଶ୍ରଣ ଓ ଅନିୟମିତତା ବିଶୁଦ୍ଧ ହୋଇଉଠେ ଏକ ସୁସଂଗତ କ୍ରିୟା ମଧ୍ୟକୁ । ଏହି ପଞ୍ଚ ପ୍ରାଣଶକ୍ତିର ପ୍ରବାହରେ ଥିବା ଅସମତୁଲ୍ୟତାକୁ ଶୁଦ୍ଧ କରିବା ସହ, ଶ୍ୱାସକ୍ରିୟାର ଏକ ନିୟନ୍ତ୍ରଣ ଧାରା ନାଡ଼ିଗୁଡ଼ିକୁ ମଧ୍ୟ ଶୁଦ୍ଧ କରେ ଏବଂ ଏକ ସହଜ ତଥା କ୍ରିୟାକ୍ଷମ ସୂକ୍ଷ୍ମ ଓ ସ୍ଥୂଳ ବିଶୁଦ୍ଧ ଶକ୍ତି-ସ୍ରୋତର ସମଗ୍ର ଶରୀରରେ ପ୍ରବାହ ନିମିତ୍ତ ପଥ ପରିଷ୍କାର କରିଦିଏ । ଆଧାରର ପ୍ରତି ଅଂଶକୁ ଯେଉଁଠାରେ ହୁଏତ କିଛି ଅଭାବ ଦେଖା ଦେଇଥାଏ ସେଠାକୁ ପ୍ରାଣଶକ୍ତିକୁ ପରିଚାଳନା କରିବା ସମ୍ଭବ ହୁଏ; ଏକ ସୁସ୍ଥ, ସବଳ ଦେହ, ପ୍ରାଣ ଓ ମନ ରକ୍ଷା କରାଯାଇ ପାରେ । ପ୍ରାଣାୟାମ ମଧ୍ୟ ବ୍ୟକ୍ତିଗତ ପ୍ରାଣଶକ୍ତି ଓ ବିଶ୍ୱଗତ ପ୍ରାଣଶକ୍ତି ମଧ୍ୟରେ ସଂଯୋଗର ଦ୍ୱାର ଖୋଲିଦିଏ ଏବଂ ଏପରିକି ସାଧକକୁ ମିଳୁଥିବା ଶକ୍ତି ଓ ସାମର୍ଥ୍ୟର ପ୍ରଭୂତ ବୃଦ୍ଧି ଘଟାଏ ଏବଂ ଏହାର ଚରମରେ ଯେତେବେଳେ ଏହା ଏକ ବାରଂବାର ପୁନରାବୃତ୍ତି ହେଉଥିବା ମନ୍ତ୍ର ସହ ଯୁକ୍ତ ହୁଏ ସେତେବେଳେ ପ୍ରାଣାୟାମ ସତ୍ତା ମଧ୍ୟକୁ ଉଚ୍ଚତର ଭଗବତ୍ ଶକ୍ତିର ଅନ୍ତଃ-ପ୍ରବାହକୁ ବହନ କରି ଆଣିପାରେ । ଏହି ବିଶୁଦ୍ଧୀକରଣ ପ୍ରାଣଶକ୍ତିର ସ୍ଥୂଳ ଓ ସୂକ୍ଷ୍ମ ଶରୀରସବୁରେ ସୁସମନ୍ୱିତ ନିୟମନ ତଥା ପରିଚାଳନା, ଆବଶ୍ୟକ ପରିମାଣର ଉଦ୍ଦୀପନା ଅଭାବରୁ ଏବଂ ସେମାନଙ୍କର କାର୍ଯ୍ୟରେ ବାଧା ଯୋଗୁଁ ନିଷ୍କର୍ମା ହୋଇ ଆଧାରରେ ପଡ଼ି

(୧) ପୂରକ, କୁମ୍ଭକ ଓ ରେଚକ ସାଧାରଣତଃ ୧ : ୪ : ୨ ଅନୁପାତରେ କରାଯାଏ ।

ରହିଥିବା ଅଙ୍ଗ ଓ ଶକ୍ତିଚୟଙ୍କୁ କାର୍ଯ୍ୟ କରିବାରେ ପ୍ରବୃତ୍ତ କରାଇଦିଏ । ପ୍ରାଣଶକ୍ତିର ପ୍ରଧାନ ସକ୍ରିୟ ସତ୍ତା କୁଣ୍ଡଳିନୀ ଶକ୍ତି ଯାହା ସୂକ୍ଷ୍ମ ଶରୀରରେ କୁଣ୍ଡଳୀ ଆକାରରେ ରହିଥାଏ ତାହା ଜାଗ୍ରତ୍ ହୁଏ ଏବଂ ଏହାର ବହୁମୁଖୀ ଶକ୍ତିର ପ୍ରକଟନ ଦେହର ବିଭିନ୍ନ କେନ୍ଦ୍ରରେ ପରିଲକ୍ଷିତ ହେବା ଆରମ୍ଭ ହୁଏ ଏବଂ ଅପରା ପ୍ରକୃତିର ଅଜ୍ଞାନତାଯୁକ୍ତ ପରଦାର କ୍ରମଶଃ ସୂକ୍ଷ୍ମୀକରଣ ଓ ଦ୍ରବୀଭବନ ଫଳରେ ଅନ୍ତଃସ୍ଥ ଆତ୍ମାଙ୍କର କିରଣ ବିଚ୍ଛୁରିତ ହୁଏ ।

ଏହାହିଁ ସଂକ୍ଷେପରେ ପ୍ରାଣାୟାମ-ବିଜ୍ଞାନର ଯୁକ୍ତି-ସମ୍ମତତା । ଯେହେତୁ ପ୍ରାଣାୟାମ ସକଳବିଧ ଯୋଗପ୍ରକ୍ରିୟାରେ, ବିଶେଷ କରି ଆମ ଯୋଗରେ, ଧ୍ୟାନ ପାଇଁ ଆବଶ୍ୟକ ହୋଇ ନ ପାରେ, ତେଣୁ ମନକୁ ସ୍ଥିର କରିବା ଓ ଆଧାରକୁ ଶୁଦ୍ଧ କରିବାକୁ ଏହାର ଅନ୍ତର୍ବର୍ତ୍ତୀ ସାରସତ୍ୟକୁ ସାହାଯ୍ୟପ୍ରଦ ଭାବରେ ବ୍ୟବହାର କରାଯାଇପାରେ । ଏପରିକି କର୍ମବହୁଳ ଜୀବନରେ ଏହା ମଧ୍ୟ ଲକ୍ଷ୍ୟ କରାଯାଏ ଯେ ଯେତେବେଳେ ମନ ବିଚଳିତ ଥାଏ ଓ ସତ୍ତା ଅତିଚଞ୍ଚଳ ଥାଏ କେତୋଟି ଦୀର୍ଘଶ୍ୱାସ ବହୁ ପରିମାଣରେ ଏହି ଅବସ୍ଥାକୁ ଶାନ୍ତ କରିପାରେ । ଧ୍ୟାନ କରିବାକୁ ଯିବା ପୂର୍ବରୁ କେତୋଟି ଦୀର୍ଘଶ୍ୱାସ ବିଚଳିତ ଭାବର ବାୟୁମଣ୍ଡଳକୁ ବହୁ ପରିମାଣରେ ସ୍ୱଚ୍ଛ କରିଦେବାରେ ସାହାଯ୍ୟ କରେ ଏବଂ ଯଦି ଜଣେ ଯଥେଷ୍ଟ ମନଧ୍ୟାନ ଦେଇ ଭିତରକୁ ଆସୁଥିବା ଶ୍ୱାସର ଗତିକୁ ଲକ୍ଷ୍ୟ କରେ, ଏହା ସ୍ୱତଃ ଧାବମାନ ମନର କାର୍ଯ୍ୟାବଳୀ ଉପରେ ଏକ ଲଗାମ ସଦୃଶ କାମ କରେ । ଧୀରେ ଧୀରେ ମନର ବାହାରେ ବିକ୍ଷିପ୍ତ ଅଂଶସବୁ କ୍ଷୀଣରୁ କ୍ଷୀଣତର କ୍ଷେତ୍ରରେ ଏକତ୍ରିତ ହୁଏ; ଏହା ହେଉଛି ମନର ଆତ୍ମ-ସଂହରଣର ଅୟମାରମ୍ଭ ଯାହା ଧ୍ୟାନ ଦିଗରେ ପ୍ରଥମ ପଦକ୍ଷେପ ।

(କ୍ରମଶଃ)

ଇଂରାଜୀ *Dhyana* ପୁସ୍ତକରୁ

ଅନୁବାଦ : ରଜନୀକାନ୍ତ ମିଶ୍ର ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyala, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Bhubaneswar Contact
Phone/Whatsapp: 9937786512

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୫୪)

### 'ଦିନପଞ୍ଜି'ରୁ କିଛି :

**୩୦.୭.୧୯୨୬**

ଶିଷ୍ୟ : 'ତ୍ରିସନ୍ଧ୍ୟା'ର ନିହିତାର୍ଥ କ'ଣ ?

ଶ୍ରୀଅରବିନ୍ଦ : ଏସବୁ ହେଉଛି ସମୟର ସନ୍ଧିକ୍ଷଣ, କାଳ; ଏହିସବୁ ମୁହୂର୍ତ୍ତରେ ତୁମେ ଉଭୟ ଅପଶକ୍ତି ବା ବିରୋଧୀ ଶକ୍ତି ପ୍ରତି ତଥା ଊର୍ଦ୍ଧ୍ୱତର ଶକ୍ତିର ପ୍ରଭାବ ପ୍ରତି ଅଧିକ ଉନ୍ମୁକ୍ତ ରହିଥାଅ । ବିଶେଷ କରି ସାୟଂକାଳ ହେଉଛି ରାକ୍ଷସଗଣଙ୍କର ମୁହୂର୍ତ୍ତ ।

ଶିଷ୍ୟ : ଏପରି କାହିଁକି ଘଟିଥାଏ ?

ଶ୍ରୀଅରବିନ୍ଦ : ସେକଥା ମୁଁ କହିପାରିବି ନାହିଁ, କିନ୍ତୁ ଏହା ଏକ ବାସ୍ତବ କଥା, ସତ ।

ଶିଷ୍ୟ : ଏପରି ଏକ ମୁହୂର୍ତ୍ତ ରହିଛି କି ଯେତେବେଳେ ଆମେ ଏହିସବୁ ଅପଶକ୍ତିର ଆକ୍ରମଣରୁ ନିଜକୁ ନିରାପଦ ରଖିପାରିବୁ ?

ଶ୍ରୀଅରବିନ୍ଦ : ନା ।

ଶିଷ୍ୟ : ଏକ ସିଦ୍ଧାନ୍ତ ରହିଛି ଯେ ଆଧ୍ୟାତ୍ମିକ ସାଧନା ସକାଶେ 'କୃଷ୍ଣପକ୍ଷ' ଅପେକ୍ଷା 'ଶୁକ୍ଳପକ୍ଷ' ଅଧିକ ଅନୁକୂଳ, ଶୁଭଙ୍କର ।

ଶ୍ରୀଅରବିନ୍ଦ : ହଁ, ଏଥିରେ ସତ୍ୟତା ରହିଛି; ସମାନ ସତ୍ୟତା ରହିଛି 'ଉତ୍ତରାୟଣ' ଏବଂ 'ଦକ୍ଷିଣାୟନ' କ୍ଷେତ୍ରରେ । ବାସ୍ତବରେ, ପ୍ରତିଟି ସନ୍ଧିକ୍ଷଣରେ ଶକ୍ତିସବୁ ପ୍ରବଳ ଭାବରେ ସକ୍ରିୟ ଥା'ନ୍ତି ।

ଶିଷ୍ୟ : ଆପଣ ସମୟର ଏହିପରି ଏକ ସନ୍ଧିକ୍ଷଣରେ ଜନ୍ମ ଗ୍ରହଣ କରିଥିଲେ ।

ଶ୍ରୀଅରବିନ୍ଦ : କେଉଁ ମୁହୂର୍ତ୍ତରେ ?

ଶିଷ୍ୟ : ସୂର୍ଯ୍ୟୋଦୟର ଠିକ୍ ପୂର୍ବ ମୁହୂର୍ତ୍ତରେ (ପ୍ରାୟ ୨୪ ମିନିଟ ପୂର୍ବରୁ) ଶ୍ରାବଣ ମାସର ଅନ୍ତିମ ଦିନରେ ।(୧)

('*Conversations with Sri Aurobindo*', Sri Aurobindo Circle - 35th No., Page. 23-24)

**୨୯.୭.୧୯୨୬** (ସନ୍ଧ୍ୟା)

ଶିଷ୍ୟ : କୃଷ୍ଣ, ରାଧା ଇତ୍ୟାଦିଙ୍କର ଜନ୍ମଦିନକୁ ଉତ୍ସବ ରୂପେ ନିର୍ଦ୍ଦିଷ୍ଟ ଭାବରେ ପାଳନ କରିବାରେ କିଛି ନିଗୂଢ଼ାର୍ଥ ରହିଛି କି ?

ଶ୍ରୀଅରବିନ୍ଦ : ଅନ୍ୟାନ୍ୟ ଧାର୍ମିକ ଉତ୍ସବ ବା ପର୍ବପର୍ବାଣି ପାଳନ କରିବାରେ ଯେମିତି ତାତ୍ପର୍ଯ୍ୟ ରହିଥାଏ ।

ଶିଷ୍ୟ : ଏହି ଜନ୍ମଦିନମାନଙ୍କରେ କୌଣସି ନିର୍ଦ୍ଦିଷ୍ଟ ବା ଅସାଧାରଣ ଆଧ୍ୟାତ୍ମିକ ସମ୍ଭାବ୍ୟତା ରହିଛି କି ?

ଶ୍ରୀଅରବିନ୍ଦ : ନା; ପ୍ରଥମତଃ, ଏହିସବୁ ଜନ୍ମଦିନ ପ୍ରକୃତରେ ସମ୍ପୂର୍ଣ୍ଣଭାବେ ପ୍ରଚଳିତ ରୀତି ବା ପ୍ରଥା ଉପରେ ନିର୍ଭରଶୀଳ । କେଉଁ ଦିନ ବା କେଉଁ ମୁହୂର୍ତ୍ତରେ ସେମାନେ

---

(୧) କଲିକତାର 'ଗୁପ୍ତ ପ୍ରେସ୍ ପଞ୍ଜିକା'ରୁ ଏହି ଦିବସର ବିବରଣୀ :

''ଶକ ୧୭୯୪, ସନ ୧୨୭୯, ଇଂରାଜୀ ୧୮୭୨, ଚାନ୍ଦ୍ର ଶ୍ରାବଣ ଶୁକ୍ଳପକ୍ଷ, ହିନ୍ଦୀ ଶ୍ରାବଣ ସୁଦି । ୩୨ ଶ୍ରାବଣ, ('ବିଶୁଦ୍ଧ ସିଦ୍ଧାନ୍ତ' ପଞ୍ଜିକା ମତରେ ୧ ଭାଦ୍ର), ଇଂରାଜୀ ୧୫ ଅଗଷ୍ଟ,... । ସିଂହ ୦/୧୦/୪୪ ଗତେ ଉଦୟ, କୁମ୍ଭ ୦/୭/୩୮ ଗତେ ଅସ୍ତ । ଇଂରାଜୀ ଘଣ୍ଟା ୫/୩୪/୪୩ ଗତେ ଉଦୟ, ୬/୨୫/୧୭ ଗତେ ଅସ୍ତ ।

ବୃହସ୍ପତି ବାର; ଏକାଦଶୀ ତିଥି, ୧୭ (ଦଣ୍ଡ) ୩୭ (ପଳ) ଗତେ ଦ୍ୱାଦଶୀ ତିଥି; ମୂଳା ନକ୍ଷତ୍ର, ୨୧/୩୬ ପର୍ଯ୍ୟନ୍ତ; ଜନ୍ମେ ଧନୁରାଶି,...

ବିଷ୍ଣୁପଦୀ ସଂକ୍ରାନ୍ତି ପୂର୍ବ ଦିବସସ୍ୟ ପରାର୍ଦ୍ଧ ରାତ୍ରୌ ସଙ୍କ୍ରମଣେ ଅସ୍ୟ ଦିବସୀୟଂ ଆଦ୍ୟ ଯାମଦ୍ୱୟଂ ପୁଣ୍ୟଂ ତୀକ୍ଷ୍ଣଗଣେ ସଙ୍କ୍ରମଣାତ୍... ଶ୍ରୀକୃଷ୍ଣଙ୍କର ଝୁଲଣାରମ୍ଭ । ଏକାଦଶୀର ଏକୋଦ୍ଦିଷ୍ଟ ଦ୍ୱାଦଶୀର ସପିଣ୍ଡନ ।

ବାସ୍ତବରେ ଜନ୍ମଗ୍ରହଣ କରିଥିଲେ,... ଏକଥା କେହି ବି ଠିକ୍ ଠିକ୍ ଜାଣନ୍ତି ନାହିଁ । ତେଣୁ ଖ୍ରୀଷ୍ଟିଆନମାନେ ତ୍ରୟୋଦଶ ଶତାବ୍ଦୀରେ ଏକ ନିର୍ଦ୍ଦିଷ୍ଟ ପରାମର୍ଶ ସକାଶେ ଆହୂତ ଏକ ସାଧାରଣ ସଭାରେ ନିଷ୍ପତ୍ତି ନେଲେ ଯେ କେଉଁ ଦିନଟିକୁ ସେମାନେ ଯିଶୁଖ୍ରୀଷ୍ଟଙ୍କର ଜନ୍ମଦିନ ରୂପେ ପାଳନ କରିବା ଉଚିତ । ଦ୍ୱିତୀୟତଃ, ଏହିସବୁ ଧାର୍ମିକ ଉତ୍ସବ ସାଧାରଣତଃ ଜ୍ଞାନାଲୋକ-ବର୍ଜିତ ଅନ୍ଧକାର ପ୍ରାଣିକ ଶକ୍ତିକୁ ପ୍ରବଳ ଭାବରେ ପରିବେଶରେ କ୍ରିୟାଶୀଳ ହୋଇ ଉଠିବାରେ ସୁଯୋଗ ଦେଇଥାଏ, ଯାହାକି ଆଧ୍ୟାତ୍ମିକତା ସକାଶେ କସ୍ମିନ୍‌କାଳେ ସହାୟକ ନୁହେଁ ।

ଶିଷ୍ୟ : ଏହି ଉତ୍ସବଗୁଡ଼ିକ ନିର୍ଦ୍ଦିଷ୍ଟ ସମ୍ପ୍ରଦାୟର ବ୍ୟକ୍ତିଗଣଙ୍କର ଆଧ୍ୟାତ୍ମିକ ଜୀବନ ସକାଶେ କ'ଣ କୌଣସି ପ୍ରକାରେ ସହାୟକ ନୁହେଁ ?

ଶ୍ରୀଅରବିନ୍ଦ : ସେସବୁ ଧାର୍ମିକ ଜୀବନ ସକାଶେ ବେଶ୍ ସହାୟକ (ଏହା ଦ୍ୱାରା ଏକପ୍ରକାର ଭକ୍ତିର ଭାବ ଉଦ୍ରେକ ହୋଇଥାଏ), ଆଧ୍ୟାତ୍ମିକ ଜୀବନ ସକାଶେ ନୁହେଁ ।

ଶିଷ୍ୟ : ଏହି ପାର୍ଥକ୍ୟଟି ସମ୍ବନ୍ଧେ ବୁଝାଇ ଦେବେ କି ?

ଶ୍ରୀଅରବିନ୍ଦ : ଏହି ଦୁଇଟି ମଧ୍ୟରେ ଉଲ୍ଲେଖଯୋଗ୍ୟ ଭାବରେ ପାର୍ଥକ୍ୟ ରହିଛି – ଯେମିତି ଆରାଧ୍ୟ ଦେବତାଙ୍କ ସାମନାରେ ପଶୁବଳି ଦେବା ବା ପଶୁର ହୃତ୍‌ପିଣ୍ଡ ଅର୍ପଣ କରିବା ଏବଂ ଏହି ଧରଣର ଅନେକ ଧାର୍ମିକ, ଔପଚାରିକ ପଦ୍ଧତିର ପାଳନ । ଊର୍ଦ୍ଧ୍ୱତର ଶକ୍ତିର ଅବତରଣ ଓ କ୍ରିୟା ବା ଆତ୍ମୋପଲବ୍ଧି ସକାଶେ ଏହିସବୁ ପଦ୍ଧତିର କାଣିଚାଏ ଅବଦାନ ରହିଛି କି ?...

*

ଶିଷ୍ୟ : ବ୍ୟକ୍ତିର ଜନ୍ମଦିନ ପାଳନ କରିବାରେ କିଛି ତାତ୍ପର୍ଯ୍ୟ ରହିଛି କି ?

ଶ୍ରୀଅରବିନ୍ଦ : ଅନ୍ୟାନ୍ୟ ଉତ୍ସବ ପାଳନ କରିବା ଅପେକ୍ଷା କିଛି ଅଧିକ ତାତ୍ପର୍ଯ୍ୟ ରହିଛି ।

ଶିଷ୍ୟ : ଯେକୌଣସି ବ୍ୟକ୍ତିର ଜନ୍ମଦିନଟି ତା' ପାଇଁ ଏକ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ନୁହେଁ କି ?

ଶ୍ରୀଅରବିନ୍ଦ : ଏପରି କାହିଁକି ହେବା ଉଚିତ ?

ଶିଷ୍ୟ : କାରଣ, ସେହିଦିନହିଁ 'ଜୀବ' ଭୌତିକ ଶରୀର ଗ୍ରହଣ କରେ ଏବଂ ତା'ର ବିବର୍ତ୍ତନଧାରାର ପୁନରାବୃତ୍ତି ଘଟାଇଥାଏ ।

ଶ୍ରୀଅରବିନ୍ଦ : ସେ ଦୃଷ୍ଟିରୁ ଦେଖିଲେ, ଜନ୍ମଦିନଟି ନୁହେଁ, କିନ୍ତୁ ଗର୍ଭଧାରଣର ମୁହୂର୍ତ୍ତଟିହିଁ ତାତ୍ପର୍ଯ୍ୟପୂର୍ଣ୍ଣ ହେବା ଉଚିତ । କିନ୍ତୁ ଯେହେତୁ ସେହି ମୁହୂର୍ତ୍ତଟି ଠିକ୍ ଠିକ୍ ନିରୂପଣ କରିବା ସମ୍ଭବପର ନୁହେଁ, ସେଇଥିପାଇଁ ଲୋକମାନେ ବ୍ୟକ୍ତିର ଜନ୍ମଦିନଟି ପାଳନ କରିବାକୁ ଏକ ପ୍ରକାର ଆନୁଷ୍ଠାନିକ ବା ସାମାଜିକ ପ୍ରଥା ରୂପେ ନିର୍ଣ୍ଣୟ କରିଛନ୍ତି ।

ଯଦି ବ୍ୟକ୍ତିଟି ଊର୍ଦ୍ଧ୍ୱତର ଚେତନାର ସଂସ୍ପର୍ଶରେ ଆସୁଥିବା ବା ତା'ର ଅନୁଭୂତି ଲାଭ କରୁଥିବା ଦିନଟିକୁ ପାଳନ କରେ, ତେବେ ସେଥିରେ କିଛି ତାତ୍ପର୍ଯ୍ୟ ରହିଛି ବୋଲି କୁହାଯାଇପାରେ ।[୨]

ଶିଷ୍ୟ : ଆପଣ କହିଥିଲେ ଯେ ପ୍ରତି ବର୍ଷ ଆପଣଙ୍କ ଜନ୍ମଦିନରେ ଆପଣଙ୍କ ଚେତନାରେ ପ୍ରଭୂତ ପରିବର୍ତ୍ତନ ଘଟିଥାଏ ।

ଶ୍ରୀଅରବିନ୍ଦ : ମୁଁ ଏକଥା କେବେ ବି କହିନି । ପ୍ରକୃତରେ କହିବାକୁ ଗଲେ, ପ୍ରଥମତଃ, ମୋ ଚେତନାରେ ବିପୁଳ ପରିବର୍ତ୍ତନ ଘଟେ ବରୋଦାରେ, ଜାନୁଆରୀ ମାସରେ ।

ଶିଷ୍ୟ : ତା'ହେଲେ ଆପଣଙ୍କର ଜନ୍ମଦିନ ୧୫ ଅଗଷ୍ଟ ପାଳନ କରିବାରେ କ'ଣ ତାତ୍ପର୍ଯ୍ୟ ରହିଛି ?

ଶ୍ରୀଅରବିନ୍ଦ : ସାମାଜିକ ପ୍ରଥା ବା ଆନୁଷ୍ଠାନିକ ରୂପେ

---

(୨) ୧୯୫୮ରେ ମା'ଙ୍କର ଜନ୍ମଦିନରେ ସମାନ ମର୍ମରେ ତାଙ୍କର ପ୍ରଦତ୍ତ ବାଣୀ :

''ଏକ ଅନିତ୍ୟ ଶରୀରର ଜନ୍ମତିଥିକୁ ଉତ୍ସବ ରୂପେ ପାଳନ କରିବାରେ ହୁଏତ କେତେକ ଶ୍ରଦ୍ଧା ଭକ୍ତିପୂତ ବିଶ୍ୱସ୍ତ ହୃଦୟର ଭାବାନୁଭୂତିରେ ତୃପ୍ତି ଆଣିଦେବ ।

''ପୃଥିବୀପୃଷ୍ଠରେ ଶାଶ୍ୱତ ପରମ ଚେତନାର ଅଭିବ୍ୟକ୍ତିର ଆବାହନକୁ ଉତ୍ସବ ରୂପେ ବିଶ୍ୱ-ଇତିହାସର ପ୍ରତିଟି ମୁହୂର୍ତ୍ତରେ, ଅନୁକ୍ଷଣ ପାଳନ କରାଯାଇପାରେ ।

''ମାତ୍ର ଏକ ନୂତନ ଜଗତର ଆବିର୍ଭାବକୁ, ଅତିମାନସ ଜଗତର ଆବିର୍ଭାବକୁ ଉତ୍ସବ ରୂପେ ପାଳନ କରିବା ହେଉଛି ଏକ ଅତ୍ୟାଶ୍ଚର୍ଯ୍ୟ ଏବଂ ଅପୂର୍ବ ପ୍ରଶଂସନୀୟ ସୌଭାଗ୍ୟ ।'' (MCW, Vol. 15, P. 106)

ଉତ୍ସବ ପାଳନ କରିବା ଅପେକ୍ଷା ଏଥିରେ ଟିକିଏ ଅଧିକ ତାତ୍ପର୍ଯ୍ୟ ରହିଛି । ଏକ ଉତ୍ସବ ଦ୍ୱାରା ସ୍ମୃତି ରକ୍ଷା କରିବା । ଆମେ ଏକ ନିର୍ଦ୍ଦିଷ୍ଟ ଦିନରେ ଏକାଗ୍ର ହେଉ ଏବଂ ତଦ୍ଦ୍ୱାରା କେତେକ ଊର୍ଦ୍ଧ୍ୱତର ସମ୍ଭାବନାରାଜିର ଅବତରଣ ସକାଶେ ଏକ ଉପଯୁକ୍ତ ପରିବେଶ ସୃଷ୍ଟି ହୁଏ । ପ୍ରକୃତରେ କହିବାକୁ ଗଲେ, ମୁଁ ଅନେକ ଥର ୧୫ ଅଗଷ୍ଟରେ ବା ତା'ର ପାଖାପାଖି ଦିନରେ ଊର୍ଦ୍ଧ୍ୱତର ଜ୍ୟୋତିଃର ସଂସ୍ପର୍ଶରେ ଆସିଛି ।(୩)

ଶିଷ୍ୟ : ଏହି ୧୫ ଅଗଷ୍ଟରେ ଆମେ କିଛି ଆଧ୍ୟାତ୍ମିକ ଜ୍ଞାନାଲୋକ ଲାଭ କରିବା ସକାଶେ ଆଶାପୋଷଣ କରିଛୁ ।

ଶ୍ରୀଅରବିନ୍ଦ : ଏଠାରେ ଯେଉଁମାନେ ରହିଛନ୍ତି, ସେମାନଙ୍କ ଦ୍ୱାରା ସୃଷ୍ଟ ପରିବେଶର ଅବସ୍ଥା ଉପରେ ଏହା ସଂପୂର୍ଣ୍ଣରୂପେ ନିର୍ଭର କରୁଛି । ଯଦି ସେମାନେ ଏକ ବିସ୍ତୃତ, ପରିବ୍ୟାପ୍ତ ସ୍ଥିରତା ସହ ଏକ ଗ୍ରହଣକ୍ଷମ ଆନ୍ତର ମନୋଭାବ ବଜାୟ ରଖିପାରନ୍ତି, ତେବେ ଊର୍ଦ୍ଧ୍ୱତର ବସ୍ତୁ କିଛି ଅବତରଣ କରିପାରେ । କିନ୍ତୁ, ଏହା କେବେହେଲେ ଏକ ନିର୍ଦ୍ଦିଷ୍ଟ ଦିନରେ ଘଟିବା ଉପରେ ନିର୍ଭର କରେ ନାହିଁ, ଏହା ଯେକୌଣସି ଦିନରେ ଘଟିପାରେ, ଯେତେବେଳେ ଉପଯୁକ୍ତ ବା ଅନୁକୂଳ ପରିବେଶର ସୃଷ୍ଟି ହୋଇଥାଏ ।

ଗତ ଦୁଇ ବର୍ଷ ଧରି (୧୯୨୪ ଓ ୨୫) ଅଗଷ୍ଟ ୧୫ରେ ମୁଁ କେବଳ ଜ୍ଞାନାଲୋକ-ବର୍ଜିତ ଅନ୍ଧକାର ପ୍ରାଣିକ ଶକ୍ତିର ଉତ୍‌ଫୁଲ୍ଲ ବା ଅସଂଯତ ଭାବରେ କ୍ରିୟାରତ ଥିବାର ଲକ୍ଷ୍ୟ କରି ଆସୁଛି – ଆଧ୍ୟାତ୍ମିକ ଜ୍ଞାନାଲୋକର କୌଣସି ଚିହ୍ନବର୍ଣ୍ଣ ନଥିଲା । ଅସାଧାରଣ ସାମର୍ଥ୍ୟଯୁକ୍ତ ବିଶୃଙ୍ଖଳ ଶକ୍ତିର ଲୀଳାଖେଳା ଅହରହ ଚାଲିଥିଲା । ଏହାର କାରଣ, ପ୍ରଥମତଃ, ରୀତିସିଦ୍ଧ ପ୍ରଥାସମ୍ମତ କ୍ରିୟାକଳାପ ଉପରେ ଏବଂ ରୋଷେଇବାସ ଉପରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ଦ୍ୱିତୀୟତଃ, ଏଠାରେ ବିଭିନ୍ନ ଧରଣର ଲୋକମାନଙ୍କର (ଦର୍ଶନାର୍ଥୀମାନଙ୍କର) ସମାଗମ ଘଟିଥିଲା, ସେମାନେ ନିଜ ନିଜ ଭିତରେ କେବେହେଲେ ଏକ ସାମଞ୍ଜସ୍ୟପୂର୍ଣ୍ଣ ଆବହାଓଆ ସୃଷ୍ଟି କରିପାରନ୍ତି ନାହିଁ ଯଦ୍ଦ୍ୱାରା ଏଠାରେ ବାସ କରୁଥିବା ଅନ୍ତେବାସୀଙ୍କ ସକାଶେ ତଥା ଅନ୍ୟମାନଙ୍କ ସକାଶେ ମଧ୍ୟ ଏକ ବିଶୃଙ୍ଖଳ ପରିବେଶ ସୃଷ୍ଟି କରିଥା'ନ୍ତି ।

ମୁଁ ଚାହେଁ ଏହି ଦିନଟି ଶାନ୍ତ, ସ୍ଥିର ଭାବରେ ଅତିବାହିତ ହେଉ ଏବଂ ବିକଶିତ ବୌଦ୍ଧିକ ପ୍ରଶ୍ନସବୁର ଆଲୋଚନାରେ ଯୋଗ ଦେବାକୁ ଅଥବା ସେଗୁଡ଼ିକର ଉତ୍ତର ଦେବାକୁ ନିଜକୁ ନିୟୋଜିତ ନକରି, ତୁମମାନଙ୍କ ସହିତ ଅତିମାନସିକ ନିରବତାରେ ଯୋଗାଯୋଗ ରଖିବା ସକାଶେ ଏକାଗ୍ର ରହିବାକୁ ଅଧିକ ଉଚିତ ମନେକରେ ।

ଶିଷ୍ୟ : ଏହି ଦିନରେ ଆପଣଙ୍କୁ ମାଲ୍ୟାର୍ପଣ କରିବାରେ କୌଣସି ଆପତ୍ତି ଅଛି କି ?

ଶ୍ରୀଅରବିନ୍ଦ : ନିଶ୍ଚିତ ରୂପେ ଯଥେଷ୍ଟ ରହିଛି ।

ଶିଷ୍ୟ : ତା'ହେଲେ ଆମକୁ ୧୫ ଅଗଷ୍ଟ ପାଳନ ସକାଶେ କିଛି ପରିକଳ୍ପନା ଦିଅନ୍ତୁ ।

ଶ୍ରୀଅରବିନ୍ଦ : ମୁଁ ପରିକଳ୍ପନା କରେ ନାହିଁ ।

(ତତ୍ରୈବ; ପୃ. ୨୨-୨୩)

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

---

(୩) ୧୯୦୮ରେ 'ଆଲିପୁର ବୋମା ମୋକଦ୍ଦମା'ର ବିଚାର କଲିକତାର ମାଜିଷ୍ଟ୍ରେଟ ବାର୍ଲିଙ୍କ କୋର୍ଟରେ ଚାଲିଥିବା ବେଳେ ୧୫ ଅଗଷ୍ଟରେ ବିଚାର ପରେ ଆସାମୀମାନଙ୍କର ଅସମ୍ଭବ ଭାବରେ ଆନନ୍ଦୋଲ୍ଲାସରେ ଅତ୍ୟନ୍ତ ଆଗ୍ରହାନ୍ୱିତ ହୋଇ କୋର୍ଟକୁ ନିୟମିତ ଆସୁଥିବା ଏକ ଆଗନ୍ତୁକ ଅତି କଷ୍ଟରେ ଶ୍ରୀଅରବିନ୍ଦଙ୍କୁ ସାକ୍ଷାତ୍ କରି ଏହାର କାରଣ ଜାଣିବାକୁ ଚାହିଁଥିଲେ । ଶ୍ରୀଅରବିନ୍ଦଙ୍କ ଉତ୍ତର ଏହି ମର୍ମରେ ଥିଲା : ''ଆଜି ମୋର ଜନ୍ମଦିନ, ୧୮୭୨ ଅଗଷ୍ଟ ୧୫ରେ ମୁଁ ଜନ୍ମଲାଭ କରିଥିଲି । ଏହି ପରିସ୍ଥିତିରେ ଆମେ ଏହାକୁ ପାରୁପର୍ଯ୍ୟନ୍ତ ପାଳନ କରୁଛୁ । ୧୯୦୬ରେ ମୋ ଜନ୍ମୋତ୍ସବରେ... କଲିକତାରେ ଜାତୀୟ ମହାବିଦ୍ୟାଳୟର ଦ୍ୱାର ଉନ୍ମୋଚିତ ହୋଇଥିଲା । ... ୧୯୦୭ରେ ମୋ ଜନ୍ମଦିନର ଦିନେ ଆଗରୁ କି ଦିନେ ପରେ ମୁଁ 'ବନ୍ଦେ ମାତରମ୍'ର ରାଜଦ୍ରୋହମୂଳକ ମୋକଦ୍ଦମାରେ ଗିରଫ ହୋଇଥିଲି । ଆଜି ପୁଣି ମୋ ଜନ୍ମଦିନରେ ମାଜିଷ୍ଟ୍ରେଟ ଘୋଷଣା କଲେ ଯେ ମୋକଦ୍ଦମାଟି ରାଜଦ୍ରୋହମୂଳକ ମୋକଦ୍ଦମା ନୁହେଁ, ଏହା ଏକ ରାଷ୍ଟ୍ରବୈପ୍ଳବିକ ମୋକଦ୍ଦମା ।... ତେଣୁ ପ୍ରତିବର୍ଷ ମୋ'ର ଜନ୍ମଦିନରେ ଘଟୁଥିବା ଯୁଗପତ୍ ଏହିସବୁ ଘଟଣାକୁ ମୁଁ କହେ ଏକ ଆଶ୍ଚର୍ଯ୍ୟଜନକ ଯୋଗାଯୋଗ (a remarkable string of coincidences) ।''

('ନବପ୍ରକାଶ', ମାର୍ଚ୍ଚ ୨୦୦୯, ପୃ. ୧୬ - ୧୭)

କାହାଣୀ :

# ଦୁଇକୋଟି ମୁଦ୍ରା ବନାମ ଦୁଇଗୋଟି ମୁଦ୍ରା

ଗୁରୁକୁଳରେ ରାଜକୁମାର ବିଜୟେନ୍ଦ୍ରଙ୍କ ସହପାଠୀ ଥିଲେ ଶ୍ରୀମନ୍ତ । ଅଧ୍ୟୟନ ସମାପନ ହୁଅନ୍ତେ ରାଜକୁମାର ଲେଉଟି ଆସିଲେ ନଅରକୁ । ଯଥା ସମୟରେ ସେ ରାଜା ହେଲେ । ଶ୍ରୀମନ୍ତ ଗୁରୁଙ୍କ ଅନ୍ତେ ହେଲେ ତାଙ୍କ ଆଶ୍ରମ ତଥା ଗୁରୁକୁଳର ଅଧ୍ୟକ୍ଷ; ଅର୍ଥାତ୍ ଗୁରୁ ।

ରାଜା ବିଜୟେନ୍ଦ୍ର ଶ୍ରୀମନ୍ତଙ୍କୁ ଖୁବ୍ ସମ୍ମାନ କରୁଥା'ନ୍ତି । ମଝେ ମଝେ ଆଶ୍ରମ ଯାଇ ସେ ଶ୍ରୀମନ୍ତଙ୍କୁ ତାଙ୍କ ନଅରକୁ ଆସିବା ନିମନ୍ତେ ନିମନ୍ତ୍ରଣ ଜଣାଉଥା'ନ୍ତି ।

ଆଶ୍ରମର ଦାୟିତ୍ୱ ନେବାର ପ୍ରଥମ ପାଞ୍ଚବର୍ଷକାଳ ଶ୍ରୀମନ୍ତ ବହୁତ ବ୍ୟସ୍ତ ରହିଲେ । ତା'ପରେ ମିତ୍ରଙ୍କ ସହ କିଛିଦିନ କଟାଇବା ନିମନ୍ତେ ଆସି ପହଞ୍ଚିଲେ ନଅରରେ ।

ଦୁଇବନ୍ଧୁ ନାନାଦି ଗପସପରେ ବିତାଇଲେ ପ୍ରଥମ ଦୁଇଦିନ । ତା'ପରେ ରାଜା ବିଜୟେନ୍ଦ୍ର ଶ୍ରୀମନ୍ତଙ୍କ ସହ ରାଜ୍ୟର ଶାସନ ଓ ଶୃଙ୍ଖଳା ସମ୍ପର୍କରେ ଆଲୋଚନା କଲେ । ସେ କହିଲେ, ''ବନ୍ଧୁ ! ରାଜ୍ୟର ମଙ୍ଗଳ ନିମନ୍ତେ ମୁଁ ନେଇଛି ତିନୋଟି ବିଶେଷ ପଦକ୍ଷେପ । ରାଜ୍ୟବ୍ୟାପୀ ଧର୍ମର ନୀତିନିୟମ ପ୍ରଚାରିତ ହେଉଛି । ଅଧର୍ମର ପରିଣାମ ସମ୍ପର୍କରେ ପ୍ରଜାମାନଙ୍କୁ ସତର୍କ କରିଦେବା ନିମନ୍ତେ ସୁବକ୍ତା ଧର୍ମପ୍ରଚାରକମାନଙ୍କୁ ନିଯୁକ୍ତ କରାଯାଇଛି । ଦ୍ୱିତୀୟରେ ସମସ୍ତେ ଯେପରି ସଭ୍ୟ ସୁଧାର ଆଚରଣ କରିବେ, ସର୍ବସାଧାରଣ ଉଦ୍ୟାନ, ମନ୍ଦିର ଇତ୍ୟାଦିକୁ ପରିଚ୍ଛନ୍ନ ରଖିବେ ସେ ପାଇଁ ସମସ୍ତଙ୍କୁ ତାଗଦା କରିଦିଆଯାଉଛି । ଯିଏ ଅନ୍ୟଥା କରିବ, ତାକୁ ଦଣ୍ଡ ଦିଆଯିବ । ତୃତୀୟରେ ଆମ ଦୁର୍ଗ ପ୍ରାଚୀରକୁ ଉଚ୍ଚ କରାଯାଇଛି । ପ୍ରାଚୀର ତଥା ଦ୍ୱାରଦେଶରେ କବାଟସବୁକୁ ଅଧିକ ଶକ୍ତ କରାଯାଇଛି । ସହଜରେ କୌଣସି ଅନାକାଂକ୍ଷିତ ଲୋକ ଦୁର୍ଗ ଭିତରକୁ ଆସିପାରିବେ ନାହିଁ । ଦ୍ୱାରରକ୍ଷୀମାନେ ରାତ୍ରିର ପ୍ରଥମ ପ୍ରହର ଅନ୍ତେ ଦୁର୍ଗ ଭିତରକୁ କାହାକୁ ଆସିବାକୁ ଦେବେ ନାହିଁ ।''

''ରାଜା ଭାବରେ ତୁମ କର୍ତ୍ତବ୍ୟ ତୁମେ ନିର୍ବାହ କରୁଛ ଉତ୍ତମ ଭାବେ । ଚାଲ ଦେଖିବା, ଏସବୁ ନୀତି ବାସ୍ତବିକ କେତେ ମାତ୍ରାରେ ପାଳନ କରୁଛନ୍ତି ଲୋକେ ।'' କହିଲେ ଶ୍ରୀମନ୍ତ ।

ଶେଷ ଅପରାହ୍ଣରେ ଦୁଇବନ୍ଧୁ ସାଧାରଣ ନାଗରିକ ବେଶରେ ପ୍ରାସାଦ ତଥା ପ୍ରାସାଦକୁ ଘେରି ରହିଥିବା ବ୍ୟାପକ ଦୁର୍ଗ ପରିସର ବାହାରକୁ ଚାଲିଗଲେ । ମନ୍ଥର ଗତିରେ ରାଜଧାନୀର ଅବସ୍ଥା ପର୍ଯ୍ୟବେକ୍ଷଣ କରୁଁ କରୁଁ ସୂର୍ଯ୍ୟାସ୍ତବେଳେ ଦୁହେଁ ପହଞ୍ଚିଲେ ଗଙ୍ଗାନଦୀ ଘାଟରେ । ଘାଟ ପାହାଚ ଉପରେ ଦୁହେଁ ବସିଥା'ନ୍ତି, ଦେଖିଲେ ଜଣେ ଧର୍ମପ୍ରଚାରକ ନଦୀରେ ପ୍ରବେଶ କଲେ; କିନ୍ତୁ ସେ ତାହା କଲେ ତୁଚ୍ଛା ସ୍ନାନ ପାଇଁ ନୁହେଁ । ହାତରେ ସେ ଗୋଟାଏ ପାତ୍ର ଧରିଥା'ନ୍ତି । ଛାତି ପର୍ଯ୍ୟନ୍ତ ଜଳରେ ପଶି ସେ ପାତ୍ରର ପାନୀୟତକ ପିଇଗଲେ । ଘାଟ ପର୍ଯ୍ୟନ୍ତ ସେ ପାନୀୟର ବାସନା ଆସୁଥାଏ । ତାହା ଉତ୍କଟ ମଦ । ପିଇସାରି ଘାଟ ପାହାଚ ପାଖ ନରମ ମାଟି ଉପରକୁ ପାତ୍ରଟି ଫୋପାଡ଼ି ଦେଇ ଧର୍ମପ୍ରଚାରକ ଜଣକ ସ୍ନାନ ସମାପନ କଲେ ଓ ଉପରକୁ ଆସିଲେ ।

''ନମସ୍କାର । ଆପଣଙ୍କୁ ମୁଁ ସଭାରେ ଦେଖିଛି । ଆପଣ ଜଣେ ଧର୍ମପ୍ରଚାରକ ନୁହନ୍ତି କି ?'' ଛଦ୍ମବେଶୀ ରାଜା ପଚାରିଲେ ।

''ଠିକ୍ ଚିହ୍ନିଛନ୍ତି । ଆପଣଙ୍କ ପରିଚୟ ?'' ପଚାରିଲେ ପ୍ରଚାରକ ।

''ଆମେ ଛୋଟକାଟିଆ ବ୍ୟବସାୟୀ । ଆଜି ଆମର ଛୁଟି । ଟିକିଏ ଆରାମ କରୁଛୁଁ । ଆପଣ ତ ଏଇ ପାଖ ଦୋକାନରୁ ମଦ କିଣି ଆଣିଥିଲେ ବୋଲି ମନେହେଲା । ଭଲ ?'' ରାଜା ପଚାରିଲେ ।

''ମନ୍ଦ ନୁହେଁ । ସେ ପାତ୍ରରେ ଟିକିଏ ଅଛି । ଚାଖି ପାର । ତୁମକୁ ଭଲ ଲାଗିଲେ କିଣିବ !'' ପ୍ରଚାରକ ପରାମର୍ଶ ଦେଲେ ।

''ଧନ୍ୟବାଦ । କିନ୍ତୁ ଆପଣ ତ ବାରଂବାର କହିଛନ୍ତି ମଦ ପିଇବା ପାପ !'' ରାଜା ମନେ ପକାଇଦେଲେ ।

''ଆରେ ବାବୁ, ଧର୍ମର ତତ୍ତ୍ୱ ଗୂଢ଼ । ମଦ୍ୟପାନ ନିଶ୍ଚୟ ପାପ । କିନ୍ତୁ ମୁଁ କେଉଁଠି ଠିଆହୋଇ ପିଉଥିଲି ?'' ପଚାରିଲେ ପ୍ରଚାରକ ।

''ନଈ ମଝିରେ !'' କହିଲେ ରାଜା ।

''ଆହା ! ଖାଲି ନଈ ବୋଲି କହିଦେଲେ ହେଲା ? ଏ ନଈର ନାମ ଜଣା ନାହିଁ, ବ୍ୟବସାୟୀ ମହାଶୟ ?''

''ଜଣାଅଛି ଆଜ୍ଞା, ଏହା ଗଙ୍ଗାନଦୀ ।''

''ତା'ହେଲେ ? ତୁମକୁ କ'ଣ ଜଣାନାହିଁ ଯେ ଗଙ୍ଗା ସବୁ ପାପ ଧୋଇନିଏ ?

ମୁଁ ଗଙ୍ଗା ମଝିରେ ଠିଆହୋଇ ମଦ ପିଇ ଯେତିକି ପାପ ଅର୍ଜୁଥିଲି, ତାହା ସଙ୍ଗେ ସଙ୍ଗେ ଗଙ୍ଗା ସ୍ରୋତରେ ଧୋଇ ହୋଇଯାଉଥିଲା । ବୁଝିଲ କିଛି ?''

''ଆଜ୍ଞା ହଁ, ବହୁତ କିଛି ବୁଝିଲି ।'' କହିଲେ ରାଜା ।

ରାଜା ଏବଂ ଶ୍ରୀମନ୍ତ ଏହାପରେ ଦୁର୍ଗଆଡ଼େ ଫେରିବା ବାଟରେ ଗୋଟାଏ ମନ୍ଦିର ଭିତରେ ପଶିଲେ । ସନ୍ଧ୍ୟା ଆଳତି ଚାଲିଥାଏ । ଦେଖିସାରି ଦୁହେଁ ବାହାରି ଆସିଲେ । ମନ୍ଦିର ଆଗରେ ପ୍ରତିଷ୍ଠାନର ତତ୍ତ୍ୱାବଧାରକ ବୁଲୁଥା'ନ୍ତି । ରାଜା ଇଚ୍ଛାକରି ମନ୍ଦିର ପିଣ୍ଡା ପାଖରେ ଛେପ ପକାଇଦେଲେ ।

''ହେଇଟି ବାବୁ ! ତୁମକୁ ଆଇନକାନୁନ ଜଣା ନାହିଁ ? ଏଠି ଛେପ ପକାଇଲେ ଅର୍ଦ୍ଧମୁଦ୍ରା ଜୋରିମାନା ଦେବାକୁ ପଡ଼େ । ବାହାର କର ।'' ତତ୍ତ୍ୱାବଧାରକ କଡ଼ା କଣ୍ଠରେ କହିଲେ ।

''ବାବୁ, ଆମକୁ ଛାଡ଼ିଦିଅ । ଆମେ ଜାଣି ନଥିଲୁ ।'' ରାଜା ମିନତିଭରା କଣ୍ଠରେ କହିଲେ ।

''ମୋର ସେ ଅଧିକାର ନାହିଁ । ବିଳମ୍ବ କରନା । ଅର୍ଦ୍ଧମୁଦ୍ରା ବାହାର କର ।''

''ଆଜ୍ଞା, ମୋଠିଁ ରେଜା ନାହିଁ । ମୁଦ୍ରାଟିଏ ଦେଉଛି । ମୋତେ ଅର୍ଦ୍ଧମୁଦ୍ରା ଫେରସ୍ତ ଦିଅନ୍ତୁ ।'' ଏହା କହି ରାଜା ରୌପ୍ୟମୁଦ୍ରାଟିଏ ବଢ଼ାଇଦେଲେ ।

ତତ୍ତ୍ୱାବଧାରକ ପ୍ରୀତ ହେବାପରି ମନେ ହେଲା । କିନ୍ତୁ ସେ ନିଜ ଅଣ୍ଟା ଅଣ୍ଡାଳି କହିଲେ, ''ଆରେ, ଆରେ ମୋଠିଁ ମଧ ରେଜା ନାହିଁ ।''

''ତେବେ ? କ'ଣ କରାଯିବ ଏବେ ?'' ରାଜା ବିବ୍ରତଭାବ ଦେଖାଇ ପଚାରିଲେ ।

ସମସ୍ୟାଟି ଉପରେ ଖୁବ୍ ଗୁରୁତ୍ୱ ଦେବାଭଳି ଭାବ ଦେଖାଇ ତତ୍ତ୍ୱାବଧାରକ ତା'ର ସମାଧାନଟି ଅଳ୍ପ ହସି ଜଣାଇଲେ, ''ଗୋଟାଏ କାମ କର । ତୁମେ ଆଉଥରେ ଛେପ ପକାଇପାର । ତା'ହେଲେ ମୋତେ ଆଉ କିଛି ଫେରସ୍ତ ଦେବାକୁ ପଡ଼ିବ ନାହିଁ; ତୁମକୁ ବି ଅପେକ୍ଷା କରିବାକୁ ପଡ଼ିବ ନାହିଁ । ବର୍ତ୍ତମାନ ଛେପ ପକାଇବାକୁ ମନ ହେଉ ନଥିଲେ ଏ ବାଟରେ ଫେରିବାବେଳେ ପକାଇଦେଇ ଚାଲିଯିବ । ହେଲା ? ମୁଁ ଯାଏଁ ।''

ତତ୍ତ୍ୱାବଧାରକ ଚାଲିଗଲେ ।

ରାଜା ଓ ତାଙ୍କ ମିତ୍ର ରାଜପଥକୁ ଆସିଲେ । ରାଜା ମୁଣ୍ଡ ତଳକୁ କରି ବାଟ ଚାଲୁଥା'ନ୍ତି । ଶ୍ରୀମନ୍ତ ତାଙ୍କୁ ନାନା କଥା କହି ତାଙ୍କ ଚିନ୍ତା ଦୂର କରିବାକୁ ଚେଷ୍ଟା କରୁଥା'ନ୍ତି ।

ଟିକିଏ ବୁଲାବୁଲି କରି ସେମାନେ ରାତ୍ରିର ପ୍ରଥମ ପ୍ରହର ଅତିବାହିତ ହେବାପରେ ଦୁର୍ଗ ଦ୍ୱାରରେ ପହଞ୍ଚିଲେ ।

''ଦୁର୍ଗଦ୍ୱାର ବନ୍ଦ ହୋଇଗଲାଣି । ଆଜି ଆଉ ଭିତରକୁ ଯାଇପାରିବେ ନାହିଁ !'' ଦ୍ୱାରରକ୍ଷୀ ଶୁଣାଇଦେଲେ ।

''ଆରେ ଭାଇ, ଆମର ସାମାନ୍ୟ ମାତ୍ର ବିଳମ୍ବ ହୋଇଛି । ଜରୁରୀ କାମ ଅଛି । ଛାଡ଼ିଦିଅ ।'' ରାଜା କହିଲେ ।

''ଅସମ୍ଭବ ! ଆମ ରାଜା ଏସବୁ ନିୟମଶୃଙ୍ଖଳା ଉପରେ ବିଶେଷ ଗୁରୁତ୍ୱ ଦିଅନ୍ତି । ଆପଣମାନେ ସକାଳେ ଆସନ୍ତୁ ।''

''ଦେଖ ବାବୁ, ମୋ ଶଳାଟି ଦୁର୍ଗ ଭିତରେ ରହେ । ତା' ସହ ଆମର ଖିଆପିଆ ହେବା କଥା । ସେ ପଲଉ, ହରେକ୍ ସବ୍‌ଜି, ଖିରି, ଲଡ୍ଡୁ, ନାନା ଚିଜ ଯୋଗାଡ଼ କରି ରଖିଥିବ । ଟିକିଏ ବିବେଚନା କର ।''

''ମୋ ପାଟିରୁ ବି ତ ଲାଳ ବହିଲାଣି । ମୋର ଆପଣମାନଙ୍କ ପ୍ରତି ସହାନୁଭୂତି ଅଛି । କିନ୍ତୁ...''

ରାଜା ରକ୍ଷୀ ହାତରେ ଗୋଟାଏ ରୌପ୍ୟମୁଦ୍ରା ଗୁଞ୍ଜିଦେଲେ । ସେ ଆପ୍ୟାୟିତ ଦିଶିଲା, କିନ୍ତୁ କହିଲା, ''ଆପଣ ଦୁଇଜଣଯାକ ଯିବେ ପରା ?''

ରାଜା ଆଉ ଗୋଟିଏ ମୁଦ୍ରା ଧରାଇଦେଲେ । ରକ୍ଷୀ ସଙ୍ଗେ ସଙ୍ଗେ ଦ୍ୱାର ଖୋଲିଦେଲା ।

ରାଜା ଓ ଶ୍ରୀମନ୍ତ ଆସି ପ୍ରାସାଦରେ ପହଞ୍ଚିଲେ । ନୈଶାହାରବେଳେ ଶ୍ରୀମନ୍ତ ହସି ହସି ରାଜାଙ୍କୁ କହିଲେ, ''ଏମିତି ଗମ୍ଭୀର ବା ହତାଶ ହେଲେ ଚଳିବ ? ତୁମେ ଯାହାସବୁ କରିଛ, ସେସବୁ ଠିକ୍ । କିନ୍ତୁ ଅସଲ କଥା ହେଲା ମଣିଷର ଚେତନା । ନୀତିନିୟମ ସବୁ କାର୍ଯ୍ୟରେ ଲଗାଇବ ମଣିଷ; ସେସବୁ ବଳେ ବଳେ କାର୍ଯ୍ୟକାରୀ ହୋଇଯିବେ ନାହିଁ । ଚେତନା ବଦଳାଇବା ଦୁରୂହ ବ୍ୟାପାର । କିନ୍ତୁ ଆମେ ଚେଷ୍ଟା କରିଯିବା । ସମସ୍ତ ବିଦ୍ୟାଳୟରେ ପ୍ରଥମରୁ ପିଲାଙ୍କୁ ନୀତିନିୟମର ମୂଲ୍ୟ ବିଷୟରେ ଶିକ୍ଷା ଦିଆଯାଉ । ସେମାନଙ୍କ ଭବିଷ୍ୟତ୍, ପୁଣି ସେମାନଙ୍କ ପରେ ପରବର୍ତ୍ତୀ ପିଢ଼ିର ଭବିଷ୍ୟତ୍ କିପରି ଗୋଟାଏ ଦୁର୍ନୀତି-ମୁକ୍ତ ସମାଜ ଦ୍ୱାରା ସମ୍ଭବ ହେବ, ସେମାନଙ୍କୁ ଉପଯୁକ୍ତ

ଶିକ୍ଷାଦ୍ୱାରାହିଁ ସେ ବିଷୟରେ ସଚେତନ କରାଯାଇପାରିବ । ଆତ୍ମ-ପ୍ରବଞ୍ଚନାହିଁ ସବୁଠାରୁ ବଡ଼ ବିପଦ । ସେ ଧର୍ମପ୍ରଚାରକ ତାହାହିଁ କରୁଥିଲା । ସେ ବିଷୟରେ ଯଦି ଆମ ଶିକ୍ଷକମାନେ ପିଲାଙ୍କୁ ସଚେତନ କରିଦେବେ, ତେବେ ତୁମ ଉଦ୍ୟମ କିଛିଦୂର ସଫଳ ହେବ । ତେବେ ମଣିଷର ଚେତନା ବଦଳିବା ସହଜ ନୁହେଁ । ପ୍ରତ୍ୟେକେ ନିଜ ନିଜ କର୍ମଫଳ ଭୋଗୁଥିବେ । ପ୍ରକୃତିର ସେହି ବିଧାନ ଭିତରେ ଜନ୍ମଜନ୍ମାନ୍ତର ଯାପନ କରି ମଣିଷ କିଛି କିଛି ସଚେତନ ହେଉଥିବ । ଚିନ୍ତା ନାହିଁ । ଭଗବାନ୍ କରୁଣା କଲେ ଦିନେ ମଣିଷର ଚେତନାରୁ ଅଜ୍ଞାନତା ହଠାତ୍ ମଧ୍ୟ ଦୂର ହୋଇଯାଇପାରେ । ଆମେ ଯଥାସମ୍ଭବ ଚେଷ୍ଟା କରୁଥିବା । ଫଳ ଭଗବାନଙ୍କ ହାତରେ !''

ରାଜା ଆଶ୍ୱସ୍ତ ହେଲେ । ଏହା ମଧ୍ୟ ସେ ବୁଝିଲେ ଯେ ଖାଲି ନିୟମକାନୁନ ଚାଲୁ କରିଦେଲେ ସମାଜ ବଦଳିଯିବ ନାହିଁ କି ଦୁର୍ଗର ପ୍ରାଚୀର ଉଚ୍ଚ ଓ ଶକ୍ତ କରିଦେଲେ ଦୁର୍ଗ ନିରାପଦ ରହିପାରିବ ନାହିଁ । ଦୁଇକୋଟି ମୁଦ୍ରା ଯୋଗେ ନିର୍ମିତ ପ୍ରାଚୀର ଦୁଇଟି ମାତ୍ର ମୁଦ୍ରାରେ ଅର୍ଥହୀନ ହୋଇଯାଇପାରେ ।

(ମ. ଦା.)

❑❑❑

# ମକ୍ଷିକାର ସ୍ୱପ୍ନ

## ଅନାଦି ଚରଣ ସ୍ୱାଇଁ

ଜୀବନ ତୁମରି ଚରଣ କମଳେ
ମଧୁମକ୍ଷିକାଟି ହୋଇ
ମଧୁପାନେ ମତ୍ତ ହୋଇ ଦେଖୁଥିଲା
ସରଣୀ ବୁକୁରେ ଚାହିଁ । (୧)

ସରଗ ମରତ ହେଉ ବିପରୀତ
ଗୋଟିଏ ତାଙ୍କରି ହୃଦ
ସରଗରୁ ମର୍ତ୍ତ୍ୟ ମର୍ତ୍ତ୍ୟରୁ ସରଗ
ଶ୍ରୀଅରବିନ୍ଦ ବେଦ । (୨)

ଖରା ତାତିଗଲେ ଏହି ଜଳକଣା
ମେଘରୂପ ନିଏ ଉଚ୍ଚେ
ଆକାଶରୁ ଆସି ଏଇଠି ବରଷେ
କିଏ ଅବା ତାକୁ ବୁଝେ ! (୩)

ଫଳ ଖାଇ ଦେଇ ମଞ୍ଜି ଫିଙ୍ଗି ଦେଲେ
ଗଛରେ ଧରଇ ଫଳ
କିଏ ଅବା ଜାଣେ ଫଳ, ଗଛ ଏକ
ମାଟି ନୁହେଁ ସମତଳ । (୪)

ତୋର ମୋର ଭାବ ସଂଘର୍ଷ କଳହ
ପ୍ରେମ ହୁଏ ଅକାରଣ
କ୍ରୋଧ, ଘୃଣା ନିତି ଡିଣ୍ଡିମ ପିଟନ୍ତି
ଯେମିତି ଲଙ୍କା ରାବଣ । (୫)

ମାଆଗୋ ଏହି ସେ ଶ୍ରୀଚରଣ ତଳୁ
ପଙ୍କରୁ କ୍ଷୀଣ ମକ୍ଷିକା
ଆଶାକରେ ଜ୍ୟୋତିଃ ହୃଦୟେ ଆଳତି
କୋମଳ କୁଞ୍ଜ ନାୟିକା । (୬) ❑



# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୯)

**ମହେନ୍ଦ୍ର ନାଥ ସ୍ୱାଇଁ**

### ବିଶୁଦ୍ଧ ପ୍ରେମର ଅଗ୍ନିଶିଖା :

ଧ୍ୟାନ ଓ ପ୍ରାର୍ଥନାରେ ଦେବା ନେବାର (give and take) ଭାବକୁ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ବର୍ଣ୍ଣନା କରାଯାଇଛି । ପରମପ୍ରଭୁଙ୍କ ପାଦ ପଦ୍ମରେ ନିଜକୁ ଢାଳିଦେବା ଓ ତାଙ୍କର ଆଶୀର୍ବାଦକୁ ପ୍ରାପ୍ତ ହେବାହିଁ ଏହି ଦେବା-ନେବାର ସମ୍ପର୍କ ଅଟେ । ମା' ଏହି ଭାବଟିକୁ ମାର୍ଚ୍ଚ ୧୩, ୧୯୧୪ ପ୍ରାର୍ଥନାଟିରେ ପ୍ରକାଶ କରିଛନ୍ତି । ତାହା ଏହିପରି –

"Sweet Master of Love, grant that all my consciousness may be concentrated in Thee so that I may live only by love and light and that love and light may radiate through me and awaken in all on our journey; may this physical journey be like a symbol of our action and may we leave everywhere a trace of Thee like a trail of light and love."

''ହେ ପ୍ରେମର ମଧୁମୟ ପ୍ରଭୁ ! ଏହି ବର ପ୍ରଦାନକର ଯେପରି ମୋର ସମଗ୍ର ଚେତନା ଆପଣଙ୍କ ଭିତରେ ନିମଜ୍ଜିତ ହୋଇଯାଉ ଫଳତଃ କେବଳ ଆପଣଙ୍କ ପ୍ରେମ ଓ ଆଲୋକ ଭିତରେ ମୁଁ ବାସ କରେ ଏବଂ ସେହି ପ୍ରେମ ଏବଂ ଆଲୋକ ମୋ ଭିତର ଦେଇ ବିଚ୍ଛୁରିତ ହେଉ ଏବଂ ଆମ ଯାତ୍ରାପଥରେ ସମସ୍ତଙ୍କ ହୃଦୟରେ ଜାଗରିତ ହେଉ; ଏହି ସ୍ଥୂଳ ଶାରୀରିକ ଯାତ୍ରା ଆମ କାର୍ଯ୍ୟକଳାପର ପ୍ରତୀକଟିଏ ହୋଇ ଉଠୁ ଏବଂ ଆମର ଯାତ୍ରା ପଥରେ ସର୍ବତ୍ର ଆଲୋକ ଓ ଆନନ୍ଦର ପ୍ଲାବନ ରୂପରେ ଆପଣଙ୍କ ସ୍ୱରୂପର ଚିହ୍ନ ଛାଡ଼ିଯାଉ ।''

ସବୁକିଛି ସମର୍ପି ଦେବା ପରେ ମଧ୍ୟ ''ଫେରି ପାଇବା''ର (Return) ପ୍ରଶ୍ନ ଉଙ୍କି ମାରିଥାଏ । ଏହି ''ଫେରି ପାଇବାର'' ପ୍ରକୃତି ଓ ପ୍ରକାର ମଧ୍ୟ ପୃଥକ୍ । ଅଧିକନ୍ତୁ, ଏହା ପରମପ୍ରଭୁଙ୍କ ମହାନ୍ ଆଲୋକ – ''ଐଶ୍ୱର୍ଯ୍ୟ ପ୍ରାପ୍ତି ନିମନ୍ତେ ଏକ ପ୍ରାର୍ଥନା ମାତ୍ର – ଦାବି ନୁହେଁ (not a demand)'' । ପ୍ରାର୍ଥନାର ଉକ୍ତ ଅନୁଚ୍ଛେଦଟିରେ ମା' "May" – ଏହି କ୍ରିୟା ଶବ୍ଦଟିକୁ ଛଅଥର ବ୍ୟବହାର କରିଛନ୍ତି । ବାରଂବାର ଏହି ଶବ୍ଦଟିକୁ ବ୍ୟବହାର କରିବା ଯୋଗୁଁ ପ୍ରାର୍ଥନାର ଅନ୍ତଃସ୍ରୋତରେ ''ନମ୍ରତା''ର ଅପୂର୍ବ ଭାବକୁ ପ୍ରବାହିତ କରାଯାଇଛି ।

ପରିଶ୍ରମ ନିଷ୍ଫଳ ହୋଇପାରେ, କିନ୍ତୁ ଅନୁକମ୍ପା (Grace) ନିଜ ଆଲୋକର ଝଲକରେ, ଚମକରେ ପାଣିପାଗ ବା ପରିସ୍ଥିତିକୁ ସମ୍ପୂର୍ଣ୍ଣ ପରିବର୍ତ୍ତନ କରି ଦେଇପାରେ । ଚେତନାର ଜାଗରଣ ପାଇଁ ପରମପ୍ରଭୁଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ପଡ଼ିବ । ଯଦି ମସ୍ତକକୁ ଭୂମିରେ ଲଗାଇ – ଅର୍ଥାତ୍ ଆଭୂମ ପ୍ରଣାମ କରାଯାଏ ତେବେ ପ୍ରକୃତ ବିଶୁଦ୍ଧ ନମ୍ର-ଭାବ ପ୍ରକାଶିତ ହୋଇଥାଏ ଏବଂ ତତ୍କ୍ଷଣାତ୍ ପ୍ରଭୁଙ୍କ ପାଖରୁ ଉତ୍ତର ମିଳିବା ଆରମ୍ଭ ହୋଇଯାଇଥାଏ – ଆଲୋକର ସ୍ରୋତ ଆମ ସତ୍ତା ଭିତରକୁ ପ୍ରବାହିତ ହେବାକୁ ଆରମ୍ଭ କରିଥାଏ । ଆଧ୍ୟାତ୍ମିକ ଭାବକୁ ହୃଦୟରେ ସ୍ଥାନ ଦେଇଥିବା ବ୍ୟକ୍ତିଟିର ଆନନ୍ଦ ଏହି ସ୍ଥାନରେହିଁ ନିହିତ ଥାଏ । ସେହି ବ୍ୟକ୍ତି ପରମପ୍ରଭୁଙ୍କର ଆଲୋକ, ପ୍ରେମ ଓ ପ୍ରଶାନ୍ତିର ଏକ ଜୀବନ୍ତ ପରିବେଶ ଆଡ଼କୁ ଉଠିଯିବାକୁ ଆଶା ପୋଷଣ କରିଥାଏ । ଏହାହିଁ ଆତ୍ମ-ଦାନର ପରିଣାମ । ନିରବରେ ଉପରକୁ ଉଠୁଥିବା ଅଗ୍ନିଶିଖା ଓ ଧୂପଶିଖାଟିରୁ ଯେଉଁ ଆନନ୍ଦ ପ୍ରାପ୍ତ ହେଉଥାଏ ତାକୁ ନିରୀକ୍ଷଣ କରି ସାଧକର ହୃଦୟ ଦିବ୍ୟାନନ୍ଦ ଭାବରେ ଉଦ୍‌ବେଳିତ ହୋଇ ଉଠିଥାଏ ।

ଶ୍ରୀଅରବିନ୍ଦ ଯୋଗ ସମନ୍ୱୟରେ ଏହି ''ଫଳ ପ୍ରାପ୍ତିର ଆଶା'' (Return) ପ୍ରତି ଆମମାନଙ୍କ ଦୃଷ୍ଟି ଆକର୍ଷିତ କରିଛନ୍ତି । ଉକ୍ତ ଗ୍ରନ୍ଥର ''ଆତ୍ମ-ନିବେଦନ'' (The Sacrifice) ଅଧ୍ୟାୟରେ ତାଙ୍କର ସ୍ୱକୀୟ ଅନୁପମ ଭାଷାରେ :

"Our sacrifice is not a giving without any return or any fruitful acceptance from the other side; it is an interchange between the embodied soul and conscious Nature in us and the eternal Spirit. For even though no

return is demanded, yet there is the knowledge deep within us that a marvellous return is inevitable. The soul knows that it does not give itself to God in vain; claiming nothing, it yet receives the infinite riches of the divine Power and Presence." (p. 109)

''ଆମର ଆତ୍ମ-ନିବେଦନ ଏପରି ଏକ ନିବେଦନ ନୁହେଁ ଯାହା ଅପର ପକ୍ଷରୁ (ଯାହାଙ୍କୁ ନିବେଦନ କରାଯାଇଥାଏ) କୌଣସି ପ୍ରତ୍ୟାଶା ରଖେ ନାହିଁ ଅଥବା କୌଣସି ଫଳପ୍ରାପ୍ତିର ଆଶା ରଖେ ନାହିଁ; ଏହା ଆମ ସତ୍ତା ଭିତରେ ରୂପ ନେଇଥିବା ଆତ୍ମା (Soul), ଆମ ଭିତରେ ଥିବା ସଚେତନ ପ୍ରକୃତି (Conscious Nature) ଓ ଚିରନ୍ତନ ପରମାତ୍ମାଙ୍କ ମଧ୍ୟରେ ଏକ ଦେବାନେବାର ବା ଆଦାନ-ପ୍ରଦାନର ପ୍ରକ୍ରିୟା (Interchange) । ଯଦିଓ ଆତ୍ମ-ନିବେଦନରେ କିଛି ପାଇବାର ଦାବି ନଥାଏ, ତଥାପି ଆମ ଅନ୍ତରର ଗଭୀରରେ ଥିବା ଜ୍ଞାନ ଭିତରେ ଏକ ଚମତ୍କାର ଲାଭର ଆଶା ନିଶ୍ଚିତ ଭାବରେ ରହିଥାଏ । ଜୀବାତ୍ମା ଜାଣିଥାଏ ଯେ ପରମପ୍ରଭୁଙ୍କ ନିକଟରେ ତା'ର ଆତ୍ମ-ନିବେଦନ ନିଷ୍ଫଳ ହେବ ନାହିଁ; କିଛି ଦାବି କରେ ନାହିଁ, ତଥାପି, ଦିବ୍ୟଶକ୍ତି ଏବଂ ଦିବ୍ୟ-ଉପସ୍ଥିତି (Divine Power and Presence)ରୁ ସେ ଅପରିସୀମ ସମ୍ପଦ ଲାଭ କରିଥାଏ ।''

''କିଛି ନମାଗିଲେ ସବୁକିଛି ମିଳେ – ମାଗିଲେ କେବଳ ମାତ୍ର ମାଗିଥିବା ବସ୍ତୁଟିହିଁ ମିଳିଥାଏ ।'' – ଏହାହିଁ ଆତ୍ମ-ନିବେଦନର ନିର୍ଯାସ । ଏହି ପରିପ୍ରେକ୍ଷୀରେ ମାନସ ପଟରେ ସମ୍ମୁଖ ଭାଗକୁ ଭାସି ଆସୁଥିବା ଏକ ଘଟଣାର ଅବତାରଣା କରିବାର ଲୋଭ ସମ୍ବରଣ କରି ହେଉ ନାହିଁ । ତାହା ଏହିପରି :

ଆଶ୍ରମରେ 'ପ୍ରସ୍ପେରିଟି' (ଯେଉଁ ଷ୍ଟୋର୍‌ରୁ ସମସ୍ତ ଅନ୍ତେବାସୀଙ୍କୁ ସେମାନଙ୍କର ଆବଶ୍ୟକୀୟ ଦ୍ରବ୍ୟ ଯୋଗାଇ ଦିଆ ଯାଇଥାଏ) ଆରମ୍ଭ ହେଲା । ଉପଲବ୍ଧ ଦ୍ରବ୍ୟମାନଙ୍କର ଏକ ତାଲିକା ପ୍ରସ୍ତୁତ କରାଯାଇ ଅନ୍ତେବାସୀମାନଙ୍କ ମଧ୍ୟରେ ବାଣ୍ଟି ଦିଆଗଲା । ଯାହାର ଯାହା ଆବଶ୍ୟକ ସେହି ନିର୍ଦ୍ଦିଷ୍ଟ ଦ୍ରବ୍ୟମାନଙ୍କ ଉପରେ ଏକ ଛୋଟ ଦାଗ ଦେଇ, ଦସ୍ତଖତ କରି ଫେରାଇ ଦେବାକୁ ନିର୍ଦ୍ଦେଶ ଦିଆଯାଇଥିଲା । ସମସ୍ତେ ତାହାହିଁ କଲେ । କିନ୍ତୁ ଜଣେ ଦୁଇଜଣ ସାଧକ କୌଣସି ଜିନିଷରେ ଛୋଟ ଦାଗ ନଦେଇ, ଦସ୍ତଖତ କରି ତାଲିକାଟିକୁ ଫେରାଇ ଦେଲେ । ମା' ସେମାନଙ୍କର ତାଲିକା ଉପରେ 'ଆଶୀର୍ବାଦ' ଲେଖି ଦସ୍ତଖତ କରି ସେମାନଙ୍କୁ ଡକାଇ ପଠାଇ ତାଙ୍କ ହାତରେ ଧରାଇ ଦେଲେ । ସେମାନଙ୍କର ହୃଦୟ ଭିତରେ ମା'ଙ୍କର ସ୍ମିତହାସ୍ୟର ଅପୂର୍ବ ଆଲୋକର ପ୍ଲାବନ ଭର୍ତ୍ତି ହୋଇଗଲା – କୌଣସି ଦ୍ରବ୍ୟର ଅଭାବ ବୋଧ ସେଠାରେ କିପରି ବା ରହନ୍ତା ? ଅନ୍ୟ ସାଧକମାନଙ୍କର ପ୍ରଶ୍ନର ଉତ୍ତରରେ ସେମାନେ କହିଥିଲେ, ''ମା' ତ ସବୁ ଜାଣନ୍ତି – ଆମେ ତାଙ୍କ ପାଖରେ ନିବେଦିତ – ଆମର ଆବଶ୍ୟକତା ଅନୁସାରେ ସେ ସବୁକିଛି ଦେଇ ଦେଇଛନ୍ତି ।'' ଏହାହିଁ ଆତ୍ମୋତ୍ସର୍ଗର ଭାବ – ବିଶୁଦ୍ଧପ୍ରେମ ଅଗ୍ନିଶିଖାର ଊର୍ଦ୍ଧ୍ୱାୟିତ ଗତି ।

'ଧ୍ୟାନ ଓ ପ୍ରାର୍ଥନା' ପୁସ୍ତକର ଛତ୍ରେ ଛତ୍ରେ, ପ୍ରତ୍ୟେକ ପୃଷ୍ଠା ତଥା ଅନୁଚ୍ଛେଦରେ ମା' ଏତାଦୃଶ ଶ୍ରଦ୍ଧା ଓ ବିଶ୍ୱାସ (Faith)ର ଅବତାରଣା କରିଛନ୍ତି । ଏହି ଶ୍ରଦ୍ଧା ଓ ବିଶ୍ୱାସର ସହ ମା ପରମପ୍ରଭୁଙ୍କ ଉପସ୍ଥିତିକୁ ସମ୍ବୋଧନ କରିଛନ୍ତି । ମା'ଙ୍କର ଭାଷା ପ୍ରେମ, ଶ୍ରଦ୍ଧା ଓ ବିଶ୍ୱାସର ଭାଷା । 'ଧ୍ୟାନ ଓ ପ୍ରାର୍ଥନା'ର ପ୍ରତ୍ୟେକ ପୃଷ୍ଠାରେ ପ୍ରେମର ଅଗ୍ନିଶିଖା ପ୍ରଜ୍ୱଳିତ ହେଉଛି – ଏକଥା କହିଲେ ବାହୁଲ୍ୟ ହେବ ନାହିଁ । କେବଳ ସେତିକି ନୁହେଁ ଏହି ପୁସ୍ତକର ପୃଷ୍ଠାମାନଙ୍କରେ ଧୂପଶିଖାର ପବିତ୍ର ବାସ୍ନା, ଏକ ନୀରବ ନିଶ୍ଚଳ ରୂପ ଧାରଣ କରି ଊର୍ଦ୍ଧ୍ୱଗାମୀ ହେଉଅଛି । ଆମ ସାଧାରଣ ଦୃଷ୍ଟିକୁ ଧରା ଦେଉ ନଥିଲେ ମଧ୍ୟ ଏହା ଅନୁଷ୍ଠିତ ହେଉଅଛି ସୂକ୍ଷ୍ମ ଭାବରେ ।

ସମସ୍ତ ପ୍ରାର୍ଥନାରେ ଯେଉଁ ପ୍ରଭୁଙ୍କୁ ମା ସମ୍ବୋଧନ କରିଛନ୍ତି ତାଙ୍କର ଦିବ୍ୟ-ଉପସ୍ଥିତିର ଏକ ନିଶ୍ଚିତ ଅବତରଣ ଉପରେ ସେ ଦୃଢ଼ ବିଶ୍ୱାସ ପୋଷଣ କରିଛନ୍ତି । ପ୍ରେମର ପ୍ରତ୍ୟୁତ୍ତରରେ ଏକ ସମ୍ପୂର୍ଣ୍ଣ ବିଶ୍ୱାସର ଛାପ ଦେଖା ଦେଇଛି । ପୁରାତନ ବ୍ୟକ୍ତିତ୍ୱର ମୃତ୍ୟୁ ଘଟିଛି । ସେହି ମୃତ୍ୟୁ ପ୍ରକାଶ୍ୟରେ ନୁହେଁ, ଗୁପ୍ତରେ । କାରଣ ମୃତ୍ୟୁହିଁ କେବଳ ଅମୂଲ୍ୟ ସମ୍ପତ୍ତି ଆଣି ଦେଇପାରେ । ଏଠାରେ ଜାଜ୍ୱଲ୍ୟମାନ ପ୍ରେମର ବହୁଳତା ପ୍ରକାଶିତ ହୋଇ ନାହିଁ, କିନ୍ତୁ ସ୍ଥିର-ନିଶ୍ଚଳ ରୂପ ନେଇ ଦୃଷ୍ଟି ପଥାରୂଢ଼ ହେଉ ନଥିବା ଏକ ପ୍ରଜ୍ୱଳିତ ସୁବାସିତ ଧୂପକାଠିର ଶିଖା ଊର୍ଦ୍ଧ୍ୱକୁ ଉଠି ଚାଲିଛି, ଯାହାକୁ କେବଳ ଅଦ୍ୱିତୀୟ ପୁରୁଷ ପରମପ୍ରଭୁ ଦେଖୁଛନ୍ତି ଏବଂ ତାଙ୍କର ମହାର୍ଘ ଉତ୍ତର ମା'ଙ୍କ ପାଇଁ ଏକ ମୂଲ୍ୟବାନ୍ ସମ୍ପଦ ରୂପେ ପ୍ରତିଭାତ ହେଉଛି ।

ଡିସେମ୍ବର ୧୬, ୧୯୧୩ ପ୍ରାର୍ଥନାଟିରେ ମା କହୁଛନ୍ତି, ''ହେ ପ୍ରଭୁ ! ହେ ମୋର ମଧୁମୟ କର୍ତ୍ତା, ନିରବତା ଭିତରେ ମୁଁ ଆପଣଙ୍କୁ ପ୍ରାର୍ଥନା କରୁଛି । ସମ୍ପୂର୍ଣ୍ଣ ଭାବରେ ଆପଣଙ୍କ ପାଦପଦ୍ମରେ ନିଜକୁ ଉତ୍ସର୍ଗୀ ଦେଇଛି, ଆପଣ ମୋର ଏହି ଜୀବନକୁ ପରିଚାଳନା କରୁଛନ୍ତି, ମୋ ହୃଦୟରେ ଆପଣଙ୍କ ବିଶୁଦ୍ଧ ପ୍ରେମର ଅଗ୍ନିଶିଖା ପ୍ରଜ୍ୱଳିତ କରନ୍ତୁ । ଯାହା ଏକ ଲେଲିହାନ ଅଗ୍ନିଶିଖା ପରି ଉପରକୁ ଜଳି ଉଠୁ । ସକଳ ଅସମ୍ପୂର୍ଣ୍ଣତାକୁ ଜାଳି-ପୋଡ଼ି ଭସ୍ମ କରି ଦେଉ – ଏବଂ ମୃତ କାଷ୍ଠ ପରି ପଡ଼ି ରହିଥିବା ଅହଙ୍କାର ଓ କଳା କୋଇଲା ରୂପକ ଅଜ୍ଞାନତାକୁ ଆରାମଦାୟକ ଉଷ୍ମତା ଓ ବିଚ୍ଛୁରିତ ଆଲୋକରେ ରୂପାନ୍ତରିତ କରି ଦେଉ ।''

ପ୍ରଭୁ କୃପା କଲେ ହୃଦୟରେ ବିଶୁଦ୍ଧ ପ୍ରେମର ଅଗ୍ନି ସଂଯୋଗ ହୁଏ ଏବଂ ସେହି ପ୍ରେମାଗ୍ନି ଏତେ ଶକ୍ତିଶାଳୀ ଯେ ତାହା ସକଳ ଅନର୍ଥର ମୂଳଉତ୍ସ ଅହଙ୍କାରକୁ ତା'ର ଲହଲହ ଜିହ୍ୱାରେ ଚାଟି ଦିଏ । ତାକୁ ରୂପାନ୍ତରିତ କରିଦିଏ, ଫଳରେ ଅହଙ୍କାର ବାଟ ଓଗାଳି ଠିଆ ନହୋଇ ସାଧକକୁ ସାଧନା ପଥରେ ଚାଲିବା ନିମନ୍ତେ ଆରାମଦାୟକ ଉଷ୍ମତା ପ୍ରଦାନ କରେ । ସେହିପରି କଳା କୋଇଲା ରୂପକ ଅଜ୍ଞାନତା ମଧ ବଦଳିଯାଏ –''ଅଙ୍ଗାରକୁ ଶହେଥର ଧୋଇଲେ ତା'ର କାଳିଆ ରୂପ ଧଳା ହୁଏ ନାହିଁ'', କିନ୍ତୁ ପ୍ରେମର ଅଗ୍ନି ତାକୁ ପୋଡ଼ି ବିକିରିତ ହେଉଥିବା ଆଲୋକର ଉତ୍ସରେ ପରିଣତ କରି ଦେଇଥାଏ । ପ୍ରେମ ହେଉଛି ଏକ ନିରବ ଶକ୍ତି । ଏହା ସକଳ ପ୍ରକାର ଭୁଲ୍ ଏବଂ ଅଘଟଣକୁ ସୁଧାରି ଦେଇଥାଏ – ସେ ଜଳେ, ଅନ୍ୟକୁ ଆଲୋକ ଦେଖାଇବା ପାଇଁ ।

ମା ଉକ୍ତ ପ୍ରାର୍ଥନାର ପ୍ରଥମ ଅନୁଚ୍ଛେଦରେ ''ବିଶୁଦ୍ଧ ଏବଂ ନିଷ୍କାମ (Pure and Disinterested)'' ପ୍ରେମ ସମ୍ବନ୍ଧରେ ପ୍ରକାଶ କରିଛନ୍ତି । ''ହେ ପ୍ରଭୁ ! ଆପଣଙ୍କର ପ୍ରେମକୁ ଯେତିକି ପରିମାଣରେ ଗ୍ରହଣ କରିବାକୁ, ପ୍ରକାଶିତ କରିବାକୁ ଆମର କ୍ଷମତା ଅଛି ତାହାହିଁ ଯେଉଁମାନେ ଆପଣଙ୍କୁ ଖୋଜୁଛନ୍ତି ସେମାନଙ୍କର ହୃଦୟକୁ ଖୋଲିଦେବା ପାଇଁ ଏକମାତ୍ର ଚାବିକାଠି ।'' ତତ୍‌ପରେ ମା ପ୍ରଖର ଧୀଶକ୍ତି ସମ୍ପନ୍ନ ବ୍ୟକ୍ତିମାନଙ୍କ କଥା କହିଛନ୍ତି । ତାହା ଏହିପରି –

''ଯେଉଁମାନେ ପ୍ରଖର ବୁଦ୍ଧିକୁ ଅନୁସରଣ କରୁଛନ୍ତି, ସେମାନଙ୍କର ଖୁବ୍ ଉଚ୍ଚ ଏବଂ ପ୍ରକୃତ ଧାରଣାମାନ (Conception) ରହି ଥାଇପାରେ; ସେମାନଙ୍କ ପାଖରେ ପ୍ରକୃତ ଜୀବନର ସକଳ ପ୍ରକାର ସୂଚନା ଥାଇପାରେ – ଯେଉଁ ଜୀବନ ଆପଣଙ୍କୁ ଆପଣାର କରି ଚଳିପାରେ, ତାକୁ ମଧ ଜାଣିଥାଇ ପାରନ୍ତି; କିନ୍ତୁ ପ୍ରକୃତ ପକ୍ଷରେ ସେହି ଜୀବନଟି କ'ଣ ସେମାନେ ଜାଣି ନଥା'ନ୍ତି । ସେମାନଙ୍କ ପାଖରେ ସେହି ସମ୍ବନ୍ଧରେ କୌଣସି ଅନ୍ତଃ-ଅନୁଭୂତି ନଥାଏ ଏବଂ ଆପଣଙ୍କ ସହିତ ସକଳ ସମ୍ପର୍କ ରଖିବାରେ ଅନଭିଜ୍ଞ ହୋଇ ରହିଥା'ନ୍ତି । ଏହି ପ୍ରକାର ବ୍ୟକ୍ତିମାନଙ୍କର ଜ୍ଞାନ ପ୍ରଖର ଧୀଶକ୍ତି ସମ୍ପନ୍ନ ହୋଇଥିବାରୁ ସେମାନେ ଯାହା ଗଢ଼ନ୍ତି ତାହା ସର୍ବୋତ୍ତମ ବୋଲି ଧରି ନିଅନ୍ତି । ଏମାନଙ୍କୁ ବଦଳାଇବା ସବୁଠାରୁ କଷ୍ଟକର ବ୍ୟାପାର – ସେମାନଙ୍କ ଭିତରେ ଭଗବତ୍ ଚେତନା ଜାଗ୍ରତ୍ କରାଇବା କାଠିକର ପାଠ । ଅନ୍ୟପକ୍ଷରେ ଶ୍ରଦ୍ଧାଭାବ ସମ୍ପନ୍ନ ଯେକୌଣସି ବ୍ୟକ୍ତି ଭିତରେ ଏହି ଭାବକୁ ଜାଗ୍ରତ୍ କରାଇବା ଅତ୍ୟନ୍ତ ସହଜ ହୋଇଥାଏ ।''

''ପ୍ରେମହିଁ କେବଳ ଏହି ଅଦ୍ଭୁତ କାର୍ଯ୍ୟ କରିପାରେ – କାରଣ ପ୍ରେମ ରୁଦ୍ଧଦ୍ୱାର ଖୋଲି ଦେଇପାରେ, ପ୍ରତ୍ୟେକ କଠିନ କାନ୍ଥ ଭିତର ଦେଇ ଅନ୍ୟ ପାର୍ଶ୍ୱକୁ ଅନାୟାସରେ ପ୍ରବେଶ କରିପାରେ – ସକଳ ବାଧାବିଘ୍ନକୁ ପରିଷ୍କାର କରିଦିଏ । ସବୁଠାରୁ ସୁନ୍ଦର ବକ୍ତୃତାମାନଙ୍କ ଅପେକ୍ଷା ଏତେ ଟିକିଏ ପ୍ରକୃତ ପ୍ରେମ ବା ଭଲପାଇବା ବହୁତ କିଛି କରି ଦେଇଥାଏ ।''

''ହେ ପ୍ରଭୁ ! ଏହି ବିଶୁଦ୍ଧ ପ୍ରେମ-ପୁଷ୍ପ ମୋ ଭିତରେ ପ୍ରସ୍ଫୁଟିତ ହେଉ – ଆମ ପାଖକୁ ଆସୁଥିବା ସକଳ ଜୀବଙ୍କୁ ଏହାର ମହକ ବାଣ୍ଟି ଦେଉଥାଉ – ପୁନଶ୍ଚ ଏହି ମହକ ସେମାନଙ୍କୁ ପବିତ୍ର କରୁଥାଉ ।''

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା**

(୧) ଧ୍ୟାନ ଓ ପ୍ରାର୍ଥନା - ଶ୍ରୀମା;

(୨) Notes on Prayers and Meditations - Goutam Ghosal

# ଆଦର୍ଶ ମାତାପିତା

## (୮)

## ଶ୍ରୀମା

**ମା'ର ଯେଉଁ ଶିକ୍ଷା ଦରକାର :**

ବସ୍ତୁତଃ ଶିକ୍ଷାର ପରିପୂର୍ଣ୍ଣ ଫଳ ପାଇବାକୁ ହେଲେ ଜନ୍ମର ଆଗରୁ ତାହାର ଆରମ୍ଭ ହେବା ଆବଶ୍ୟକ । ଏହି ଶିକ୍ଷା ମାଆ ମଧ୍ୟରେ ଆରମ୍ଭ ହୁଏ ଦ୍ୱିବିଧ କ୍ରିୟା ଭିତର ଦେଇ – ପ୍ରଥମେ ସେ ନିଜେ ନିଜର ଉନ୍ନତି କରିବ; ଦ୍ୱିତୀୟରେ ସେ ଯେଉଁ ଶିଶୁକୁ ଅବୟବ ଦାନ କରୁଛି ତାହା ପ୍ରତି ମଧ୍ୟ ସଯତ୍ନ ଦୃଷ୍ଟି ଦେବାକୁ ହେବ । ଏକଥା ଧ୍ରୁବସତ୍ୟ ଯେ ଯେଉଁ ଶିଶୁଟି ଜନ୍ମଗ୍ରହଣ କରିବାକୁ ଯାଉଛି, ତାହାର ପ୍ରକୃତି ବହୁତ ପରିମାଣରେ ନିର୍ଭର କରିବ ତାକୁ ରୂପଦାନ କରୁଛି ଯେଉଁ ମାଆ ତାହାରି ଉପରେ, ମା'ର ଆକାଙ୍କ୍ଷା ଓ ସଂକଳ୍ପ ତଥା ଯେଉଁ ଜାଗତିକ ପରିବେଶ ମଧ୍ୟରେ ସେ ବାସ କରେ ତାହା ଉପରେ । ମା'ର ଯେଉଁ ଶିକ୍ଷା ଦରକାର ତାହା ହେଲା : ତା'ର ସମସ୍ତ ଭାବନା ହୁଏ ଯେପରି ସର୍ବଦା ସୁନ୍ଦର ଏବଂ ନିର୍ମଳ; ସମସ୍ତ ଅନୁଭବ ହୁଏ ଯେପରି ଉତ୍ତମ ଓ ମହତ୍; ଆଉ ଚାରିପାଖର ବାହ୍ୟ ପରିବେଶ ଯଥା ସମ୍ଭବ ସୁସମଞ୍ଜସ ଓ ଏକ ମହାନ୍ ସରଳତାରେ ପରିପୂର୍ଣ୍ଣ । ଏସବୁ ସଙ୍ଗରେ ଯଦି ସେ ନିଜର ସର୍ବୋତ୍ତମ ଆଦର୍ଶାନୁସାରେ ଭାବୀ ଶିଶୁଟିକୁ ତିଆରି କରିବା ସକାଶେ ସଚେତନ ଓ ସୁନିର୍ଦ୍ଦିଷ୍ଟ ସମ୍ପର୍କ ରଖିପାରେ, ତାହାହେଲେ ଶ୍ରେଷ୍ଠତମ ସମ୍ଭାବନା ସହ ଶିଶୁଟିର ପୃଥିବୀକୁ ଆସିବା ନିମନ୍ତେ ସର୍ବାପେକ୍ଷା ଅନୁକୂଳ ଅବସ୍ଥା ସୃଷ୍ଟି ହେବ । ଏହିପରି କଲେ କେତେ ଅର୍ଥ, ଶ୍ରମ ଆଉ ନିରର୍ଥକ ଜଟିଳତାର ଅବସାନ ନହୁଏ... ।

ଶିକ୍ଷା ବିଷୟଟିକୁ ବିଶଦ ଭାବରେ ଆଲୋଚନା କରିବା ପୂର୍ବରୁ ମୁଁ ମାତାପିତାଙ୍କ ପାଖରେ ଗୋଟିଏ ସୁପାରିସ କରିବାକୁ ଚାହେଁ । ନାନା କାରଣରୁ ସେମାନଙ୍କ ମଧ୍ୟରୁ ଅନେକେ ପିଲାମାନଙ୍କୁ ଯେଉଁ ସୁଶିକ୍ଷା ଦେବାକୁ ହେବ ସେ ବିଷୟରେ ସାମାନ୍ୟ ଚିନ୍ତା କରନ୍ତି । ଗୋଟିଏ ଶିଶୁକୁ ଏହି ପୃଥିବୀକୁ ଆଣି ତାକୁ ଖାଇବା ପିଇବାକୁ ଦେଇ ତା'ର ସ୍ୱାସ୍ଥ୍ୟ ଆଡ଼କୁ ଅଳ୍ପ ବହୁତ ଲକ୍ଷ୍ୟ ରଖିଲେ, ଏବଂ ତା'ର କେତେକ ସ୍ଥୂଳଦାବି ପୂରଣ କଲେ ସେମାନେ ମନେ କରନ୍ତି ଯେ ସେମାନଙ୍କର କର୍ତ୍ତବ୍ୟ ଶେଷ ହେଲା । ପରେ ତାକୁ ବିଦ୍ୟାଳୟକୁ ପଠାଇ ଦେଇ ତା'ର ମାନସିକ ଶିକ୍ଷାର ଦାୟିତ୍ୱ ତା'ର ଶିକ୍ଷକଗଣଙ୍କ ଉପରେ ଛାଡ଼ି ଦିଅନ୍ତି ।

**ଉଚ୍ଚ ଆଦର୍ଶ ରକ୍ଷାକର :**

ଏପରି ମାତାପିତା ଅଛନ୍ତି ଯେଉଁମାନେ ମନେ କରନ୍ତି ଯେ ସେମାନଙ୍କର ସନ୍ତାନମାନଙ୍କୁ ଶିକ୍ଷା ଦେବା ଉଚିତ ଏବଂ ସେ ଦିଗରେ ଚେଷ୍ଟା ବି କରନ୍ତି । କିନ୍ତୁ ଯେଉଁମାନଙ୍କର ଦାୟିତ୍ୱବୋଧ ଏବଂ ଆନ୍ତରିକତା ଅଛି, ସେମାନଙ୍କ ମଧ୍ୟରୁ ଅଳ୍ପ କେତେ ଜଣ ଜାଣନ୍ତି ଯେ ସନ୍ତାନମାନଙ୍କୁ ଶିକ୍ଷା ଦେବା ନିମିତ୍ତ ଯୋଗ୍ୟ ହେବାକୁ ହେଲେ ଆଗେ ନିଜେ ଶିକ୍ଷିତ ହେବାକୁ ହୁଏ, ନିଜ ସମ୍ବନ୍ଧରେ ସଚେତନ ହେବାକୁ ହୁଏ, ଆତ୍ମଜୟୀ ହେବାକୁ ହୁଏ, ଯାହା ଦ୍ୱାରା ସନ୍ତାନମାନଙ୍କ ସମ୍ମୁଖରେ କୌଣସି କୁଦୃଷ୍ଟାନ୍ତ ରଖା ନଯାଏ । କାରଣ ଦୃଷ୍ଟାନ୍ତ ଦ୍ୱାରା ଯେଉଁ ଶିକ୍ଷା ଦିଆଯାଏ ତାହା ହୁଏ ବିଶେଷ ଫଳପ୍ରସୂ । ଶିଶୁକୁ କେବଳ ଭଲ କଥା କହି ଜ୍ଞାନପୂର୍ଣ୍ଣ ଉପଦେଶ ଦେଲେ ବିଶେଷ ଲାଭ ହୁଏ ନାହିଁ, ଯଦି ଶିକ୍ଷକ ସେହି ଶିକ୍ଷାର ଦୃଷ୍ଟାନ୍ତ କାର୍ଯ୍ୟରେ ଦେଖାଇ ନପାରନ୍ତି । ଆନ୍ତରିକତା, ସାଧୁତା, ସରଳ ପ୍ରକୃତି, ସାହସ, ନିଃସ୍ୱାର୍ଥପରତା, ଅନାସକ୍ତି, ଧୈର୍ଯ୍ୟ, ଆତ୍ମସଂଯମ ଆଦି ସମ୍ପର୍କରେ ମନୋରମ ବକ୍ତୃତା ପରିବର୍ତ୍ତେ ଏସବୁକୁ ଆଚରଣରେ ଦେଖାଇଲେ ବହୁତ ଭଲ ଶିକ୍ଷା ଦିଆ ହୁଏ । ମାତାପିତାମାନଙ୍କୁ ମୁଁ ବରାବର କୁହେ ଯେ ତୁମେମାନେ ଉଚ୍ଚ ଆଦର୍ଶ ରକ୍ଷାକର ଏବଂ ସର୍ବଦା ସେହି ଆଦର୍ଶ ଅନୁସାରେ କାର୍ଯ୍ୟକର । ତୁମେମାନେ ଦେଖିବ ଯେ ଅଳ୍ପ ଅଳ୍ପ କରି ତୁମମାନଙ୍କ ସନ୍ତାନମାନଙ୍କ ଅନ୍ତରରେ ଏହି ଆଦର୍ଶର ବିକାଶ ହେଉଛି । ତା'ର ପ୍ରକୃତିରେ ଯେଉଁ ସମସ୍ତ ଗୁଣର ବିକାଶ ତୁମେମାନେ ଦେଖିବାକୁ ଚାହଁ ସେସବୁର ସ୍ୱତଃସ୍ଫୂର୍ତ୍ତ ପ୍ରକାଶ ହେଉଛି । ଶିଶୁ ପକ୍ଷରେ ମାତାପିତାଙ୍କୁ ଶ୍ରଦ୍ଧା, ଭକ୍ତି କରିବା ଖୁବ୍ ସ୍ୱାଭାବିକ;

ଏକେବାରେ ଅଯୋଗ୍ୟ ନହେଲେ ସେମାନେ ସର୍ବଦାହିଁ ସେମାନଙ୍କର ସନ୍ତାନର ଦୃଷ୍ଟିରେ ଦେବତୁଲ୍ୟ, ଯଥାସାଧ ଅନୁକରଣ ଯୋଗ୍ୟ ।

(Cent. Vol. 12, P. 11)

**ସମ୍ମାନର ଯୋଗ୍ୟ ହୁଅ :**

ଅଳ୍ପ ସଂଖ୍ୟକ ମାତାପିତାଙ୍କୁ ବାଦ୍ ଦେଲେ ଅଧିକାଂଶ ମାତାପିତା ଜାଣନ୍ତି ନାହିଁ ଯେ ସେମାନଙ୍କ ତ୍ରୁଟି-ବିଚ୍ୟୁତି, ଚଞ୍ଚଳତା, ଦୁର୍ବଳତା, ଆତ୍ମସଂଯମର ଅଭାବ ସନ୍ତାନମାନଙ୍କ ଉପରେ କିପରି ମାରାତ୍ମକ ପ୍ରଭାବ ବିସ୍ତାର କରେ । ଯଦି ତୁମମାନଙ୍କ ସନ୍ତାନମାନଙ୍କଠାରୁ ସମ୍ମାନ ପାଇବାକୁ ଚାହଁ, ତେବେ ନିଜକୁ ସମ୍ମାନାସ୍ପଦ କରିବାକୁ ଶିଖ, ପ୍ରତି ମୁହୂର୍ତ୍ତରେ ସମ୍ମାନର ଯୋଗ୍ୟ ହୁଅ । କେବେହେଲେ କର୍ତ୍ତୃତ୍ୱ ପ୍ରୟାସୀ, ସ୍ୱେଚ୍ଛାଚାରୀ, ଅଧୀର, କ୍ରୋଧଭାବଯୁକ୍ତ ହେବ ନାହିଁ । ତୁମର ସନ୍ତାନ ଯେବେ କୌଣସି ପ୍ରଶ୍ନ କରେ ତେବେ ସେ ବୁଝିପାରେ ନାହିଁ ବୋଲି ଏହି ବାହାନାରେ ତାକୁ ନିର୍ବୋଧ ବା ଅର୍ଥହୀନ ଉତ୍ତର ଦେବ ନାହିଁ । ଯଦି ପର୍ଯ୍ୟାପ୍ତ ଶ୍ରମ ଓ କଷ୍ଟ ସ୍ୱୀକାର କରିପାର ତେବେ କୌଣସି ବିଷୟ ବୁଝାଇଦେବା ଅସମ୍ଭବ ନୁହେଁ । ସବୁ ସମୟରେ ସତ୍ୟ କହିବା ଉଚିତ ନୁହେଁ ବୋଲି ପ୍ରଚଳିତ ଏକ ଧାରଣା ଥିବା ସତ୍ତ୍ୱେ ମୁଁ ଏହା ଦୃଢ଼ତାର ସହ କହିବାକୁ ଚାହେଁ ଯେ ସର୍ବଦା ସତ୍ୟ କଥା କହିବା ଉଚିତ । ତେବେ ଏପରି ଭାବେ କହିବା ଉଚିତ ଯେପରି ତାହା ଶ୍ରୋତାର ବୋଧଗମ୍ୟ ହୁଏ । ଜୀବନର ଆରମ୍ଭରେ ବାର, ଚଉଦ ବର୍ଷ ପର୍ଯ୍ୟନ୍ତ ଶିଶୁର ମନ କୌଣସି ନୈର୍ବ୍ୟକ୍ତିକ ଚିନ୍ତାଧାରା ଏବଂ ବ୍ୟାପକ ସତ୍ୟକୁ ବୁଝିପାରେ ନାହିଁ । ତେବେ ନିର୍ଦ୍ଦିଷ୍ଟ ଉପମା, ପ୍ରତୀକ ଅଥବା ରୂପକ ଆଦିର ସାହାଯ୍ୟ ନେଇ ଯେଉଁ ଭାବରେ ସେ ଏହା ବୁଝିପାରେ ସେହି ଭାବରେ ତାକୁ ଶିକ୍ଷା ଦିଆଯାଇପାରେ । କିଛି ବୟସ ପର୍ଯ୍ୟନ୍ତ ଏବଂ ଯେଉଁମାନେ ମନରେ ଚିରକାଳହିଁ ଶିଶୁ ରହନ୍ତି ସେମାନଙ୍କ ପାଖରେ ଗୋଟିଏ ବର୍ଣ୍ଣନା, ସୁନ୍ଦର ଭାବରେ କଥିତ ଗୋଟିଏ ଗଳ୍ପ, ଗୋଟିଏ କାହାଣୀ, ବହୁତ ତତ୍ତ୍ୱ ବ୍ୟାଖ୍ୟା ଅପେକ୍ଷା ବେଶୀ ଭଲ ଭାବରେ ଶିକ୍ଷା ଦିଏ ।

**ସନ୍ତାନକୁ ତିରସ୍କାର କର ନାହିଁ :**

ଏ ଦିଗରେ ଆଉ ଏକ ପ୍ରତିବନ୍ଧକକୁ ଅପସାରଣ କରିବାକୁ ହେବ । ବିଶେଷ ଉଦ୍ଦେଶ୍ୟ ନଥିଲେ, ଏକେବାରେ ଅପରିହାର୍ଯ୍ୟ ନହେଲେ ସନ୍ତାନକୁ ତିରସ୍କାର କର ନାହିଁ । ଯେଉଁ ପିଲା ସବୁ ସମୟରେ ତିରସ୍କୃତ ହୁଏ, ତାହା ଦ୍ୱାରା ସେ କଠିନ ହୋଇଯାଏ; ଶେଷରେ କଟୁ କଥା ବା ସ୍ୱରରେ କଠୋରତାକୁ କିଛି ମୂଲ୍ୟ ଦିଏ ନାହିଁ । ବିଶେଷତଃ ଯେଉଁ ଦୋଷ ତୁମେ ନିଜେ କର, ସେହି ଦୋଷ ସକାଶେ ତାକୁ ତିରସ୍କାର କର ନାହିଁ । ଶିଶୁମାନେ ଅତ୍ୟନ୍ତ ସତର୍କ ଏବଂ ତୀକ୍ଷ୍ଣ ଦୃଷ୍ଟିସମ୍ପନ୍ନ । ଅତି ଶୀଘ୍ର ସେମାନେ ତୁମର ଦୁର୍ବଳତାଗୁଡ଼ିକୁ ବୁଝିପାରନ୍ତି ଏବଂ ନିର୍ମମ ଭାବରେ ଲକ୍ଷ୍ୟ କରନ୍ତି ।

ଶିଶୁ ଯେବେ କିଛି ଭୁଲ୍ କରେ, ଦେଖ ସେ ଯେପରି ତାହା ତୁମ ପାଖରେ ନିଜେ ନିଜେ ଅକପଟ ଭାବରେ ସ୍ୱୀକାର କରେ; ଯଦି ସେ ଥରେ ସ୍ୱୀକାର କରିଛି, ତେବେ ତାହାକୁ ସହାନୁଭୂତି ଏବଂ ସ୍ନେହର ସହିତ ବୁଝାଇଦିଅ ଯେ କେଉଁଠି ତାହାର ଭୁଲ୍ ହୋଇଥିଲା, ଏବଂ ପୁଣି ଯେପରି ସେ ତା'ର ପୁନରାବୃତ୍ତି ନକରେ । କିନ୍ତୁ କେବେ ବି ତିରସ୍କାର କର ନାହିଁ । ଦୋଷ ସ୍ୱୀକାର କଲେ କ୍ଷମା କରିବାକୁହିଁ ହେବ । ତୁମେ ଆଉ ତୁମ ସନ୍ତାନ ମଧ୍ୟରେ ଯେପରି ଭୟ ଆସି ପ୍ରବେଶ ନ କରେ । ଭୟର ସାହାଯ୍ୟରେ ଶିକ୍ଷାଦାନ ସର୍ବନାଶ କରେ; ତାହାର ଅନିବାର୍ଯ୍ୟ ଫଳ କପଟ ଆଚରଣ ଓ ମିଥ୍ୟାଚାର । ତୁମ ପିଲାର ଶିକ୍ଷାକୁ ଫଳପ୍ରଦ କରିବାକୁ ହେଲେ ପିଲା ଓ ତୁମ ମଧ୍ୟରେ ଆସ୍ଥା ଓ ବିଶ୍ୱାସର ଏକ ନିବିଡ଼ ସମ୍ବନ୍ଧ ରହିବା ନିତାନ୍ତ ଆବଶ୍ୟକ, ଏବଂ ଏହି ସମ୍ବନ୍ଧ ଗଢ଼ି ଉଠେ ଏକ ସ୍ୱଷ୍ଟଦର୍ଶୀ, ଦୃଢ଼ ଅଥଚ କୋମଳ ଏବଂ ମଧୁର ସ୍ନେହ ଦ୍ୱାରା ତଥା ଯଥାଯଥ ବ୍ୟାବହାରିକ ଜ୍ଞାନ ଦ୍ୱାରା । ଏକଥା କେବେ ବି ଭୁଲିଯାଅ ନାହିଁ ଯେ ସନ୍ତାନକୁ ପୃଥିବୀକୁ ଆଣିଛ, ତାହା ପ୍ରତି ତୁମର ଯେଉଁ ଦାୟିତ୍ୱ ଓ କର୍ତ୍ତବ୍ୟବୋଧ ଅଛି ତାହା ପୂର୍ଣ୍ଣ ରୂପେ ଏବଂ ଯଥାର୍ଥ ଭାବରେ ସମ୍ପୂର୍ଣ୍ଣ କରିବା ସକାଶେ ପ୍ରତି ମୁହୂର୍ତ୍ତରେ ନିଜେ ନିଜକୁ ଅତିକ୍ରମ କରିବାକୁ ହେବ ।

(Cent. Vol. 12, P. 9 - 11)

**ପିଲାମାନେ ମାଆବାପାଙ୍କ ଯୋଗୁଁହିଁ କୁମାର୍ଗରେ ପରିଚାଳିତ :**

ମାତ୍ର ଗୋଟିଏ କଥା ହେଉଛି, ଯାହା ସବୁଠାରୁ ବଡ଼ ବାଧା ରୂପେ ଦେଖାଦେଇଛି ତାହା ହେଲା ପିଲାମାନଙ୍କର ମାଆବାପା । ଯେତେବେଳେ ପିଲାମାନେ ସେମାନଙ୍କ

*(ଅବଶିଷ୍ଟାଂଶ ପୃଷ୍ଠା ୩୩ରେ ଦେଖନ୍ତୁ)*

# ଗଙ୍ଗାଧର

## (୨)

ଦୀର୍ଘ ଦିନ ଧରି ଆବାସିକ ଛାତ୍ରଟି ହଠାତ୍ ତା'ର ମା'ଙ୍କୁ ଦେଖିଲେ ଖେଳସାଥୀମାନଙ୍କୁ ଛାଡ଼ି ଯେପରି ମା' ପାଖକୁ ଦୌଡ଼ି ଆସି ତାକୁ କୁଣ୍ଢାଇ ଧରେ, ସେମିତି ବାଳକ ଗଙ୍ଗାଧର ମା'ଙ୍କୁ ପ୍ରଥମ ଦର୍ଶନ କରିବା ପରଠୁ ଖେଳାଖେଳିରେ କ୍ରମଶଃ ଅମନୋଯୋଗୀ ହୋଇ ମା'ଙ୍କୁ କେମିତି ବାରବାର ଦର୍ଶନ କରିବ, ତାଙ୍କ ନିକଟ ସାନ୍ନିଧ୍ୟରେ ଆସିବ, ଏହି ଆସ୍ପୃହା ତାକୁ କ୍ରମଶଃ କାବୁ କରିନେଲା ।...

ଇତିମଧ୍ୟରେ ଗଙ୍ଗାଧର ମା'ଶ୍ରୀଅରବିନ୍ଦଙ୍କର ପଣ୍ଡିଚେରୀ ଆଶ୍ରମ ସମ୍ବନ୍ଧେ ଜାଣି ପାରିଛନ୍ତି ଏବଂ ନିତି ସକାଳେ ଆଶ୍ରମକୁ ଆସି ମା ସାଧକ-ସାଧିକାମାନଙ୍କୁ ପୁଷ୍ପ ବିତରଣ କରୁଥିବା ବେଳେ ଧାଡ଼ିରେ ଛିଡ଼ା ହୋଇ ମା'ଙ୍କୁ ପ୍ରଣାମ କରି ତାଙ୍କ ହସ୍ତରୁ ପୁଷ୍ପଟିଏ ନେଇ ଘରକୁ ଫେରୁଥା'ନ୍ତି ।...

ଗଙ୍ଗାଧରଙ୍କର ଜନ୍ମସ୍ଥାନ ସମୁଦ୍ର ଉପକୂଳବର୍ତ୍ତୀ ଭୀରମ୍ପଟ୍ଟୀନମ୍ ଗ୍ରାମଟି ସମ୍ବନ୍ଧେ ଆଉ ଟିକିଏ ଅଧିକ ଜାଣିଲେ ପରବର୍ତ୍ତୀ ଘଟଣାଗୁଡ଼ିକ ସମ୍ବନ୍ଧେ ବୁଝିବାକୁ ସୁବିଧା ହେବ । ଆଶ୍ରମର ଲାଫୁସେୟାର୍ ବଗିଚାର ଦକ୍ଷିଣ ପାର୍ଶ୍ୱରେ ନଦୀଟିଏ (ଫାଷ୍ଟ୍ ରିଭର୍) ବହି ଯାଇ ସମୁଦ୍ରରେ ମିଶିଛି; ଆଉ ନଦୀଟି ମଧ୍ୟରେ ବଗିଚାର ଠିକ୍ ସାମନାରେ ଆଶ୍ରମର 'ଅନନ୍ତ ଦ୍ୱୀପ' ରହିଛି, ଯେଉଁଠିକୁ ମା ନୌକାରେ ବସି ଯାଉଥିଲେ; ଠିକ୍ ନଦୀଟିର ମଧ୍ୟଭାଗରେ ଏହା ଅବସ୍ଥିତ । ଏବେ ସେହି ଦ୍ୱୀପରେ ଆଶ୍ରମର ଚାଷବାସ ହୁଏ । ଯାହାହେଉ, ନଦୀଟିର ଅପର ପାର୍ଶ୍ୱରେ, ସମୁଦ୍ର ଉପକୂଳରେ ଅବସ୍ଥିତ ଭୀରମ୍ପଟ୍ଟୀନମ୍ ଗ୍ରାମ ।

ପିଲାଦିନୁ ଗଙ୍ଗାଧର ବାପ-ମା'ଙ୍କୁ ହରାଇଥିଲେ । ଭାଇ, ଭାଉଜ ଓ ଭଉଣୀଙ୍କ ସାଥିରେ ସେ ରହୁଥିଲେ । ଅତ୍ୟନ୍ତ ଗରିବ ପରିବାର, ଦୁଃଖ-କଷ୍ଟରେ କୌଣସି ପ୍ରକାରେ ନିଜର ଭରଣପୋଷଣ କରୁଥିଲେ । ପରିବାରର ଜଟିଳ ସମସ୍ୟାସବୁ ଥିଲା, କିନ୍ତୁ ବାଳକ ଗଙ୍ଗାଧର ଜନ୍ମରୁ ସୁଖୀ ପିଲାଟିଏ ଥିଲା – ପରବର୍ତ୍ତୀ କାଳରେ ସେ ହୋଇ ଉଠିଲେ ଯଥାର୍ଥରେ ମା'ଙ୍କର ସୁଖୀ ସନ୍ତାନଟିଏ ।

ଆଗରୁ ଉଲ୍ଲେଖ କରିଛି ଯେ ଗଙ୍ଗାଧର ୧୯୩୩ରେ ଆସି ଆଶ୍ରମରେ ରହିଗଲେ । କିନ୍ତୁ ୧୯୨୮ରୁ ୧୯୩୩ ଏହି ପାଞ୍ଚ ବର୍ଷ ସେ ନିତି ସକାଳେ ଆଶ୍ରମକୁ ଯିବା ଆସିବା କରୁଥିଲେ । ସେହି ସମୟରେ ଏକ ଚିତ୍ତାକର୍ଷକ ଘଟଣା ଘଟିଥିଲା । ତାଙ୍କର ନିଜସ୍ୱ ଉକ୍ତିରୁ :

''ମୁଁ ତ ଗାଁରେ ରହୁଥିଲି । ଘରେ ତ ସମୟ ଦେଖିବାକୁ ଘଡ଼ି ନଥିଲା । ରାତିରେ ସମୟ ଜାଣିବି କେମିତି ? ନିଦ ଭାଙ୍ଗିଗଲେ ଉଠି ପଡୁଥିଲି । ଯଥାଶୀଘ୍ର ନିତ୍ୟକର୍ମ ସାରି ସମୁଦ୍ର କୂଳକୁ ଚାଲି ଆସୁଥିଲି । ନିଛାଟିଆ ସମୁଦ୍ର କୂଳରେ ଚାଲି ଚାଲି ଆସି ନଦୀଟି ଯେଉଁଠି ସମୁଦ୍ରରେ ମିଶିଛି, ସେଇଠି ପହଞ୍ଚୁଥିଲି । ଗୋଟିଏ ହାତରେ ପିନ୍ଧିଥିବା ଲୁଗାକୁ ଉପରକୁ ଟେକି ଧରି ନଦୀ ପାର ହୋଇ ଲୁଗା ପିନ୍ଧି ସମୁଦ୍ର କୂଳେ କୂଳେ ସିଧା ଆଶ୍ରମ ପାଖକୁ ଚାଲି ଆସୁଥିଲି । ଅଧିକ ରାତି ଥିଲେ ସମୁଦ୍ର କୂଳରେ ବା ଆଶ୍ରମର ପ୍ରଧାନ ଦରଜା ପାଖରେ ବସୁଥିଲି । ସକାଳ ହୁଏ, ମା'ଙ୍କର ବାଲ୍‌କୋନି ଦର୍ଶନ କରେ, ତା'ପରେ ଆଶ୍ରମ ପରିବେଶରେ ରହେ । ସେତେବେଳେ ମା ବାଲ୍‌କୋନି ଦର୍ଶନ ପରେ ଆଉ ଗୋଟିଏ ଦର୍ଶନ ଦେଉଥିଲେ । ସମସ୍ତ ଭକ୍ତ ଧାଡ଼ି ଧରି ତଳ ମହଲାରେ ମା'ଙ୍କୁ ପ୍ରଣାମ କରୁଥିଲେ (ବୋଧହୁଏ ମେଡିଟେସେନ୍ ହଲ୍‌ରେ) ଆଉ ମା ପ୍ରତ୍ୟେକଙ୍କୁ ଫୁଲ ବିତରଣ କରୁଥିଲେ । ସେହି ଦର୍ଶନ ବେଳେ ତାଙ୍କ ହାତରୁ ଫୁଲ ନେଇ ଘରକୁ ଫେରୁଥିଲି । ନିତି, ସମାନ ରାସ୍ତାରେ ।

''ଘଟଣାଟି ଘଟିଥିଲା ୧୯୩୦ କି ୩୧ମସିହାରେ । ସବୁଦିନ ପରି ରାତିରୁ ଉଠି ସମୁଦ୍ର କୂଳକୁ ବାହାରି ପଡ଼ିଲି । ଠିକ୍ ପରେ ପରେ ଆରମ୍ଭ ହେଲା ଟିପି ଟିପି ବର୍ଷା । ସମୁଦ୍ର କୂଳରେ ପହଞ୍ଚିବା ବେଳକୁ ବର୍ଷା ବଢ଼ିଲା । ନଦୀ ପାଖରେ ପହଞ୍ଚିବା ବେଳକୁ ମୂଷଳ ଧାରାରେ ବର୍ଷା ସାଙ୍ଗକୁ ପ୍ରବଳ ବାତ୍ୟା । ତଥାପି ରାତି ଥାଏ । ଗୋଟିଏ ହାତରେ ଲୁଗାପଟା ଟେକିଧରି ନଦୀକୁ ଓହ୍ଲାଇଲି । ମା'ଙ୍କୁ ଡାକି ଡାକି ନଦୀ ଗର୍ଭକୁ ଆଗେଇଲି । ସମୁଦ୍ରର ପ୍ରଚଣ୍ଡ ଢେଉ ସାଙ୍ଗକୁ ନଦୀର ସ୍ରୋତ ବି ବେଶ୍ ପ୍ରଖର ଥିଲା । ପ୍ରଚଣ୍ଡ ଥଣ୍ଡା ପାଣି, ମୁଁ ଉବୁଟୁବୁ ହେବାକୁ ଲାଗିଲି – ମୋ ପକ୍ଷରେ ଆଗକୁ ପାଦ ବଢ଼ାଇବା ଏକେବାରେ ଅସମ୍ଭବ ହୋଇ ଉଠିଲା, ମୋ ଗୋଡ଼ ତଳେ ଲାଗୁ ନଥିଲା, ମୁଁ ଅଣନିଃଶ୍ୱାସୀ ହୋଇ କେବଳ ମା'ଙ୍କୁ ସ୍ମରଣ

କରୁଥିଲି । ମନେ ହେଲା ନଦୀର ସୁଅ ମୋତେ ସମୁଦ୍ରକୁ ପେଲି ଦେଉଛି, ଆଉ ସମୁଦ୍ରର ଢେଉ ମୋତେ ଚକଟି ଦେଉଛି – ଭାବିଲି ଏଇଟି ମୋର ଜୀବନର ଶେଷ ମୁହୂର୍ତ୍ତ । ମୋ ଚେତା ବୁଡ଼ିବା ଉପରେ । ଠିକ୍ ଏହି ସମୟରେ ମୋ ହାତକୁ କେହି ଜଣେ ଜୋର୍‌ରେ ଧରି ଶୂନ୍ୟରେ ନଦୀର ଆର ପଟକୁ ଫୋପାଡ଼ି ଦେଲା । ସେତେବେଳକୁ ମୋର ଚେତା ନଥିଲା ।

''ଚେତା ଫେରି ଆସିବାରୁ ଧୀରେ ଆଖି ଖୋଲିଲି । ନମ୍ର-କମ୍ର ସକାଳ, ସୂର୍ଯ୍ୟ ଧୀରେ ଧୀରେ ସମୁଦ୍ର ଗର୍ଭରୁ ଉଠୁଥା'ନ୍ତି । ନୂଆ ଜୀବନ ପାଇବା ସଦୃଶ ନୂତନ କରି ସମୁଦ୍ର କୂଳେ କୂଳେ ଆସି ମୁଁ ଆଶ୍ରମକୁ ପ୍ରବେଶ କଲି ।... ମା'ଙ୍କୁ ପ୍ରଣାମ କଲି । ନିତି ପ୍ରଣାମ ପରେ ମା' ମୋତେ ଦୁଇ, ତିନି ସେକେଣ୍ଡ ଅନାଇବା ପରେ ମୋ ହାତକୁ ଫୁଲ ବଢ଼ାଇ ଦେଉଥିଲେ । ସେଦିନ ସେ ଦୁଇ, ତିନି ମିନିଟ, ବୋଧହୁଏ ପାଞ୍ଚ ମିନିଟ ହେବ, ମୋତେ ଅନାଇ ରହିଲେ । ତା'ପରେ ଅତ୍ୟନ୍ତ ମଧୁର ହସରେ ସେ ମୋ ହାତକୁ ଫୁଲଟିଏ ବଢ଼ାଇ ଦେଲେ । ତତ୍‌କ୍ଷଣାତ୍ ମୁଁ ସ୍ପଷ୍ଟଭାବେ ହୃଦୟଙ୍ଗମ କଲି ଯେ ସେଇ ହାତଟି ଥିଲା ମା'ଙ୍କର ହାତ । ଅବର୍ଣ୍ଣନୀୟ ତୀବ୍ର ଅନୁଭୂତି ସହ ମୁଁ ମା'ଙ୍କ ହାତରୁ ଫୁଲଟି ନେଇ ତାଙ୍କ ପାଦ ପାଖରୁ ଉଠିଲି ।...''

ଗଙ୍ଗାଧର ଏହି ଘଟଣାଟି ବର୍ଣ୍ଣନା କରୁଥିବାବେଳେ ତାଙ୍କ ସହ ସାକ୍ଷାତ୍‌କାର କରୁଥିବା ବ୍ୟକ୍ତିଙ୍କ ଭିତରୁ ଜଣେ କହି ଉଠିଲେ, 'ନିଶ୍ଚିତରୂପେ, ଖୁବ୍ ସମ୍ଭବତଃ ମା'ଙ୍କର ହାତ...' ('Must be, yes, yes') ସେଇଠୁ ଅମାୟିକ ଗଙ୍ଗାଧର ମନ୍ଦମଧୁର ହସରେ ନିମ୍ନୋକ୍ତ ଉତ୍ତର ଦେଇଥିଲେ :

''ଏଥିରେ ସନ୍ଦେହ କରିବାର କ'ଣ ଅଛି ? ଅଗ୍ନି **ହେଉଛି** ଉଷ୍ମ । ଏକଥା ନୁହେଁ ଯେ ଅଗ୍ନି ନିଶ୍ଚିତ ରୂପେ ବା ଖୁବ୍ ସମ୍ଭବତଃ ଉଷ୍ମ ହୋଇଥିବ । ଠିକ୍ ସେମିତି ସେଇ ହାତଟି ଥିଲା ମା'ଙ୍କର ହାତ ।

''ଦେଖନ୍ତୁ, ଅନେକ ଭକ୍ତଙ୍କର ଏଇ ଧରଣର ଅନେକ ଅନୁଭୂତି ହୋଇଛି । ଏହା ହେଉଛି ଆମ ହୃଦୟର ଅଟଳ ବିଶ୍ୱାସ ପ୍ରତି ମା'ଙ୍କର ଉତ୍ତର । ଆଉକିଛି ସାଧନା ଆମର ଦରକାର ନାହିଁ – କେବଳ ନିଃସ୍ୱାର୍ଥପର ଭାବରେ ମା'ଙ୍କର କାମ କରିଚାଲିବାହିଁ ଆମର ସାଧନା, ଆମର ପୂଜା-ଆରାଧନା, ଆମର ଧ୍ୟାନ-ଧାରଣା, ଆମର ସବୁକିଛି । ତାଙ୍କୁ ଅନ୍ତର ଭିତରେ ଆମେ ଅହରହ ସ୍ମରଣ କରି ଚାଲିବା, ସିଏ ଆମ ପାଇଁ ସବୁକିଛି କରିଦେବେ । – ଏଥିରେ ସନ୍ଦେହ କରିବାର କିଛି ନାହିଁ ।''

(କ୍ରମଶଃ)

ସଂଗ୍ରହ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

---

*(ପୃଷ୍ଠା ୩୧ ର ଅବଶିଷ୍ଟାଂଶ)*

ମାଆବାପାଙ୍କ ସହିତ ରହୁଛନ୍ତି, ମୁଁ ଭାବୁଛି, ଏହା ସମ୍ପୂର୍ଣ୍ଣ ଭାବରେ ନୈରାଶ୍ୟଜନକ; କାରଣ ମାଆବାପାମାନେ ଚାହୁଁଛନ୍ତି ଯେ ସେମାନଙ୍କ ପିଲାମାନେ ସେହିମାନଙ୍କ ଭଳି ଶିକ୍ଷିତ ହୁଅନ୍ତୁ ଏବଂ ସେମାନେ ଚାହୁଁଛନ୍ତି ଯେଉଁଭଳି ସେମାନଙ୍କ ପିଲାମାନେ ଭଲ ଚାକିରି ପାଇବେ, ବହୁତ ପଇସା ରୋଜଗାର କରିବେ – ଯାହା ସବୁକି ଆମ ଅଭୀପ୍ସାର ସମ୍ପୂର୍ଣ୍ଣ ବିପରୀତ ।

ଯେଉଁ ପିଲାମାନେ ସେମାନଙ୍କ ମାଆବାପାଙ୍କ ସହିତ ବାସ କରୁଛନ୍ତି ... ବାସ୍ତବରେ, ମୁଁ ଜାଣିପାରୁନି କ'ଣ ଯେ ଆଉ କରିବାକୁ ହେବ । ମାତାପିତାଙ୍କର ଏତେ ଶକ୍ତିଶାଳୀ ପ୍ରଭାବ ସେମାନଙ୍କ ଉପରେ ପଡ଼ୁଛି ଯେ ସେମାନେ ଶେଷକୁ ଆଉ କୌଣସି ଏକ ସ୍କୁଲକୁ ଚାଲିଯିବାକୁ ଚାହୁଁଛନ୍ତି ।

ଏବଂ ଅନ୍ୟ ସମସ୍ତ ବାଧା ବିପତ୍ତିଠାରୁ ଏହାହିଁ – ମାତାପିତାଙ୍କର ପ୍ରଭାବ ସବୁଠାରୁ ବଳି ବାଧାରୂପେ ଦଣ୍ଡାୟମାନ ହୋଇଛି । ଏବଂ ଆମେ ଯଦି ସେମାନଙ୍କର ସେହି ପ୍ରଭାବକୁ ମୂଳପୋଛ କରିଦେବାକୁ ଚାହୁଁ ତେବେ ମାଆବାପାମାନେ ଆମକୁ ଘୃଣା କରିବାକୁ ଆରମ୍ଭ କରିବେ ଏବଂ ତଦ୍ୱାରା ପରିସ୍ଥିତି ପୂର୍ବାପେକ୍ଷା ଅଧିକ ଖରାପ ହୋଇଯିବ, କାରଣ ସେମାନେ ଆମ ବିରୋଧରେ ନାନା କୁତ୍ସିତ କଥା କହିବାକୁ ଲାଗିବେ । ତାହାହିଁ ସମସ୍ୟା ।

ଏ ହେଉଛି ମୋର ଅନୁଭୂତି ଯେ ଶହେରୁ ଅନେଶତ କ୍ଷେତ୍ରରେ ପିଲାମାନେ ମାଆବାପାଙ୍କ ଯୋଗୁଁହିଁ କୁମାର୍ଗରେ ପରିଚାଳିତ ହୋଇଛନ୍ତି ।

(କ୍ରମଶଃ)

❑❑❑

# ଗୁପ୍ତ ତଥ୍ୟର ଆବିଷ୍କାର

## (୧)

## ସୂର୍ଯ୍ୟକାନ୍ତି ମହାନ୍ତି

ପୃଥିବୀ ଗୁପ୍ତ ତଥ୍ୟରେ ପରିପୂର୍ଣ୍ଣ । ଏହାକୁ କିଛି ଲୋକ ଜାଣନ୍ତି, ଆଉ କିଛି ଲୋକ ଜାଣନ୍ତି ନାହିଁ । ମଣିଷ ଏକଥାକୁ ଜାଣୁ କି ନଜାଣୁ, ସେ ଆସନ୍ତାକାଲି ପାଇଁ ଆଜି ଏକ ଗୋପନ କଥାକୁ କାର୍ଯ୍ୟକାରୀ କରେ । ଅର୍ଥାତ୍, ଆଜିର ଉତ୍କୃଷ୍ଟ ଭାବନା ଓ ଅନୁଭୂତି ସ୍ୱୟଂକ୍ରିୟ ଭାବରେ ନିର୍ଦ୍ଧାରଣ କରିଥାଏ ଆସନ୍ତାକାଲି ସଙ୍ଗଠିତ ହେବାକୁ ଥିବା ତା' ଜୀବନକୁ ।

ଅବଶ୍ୟ ଆନନ୍ଦପ୍ରାପ୍ତିର ଗୁପ୍ତକଥାଟି କ'ଣ ତାହା ଜାଣିବା ପାଇଁ ଅଧିକାଂଶ ମଣିଷ ଉତ୍ସୁକ । ତେବେ ଏହାର ରହସ୍ୟ କୌଣସି ବାକ୍ସ ଭିତରେ ବନ୍ଦ ହୋଇ ରହି ନାହିଁ, ଯାହାକୁ ଖୋଲି ମଣିଷ ଦେଖାଇ ଦେଇ ପାରିବ । ବାସ୍ତବରେ ଏହାକୁ ମଣିଷ ଆବିଷ୍କାର କରିବ ଅତି ଚମତ୍କାର ଭାବରେ ତା'ର ନିଜସ୍ୱ ଅନ୍ତର ଭିତରୁ ।

ଦିନେ ସେ ହୁଏତ ଏହାକୁ ଆବିଷ୍କାର କରିବ ପ୍ରଭାତରେ । ସବୁଦିନ ପରି ପ୍ରଭାତରେ ସୂର୍ଯ୍ୟ ଦିଗ୍‌ବଳୟର ଉପରକୁ ଉଠି ତାଙ୍କର ସ୍ୱର୍ଣ୍ଣିମ ରଶ୍ମି ପୃଥିବୀକୁ ଆଲୋକ ଓ ଉତ୍ତାପରେ ପରିପୂର୍ଣ୍ଣ କରି ଦେଉଥିବେ । ତାଙ୍କର ନରମ କିରଣ ମଣିଷର ଶରୀରକୁ ସ୍ପର୍ଶ କରୁଥିବ । ହୁଏତ ମଣିଷ ଧୀର ଭାବରେ ମଥାନତ କରି ସୂର୍ଯ୍ୟଙ୍କୁ ପ୍ରଣାମ କରିବ । ସୂର୍ଯ୍ୟଙ୍କର ଏହି ନୂତନ-ଦିବସ ଉପହାର ନିମିତ୍ତ ସମଗ୍ର ଜୀବଜଗତ୍ ଯେ ତାଙ୍କ ନିକଟରେ କୃତଜ୍ଞ – ଏକଥା ମଣିଷ ଆବିଷ୍କାର କରିବ ।

କିଂବା ଅନ୍ୟ କେଉଁଠି, କୌଣସି ସମୟରେ ପ୍ରସ୍ଫୁଟିତ ପୁଷ୍ପଟିଏର ଦର୍ଶନରେ ସେ ବିମୋହିତ ହେବ, ଯେପରି ପ୍ରଥମଥର ପାଇଁ ସେ ଏହାକୁ ଦେଖୁଛି । ତା'ର ରଙ୍ଗବେରଙ୍ଗର ପୋଷାକ ଓ ତା'ର ସୁଗନ୍ଧିତ ଶ୍ୱାସକ୍ରିୟା ମଣିଷ ଓଠରେ ମୃଦୁ ହସଟିଏ ଖେଳାଇ ଦେବ । ହୁଏତ ସେ ଆବିଷ୍କାର କରିବ ସେହି ଛୋଟ ପୁଷ୍ପଟି ତା' ଜୀବନ ପଥକୁ ରଙ୍ଗିନ କରି ଦେଉଛି !

ଏହିପରି ଭାବରେ ମଣିଷ ଅସଂଖ୍ୟ ଗୁପ୍ତତଥ୍ୟକୁ ଆବିଷ୍କାର କରି ତାରାମାନଙ୍କ ଗହଣରେ ଭାସି ଯାଉଥିବା ଏହି ରହସ୍ୟମୟ ଛୋଟ ନୀଳଗ୍ରହର ସୌନ୍ଦର୍ଯ୍ୟରେ ନିଜକୁ ହଜାଇ ଦେବ । ଆଉ ସେତେବେଳେ ଅନୁଭବ କରିବ ଯେ ଆନନ୍ଦ ଲାଭ କରିବାର ଗୁପ୍ତକଥାଟିକୁ ଖୋଜି ଯିଏ ବାହାର କରିଥାଏ, ତାହା ହେଉଛି ସେହି ହୃଦୟ ଯାହା କୃତଜ୍ଞତା ଓ କରୁଣାରେ ପୂର୍ଣ୍ଣ ।

ଦେଖାଯାଏ କେତେକ ଲୋକ ଦୁଃଖର ସମ୍ମୁଖୀନ ହୋଇ ବି ସୁଖୀ ହୋଇ ରହିପାରୁଛନ୍ତି । ତେବେ ଏମିତି କ'ଣ ଅଛି ଯାହା ମଣିଷକୁ ପ୍ରତିକୂଳ ଅବସ୍ଥା ମଧ୍ୟରେ ବି ସୁଖୀ ରଖିପାରୁଛି ? ଜୀବନର ପତନ ସମୟରେ କିଏ ତା'କୁ ଶକ୍ତି ଯୋଗାଉଛି ସୁଖୀ ହେବା ପାଇଁ ? ପ୍ରକୃତରେ ସୁଖୀ ଲୋକର ଚାରିଟି ଗୁରୁତ୍ୱପୂର୍ଣ୍ଣ ଗୁପ୍ତକଥା ଦେଖାଯାଏ ।

**(୧) ଆତ୍ମବିଶ୍ୱାସ :** ଅର୍ଥାତ୍ ନିଜ ଉପରେ ଭରସା ଓ ବିଶ୍ୱାସ ରଖିବା । ଏପରି ଲୋକ ସର୍ବଦା ସକାରାତ୍ମକ ଭାବ ପୋଷଣ କରୁଥାଏ । ନକାରାତ୍ମକ କଥାବାର୍ତ୍ତା ସେ ବନ୍ଦ କରେ । ନିଜ ଜୀବନର ଦୟନୀୟ ଅବସ୍ଥା କଥା ପ୍ରଚାର କରେ ନାହିଁ । ଅସଫଳତା ଅପେକ୍ଷା ଆତ୍ମ-ସଫଳତା ପାଇଁ କାର୍ଯ୍ୟ କରେ ।

*ଏମିତି ଏକ ଜୀବନ୍ତ କାହାଣୀ ଏଠାରେ ଉପସ୍ଥାପିତ କରାଯାଇପାରେ ।*

ୱିଲ୍‌ମା ରୁଡ୍‌ଲୋଫ୍ ନାମକ ଛୋଟ ଝିଅଟିଏ । ଜନ୍ମ ତା'ର ଯୁକ୍ତରାଷ୍ଟ୍ର ଆମେରିକା ଟେନେସିର ଏକ ଗରିବ ପରିବାରରେ । ଶୈଶବରେ ସେ ଆକ୍ରାନ୍ତ ହୋଇଥିଲା ଭୟଙ୍କର ପୋଲିଓ ରୋଗରେ । ଜୀବନରେ ସେ କେବେ ପୃଥିବୀ ଉପରେ ପାଦ ପକାଇ ଚାଲିପାରିବ ନାହିଁ ବୋଲି ଡାକ୍ତର ଜଣାଇ ଦେଇଥିଲେ । କିନ୍ତୁ ତା'ର ମା ତା'କୁ ସର୍ବଦା ଉତ୍ସାହିତ କରି କହୁଥିଲେ ଯେ ଭଗବାନ୍ ତା'କୁ ସାମର୍ଥ୍ୟ ଦେଇଛନ୍ତି । ସେ ନିଜ ଉପରେ ବିଶ୍ୱାସ ରଖି ନିଜର ଦକ୍ଷତା ପ୍ରତିପାଦିତ କରିପାରେ । ସେ ଯାହା ଇଚ୍ଛା କରିବ, ନିଶ୍ଚୟ ତାହା ସମ୍ପନ୍ନ କରିପାରିବ । ଏଥିରେ ୱିଲ୍‌ମା ଖୁବ୍ ଉତ୍ସାହିତ ହୋଇଥିଲା । ନଅବର୍ଷ ବୟସରେ ଡାକ୍ତରଙ୍କ ବିରୋଧ ସତ୍ତ୍ୱେ ସେ ପୃଥିବୀ ଉପରେ ପାଦ ରଖି ଚାଲିବାକୁ ଚେଷ୍ଟା କଲା । ତେର ବର୍ଷ ବୟସରେ ପ୍ରଥମ କରି ଦୌଡ଼ ପ୍ରତିଯୋଗିତାରେ ଭାଗ ନେଇ ସେ ସର୍ବ ଶେଷରେ ରହିଲା । ପୁନର୍ବାର ଦ୍ୱିତୀୟ, ତୃତୀୟ ଓ

ଚତୁର୍ଥ ଥର ପାଇଁ ଭାଗ ନେଇ ମଧ ସର୍ବଶେଷ ସ୍ଥାନରେ ରହିଲା । ମାତ୍ର ଏପରି ଏକ ଦିନ ଆସିଲା ୱିଲ୍‌ମା ଅଲିମ୍ପିକ୍ସରେ ଭାଗ ନେଇ ଶହେ ଓ ଦୁଇ ଶହ ମିଟର ଦୌଡ଼ ଏବଂ ଚାରି ଶହ ମିଟର ରିଲେରେ ତା'ର ସମସ୍ତ ପ୍ରତିଯୋଗୀମାନଙ୍କୁ ପରାସ୍ତ କରି ପ୍ରଥମ ହୋଇପାରିଲା । ଏହି ଘଟଣା ୧୯୬୦ ମସିହାରେ ରୋମରେ ଅନୁଷ୍ଠିତ ଅଲିମ୍ପିକ୍ସରେ ଚହଳ ପକାଇଥିଲା ଯେ ଜଣେ ପୋଲିଓ ଆକ୍ରାନ୍ତ ଝିଅ ସର୍ବଶ୍ରେଷ୍ଠ ଦ୍ରୁତଗାମୀ ଧାବିକା ଭାବରେ ତିନି ତିନିଟି ସ୍ୱର୍ଣ୍ଣପଦକ ଜିଣିପାରିଲା !

ଏହା କେବଳ ୱିଲ୍‌ମାର ନିଜସ୍ୱ ଦୃଢ଼ ଆତ୍ମ-ବିଶ୍ୱାସ ବଳରେ ହୋଇପାରିଥିଲା । ଶ୍ରୀମା କହନ୍ତି, ''Be confident, you will become what you have to be and achieve what you have to do.'' ଅର୍ଥାତ୍, ଆତ୍ମ-ବିଶ୍ୱାସୀ ହୁଅ, ତା'ହେଲେ ତୁମେ ଯାହା ହେବାକୁ ଇଚ୍ଛା କରୁଛ ହୋଇପାରିବ ଏବଂ ଯାହା କରିବାକୁ ଇଚ୍ଛୁକ, ତାହା ସାଧନ କରିପାରିବ ।

**(୨) ଆତ୍ମ-ସଂଯମତା :** ଅର୍ଥାତ୍, ନିଜ ପ୍ରାଣଶକ୍ତିର ଉଦ୍ଦାମତାକୁ ସଂଯତ ଭାବରେ ପରିଚାଳନା କରିବା । ଏ ପ୍ରକାର ସଂଯମୀ ଲୋକ ସାଫଲ୍ୟର ପାହାଚ ପରେ ପାହାଚ ଆରୋହଣ କରି ଉପରକୁ ଉଠିଯାଇପାରେ । ନିଜର ଭାଷାକୁ ସୁନ୍ଦର ଓ ସରଳ ଭାବରେ ପ୍ରକାଶ କରି ତା' ଚତୁଃପାର୍ଶ୍ୱରେ ସନ୍ତୁଳିତ ପରିବେଶ ସୃଷ୍ଟି କରେ । ବ୍ୟକ୍ତିଗତ ସଂଯମତାରୁ ସୃଷ୍ଟି ହୁଏ ନିଜ ସମୟର ଫଳପ୍ରଦ ପରିଚାଳନା । ତା' ଜୀବନ ହୋଇ ଉଠେ ଯୋଜନାବଦ୍ଧ ଭାବରେ ପରିପୂର୍ଣ୍ଣ ।

*ଏହି ପରିପ୍ରେକ୍ଷୀରେ ସଂଯମତାର ଏକ ସତ୍ୟ କାହାଣୀ :*

ଆବ୍ରାହାମ ଲିଙ୍କନ୍ ଯୁକ୍ତରାଷ୍ଟ୍ର ଆମେରିକାରେ ରାଷ୍ଟ୍ରପତି ଭାବେ ନିର୍ବାଚିତ ହେବା ପରେ ପାର୍ଲିଆମେଣ୍ଟ (White House)ର ପ୍ରଥମ ଅଧିବେଶନ ଦିନ ବିରୋଧୀ ଦଳର ସଭ୍ୟମାନେ ଲିଙ୍କନଙ୍କୁ ଅପମାନିତ କରିବା ଉଦ୍ଦେଶ୍ୟରେ ପରିହାସ କରିବାରେ ଲାଗିଲେ । ଜନୈକ ସଭ୍ୟ କହି ଉଠିଲେ, ''ଆପଣଙ୍କ ପିତା ଆମ ପରିବାର ସଦସ୍ୟଙ୍କ ପାଇଁ ଜୋତା ତିଆରି କରୁଥିଲେ ।'' ଏଥିରେ ଅନ୍ୟ ସଭ୍ୟମାନେ ହୋ ହୋ ହୋଇ ହସି ଉଠିଲେ । ମାତ୍ର ଲିଙ୍କନ ଶାନ୍ତ ଭାବରେ ଉତ୍ତର ଦେଲେ, ''ମୋ ପିତାଙ୍କ ପାଇଁ ମୁଁ ଗର୍ବିତ, କାରଣ ସେ ଯେଉଁ କାମ କରୁଥିଲେ, ତାହା ପୂର୍ଣ୍ଣ ପ୍ରାଣରେ କରୁଥିଲେ । ତାଙ୍କ ନିର୍ମିତ ଜୋତା ଉତ୍ତମ ମାନର ଥିଲା । ଯଦି ମୋ ପିତାଙ୍କ ଦ୍ୱାରା ତିଆରି ଜୋତାରେ କିଛି ତ୍ରୁଟି ଅଛି ବୋଲି ଆପଣଙ୍କ ପରିବାରର ଲୋକେ ମନେ କରୁଥା'ନ୍ତି, ତା'ହେଲେ ସେହି ଜୋତା ମୋତେ ଦେଲେ ମୁଁ ତା'କୁ ମରାମତି କରିଦେବି ।'' ଏତିକିରେ ଗୃହଟି ସମ୍ପୂର୍ଣ୍ଣ ଭାବରେ ଶାନ୍ତ ପଡ଼ିଗଲା । ରାଷ୍ଟ୍ରପତିଙ୍କ ବ୍ୟକ୍ତିତ୍ୱରେ ଏଭଳି ସଂଯମତା ସଭ୍ୟମାନଙ୍କ କଳ୍ପନାତୀତ ଥିଲା । ଶ୍ରୀମା କହନ୍ତି, ''...humble as nothing can ever be.'' ଅର୍ଥାତ୍, ନମ୍ରତା ପରି ଆଉ କିଛି ବି ନାହିଁ ।

**(୩) ସରଳ ଜୀବନ** : ଯେଉଁ ଲୋକର ହୃଦୟ ସରଳ ଓ ନିର୍ମଳ, ସେ ସର୍ବଦା ଯେକୌଣସି ନୂତନ କାର୍ଯ୍ୟ ଗ୍ରହଣ କଲେ ସେଥିରେ ସଫଳତା ଲାଭ କରିଥାଏ । ସେ କହେ ଜୀବନର ଅର୍ଦ୍ଧାଂଶ ପୂର୍ଣ୍ଣ, କେବେ ବି କହେ ନାହିଁ ଯେ ଜୀବନର ଅର୍ଦ୍ଧାଂଶ ଶୂନ୍ୟ । ଆଉ ସେହି ଲୋକ ତା' ଜୀବନରେ ଅନେକ ଗୁପ୍ତ କଥା ଆବିଷ୍କାର କରିପାରେ । ଏ ପ୍ରକାର ମନୁଷ୍ୟ ଜୀବନରେ ସାଫଲ୍ୟ ଲାଭ ସହ ଶାରୀରିକ ଭାବରେ ସୁସ୍ଥ ରୁହେ, ଏପରିକି ତା'ର ଉପସ୍ଥିତି ଅନ୍ୟ ଲୋକକୁ ସୁସ୍ଥ ବି କରାଏ ।

*ସରଳତାର ଏକ ସୁନ୍ଦର ସତ୍ୟ କାହାଣୀ ଏହିପରି :*

ଟେସ୍ ନାମକ ଛୋଟ ଝିଅଟିଏ । ତା' ସାନଭାଇ ଆଣ୍ଡ୍ରିୟୁ ପାଇଁ ସେ ଔଷଧ କିଣିବାକୁ ଇଚ୍ଛା କଲା । ଏକ ଛୋଟ ବାକ୍ସରେ ତା'ର ସମସ୍ତ ସଞ୍ଚିତ ଅର୍ଥ ନେଇ ଔଷଧ ଦୋକାନକୁ ଗଲା । ତା'କୁ ଦେଖି ଦୋକାନୀ ବିରକ୍ତିଭରା ସ୍ୱରରେ ଦୋକାନ ସମ୍ମୁଖରେ ଛିଡ଼ା ହେବାର କାରଣ ପଚାରିବାରୁ ଟେସ୍ ତା' ଅସୁସ୍ଥ ଭାଇ ପାଇଁ ଏକ ' Miracle' (ଅଲୌକିକ ଘଟଣା) କିଣିବାକୁ ଚାହୁଁଛି ବୋଲି କହିଲା । ଏ ପ୍ରକାର ଔଷଧ ଯେ ଏଠାରେ ମିଳେ ନାହିଁ, ଏକଥା ଦୋକାନୀ ଦୁଃଖ ପ୍ରକାଶ କରି ଟେସ୍‌କୁ ଜଣାଇ ଦେଲେ ।

କିନ୍ତୁ ଟେସ୍ ଛାଡ଼ିବାର ପାତ୍ରୀ ନଥିଲା । ସେ ବୁଝାଇବାକୁ ଲାଗିଲା ଯେ ତା' ଭାଇର ମୁଣ୍ଡ ଭିତରେ କିଛି ଗୋଟାଏ ବଢ଼ିବାରେ ଲାଗିଛି ଏବଂ ତା' ବାପା କହୁଥିଲେ ତା'କୁ କେବଳ ଗୋଟେ 'Miracle' ରକ୍ଷା କରିପାରିବ । ଏଣୁ ଟେସ୍ ଜାଣିବାକୁ ଚାହିଁଲା 'ମିରାକଲ୍'ର ଦାମ୍ କେତେ । ସେ ପୂରା ଦାମ୍ ଦେବାକୁ ପ୍ରସ୍ତୁତ ଥିଲା ବୋଲି ବି ଜଣାଇଲା ।

ଦୁଇଜଣଙ୍କର ଏ ପ୍ରକାର କଥାବାର୍ତ୍ତା ଚାଲିଥିବା ବେଳେ ନିକଟରେ ଉପସ୍ଥିତ ଥିବା ଦୋକାନୀର ଭାଇ ଏଥିରେ ହସ୍ତକ୍ଷେପ କରି ଟେସ୍ ପାଖରେ କେତେ ପରିମାଣର ଅର୍ଥ ଅଛି ବୋଲି

ଜାଣିବାକୁ ଚାହିଁଲେ । ଟେସ୍ ଉତ୍ତର ଦେଲା ଏକ ଡଲାର ଏଗାର ସେଣ୍ଟ୍ (ଆମେରିକୀୟ ମୁଦ୍ରା) । ଏପରିକି ଯଦି ଅଧିକ ଦାମ୍ ପଡ଼େ ସେ ଘରୁ ଆଣି ଦେବ ବୋଲି ବି କହିଲା । ମାତ୍ର ସେ ଭଦ୍ରଲୋକ ଜଣକ ଏଥିରେ ଆଶ୍ଚର୍ଯ୍ୟ ହେବା ପରି କହିଲେ ଗୋଟାଏ 'ମିରାକଲ୍'ର ଦାମ୍ ତ ଠିକ୍ ଏକ ଡଲାର ଏଗାର ସେଣ୍ଟ୍ ! ତା'ପରେ ଟେସ୍ ପାଖରୁ ସେହି ଅର୍ଥ ନେଇ ତା' ସହିତ ତାଙ୍କ ଘରକୁ ଗଲେ ଅସୁସ୍ଥ ଥିବା ଆଣ୍ଡ୍ରିୟୁକୁ ଦେଖିବା ପାଇଁ । ସେ ସହୃଦୟ ବ୍ୟକ୍ତି ଜଣକ ଥିଲେ ସ୍ନାୟବିକ ଶଲ୍ୟ ଚିକିତ୍ସକ (Neuro-Surgeon) ଡାକ୍ତର କାର୍ଲଟନ ଆର୍ମଷ୍ଟ୍ରଂ ଯେକି ବିନା ପାରିଶ୍ରମିକରେ ସଫଳତାର ସହ ଆଣ୍ଡ୍ରିୟୁର ଅସ୍ତ୍ରୋପଚାର କରିଥିଲେ । ଶିଶୁଟି ସମ୍ପୂର୍ଣ୍ଣ ସୁସ୍ଥ ହୋଇ ଘରକୁ ଫେରିଥିଲା ।

ଟେସ୍‌ର ମା କହିଥିଲେ ଯେ ବାସ୍ତବରେ ତାହା ଏକ 'ମିରାକଲ୍' ଥିଲା । ମାତ୍ର ଟେସ୍ ଜାଣିଥିଲା ସେହି ମିରାକଲ୍‌ର ମୂଲ୍ୟ କେତେ !

ବାସ୍ତବରେ ଟେସ୍‌ର ସରଳ ବିଶ୍ୱାସ ତା' ଛୋଟ ଭାଇର ସୁସ୍ଥତା ପାଇଁ ପରିବେଶ ସୃଷ୍ଟି କରିଥିଲା । ଶ୍ରୀମା କହନ୍ତି, ''There is a great power in the simple confidence of a child.'' ଅର୍ଥାତ୍, ଶିଶୁର ସରଳ ବିଶ୍ୱାସରେ ଏକ ବିରାଟ ଶକ୍ତି ନିହିତ ଥାଏ ।

**(୪) ପ୍ରକୃତି ପ୍ରେମ :** ସୁଖୀ ଲୋକ ସର୍ବଦା ପ୍ରକୃତିକୁ ଭଲପାଏ । ଏହି ପ୍ରକୃତି ମଧ୍ୟରେ ରହିଥାଏ ସମସ୍ତ ଜୀବଜଗତର ଗୁପ୍ତ ରହସ୍ୟ । ନଦୀ, ଝରଣା, ହ୍ରଦ, ସାଗର, ସବୁଜ ବନାନୀ, ରଙ୍ଗିନ ପୁଷ୍ପ ଓ ବିବିଧ ଫଳ ଏବଂ ତା' ଚତୁଃପାର୍ଶ୍ୱରେ ତା'ର ସାଥୀ ହୋଇ ରହୁଥିବା ପଶୁ, ପକ୍ଷୀ ଆଦି ଜୀବଜଗତ୍ ଏବଂ ପ୍ରାଣୀମାନଙ୍କର ଶବ୍ଦ, ସର୍ବୋପରି ତା' ପ୍ରିୟ ସବୁଜ ପୃଥିବୀ ପ୍ରତି ତା'ର ଆନ୍ତରିକତା ଓ ଆକର୍ଷଣ ରହିଥାଏ ।

*ପ୍ରକୃତି ପ୍ରତି ଆକର୍ଷଣର ଏକ ସତ୍ୟ ଘଟଣା ।*

କିଛି ବର୍ଷ ପୂର୍ବେ ମୋର ଜଣେ ଲେଖିକା ବନ୍ଧୁ ଶ୍ରୀମତୀ ଦାଶ ତାଙ୍କ ସ୍ୱାମୀଙ୍କ ସହ ଲଣ୍ଡନ ଯାଇଥିଲେ ସେଠାରେ ଅବସ୍ଥାନ କରୁଥିବା ତାଙ୍କ ଝିଅ ଜ୍ୱାଇଁଙ୍କ ପାଖକୁ । ପ୍ରଥମରୁହିଁ ଏହି ଲେଖିକା ସେ ଦେଶର ପରିଷ୍କାର ପରିଚ୍ଛନ୍ନତା ଏବଂ ପ୍ରତ୍ୟେକ ଗୃହର ଚତୁଃପାର୍ଶ୍ୱରେ ସୌନ୍ଦର୍ଯ୍ୟପୂର୍ଣ୍ଣ ପରିବେଶ ଦର୍ଶନ କରି ଅଭିଭୂତ ହୋଇଥିଲେ । ଜଣେ ଉଚ୍ଚକୋଟୀର ଲେଖିକା ହୋଇଥିବାରୁ ତାଙ୍କ ଭାଷାର ତୂଳୀରେ ନିଜ ଅନୁଭୂତିକୁ ଚମତ୍କାର ଭାବରେ ଆଙ୍କି ପାରିଥିଲେ । ସେଠାରେ ତାଙ୍କର ଅବସ୍ଥାନ କାଳରେ ଦିନେ ସେମାନେ ସମସ୍ତେ କୌଣସି ଦୂରସ୍ଥାନ ପରିଭ୍ରମଣ ଉଦ୍ଦେଶ୍ୟରେ କାର୍‌ରେ ଯାତ୍ରା କରିଥିଲେ । ମାଇଲ ମାଇଲ ଧରି ରାସ୍ତାର ଦୁଇପାର୍ଶ୍ୱରେ ଅତ୍ୟନ୍ତ ଆକର୍ଷଣୀୟ ପୁଷ୍ପ ଉଦ୍ୟାନ ମଧ୍ୟରେ ଗାଡ଼ି ଚାଲୁଥିଲା । ଏହାର ଦର୍ଶନରେ ଲେଖିକା ମୁଗ୍ଧ ହେଉଥିଲେ । ଅନୁଭବ କରୁଥିଲେ ସେ ଯେପରି ଅନ୍ୟ କୌଣସି ଗ୍ରହରେ ବା କୌଣସି ପରୀ ରାଇଜରେ ଘୂରୁଛନ୍ତି । ସେମାନଙ୍କ ପ୍ରତ୍ୟାବର୍ତ୍ତନ ସମୟରେ ସେ ଅନୁଭବ କଲେ ଯେ ବହୁଦିନ ଧରି ତାଙ୍କର ଥିବା ବିଭିନ୍ନ ଶାରୀରିକ ଅସୁସ୍ଥତା ଉଭେଇ ଯାଉଛି, ଯେପରି ସେ ସମ୍ପୂର୍ଣ୍ଣ ସୁସ୍ଥ ! ତା'ପରଠାରୁ ସେ ଗୁଣାତ୍ମକ ଭାବେ ସୁସ୍ଥ ଜୀବନ ଅତିବାହିତ କରିଥିଲେ । ଯେଉଁସବୁ ଅସୁସ୍ଥତାକୁ ଔଷଧ ଠିକ୍ କରିପାରି ନଥିଲା, କେବଳ ମାତ୍ର ପୁଷ୍ପ ସୌନ୍ଦର୍ଯ୍ୟର ସଂଦର୍ଶନ ତାଙ୍କୁ ସୁସ୍ଥ କରି ପାରିଥିଲା !

ଶ୍ରୀମା ପୁଷ୍ପ ସମ୍ବନ୍ଧରେ କହନ୍ତି, ''It exerts a spontaneous influence on all that is around it. It radiates a joy and a beauty.'' ଅର୍ଥାତ୍, ଏହାର ଚତୁଃପାର୍ଶ୍ୱର ପରିବେଶ ଉପରେ ସ୍ୱତଃପ୍ରବୃତ୍ତ ଭାବରେ ଏହା ପ୍ରଭାବ ପକାଇ ଥାଏ ଏବଂ ଆନନ୍ଦ ଓ ସୌନ୍ଦର୍ଯ୍ୟ ବିକିରିତ କରିଥାଏ ।

ବାସ୍ତବରେ ଆନନ୍ଦ ହେଉଛି ଏକ ଆପେକ୍ଷିକ ଶବ୍ଦ ଏବଂ ଜୀବନଯାତ୍ରାର ଏହା ଏକ ମାଧ୍ୟମ ଅଟେ । କିଛି ଲୋକ କହନ୍ତି ସେମାନଙ୍କ ନିକଟରେ ସେମିତି କିଛି ଗୁଣ ନାହିଁ, ଯାହା ତାଙ୍କୁ ସାଫଲ୍ୟ ଓ ଆନନ୍ଦ ପ୍ରଦାନ କରିପାରିବ । ମାତ୍ର ସମସ୍ତଙ୍କ ନିକଟରେ ଏହାର ଗୁପ୍ତ ରହସ୍ୟ ଅଛି । ଅବଶ୍ୟ ଯାହା ଦରକାର ତାହା ବିକଶିତ କରାଯାଇ ପାରି ନାହିଁ; ମାତ୍ର ମଣିଷ ଭିତରେ ତାହା ସଂଗୁପ୍ତ ଭାବରେ ଅଛି ।

ଏହା ହେଉଛି ଯେପରି କୋଟିଏ ଟଙ୍କା ନିଜ ଘର ଅଗଣାରେ ପୋତା ହୋଇଛି । ଅଥଚ ମାଲିକ ସେ ବିଷୟରେ ଅଜ୍ଞ । କିନ୍ତୁ ଯେଉଁ ମୁହୂର୍ତ୍ତରେ ସେ ଏହାର ଆବିଷ୍କାର କରିଥାଏ, ତା'ର ଚିନ୍ତାଧାରା ଓ ବ୍ୟବହାରରେ ପରିବର୍ତ୍ତନ ଘଟିଥାଏ । ପ୍ରତ୍ୟେକ ମଣିଷର ଅଛି ଗୁପ୍ତଧନ । କେବଳ ଆବଶ୍ୟକ ହେଉଛି ଏହାକୁ ଆବିଷ୍କାର କରି ତା'କୁ ଉପଯୁକ୍ତଭାବେ ବ୍ୟବହାର କରିବା । ଏଣୁ ହେ ମନୁଷ୍ୟ ! ଜାଗ୍ରତ୍ ଅବସ୍ଥାରେ ଚାଲ, ତନ୍ଦ୍ରା ଅବସ୍ଥାରେ ନୁହେଁ ।

(କ୍ରମଶଃ) ❑

# କାମବାସନା ଉପରେ ବିଜୟ

## ଶେଖ ଅବଦୁଲ କାଶମ

ପୂର୍ଣ୍ଣଯୋଗରେ ନିମ୍ନତର ଚେତନା ଉର୍ଦ୍ଧ୍ୱତର ଆଧ୍ୟାତ୍ମିକ ଚେତନାକୁ ଆରୋହଣ କରେ ଏବଂ ଉର୍ଦ୍ଧ୍ୱସ୍ଥ ଆଧ୍ୟାତ୍ମିକ ଚେତନା ମନ, ପ୍ରାଣ ଓ ଶରୀର ମଧ୍ୟକୁ ଅବତରଣ କରି ତାହାକୁ ରୂପାନ୍ତରିତ କରେ । ସାଧକ ମଧ୍ୟରେ ଯଦି କାମବାସନା କ୍ରିୟାଶୀଳ ରହିଥାଏ ତାହା ତା'ର ଶରୀର ଓ ପ୍ରାଣକୁ ଆକ୍ରମଣ କରି ସେହି ଆରୋହଣ ପ୍ରକ୍ରିୟାଟିକୁ ପ୍ରତିହତ କରେ । ପୁନଶ୍ଚ ଯଦି ପ୍ରାଣ ମଧ୍ୟରେ କାମବାସନା ରହିଥାଏ ତାହାହେଲେ ସତ୍ତା ମଧ୍ୟକୁ ଉର୍ଦ୍ଧ୍ୱସ୍ଥ ଆଧ୍ୟାତ୍ମିକ ଚେତନାର ଅବତରଣ ଏକ ବିପତ୍‌ସଙ୍କୁଳ ପରିସ୍ଥିତି ସୃଷ୍ଟି କରିପାରେ । ସୁତରାଂ ସତ୍ତା ମଧ୍ୟରେ କାମନାବାସନାକୁ ପ୍ରଶ୍ରୟ ଦେଉଥିବା ପର୍ଯ୍ୟନ୍ତ ସାଧନାରେ ପୂର୍ଣ୍ଣ ଉପଲବ୍ଧି ସମ୍ଭବ ନୁହେଁ । କାମବାସନାର ମୂଳୋତ୍ପାଟନ ବିନା ଦିବ୍ୟଚେତନା ଓ ଦିବ୍ୟ-ଆନନ୍ଦକୁ ଶରୀର ସ୍ତରରେ ପ୍ରତିଷ୍ଠିତ କରାଯାଇପାରିବ ନାହିଁ ।

କାମ-ଶକ୍ତି (Sex-energy) ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାଣ ଶକ୍ତି ଯାହାର ସଂରକ୍ଷଣ ଓ ଉର୍ଦ୍ଧ୍ୱାୟନ ଏକାନ୍ତ ଆବଶ୍ୟକ । ତେଣୁ ବିଭିନ୍ନ ଯୋଗ-ପରମ୍ପରାରେ ବ୍ରହ୍ମଚର୍ଯ୍ୟ ଉପରେ ଗୁରୁତ୍ୱ ଦିଆଯାଇଛି । ଆତ୍ମସଂଯମ ଓ ଏକନିଷ୍ଠ ସଂକଳ୍ପ ଦ୍ୱାରା ରେତଃକୁ ଉର୍ଦ୍ଧ୍ୱମୁଖୀ କରି ତପଃ ଶକ୍ତିରେ, ତପଃକୁ ତେଜଃରେ, ତେଜଃକୁ ବିଦ୍ୟୁତ୍‌ରେ ଏବଂ ବିଦ୍ୟୁତ୍‌କୁ ଓଜଃ ଶକ୍ତିରେ ପରିଣତ କରାଯାଏ । ଏହି ଓଜଃ ଶକ୍ତି ସମଗ୍ର ସତ୍ତାକୁ ଅଧିକୃତ କରି ଏକ ପ୍ରଚଣ୍ଡ ଆଧ୍ୟାତ୍ମିକ ଶକ୍ତି (ବୀର୍ଯ୍ୟ)ରେ ପରିଣତ ହୁଏ । ଫଳରେ ଏହା ଯୋଗ ସାଧନାକୁ ସହଜସାଧ୍ୟ କରେ ।

ଆଧୁନିକ ଯୁଗରେ ପାଶ୍ଚାତ୍ୟ ବିଚାରଧାରାରେ ପ୍ରଭାବିତ କେତେକ ବ୍ୟକ୍ତି ମତ ପ୍ରକାଶ କରନ୍ତି ଯେ କାମବାସନାକୁ ଦମନ (suppress) ନକରି ତା'ର ପରିତର୍ପଣ କରିବା ଉଚିତ । ସେମାନଙ୍କ ଧାରଣା, ଦମନ ଦ୍ୱାରା ନାନା ମନସ୍ତାତ୍ତ୍ୱିକ ବିକୃତି ଓ ରୋଗ ଦେଖା ଦେଇପାରେ । ମାତ୍ର ପ୍ରକୃତ ସତ୍ୟ ହେଲା କାମବାସନାର ଦମନ ସେତେବେଳେ କ୍ଷତିକାରକ ହୁଏ ଯେତେବେଳେ ଜଣେ ଶାରୀରିକ ଦୃଷ୍ଟିରୁ ଏହାକୁ ଦମନ କରିଥାଏ ମାତ୍ର ମାନସିକ ଦୃଷ୍ଟିରୁ କାମବାସନାକୁ ଭୋଗ କରୁଥାଏ । ଅନ୍ୟଥା କାମବାସନାର ଦମନ କଦାପି ସ୍ୱାସ୍ଥ୍ୟ ପକ୍ଷରେ ଅହିତକର ନୁହେଁ । ଯେତେସବୁ ବାସନା ରହିଛି, ଖାଦ୍ୟ ପ୍ରତି ହେଉ ବା ବସ୍ତୁ ପ୍ରତି ହେଉ, ତା' ଉପରେ ବିଜୟ ଲାଭ କରିବାକୁ ହେଲେ ପ୍ରଥମେ ଦମନ ଦ୍ୱାରା ତା' ଉପରେ ନିୟନ୍ତ୍ରଣ ରଖିବାକୁ ହୋଇଥାଏ । ଏତିକି ହେଲେ ପରେ ତା'ର ସମ୍ପୂର୍ଣ୍ଣ ପ୍ରତ୍ୟାଖ୍ୟାନ ସହଜ ହୋଇଯାଏ । ଏକଥା ସତ ଯେ ଦମନ ଅପେକ୍ଷା ପ୍ରତ୍ୟାଖ୍ୟାନ ଅଧିକ ଶ୍ରେୟସ୍କର, ମାତ୍ର ପ୍ରଥମରୁହିଁ ପ୍ରତ୍ୟାଖ୍ୟାନ କରିବା ସବୁବେଳେ ସମ୍ଭବ ହୁଏ ନାହିଁ । ଆଉ ଏକ ଭୁଲ୍ ଧାରଣା ପ୍ରଚଳିତ ଅଛି ଯେ ଯୌନ-କ୍ଷୁଧାକୁ ପୂର୍ଣ୍ଣ ରୂପେ ଚରିତାର୍ଥ କଲେ ତାହା ସମାପ୍ତ ବା ନିର୍ମୂଳ ହୋଇଯାଏ । ଏପରି ଭାବିବା ଏକ ଆତ୍ମପ୍ରତାରଣା ମାତ୍ର । କାରଣ ଯୌନ-କ୍ଷୁଧା ସାମୟିକଭାବେ ପରିତୃପ୍ତ ହୁଏ ସିନା ମାତ୍ର କିଛି କାଳ ପରେ ତାହା ପୁଣି ଜାଗ୍ରତ୍ ହୋଇ ପରିତର୍ପଣ ଦାବି କରେ । ଚୈତ୍ୟ ଚେତନା ବା ଆଧ୍ୟାତ୍ମିକ ଚେତନା ବଳରେ ତାକୁ ପ୍ରତ୍ୟାଖ୍ୟାନ ନକରିବା ପର୍ଯ୍ୟନ୍ତ ତାହା ସାଧକକୁ ଆକ୍ରମଣ କରୁଥାଏ । କାମବାସନାକୁ ଚରିତାର୍ଥ କରିବା ଦ୍ୱାରା କେବଳ ଯେ ବ୍ୟକ୍ତି ଭିତରେ ସାଧନା ବ୍ୟାହତ ହୁଏ ତାହା ନୁହେଁ, ଏହା ସମଗ୍ର ପରିବେଶକୁ ଦୂଷିତ କରି ପକାଏ ଯଦ୍ୱାରା ଧ୍ୱଂସକାରକ ଓ ଅଣ-ଆଧ୍ୟାତ୍ମିକ ଶକ୍ତିସବୁ କ୍ରିୟାଶୀଳ ହୋଇ ଉଠନ୍ତି ।

କାମ ଶକ୍ତିର କ୍ରିୟା ହେଉଛି ବିଶ୍ୱ ପ୍ରକୃତିର ଏକ କୌଶଳ ଯାହା ଦ୍ୱାରା ଅଜ୍ଞାନ ଜଗତରେ ବିଭିନ୍ନ ଜାତିର ବଂଶ ବିସ୍ତାରର ଉଦ୍ଦେଶ୍ୟଟି କାର୍ଯ୍ୟକାରୀ ହୋଇଥାଏ । ମାତ୍ର ଏହା ପରିବେଶ ମଧ୍ୟକୁ କେତେକ ପ୍ରାଣିକ ଶକ୍ତି ଓ ସତ୍ତାଙ୍କୁ ଆସିବା ଲାଗି ସୁଯୋଗ ଦେଇଥାଏ ଯେଉଁମାନେ ଅତିମାନସ ଆଲୋକର ଅବତରଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି କରିଥା'ନ୍ତି । କାମବାସନା ଚରିତାର୍ଥ କରିବାରେ ଯେଉଁ ସୁଖ ପ୍ରାପ୍ତ ହୁଏ ତାହା ସୀମିତ, କ୍ଷଣସ୍ଥାୟୀ ଓ ପରିଣାମତଃ ଅତୃପ୍ତିକର । ତାହା ଦିବ୍ୟ-ପରମାନନ୍ଦର ଏକ ବିକୃତି ମାତ୍ର । ଅନ୍ୟ ପକ୍ଷରେ ଶରୀର କ୍ଷେତ୍ରରେ ଅତିମାନସ-ଆଧାରିତ ସାଧନା ଦ୍ୱାରା ଯେଉଁ ପ୍ରକୃତ ଦିବ୍ୟ-ଆନନ୍ଦ ଅନୁଭୂତ ହୁଏ ତାହାର ଗୁଣଧର୍ମ ସମ୍ପୂର୍ଣ୍ଣ ଭିନ୍ନ, ତାହା ସ୍ୱୟଂସ୍ଥିତ ଓ ଅନନ୍ତ ଗୁଣରେ ଶକ୍ତିଶାଳୀ ଓ ସ୍ୱପରିପୂର୍ଣ୍ଣ । ସମ୍ପୂର୍ଣ୍ଣ ଆଧ୍ୟାତ୍ମିକ ଜୀବନ ବଞ୍ଚିବା ଲାଗି

ଯୌନବାସନାର ପ୍ରତ୍ୟାଖ୍ୟାନ ଏକାନ୍ତ ଆବଶ୍ୟକ । ଶ୍ରୀଅରବିନ୍ଦ କହନ୍ତି :

''All gross indulgence of sex desire and impulse would have to be eliminated; it could only continue among those who are not ready for the higher life or not yet ready for a complete spiritual living.''

(A Practical Guide to Integral Yoga, p. 159)

ଅର୍ଥାତ୍ ''ସମସ୍ତ ସ୍ଥୂଳ ପଶୁ ସୁଲଭ ଯୌନବାସନା ଓ ଯୌନ-ପ୍ରବୃତ୍ତିର ସମ୍ଭୋଗକୁ ମୂଳୋତ୍ପାଟିତ କରିବାକୁ ହେବ । ଏହା ଅବ୍ୟାହତ ରହିପାରେ ସେହିମାନଙ୍କ କ୍ଷେତ୍ରରେ ଯେଉଁମାନେ ଉଚ୍ଚତର ଜୀବନ ପାଇଁ ପ୍ରସ୍ତୁତ ହୋଇ ନାହାନ୍ତି କିଂବା ଏକ ପୂର୍ଣ୍ଣ ଆଧ୍ୟାତ୍ମିକ ଜୀବନ ପାଇଁ ଏପର୍ଯ୍ୟନ୍ତ ପ୍ରସ୍ତୁତ ହୋଇ ନାହାନ୍ତି ।''

ଯୌନ ପ୍ରବୃତ୍ତି ପ୍ରତି କୌଣସି ନୈତିକ ଭୟ ଅଥବା ବୈରାଗୀମାନଙ୍କ ଭଳି ଘୃଣାଭାବ ରହିବା ଆଦୌ ଠିକ୍ ନୁହେଁ । ମନେ ରଖିବାକୁ ହେବ ଯେ କାମପ୍ରବୃତ୍ତି ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ ଶକ୍ତି ଅଟେ ଯାହାକୁ ବଶୀଭୂତ କରିବା ସହ ରୂପାନ୍ତରିତ କରିବା ନିହାତି ଆବଶ୍ୟକ । ଯଦି କାମବାସନା ଜାଗ୍ରତ୍ ହୁଏ ତାହାହେଲେ ବିଷଣ୍ଣ ବା ବ୍ୟଥିତ ନହୋଇ ଶାନ୍ତି ଓ ସ୍ଥିରତା ରକ୍ଷା କରିବା ଉଚିତ ଏବଂ ତାହାର ସମସ୍ତ ଇଙ୍ଗିତକୁ ତତ୍କ୍ଷଣାତ୍ ପ୍ରତ୍ୟାଖ୍ୟାନ କରିବା ଉଚିତ । ଏଥିସହିତ ଊର୍ଦ୍ଧ୍ୱସ୍ଥ ଦିବ୍ୟ-ଚେତନାର ଅବତରଣ ଲାଗି ଆବାହନ କରିବା ଉଚିତ ଯଦ୍ଦ୍ୱାରା ତାହା ଏକ ସତ୍ୟ ଶକ୍ତି ଓ ଦିବ୍ୟ-ଆନନ୍ଦରେ ରୂପାନ୍ତରିତ ହୋଇପାରିବ ।

ନିଜ ଭିତରେ କାମବାସନାର ଦୁର୍ବଳତାଟି ରହିଛି ବୋଲି ବ୍ୟସ୍ତବିବ୍ରତ ହେବା କିଂବା ତାକୁ ନେଇ ମନରେ ଘାରି ହେବା ଆଦୌ ସମୀଚୀନ ନୁହେଁ । ତାକୁ ଅଧିକ ଗୁରୁତ୍ୱ ଦେଇ ତା' ସହିତ ଅନବରତ ସଂଘର୍ଷ କରିବା ଅଥବା ତାକୁ ନେଇ ବିଷାଦଗ୍ରସ୍ତ ହେବା ଯେମିତି ଅସଙ୍ଗତ ତା' ପ୍ରତି ଆବଶ୍ୟକୀୟ ଦୃଷ୍ଟି ନଦେଇ ତାକୁ ବଢ଼ିବା ଲାଗି ସୁଯୋଗ ଦେବା ସେମିତି ଅସଙ୍ଗତ । କାମବାସନାକୁ ପାପପୂର୍ଣ୍ଣ, ଭୟଙ୍କର କିଂବା ଆକର୍ଷଣୀୟ ବୋଲି ବିଚାର ନକରି ତାହାକୁ ନିମ୍ନ ପ୍ରକୃତିର ଏକ ଭୁଲ୍ ଗତିବୃତ୍ତି ବୋଲି ବିଚାର କରିବା ଉଚିତ । ଯଥାର୍ଥ ମନୋଭାବ ହେଲା କାମବାସନାର ପ୍ରକୃତିକୁ ବୁଝି ନୀରବ ଓ ସ୍ଥିର ଭାବରେ ତାକୁ ନିୟନ୍ତ୍ରଣ କରିବାର ଚେଷ୍ଟା କରିବା ।

କାମବାସନାର ନିୟନ୍ତ୍ରଣ ଓ ତା' ଉପରେ ବିଜୟ ଲାଭ ପାଇଁ ନିମ୍ନ କେତୋଟି ବିଷୟ ଉପରେ ଧ୍ୟାନ ଦେବାକୁ ହେବ –

: କାମବାସନା ପ୍ରତି ମନ ବା ପ୍ରାଣ ଯେମିତି ଆଦୌ ସମ୍ମତି ବା ପ୍ରତ୍ୟୁତ୍ତର ନଦିଏ ସେଥିପାଇଁ ପ୍ରଥମେ ସଜାଗ ହେବାକୁ ପଡ଼ିବ ।

: କାମବାସନା ବିଷୟରେ ଆଦୌ ଚିନ୍ତା କରିବା ଉଚିତ ନୁହେଁ । ସେ ଦିଗରୁ ମନକୁ ହଟାଇ ଆଣି ଅଧିକ ଆଗ୍ରହୋଦ୍ଦୀପକ ବିଷୟରେ ବ୍ୟାପୃତ ରହିବା ଉଚିତ ।

ମାଆ କହନ୍ତି : ''You are attaching too much importance to this sex-affair. Do not think of it at all – be interested in more interesting activities, try to grow in knowledge and consciousness and kick away the sex thought and the sex impulse when it comes – then you can hope of becoming one of my soldiers.''

(On Education, p. 157)

ଅର୍ଥାତ୍ ''ତୁମେ ଏହି ଯୌନ ବ୍ୟାପାରଟି ଉପରେ ଅତ୍ୟଧିକ ଗୁରୁତ୍ୱ ଦେଉଛ । ଏହା ବିଷୟରେ ଚିନ୍ତା କର ନାହିଁ – ଅଧିକ ଆଗ୍ରହୋଦ୍ଦୀପକ କାର୍ଯ୍ୟକଳାପରେ ଆଗ୍ରହ ପ୍ରକାଶ କର, ଜ୍ଞାନ ଓ ଚେତନାରେ ବିକଶିତ ହୋଇ ଉଠିବାକୁ ଚେଷ୍ଟା କର ଏବଂ ଯୌନ ଭାବନା ଓ ଯୌନ ପ୍ରବୃତ୍ତି ଯେତେବେଳେ ଆସୁଛି ତାକୁ ଗୋଇଠା ମାରି ତଡ଼ିଦିଅ, ତାହାହେଲେ ତୁମେ ମୋର ସୈନିକମାନଙ୍କ ମଧ୍ୟରୁ ଜଣେ ହେବାକୁ ଆଶା କରିପାରିବ ।''

: କାମବାସନାକୁ ସଂପୂର୍ଣ୍ଣରୂପେ ପ୍ରତ୍ୟାଖ୍ୟାନ କରିବାକୁ ହେବ । ତା' ସହିତ ସଂଘର୍ଷ କରିବା ପରିବର୍ତ୍ତେ ସେଥିରୁ ନିଜକୁ ପୃଥକ୍ କରିନେବା ବା ପ୍ରତ୍ୟାହୃତ କରିନେବା ଆବଶ୍ୟକ । ତା' ପ୍ରତି କଦାପି ସମ୍ମତି ନଦେବା ଉଚିତ । ତାହା ଯେ ଆମ ନିଜର ନୁହେଁ ବରଂ ବିଶ୍ୱପ୍ରକୃତିରୁ ଆମ ଉପରେ ଲଦି ଦିଆଯାଇଛି ଏକଥା ମନେ ରଖିବାକୁ ହେବ ।

: ନିଷ୍କ୍ରିୟତା କାମବାସନାକୁ ଜନ୍ମ ଦେଇପାରେ । ତେଣୁ ଆଳସ୍ୟ ଓ ନିଷ୍କ୍ରିୟତାକୁ ଛାଡ଼ି କୌଣସି ଗଠନମୂଳକ ବା ସୃଜନାତ୍ମକ କାର୍ଯ୍ୟରେ ବ୍ୟସ୍ତ ରହିଲେ କାମବାସନା ଉଦ୍ରେକ ହେବାର ଅବକାଶ ରହିବ ନାହିଁ ।

: ନିଜର ଇଚ୍ଛାଶକ୍ତିକୁ ଦୃଢ଼ ଓ ଅଟଳ ରଖି ପାରିଲେ

ତଥା ଦୃଢ଼ପ୍ରତିଜ୍ଞ ହୋଇ କାମବାସନାକୁ ପ୍ରତ୍ୟାଖ୍ୟାନ କରିବାର ଅଭ୍ୟାସ ଜାରି ରଖିଲେ ତାହା କ୍ରମଶଃ ଦୁର୍ବଳ ହୋଇ ଆକ୍ରମଣ କରିବା ବନ୍ଦ କରିଦେବ ।

: ବ୍ୟକ୍ତିଗତ ତପସ୍ୟା ବା ସଂକଳ୍ପ ସବୁବେଳେ ସଫଳ ହୁଏ ନାହିଁ । ତାହାର ପରିଣାମ ସୀମିତ ହୋଇଥାଏ । ସୁତରାଂ ଉଚ୍ଚତର ଚେତନା (ବା ମାତୃଚେତନା)କୁ ଆବାହନ କରିବା ଦ୍ୱାରା କାମବାସନା ଉପରେ ବିଜୟ ଲାଭ କରାଯାଇପାରିବ ।

: ନିମ୍ନତର ପ୍ରାଣ କାମନାବାସନା ଭିତରେ ତୀବ୍ରତା ଓ ଉତ୍ତେଜନା ଭରିଦିଏ । ସୁତରାଂ କାମଶକ୍ତିକୁ ନିମ୍ନତର ପ୍ରାଣଠାରୁ ପୃଥକ୍ କରି ରଖିବା ଉଚିତ । ନିମ୍ନପ୍ରାଣ ଭିତରେ ଶକ୍ତି-ସାମର୍ଥ୍ୟ ଓ ପବିତ୍ରତା ରହିଥିଲେ ତାହା ଯୌନ-ଇଚ୍ଛାକୁ କାଢ଼ି ଫିଙ୍ଗି ଦେଇପାରେ ।

: କାମବାସନା ଉପରେ ନିୟନ୍ତ୍ରଣ କରିବାରେ ବାରଂବାର ବିଫଳତା ଆସିଲେ ମଧ୍ୟ ଧୈର୍ଯ୍ୟ ନହରାଇ ସେହି ପ୍ରଚେଷ୍ଟାରେ ଲାଗି ରହିବା ଉଚିତ । କାମବାସନାକୁ ଥରେ ଦୁଇଥର କାଢ଼ି ଫିଙ୍ଗି ଦେଲେ ମଧ୍ୟ ତାହା ବାରଂବାର ଆକ୍ରମଣ କରିଥାଏ । ସୁତରାଂ ହତାଶ ନହୋଇ ତା' ପ୍ରତି ପ୍ରତ୍ୟୁତ୍ତର ଦେବାର ଅଭ୍ୟାସରୁ ନିବୃତ୍ତ ହେବା ଆବଶ୍ୟକ ଏବଂ ଦୃଢ଼ଭାବେ ଲାଖି ରହୁଥିବା ସେହି ଅଭ୍ୟାସଠାରୁ ଆହୁରି ବଳବାନ୍ ଏକ ସଂକଳ୍ପ-ଶକ୍ତି ଓ ଅଧ୍ୟବସାୟକୁ ପ୍ରୟୋଗ କରିବା ଉଚିତ ।

: ହୃଦୟର ପ୍ରସାରତା ଓ ସର୍ବଜନୀନ ଶ୍ରଦ୍ଧାଶୀଳତା ଯୌନ ପ୍ରବୃତ୍ତିର ଦାବିକୁ ନିବାରଣ କରିପାରେ ।

: ସାଧକର ସମଗ୍ର ଚେତନା ସଦା ଜାଗ୍ରତ୍ ରହିବା ଉଚିତ । ମନ ଓ ସଂକଳ୍ପଶକ୍ତି ମଧ୍ୟରେ କୌଣସି ବିଭାଜନ ନ ରହିବା ଉଚିତ । ଯୌନପ୍ରବୃତ୍ତିର ପରିତୃପ୍ତିକୁ ଠିକ୍ ବୋଲି ସାବ୍ୟସ୍ତ କରିବାର ମନୋବୃତ୍ତିକୁ କଦାପି ପ୍ରଶ୍ରୟ ଦେବା ଅନୁଚିତ ।

: ଗଭୀର ଭକ୍ତି ଓ ସମର୍ପଣଭାବ ଦ୍ୱାରା ଚୈତ୍ୟସତ୍ତାକୁ ସମ୍ମୁଖକୁ ଆଣି ପାରିଲେ କାମବାସନା ଉପରେ କର୍ତ୍ତୃତ୍ୱ ହାସଲ ସହଜ ହୋଇଥାଏ ।

: ଆମେ ମାଆଙ୍କର ବାଣୀ ମନେ ରଖିବା "...one must abstain from all pleasure-seeking, including sexual pleasure. For every sexual act is a step towards death."

(On Education, p. 54)

(ଆମକୁ ସମସ୍ତ ପ୍ରକାର ଭୋଗ-ଲିପ୍ସାରୁ ଦୂରରେ ରହିବାକୁ ହେବ, ଯୌନସମ୍ଭୋଗ ମଧ୍ୟ ଏହାର ଅନ୍ତର୍ଭୁକ୍ତ । କାରଣ ପ୍ରତ୍ୟେକଟି ଯୌନସମ୍ଭୋଗର ଅର୍ଥ ହେଉଛି ମୃତ୍ୟୁ ଆଡ଼କୁ ଆହୁରି ଏକ ପାଦ ଆଗେଇଯିବା ।)

ସାଧନା କାଳରେ ସର୍ବଦା ଯଥାର୍ଥ ଜିନିଷଟିକୁ ବାଛିନେବାର ଏକ ସିଦ୍ଧାନ୍ତ କରିବାକୁ ହୁଏ । ନିଜକୁ ଏଇ ପ୍ରଶ୍ନ ପଚାରିବା ଉଚିତ – "ଯୌନକ୍ରିୟାଗତ ବିକୃତ ଓ କ୍ଷଣିକ ସୁଖ ଆମର ଆବଶ୍ୟକ ନା ଚିରସ୍ଥାୟୀ ସ୍ୱୟଂସ୍ଥିତ ଦିବ୍ୟ-ଆନନ୍ଦ ? ଆମ ଜୀବନର ଲକ୍ଷ୍ୟ ଭଗବାନଙ୍କ ସାନ୍ନିଧ୍ୟ ନା ନର-ନାରୀର ସଂସର୍ଗ ? ଆମେ ଅତୀତ କାଳର ମାନବତା ଭିତରେ ସୀମିତ ହୋଇ ରହିବା ନା ଆଗାମୀ ଯୁଗର ଅତିମାନବତାର ଅନ୍ତର୍ଭୁକ୍ତ ହେବା ?

ଏଦିଗରେ ପ୍ରଥମ ଦୃଢ଼ ପଦକ୍ଷେପ ହେଲା – ଯୌନପ୍ରବୃତ୍ତିକୁ ଆଦୌ କ୍ରିୟାରେ ପରିଣତ ନକରିବା । ତା'ପରେ ଯୌନ-ଆକାଂକ୍ଷାକୁ ନିଜ ଆଧାରରୁ ବହିଷ୍କାର କରିବାର ଦୃଢ଼ ସଂକଳ୍ପ ଏବଂ ଯୌନବାସନା ଲାଗି ସତ୍ତାର ସମସ୍ତ ଦ୍ୱାରକୁ ବନ୍ଦ କରିବାର ପ୍ରଚେଷ୍ଟା । ଏହାର ପରିଣତି ସ୍ୱରୂପ ତାହା ଆମ ଚେତନାରୁ ସଂପୂର୍ଣ୍ଣରୂପେ ବିଲୁପ୍ତ ହୋଇଯିବ । ଯେତେବେଳେ ଆମେ ଭାବୁ ଯେ ଏହି ବାସନାଟି ମୋର ନୁହେଁ, ଏହା ବାହାରୁ ଆସିଛି, ବିଶ୍ୱପ୍ରକୃତି ବା ଅବଚେତନ ଜଗତରୁ ଆସିଛି ସେତେବେଳେ ତାକୁ ପ୍ରତ୍ୟାଖ୍ୟାନ କରିବା ଅପେକ୍ଷାକୃତ ସହଜ ହୋଇଥାଏ । କାମବାସନା ସମ୍ପର୍କରେ ଅତ୍ୟଧିକ ଚିନ୍ତା କରିବାର ଅଭ୍ୟାସ ଛାଡ଼ି ନିଜକୁ ସକାରାତ୍ମକ ଅନୁଭୂତି ପ୍ରତି ଅଧିକ ଉନ୍ମୁକ୍ତ ରଖିବାକୁ ହେବ ।

❑❑❑

ତୁମର ଚିନ୍ତାସକଳ ଦିବ୍ୟସତ୍ୟ ଦ୍ୱାରା ପୂର୍ଣ୍ଣ ହୋଇଉଠୁ ଏବଂ ତୁମର ହୃଦୟ ଦିବ୍ୟପ୍ରେମ ଦ୍ୱାରା ପୂର୍ଣ୍ଣ ହୋଇଉଠୁ ।

– ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୩୯)

## ସାହାନା ଦେବୀ

**ସାହାନା :** ମା' ମୋର, ମୁଁ ଏବେ ପ୍ରାୟ ଭଲ ଅଛି, କାର୍ଯ୍ୟ ନାମରେ ସେପରି ଅସ୍ୱସ୍ତିକର ବୋଧ ଆଉ ନାହିଁ, କାର୍ଯ୍ୟ କରିବାର ଇଚ୍ଛା, ଆଗ୍ରହ ସମୟ ସମୟରେ ମଧ ହେଉଛି । ତଥାପି ମଧ କେବେ କେବେ ମନେ ହେଉଛି ଯେପରି ଏକ ବିକ୍ଷିପ୍ତ ଅବସ୍ଥାରେ ଏବେ ବି ଅଛି, ନିଜକୁ ଖୁବ୍ ଗୋଟାଏ ସଜାଡ଼ି ନେଇ ପାରୁନି । ପୁଣି କେଉଁ କେଉଁ କର୍ମରେ ସ୍ୱତଃ ଉତ୍ସାରିତ ସଚେତନ ସଂଯମ ଆସୁଛି, ପୁଣି ଅନ୍ୟ ଦିଗରେ ବେଶ୍ କିଛି ଅହଂପୂର୍ଣ୍ଣ ମନୋଭାବ ଯେମିତି ମୋତେ କାବୁ କରି ପକାଉଛି ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ବସ୍ତୁତଃ ଏହିସବୁ ଅବସ୍ଥା ହେଉଛି ତାହା ଯାହା ଅପରିବର୍ତ୍ତିତ ରୂପେ ପଡ଼ି ରହିଛି ବାହ୍ୟ ସତ୍ତାରେ – ଶରୀର ଚେତନାରେ । ଯଦିଓ ସେଥି ମଧ୍ୟରୁ କିଛି କିଛି ଉର୍ଦ୍ଧ୍ୱତର ଅଂଶ ଦ୍ୱାରା ପରିବର୍ଜିତ ହୋଇଛି, ତେବେ ବି ସେମାନଙ୍କର ଅଧିକାର ଅବା ସେମାନଙ୍କର ଶେଷ ଅଂଶ ଅଗ୍ରଗତିକୁ ଅସମ୍ପୂର୍ଣ୍ଣ କରି ରଖିଛି । ବର୍ତ୍ତମାନ ସେମାନେ ମଥା ଟେକିଛନ୍ତି ବିଚ୍ଛୁରିତ ହେବା ନିମନ୍ତେ ଏବଂ ସେଇସବୁ ଅଂଶ ମଧ୍ୟରୁ ସେମାନଙ୍କୁ ବାହାର କରି ତଡ଼ି ଦେବାକୁ ହେବ ।

କର୍ମ କରିବାର ଅନିଚ୍ଛାରୁ ଅବ୍ୟାହତି ପାଇବା ମୁସ୍କିଲ ନୁହେଁ ଯଦି ନିଦ୍ରା ପୁଣି ପୂର୍ଣ୍ଣ ମାତ୍ରାରେ ଫେରି ଆସେ – ଏବଂ ଶରୀର ତା'ର ନମନୀୟତା ଫେରିପାଏ ।

**ସାହାନା :** ଆଜି ଦ୍ୱିପ୍ରହରେ ମଧ ଏକ ଅବସାଦର ଆକ୍ରମଣ ଦେଖା ଦେଇଥିଲା । ପ୍ରଥମ କଥା ହେଉଛି ଏଇ ପ୍ରକାର ଅବସାଦର କଥା ସବୁ ତୁମଠାରୁ ଲୁଚାଇବା ଲାଗି ବେଶ୍ ପ୍ରବଣତା ଆସେ । ଏପଟେ ପ୍ରତ୍ୟାଖ୍ୟାନ କରିବାର ବିଶେଷ ଇଚ୍ଛା ମଧ ନଥିଲା । କେମିତି ଏକ ଭୟ ହେଉଥିଲା ଯଦି ତୁମେ ମୋ ଉପରେ ଅସନ୍ତୁଷ୍ଟ ହୁଅ । ତେଣୁ ରୀତିମତ ଯୁଦ୍ଧ କରି ସର୍ବଶେଷରେ ପ୍ରତ୍ୟାଖ୍ୟାନହିଁ କରାଗଲା । ତା'ପରେ ଆଲୋକର ଅବତରଣ ତୁମ କରୁଣାରୁ ପ୍ରତିଭାତ ହେଲା ।

**ଶ୍ରୀଅରବିନ୍ଦଙ୍କ ପତ୍ର :** ଲୁକ୍କାୟିତ କରିବା ସର୍ବଦା ଏକ ଭୁଲ୍ । ତାହା ଥିଲା ପ୍ରାଣିକ ଶରୀରରେ ତାମସିକ ଅହଂକାର – ଯେତେବେଳେ ରାଜସିକ ଅହଂକାର ହତାଶ ହୁଏ, ସେତେବେଳେହିଁ ଆସେ ପ୍ରତିରୋଧ କରିବାର ଆଳସ୍ୟ ।

(୭.୧୧.୩୩)

**ସାହାନା :** ମା' ଗୋ, ମୋତେ ଆଦୌ କିଛି ଭଲ ଲାଗୁ ନାହିଁ । ତୁମ ନିକଟରୁ ଫେରି ଆସି ମଧ ମନ ଭଲ ଲାଗୁ ନାହିଁ । ଅନେକ ଆଶା କରିଥିଲି ଯେ ତୁମ ପାଖରେ ଥରେ ପହଞ୍ଚିଗଲେ ମୋର ସମସ୍ତ ଗ୍ଲାନି ଦୂର ହୋଇଯିବ, କିନ୍ତୁ ତା'ର ଓଲଟା ହୋଇଯାଇଛି । ଏତେ ମନସ୍ତାପ ହେଉଛି ଯେ ଏଠାରୁ ଚାଲିଯିବା ପାଇଁ ପ୍ରବଳ ଇଚ୍ଛା ହେଉଛି, ଏବେବି ସେହି ମନୋଭାବ ରହିଛି । ଆଜି ମୋ ସହ ତୁମର କଥାବାର୍ତ୍ତା, ବ୍ୟବହାର ଖାଲି କେମିତି କେମିତି ଲାଗୁଛି, ଖାପଛଡ଼ା ମନେ ହେଉଛି । ତୁମର ସେ ସ୍ପର୍ଶ ଆଜି ସେ ପ୍ରକାର ଲାଗି ନାହିଁ ଯେପରି ଅନ୍ୟ ଦୁଃଖପୂର୍ଣ୍ଣ ମୁହୂର୍ତ୍ତରେ ତୁମ ପାଖକୁ ଗଲେ ପାଇଥାଏ । ପୂର୍ବଥର ମୋତେ ତୁମର ଗଭୀର ସ୍ପର୍ଶରେ ପୂରା ଭଲ କରି ଦେଇଥିଲ, କିନ୍ତୁ ଏଇଥର ମୁଁ ସେମିତି ଗଭୀର ଆନନ୍ଦ ଅବା ତୃପ୍ତି କିଛି ପାଇ ନାହିଁ ମା । ଆଜି ମୋତେ ତୁମ ପାଖରୁ ଅନେକ ଦୂରରେ ରଖିଥିଲ, ଏବଂ ଏଇଟାହିଁ ମୋର ପ୍ରଥମ ଅନୁଭୂତି ଯେ ତୁମ ପାଖକୁ ଯାଇ ଆନନ୍ଦ ଅବା ତୃପ୍ତି କିଛି ବି ପାଇ ନାହିଁ । ପ୍ରଥମଥର ପାଇଁ ୨୪ ଦର୍ଶନ ନିମନ୍ତେ ମୋର ଆଗ୍ରହ, ଉଦ୍ଦୀପନା କିଛି ନାହିଁ – ପ୍ରାର୍ଥନା ମଧ ଜାଗ୍ରତ୍ ହେଉ ନାହିଁ । ଜାଣେନା ଶେଷ ପର୍ଯ୍ୟନ୍ତ କ'ଣ ହେବ । ହୁଏତ ପ୍ରକୃତରେ ମୋତେ ଏଠାରୁ ଛାଡ଼ି ଚାଲିଯିବାକୁହିଁ ପଡ଼ିବ; ବର୍ତ୍ତମାନ ମୋର ଏଇ ମନୋଭାବ । କିଛି କରିବାକୁ ଭଲ ଲାଗୁନି, ଏକମାତ୍ର ଶରୀର ଛାଡ଼ି ଦେବାକୁ ଇଚ୍ଛା ହେଉଛି ଏସବୁରୁ ନିଷ୍କୃତି ପାଇବା ପାଇଁ ।

ଲେଖିବାକୁ ଭଲ ଲାଗୁ ନାହିଁ । ଏମିତି ଲାଗି ରହିଲେ ମୁଁ ଆଉ ପତ୍ର ବି ଲେଖିବି ନାହିଁ । ଖୁବ୍ ଶୋଚନୀୟ ଅବସ୍ଥାରେ ପଡ଼ିଛି । ଶୁଷ୍କ ମରୁଭୂମି ପଥରେ କ'ଣ ଆସି ପଡ଼ିଗଲି ?

**ଶ୍ରୀଅରବିନ୍ଦଙ୍କ ପତ୍ର :** ନିଶ୍ଚିତ ରୂପେ ଏହା ସତ୍ୟ ନୁହେଁ ଯେ ମା ତୁମ ପ୍ରତି ଅନ୍ୟଦିନ ଅପେକ୍ଷା ଅନ୍ୟ ରକମର

*(ଅବଶିଷ୍ଟାଂଶ ପୃଷ୍ଠା ୪୪ରେ ଦେଖନ୍ତୁ)*

# ଆମ ସ୍ୱାସ୍ଥ୍ୟ

## (୨୨)

## ଭୋଳେଶ୍ୱର ଭୂୟାଁ

### ଆମ ସ୍ୱାସ୍ଥ୍ୟ ପାଇଁ ଅନ୍ୟାନ୍ୟ ଉପାୟ (୧)

**ପ୍ରାଣାୟାମର ଉପାୟ :**

ଆସନ ଓ ବ୍ୟାୟାମ ମାଧ୍ୟମରେ ଆମ ସ୍ୱାସ୍ଥ୍ୟର ଉତ୍କର୍ଷ ବିଷୟରେ ଆମେ ଆଲୋଚନା କରି ସାରିଛୁ । ଏଥର ଆମେ ଆମ ସ୍ୱାସ୍ଥ୍ୟ ପାଇଁ ଅନ୍ୟାନ୍ୟ ଉପାୟ ବିଷୟରେ ଆଲୋଚନା କରିବା । ଏହିସବୁ ଉପାୟ ମଧ୍ୟରୁ ପ୍ରାଣାୟାମ ଏକ ଅତି ଉପାଦେୟ ଉପାୟ ।

ଆମେ ସମସ୍ତେ ଜାଣୁ ଯେ ଅମ୍ଳଜାନ ଆମ ଜୀବନ ଧାରଣ ପାଇଁ ଏକ ସର୍ବ ପ୍ରଧାନ ଆବଶ୍ୟକ ଉପାଦାନ । ଅମ୍ଳଜାନ ବିନା ଆମେ ୫ ରୁ ୧୦ ମିନିଟ ବଞ୍ଚିବା ମଧ୍ୟ ଅସମ୍ଭବ ହୋଇଥାଏ । ଏକଥା ଜାଣି ମଧ୍ୟ ଆମେ ଅଧିକ ଅମ୍ଳଜାନ ଗ୍ରହଣ କରିବାରେ ଅବହେଳା କରିଥାଉ । ସାଧାରଣ ଲୋକ ତାଙ୍କ ଫୁସ୍‌ଫୁସ୍‌ର ସର୍ବାଧିକ ବାୟୁ ଧାରଣ କ୍ଷମତାର ମାତ୍ର ୧୦ ପ୍ରତିଶତ ବାୟୁ ଗ୍ରହଣ କରିଥାଆନ୍ତି । ନିଜ ଫୁସ୍‌ଫୁସ୍‌କୁ ସମ୍ପୂର୍ଣ୍ଣ ଖାଲି କରି ପୁଣି ଫୁସ୍‌ଫୁସ୍‌କୁ ପୂର୍ଣ୍ଣରୂପେ ଭରିବାକୁ ହେବ । ଏହା ଦ୍ୱାରା ଆମେ ଅଧିକ ଅମ୍ଳଜାନ ପାଇଥାଉ । ଆମ ଶରୀରର ରାସାୟନିକ ପ୍ରକ୍ରିୟାରେ ଅମ୍ଳଜାନ ଏକାନ୍ତ ଆବଶ୍ୟକ । ଆମେ ଯଦି ଯଥାର୍ଥ ପରିମାଣରେ ଶୁଦ୍ଧ ଅମ୍ଳଜାନ ଗ୍ରହଣ ନକରୁ ଆମ ଶରୀରର ରାସାୟନିକ ପ୍ରକ୍ରିୟା ବିକୃତ ହୋଇ ମାରାତ୍ମକ ଅକ୍ସିଡେଣ୍ଟ ଉପାଦାନ ଉତ୍ପନ୍ନ ହୋଇଥାଏ । ଏହି ଉପାଦାନ ଆମ ଶରୀରରେ ବୃଦ୍ଧି ହେଲେ ନାନା କଠିନ ରୋଗର ଆମେ ଶିକାର ହୋଇଥାଉ । ଏଥିରୁ ରକ୍ଷା ପାଇବା ପାଇଁ ଆମକୁ ଦୁଇଟି କାମ କରିବାକୁ ହେବ । ୧ – ଆଣ୍ଟି ଅକ୍ସିଡେଣ୍ଟ ଖାଦ୍ୟ ଗ୍ରହଣ କରିବାକୁ ହେବ; ୨ – ପ୍ରାଣାୟାମ କରି ଅଧିକ ଶୁଦ୍ଧ ଅମ୍ଳଜାନ ଆମ ଫୁସ୍‌ଫୁସ୍ ମାଧ୍ୟମରେ ଶରୀରରେ ପ୍ରବେଶ କରାଇବାକୁ ହେବ । ପ୍ରତିଦିନ ୨୦ ମିନିଟରୁ ଅଧଘଣ୍ଟା ପ୍ରାଣାୟାମ କଲେ ଆମେ ଅନେକ ରୋଗରୁ ରକ୍ଷା ପାଇଥାଉ ଓ ଆମ ସ୍ୱାସ୍ଥ୍ୟର ଉନ୍ନତି ହୋଇଥାଏ ।

ମଣିଷଙ୍କ ବ୍ୟତୀତ କେତେକ ଇତର ଜୀବଜନ୍ତୁ ମଧ୍ୟ ସ୍ୱାଭାବିକଭାବେ ପ୍ରାଣାୟାମ କରିଥାଆନ୍ତି, ଏମାନଙ୍କ ମଧ୍ୟରୁ କଚ୍ଛପର ପ୍ରାଣାୟାମ ଉଲ୍ଲେଖ ଯୋଗ୍ୟ । କଚ୍ଛପ ବାହାରେ ଶ୍ୱାସ ଗ୍ରହଣ କରି ପାଣି ଭିତରେ ଶୟନ କରିଥାଏ । ସେଥିପାଇଁ କଚ୍ଛପର ଆୟୁ ଅତ୍ୟନ୍ତ ଦୀର୍ଘ ହୋଇଥାଏ । ଏମାନେ ପ୍ରାୟ ୫୦୦ରୁ ୧୦୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାଆନ୍ତି । ଅନ୍ୟ କେତେକ ଜୀବ ଯଥା – ସାପ, ବେଙ୍ଗ, ଠେକୁଆ ଆଦି କୁମ୍ଭକ କରି ନଖାଇ ନପିଇ ନିର୍ଜୀବ ଅବସ୍ଥାରେ ଛଅ ମାସ ମାଟି ତଳେ ବା ବରଫ ତଳେ ରହିପାରନ୍ତି । ଏହି ପ୍ରକ୍ରିୟାକୁ ଇଂରାଜୀରେ Hibernate (ହାଇବରନେଟ୍) ବା ହିମଶୟନ କରିବା କୁହାଯାଏ ।

କେହି କେହି ସାଧୁ ମଧ୍ୟ ନଖାଇ ନପିଇ ମାଟି ତଳେ ଅନେକ ଦିନ ବଞ୍ଚି ରହିଥିବାର ଶୁଣାଯାଏ । ଏହି ପ୍ରକ୍ରିୟା ଏପର୍ଯ୍ୟନ୍ତ ମଣିଷ ପାଇଁ ସର୍ବଜନୀନ ହୋଇ ପାରି ନାହିଁ । ଏହା କେବଳ ମୁଷ୍ଟିମେୟ କେତେକ ବ୍ୟକ୍ତିବିଶେଷରେ ସମ୍ଭବ ହୋଇପାରିଛି । ଅତି କମ୍‌ରେ ଆମେ ପ୍ରାଣାୟାମ କରି ଯଦି ୩୦୦ ବର୍ଷ ବଞ୍ଚିପାରିବୁ ତେବେ ଶରୀର ରୂପାନ୍ତର ପଥରେ ଏହା ବିଶେଷ ସହାୟକ ହେବ । ତେଣୁ ଆମକୁ ପ୍ରାଣାୟାମ ବିଜ୍ଞାନକୁ ଯଥାର୍ଥ ଭାବରେ ବୁଝି ତାକୁ ଅଙ୍ଗେ ନିଭାଇବାକୁ ପଡ଼ିବ ।

ଶ୍ୱାସ-ପ୍ରଶ୍ୱାସ ସହିତ ମନର ଏପରି ଏକ ଘନିଷ୍ଠ ସମ୍ପର୍କ ରହିଛି ଯାହାକୁ ପ୍ରଥମେ ଆମକୁ ଅନୁଭବ କରିବାକୁ ହେବ । ଯେତେବେଳେ ଆମେ ରାଗିଯାଉ ସେତେବେଳେ ଆମ ଶ୍ୱାସ-ପ୍ରଶ୍ୱାସର ଗତି ମଧ୍ୟ ବୃଦ୍ଧି ପାଇଥାଏ । ଧ୍ୟାନରେ ଯେତେବେଳେ ବସୁ ଓ ମନକୁ ଶାନ୍ତ କରିବାକୁ ଚେଷ୍ଟା କରୁ ସେତେବେଳେ ଆମ ଶ୍ୱାସ-ପ୍ରଶ୍ୱାସ ମଧ୍ୟ ମନ୍ଥର ହୋଇ ଯାଇଥାଏ । ଯେତେବେଳେ ଆମେ ମନକୁ ପୂର୍ଣ୍ଣ ନିରବ କରି ପାରିଥାଉ ସେତେବେଳେ ଆମ ଶ୍ୱାସ କ୍ରିୟା ପ୍ରାୟ ପୂର୍ଣ୍ଣରୂପେ ବନ୍ଦ ହୋଇ ଯାଇଥାଏ । ବିପରୀତ ପକ୍ଷେ ଆମେ ଆମ ମନକୁ ଶାନ୍ତ ଓ ସ୍ଥିର ରଖିବା ପାଇଁ ଆମ ଶ୍ୱାସ-ପ୍ରଶ୍ୱାସକୁ ଦୀର୍ଘ ଓ ମନ୍ଥର କରିବାକୁ ହୋଇଥାଏ । ଏହିପରି ଭାବେ ଶ୍ୱାସ-ପ୍ରଶ୍ୱାସକୁ

ନିୟନ୍ତ୍ରଣ କରି ଅର୍ଥାତ୍ ପ୍ରାଣାୟାମ କରି ଆମେ ଆମ ମନକୁ ନିରବ କରିବା ସଙ୍ଗେ ସଙ୍ଗେ ଶରୀର ପରିଚାଳନାରେ ବିଶେଷ ସୁପ୍ରଭାବ ବିସ୍ତାର କରି ପାରିଥାଉ । ଏ ବିଷୟରେ ଶ୍ରୀଅରବିନ୍ଦ କହୁଛନ୍ତି :

"The body, thus liberated from itself, purified from many of its disorders and irregularities, becomes, partly by Asana, completely by combined Asana and Pranayama, a perfected instrument. It is freed from its ready liability to fatigue; it acquires an immense power of health; its tendencies of decay, age and death are arrested."

(*The Synthesis of Yoga*, p. 533)

''ଏହିପରି ଭାବରେ ଶରୀର ନିଜଠାରୁ ମୁକ୍ତ ହୋଇ, ଏହାର ଅନେକ ଅବ୍ୟବସ୍ଥା ଓ ବିକୃତିକୁ ପରିଶୁଦ୍ଧ କରି, ଆଂଶିକ ଭାବେ ଆସନ ଦ୍ୱାରା ଏବଂ ପୂର୍ଣ୍ଣରୂପେ ଉଭୟ ଆସନ ଓ ପ୍ରାଣାୟାମ ଦ୍ୱାରା ଏକ ଯଥାର୍ଥ ଯନ୍ତ୍ରରୂପେ ଗଢ଼ି ଉଠିଥାଏ । ଶରୀର ତା'ର ସହଜାତ କ୍ଳାନ୍ତିର ବୋଝରୁ ମୁକ୍ତ ହୋଇ, ଏକ ବିଶାଳ ସ୍ୱାସ୍ଥ୍ୟର ଶକ୍ତି ଲାଭ କରିଥାଏ, ଏବଂ ଏହାର କ୍ଷୟ-କ୍ଷତି, ବାର୍ଦ୍ଧକ୍ୟ ଓ ମୃତ୍ୟୁର ଟାଣକୁ ବନ୍ଦ କରି ପାରିଥାଏ ।''

ଶ୍ରୀଅରବିନ୍ଦ ପୁଣି କହୁଛନ୍ତି : ''ପ୍ରାଣାୟାମର ପ୍ରଥମ ଉଦ୍ଦେଶ୍ୟ ହେଲା ସ୍ନାୟୁ ମଣ୍ଡଳକୁ ବିଶୁଦ୍ଧ କରି (ନାଡ଼ି ଶୁଦ୍ଧି), ପ୍ରାଣିକ ଜୀବନୀ ଶକ୍ତିକୁ ସ୍ନାୟୁ ମଧ୍ୟରେ ଅବାଧରେ ସରବରାହ କରିବା । ଏହା ଭିତରେ ଥିବା ଅବ୍ୟବସ୍ଥା ଓ ବିକୃତିକୁ ଦୂର କରି ଶରୀର ପରିଚାଳନାରେ ଏକ ନିୟନ୍ତ୍ରଣ ଆଣିବା ଯଦ୍ୱାରା ଏହା ଭିତରେ ଥିବା ମନ ଏବଂ ଆତ୍ମାର ଇଚ୍ଛା ଶକ୍ତି ଆଉ ଶରୀର ବା ପ୍ରାଣର କ୍ଷୁଦ୍ରତାରେ ଆବଦ୍ଧ ହୋଇ ରହିବ ନାହିଁ ।''

(*On Physical Education*, p. 48)

ଶ୍ରୀଅରବିନ୍ଦ ଆସନ ଓ ପ୍ରାଣାୟାମ ଉପରେ ଏତେସବୁ ମନ୍ତବ୍ୟ ଦେଲା ପରେ ଏହାକୁ ଆମ ଯୋଗରେ ଏକ ଅତ୍ୟାବଶ୍ୟକ ପ୍ରଣାଳୀ ରୂପେ ଗ୍ରହଣ କରି ନାହାନ୍ତି । କେତେକ ସାଧକ ତାଙ୍କର ଏହି ଉକ୍ତିଟିକୁ ଜାବୁଡ଼ିଧରି ଆସନ, ପ୍ରାଣାୟାମ କରିବା ଦରକାର ନାହିଁ ବୋଲି କହିଥାଆନ୍ତି । ତେବେ ଶ୍ରୀଅରବିନ୍ଦ ନିଜେ ଘଣ୍ଟା ଘଣ୍ଟା ପ୍ରାଣାୟାମ କାହିଁକି କରୁଥିଲେ ? ଶୀର୍ଷାସନରେ ସେ ଅଧଘଣ୍ଟା ରହୁଥିଲେ । ଶ୍ରୀଅରବିନ୍ଦ ଏପରି କହିବାର ଉଦ୍ଦେଶ୍ୟ ହେଲା ଆମକୁ ଆମ କ୍ଷୁଦ୍ରତାର ଉପରକୁ ନେବା । ରୂପାନ୍ତର ଯୋଗରେ କୌଣସି ଏକ ବିଧିବଦ୍ଧ ଧାରାବାହିକ ପ୍ରଣାଳୀ ମା'ଶ୍ରୀଅରବିନ୍ଦ ଦେଇ ନାହାନ୍ତି । ସେମାନେ ଆମ ଅନ୍ତରରେ ରହି ଆମ ପାଇଁ ଯେଉଁ ପ୍ରଣାଳୀ ଦରକାର ସେ ବିଷୟରେ ଆମକୁ ପ୍ରେରଣା ଦେଇଥାଆନ୍ତି । ଏଠାରେ ଆମେ କେବଳ ପ୍ରାଣାୟାମର ବୈଜ୍ଞାନିକ ତଥ୍ୟ ଉପରେ ଆଲୋଚନା କରୁଛୁ । ଏହାକୁ କରିବା ପାଇଁ କାହାକୁ ବାଧ କରାଯାଉ ନାହିଁ । ଏହି ଲେଖକ ଆସନ, ପ୍ରାଣାୟାମକୁ ତା'ର ଏଗାର ବର୍ଷ ବୟସରୁ ଆରମ୍ଭ କରି ଆସୁଛି । ଏହାର ଉପକାରିତା ନିଜେ ସେ ଅନୁଭବ କରିଛି । ଆସନ, ପ୍ରଣାୟାମ ନକଲେ ପୂର୍ଣ୍ଣ ସ୍ୱାସ୍ଥ୍ୟର ଅଧିକାରୀ ହେବା ସହଜ ନୁହେଁ । ଏ ଲେଖକ ଜାଣିଛି ପ୍ରାଣାୟାମ ଦ୍ୱାରା ଫୁସ୍‌ଫୁସ୍‌ର ମାଂସପେଶୀକୁ ନମନୀୟ ରଖି ଏହାକୁ ଅଧିକ ବାୟୁ ଧାରଣର କ୍ଷମତା ପ୍ରଦାନ କରାଯାଇପାରେ । ତେଣୁ ଆମକୁ ସହଜରେ କ୍ଳାନ୍ତି ଲାଗେ ନାହିଁ । ପ୍ରାଣାୟାମ କରିବା ଦ୍ୱାରା ଅଧିକ ଅମ୍ଳଜାନ ଆମ ଶରୀରକୁ ପ୍ରବେଶ କରି ଆମ ରକ୍ତକୁ ପରିଷ୍କାର ରଖେ । ରକ୍ତ ମାଧ୍ୟମରେ ଶରୀରର ଆବର୍ଜନା ପ୍ରାକୃତିକ ଉପାୟରେ ନିଷ୍କାସନ ହୋଇ ଶରୀରକୁ ସୁସ୍ଥ, ସବଳ ଓ ନୀରୋଗ ରଖେ । ତେଣୁ ଆମକୁ ରୋଗ ହୁଏ ନାହିଁ । ଆମକୁ ଆଉ ଅଧିକ ଔଷଧ ସେବନ କରିବାକୁ ପଡ଼ି ନଥାଏ । ଏକ ନିର୍ଦ୍ଦିଷ୍ଟ ସମୟ ପର୍ଯ୍ୟନ୍ତ ଆମେ ବାର୍ଦ୍ଧକ୍ୟକୁ ବହୁ ଦୂରକୁ ଠେଲି ଦେଇ ପାରିଥାଉ । ଆସନ, ପ୍ରାଣାୟାମ କରୁଥିବା ବ୍ୟକ୍ତି ସ୍ୱାଭାବିକ ଭାବେ ଦୀର୍ଘଜୀବୀ ହୋଇଥାଏ ।

ଏହିସବୁ କଥା ଜାଣିଲା ପରେ ଯେଉଁମାନେ ପ୍ରାଣାୟାମ କରିବାକୁ ଚାହାନ୍ତି ସେମାନେ ଏହାକୁ କିପରି କରିବେ ଏବଂ କେଉଁ କେଉଁ ପ୍ରାଣାୟାମ ଓ କେତେ ସମୟ କରିବାକୁ ପଡ଼ିବ ସେବିଷୟରେ ଜାଣିବାକୁ ଉତ୍ସୁକ ହେଉଥିବେ । ପ୍ରାଣାୟାମର ପ୍ରଧାନ ଉଦ୍ଦେଶ୍ୟ ହେଲା ଆମ ଶ୍ୱାସ-ପ୍ରଶ୍ୱାସକୁ ଦୀର୍ଘ କରିବା ଏବଂ ଆମ ଫୁସ୍‌ଫୁସ୍‌ର ବାୟୁଧାରଣ କ୍ଷମତାକୁ ବୃଦ୍ଧି କରିବା । ସାଧାରଣ ମଣିଷ ଏକ ମିନିଟ୍‌ରେ ସାଧାରଣତଃ ୧୨ ଥର ନିଃଶ୍ୱାସ ନେଇଥାଏ । ଏହି ସଂଖ୍ୟାକୁ କମାଇ ପାରିଲେ ଆମର ଶ୍ୱାସ-ପ୍ରଶ୍ୱାସ ସ୍ୱାଭାବିକ ଭାବେ ଦୀର୍ଘ ହୋଇଥାଏ । ଏଥିପାଇଁ ଜାଗ୍ରତ୍ ଅବସ୍ଥାରେ ବ୍ୟକ୍ତିର ମନକୁ ଶ୍ୱାସ-ପ୍ରଶ୍ୱାସ ଦୀର୍ଘ କରିବା କାମରେ ଲଗାଇବାକୁ ହେବ । ଅର୍ଥାତ୍ ଜାଣିଶୁଣି ବ୍ୟକ୍ତିକୁ ଲମ୍ବା ନିଃଶ୍ୱାସ ନେବାକୁ ହେବ ଓ ଲମ୍ବା ନିଃଶ୍ୱାସ ଛାଡ଼ିବାକୁ ପଡ଼ିବ ।

ଏହିପରି ଏକ ବର୍ଷ ଚେଷ୍ଟା କଲେ ଦେଖାଯାଏ ଶ୍ୱାସ-ପ୍ରଶ୍ୱାସ ଏକ ମିନିଟ୍‌ରେ ୧୨ ଥର ହେବା ବଦଳରେ ମାତ୍ର ୫/୬ ଥର ହେଉଛି ।

### ଭ୍ରମଣ ପ୍ରାଣାୟାମ :

ଚାଲିବା ସମୟରେ ମଧ୍ୟ ପ୍ରାଣାୟାମ କରିବାକୁ ହେବ । ଅର୍ଥାତ୍ ଚାଲିବା ସମୟରେ ୪ ପାଦ ଚାଲିବା ଭିତରେ ଶ୍ୱାସ ଭରିବାକୁ ହେବ ଏବଂ ତା'ର ପର ୬ ପାଦ ଚାଲିବା ଭିତରେ ଶ୍ୱାସ ଛାଡ଼ିବାକୁ ପଡ଼ିବ । ଏହାକୁ ଭ୍ରମଣ ପ୍ରାଣାୟାମ କୁହାଯାଏ । ଏହି ପ୍ରାଣାୟାମକୁ ଅଭ୍ୟାସ କରିବା ପାଇଁ ବାବାଜି ମହାରାଜ ଲୋକଙ୍କୁ ଉପଦେଶ ଦେଉଥିଲେ । ସକାଳ ବା ସନ୍ଧ୍ୟାରେ ଚାଲିବା ସମୟରେ ଏହା କରିବା ଭଲ । ଯଦି ସୂର୍ଯ୍ୟୋଦୟ ସମୟରେ ଏହାକୁ କରାଯାଏ ତାହା ସବୁଠାରୁ ଉତ୍ତମ । ଏହି ପ୍ରାଣାୟାମ କରିବା ଦ୍ୱାରା ବ୍ୟକ୍ତିକୁ ସହଜରେ କୌଣସି ରୋଗ ହୁଏ ନାହିଁ । ୪ ପାଦ ଓ ୬ ପାଦ ଏହାର ଅନୁପାତ ହେଲା ୧:୧.୫ । ୪ ରୁ ୬ ଯଦି ତୁମ ପାଇଁ ଅତି ସହଜ ଲାଗେ ତେବେ ତୁମେ ୬ ରୁ ୯ ଅନୁପାତରେ କରିପାର । ସୂର୍ଯ୍ୟୋଦୟ ସମୟରେ ଏହି ପ୍ରାଣାୟାମ କଲେ ଜଣେ ଯଥେଷ୍ଟ ପ୍ରାଣିକ ଜୀବନୀ ଶକ୍ତି ପାଇପାରିବ ।

### ଅନୁଲୋମ ବିଲୋମ ପ୍ରାଣାୟାମ :

ଏହି ପ୍ରାଣାୟାମ କରିବା ପାଇଁ ପଦ୍ମାସନ, ସୁଖାସନ ବା ବଜ୍ରାସନରେ ବସା ଯାଇପାରେ । ବର୍ତ୍ତମାନ ଡାହାଣ ହାତର ବୁଢ଼ା ଅଙ୍ଗୁଳି ଓ ମଧ୍ୟମା ଅଙ୍ଗୁଳି ଦ୍ୱାରା ନାସା ରନ୍ଧ୍ରକୁ ବନ୍ଦ କରିବାକୁ ହେବ । ପ୍ରଥମେ ମଧ୍ୟମା ଅଙ୍ଗୁଳିକୁ ଢିଲା କରି ବାମ ରନ୍ଧ୍ର ମାଧ୍ୟମରେ ଶ୍ୱାସ ଭର । ଫୁସ୍‌ଫୁସ୍ ପୂରା ଭରିଯିବା ପରେ ବାମ ନାସା ରନ୍ଧ୍ରକୁ ବନ୍ଦ କରି ବୃଦ୍ଧାଙ୍ଗୁଳିକୁ ଢିଲାକରି ଦକ୍ଷିଣ ନାସା ରନ୍ଧ୍ର ଦେଇ ଧୀରେ ଧୀରେ ଶ୍ୱାସ ତ୍ୟାଗ କର; ଏବଂ ଦକ୍ଷିଣ ନାସା ରନ୍ଧ୍ର ମଧ୍ୟ ଦେଇ ଶ୍ୱାସ ଗ୍ରହଣ କର । ପୂରା ଶ୍ୱାସ ଭରିବା ପରେ ଏହି ନାସା ରନ୍ଧ୍ରକୁ ବନ୍ଦ କରି ବାମ ନାସା ରନ୍ଧ୍ର ଦେଇ ଶ୍ୱାସ ତ୍ୟାଗ କର । ଅର୍ଥାତ୍ ଯେଉଁ ନାସା ରନ୍ଧ୍ର ଦେଇ ଶ୍ୱାସ ଛଡ଼ାଯିବ ସେହି ନାସା ରନ୍ଧ୍ର ଦେଇ ଶ୍ୱାସ ଗ୍ରହଣ କରିବାକୁ ହେବ । ଏହି ପ୍ରାଣାୟାମରେ ଶ୍ୱାସ ରୁଦ୍ଧ କରିବାର କିଂବା ଶ୍ୱାସ ନେବା ଓ ଛାଡ଼ିବାରେ କୌଣସି ଅନୁପାତ ନାହିଁ । କେବଳ ଶ୍ୱାସକୁ ଯେତେ ପାର ଦୀର୍ଘ କରି ଗ୍ରହଣ କରିବା ଓ ଛାଡ଼ିବାକୁ ହେବ ।

### କୁମ୍ଭକ ପ୍ରାଣାୟାମ :

ଅନୁଲୋମ ବିଲୋମ ପ୍ରାଣାୟାମ ଅନେକ ଦିନ ଅଭ୍ୟାସ କରିବା ଦ୍ୱାରା ଏହା ବ୍ୟକ୍ତି ପାଇଁ ସ୍ୱାଭାବିକଭାବେ ସହଜ ହୋଇଯାଏ । ସେତେବେଳେ ଜଣେ କୁମ୍ଭକ ପ୍ରାଣାୟାମ ମଧ୍ୟ କରିପାରେ । ଅର୍ଥାତ୍ ପୂର୍ବ ପ୍ରାଣାୟାମ ଭଳି ଏହା କରାଯିବ, କିନ୍ତୁ ଶ୍ୱାସ ନେବା ପରେ ଦୁଇ ନାସା ରନ୍ଧ୍ରକୁ ବନ୍ଦ କରି କୁମ୍ଭକ କରିବାକୁ ହେବ । ଏହି ପ୍ରାଣାୟାମରେ ଶ୍ୱାସ ନେବା, ଶ୍ୱାସ ଧାରଣ କରିବା ଓ ଶ୍ୱାସ ଛାଡ଼ିବାର ଏକ ଅନୁପାତ ରହିଛି । ତାହା ହେଲା ୧:୪:୨ । ଅର୍ଥାତ୍ ଯେତେ ସମୟ ତୁମେ ଶ୍ୱାସ ଭର ତାହା ହେଲା ୧, ଏହାର ୪ ଗୁଣ ସମୟ ଶ୍ୱାସ ବନ୍ଦ କରିବାକୁ ହେବ ଏବଂ ଏହାର ଦୁଇଗୁଣ ସମୟ ଭିତରେ ଶ୍ୱାସ ଛାଡ଼ିବାକୁ ହେବ । ଶ୍ୱାସ ନେବାକୁ **ପୂରକ**, ଶ୍ୱାସ ବନ୍ଦ ରଖିବାକୁ **କୁମ୍ଭକ** ଓ ଶ୍ୱାସ ଛାଡ଼ବାକୁ **ରେଚକ** କୁହାଯାଏ । ଜଣେ ଯଦି ଚାରି ସେକେଣ୍ଡରେ ପୂରକ କରେ ତେବେ ୧୬ ସେକେଣ୍ଡ କୁମ୍ଭକ ଓ ୮ ସେକେଣ୍ଡ ରେଚକ କରାଯିବ । ଏହିପରି ବ୍ୟକ୍ତି ୧୦:୪୦:୨୦ ଅନୁପାତରେ କରିପାରିବ । ସମୟ ଜାଣିବା ପାଇଁ ସମ୍ମୁଖରେ ଏକ ଘଡ଼ି ରଖିପାର ବା ଏହି ପ୍ରାଣାୟାମ କରିବା ସମୟରେ ଆଖି ବନ୍ଦ ରଖି ମନେ ମନେ ଗଣିବାକୁ ହେବ । ଏହି ପ୍ରାଣାୟାମ ଅଭ୍ୟାସ କଲେ ଫୁସ୍‌ଫୁସ୍‌ର ବାୟୁ ଧାରଣ କ୍ଷମତା ବୃଦ୍ଧି ହୋଇଥାଏ ଓ କେବେହେଲେ ଥକା ଲାଗେ ନାହିଁ ଏବଂ ଜଣେ ଅଧିକାଂଶ ରୋଗରୁ ମୁକ୍ତ ତଥା ଦୀର୍ଘଜୀବୀ ହୋଇଥାଏ ।

### କପାଳଭାତି ପ୍ରାଣାୟାମ :

ସୁଖାସନରେ ବସି ହାତ ପାପୁଲିକୁ ଦୁଇ ଆଣ୍ଠୁ ଉପରେ ଯେକୌଣସି ମୁଦ୍ରାରେ ସ୍ଥାପିତ କର । ଏଥର ଜୋର୍‌ରେ ପେଟର ମାଂସପେଶୀକୁ ଭିତରକୁ ଠେଲି ପ୍ରଶ୍ୱାସ ନେଇ ଦୁଇ ନାସା ରନ୍ଧ୍ର ଦେଇ ବାହାର କର । ଏହି ପ୍ରକ୍ରିୟା ପ୍ରତି ସେକେଣ୍ଡରେ ଥରେ କରିବାକୁ ହେବ । ଏହିପରି ଦିନକୁ ଏହି ପ୍ରାଣାୟାମ

୧୦୦୦ ଥର କରି ପାରିଲେ ଜଣକୁ କେବେହେଲେ କୌଣସି ପେଟ ରୋଗ ହେବ ନାହିଁ । ଏହି ପ୍ରାଣାୟାମ ଦ୍ୱାରା ଏସିଡ଼ିଟି, ଗ୍ୟାସ୍, ପେଟ ଘା' ସହିତ ରକ୍ତଚାପ ଓ ମଧୁମେହ ରୋଗର ଉପଶମ ହୋଇଥାଏ ।

ପ୍ରାଣାୟାମ କରିବାର ପ୍ରଥମ ନିୟମ ହେଲା ଭରା ପେଟରେ ଏହା କେବେହେଲେ କରାଯିବ ନାହିଁ । ପ୍ରତ୍ୟୁଷରୁ 'ଉଷାପାନ' ପରେ ମଳତ୍ୟାଗ କରି ସ୍ନାନର ପୂର୍ବରୁ କିଂବା ପରେ ପ୍ରାଣାୟାମ କରାଯାଇପାରେ । ମଧ୍ୟାହ୍ନ ଭୋଜନର ୩, ୪ ଘଣ୍ଟା ପରେ ଜଣେ ପ୍ରାଣାୟାମ କରିପାରେ । ଏ ସମୟରେ ମଧ୍ୟ ପାକସ୍ଥଳୀ ଓ ଅନ୍ତନଳୀ ପରିଷ୍କାର ରହିଥିବା ଆବଶ୍ୟକ । ଶରୀର କ୍ଳାନ୍ତ ଥିବା ଅବସ୍ଥାରେ ପ୍ରାଣାୟାମ କଲେ ଅଧିକ ନିଦ ଲାଗିବାର ସମ୍ଭାବନା ଅଛି । ଆସନ ବା ବ୍ୟାୟାମ ପରେ ଯଥେଷ୍ଟ ବିଶ୍ରାମ ନନେଇ ପ୍ରାଣାୟାମ କଲେ ମଧ୍ୟ ନିଦ ଆସିବାର ସମ୍ଭାବନା ରହିଥାଏ ।

(କ୍ରମଶଃ)

❑❑❑

---

*(ପୃଷ୍ଠା ୪୦ ର ଅବଶିଷ୍ଟାଂଶ)*

ଥିଲେ ଏବଂ ତୁମକୁ ଦୂରକୁ ଠେଲି ଦେଇଥିଲେ ବରଂ ତୁମେହିଁ ଆସିଥିଲ ତୁମର ଶାରୀରିକ ଚେତନାର ସେଇ ଅଂଶଟିକୁ ରୁଦ୍ଧ କରି ଯାହା ବର୍ତ୍ତମାନ ସୁଦ୍ଧା ଆଲୋକଠାରୁ ନିଜକୁ ସଙ୍କୁଚିତ କରି ରଖିଛି । ତୁମର ଏଇସବୁ (ବାଧାରେ ପୂର୍ଣ୍ଣ) ଗତି ପଥରେ ଏଇ ଅଂଶଟି ସହିତ ଉର୍ଦ୍ଧ୍ୱରୁ ଟଣାଟଣି ହେଉଥିବା ଶକ୍ତି ମୂଳତଃ ଦାୟୀ ଏବଂ ଏଇ ବାଧାର ପ୍ରବୃତ୍ତି ହେଉଛି ଯୋଗଜୀବନ ଆରମ୍ଭ ପୂର୍ବରୁ ଅଭ୍ୟସ୍ତ ପୁରାତନ ଚେତନାକୁ ଜାବୁଡ଼ି ଧରି ରଖିବା ଏବଂ ଯାହା ସାହାଯ୍ୟ ଦିଆଗଲେ ମଧ୍ୟ ତା' ବିରୋଧରେ ସମସ୍ତ ଝରକା, କବାଟ ବନ୍ଦ କରି ଅନ୍ଧକାରରେ ବିଳାପ କରିବା, ଯେଉଁ ଅବସ୍ଥାରେ କେବଳ ନିଜକୁ ଆହତ ବୋଧ କରାଯାଏ । ଏଇ ଏକମାତ୍ର ପଥ ଯାହାଠାରୁ ପ୍ରତ୍ୟେକେ ନିଜକୁ ମୁକ୍ତ କରିବାକୁ ହେବ ଯଦି ଉନ୍ନତି କରିବାର ଇଚ୍ଛା ଥାଏ । ଏଇ ଅବସ୍ଥା ସହ ତୁମେ ନିଜକୁ ଅଭିନ୍ନ କରି ପାରିବ ନାହିଁ କିଂବା ଏହା ତୁମେ ନିଜେ ବୋଲି ମନରେ ଆଦୌ ଭାବିବ ନାହିଁ । ତୁମେ ତୁମର ଆନ୍ତରସତ୍ତା ମଧ୍ୟକୁ ଫେରିଯାଅ ଏବଂ ସେଠାରୁ ଏହାକୁ ଦେଖ ଏଇ ଅବସ୍ଥା ତୁମ ପ୍ରକୃତିର ଏକ କ୍ଷୁଦ୍ର ଅଥଚ ଜିଦ୍‌ଖୋର ଅଂଶ ଯାହାକୁ ପରିବର୍ତ୍ତନ କରିବାକୁ ପଡ଼ିବ । କେବଳ ଗୋଟିଏ ଜିଦ୍ ବ୍ୟତୀତ ଏହାର କୌଣସି ଯୁକ୍ତି ନାହିଁ ଯେ କାହିଁକି ତୁମର ପଥ ମରୁଭୂମିରେ ପ୍ରବେଶ କରିବ । ଏହାର ପ୍ରବେଶ କରିବା ଉଚିତ ମୁକ୍ତିର ଏକ ସୁବିସ୍ତୀର୍ଣ୍ଣତାରେ – ଏବଂ ଖୋଲି ଧର, ବ୍ୟକ୍ତିଗତ ଚେତନାଠାରୁ ବହୁ ପ୍ରଶସ୍ତତର ଏପରି ଏକ ଚେତନାର ଶୀତଳତା, ଶାନ୍ତି, ଶକ୍ତି ଏବଂ ଆଲୋକ ଦିଗକୁ ଯାହା ମଧ୍ୟରେ ଅହଂ ଆନନ୍ଦରେ ବିଲୁପ୍ତ ହୋଇ ଯାଇପାରେ ।

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ

❑❑❑

ତୁମେ ନିଜେ ଯାହା କରି ପାରିବ ନାହିଁ ମା'ଙ୍କ ଶକ୍ତିକୁ ଆବାହନ କରି ତାହା ଦ୍ୱାରା ତୁମେ ତାହା କରାଇ ନେଇ ପାରିବ । ସେହି ଶକ୍ତିକୁ ଗ୍ରହଣ କରିବା ଓ ତୁମ ଭିତରେ ତାହାକୁ କ୍ରିୟା କରିବା ପାଇଁ ଛାଡ଼ି ଦେବା ହେଉଛି ସାଧନାରେ ସାଫଲ୍ୟର ଯଥାର୍ଥ ଉପାୟ ।

– ଶ୍ରୀଅରବିନ୍ଦ

ପୃଥିବୀର କେତେକ ବିଶିଷ୍ଟ ଦାର୍ଶନିକ :

# ଭାରତୀୟ ଦାର୍ଶନିକଗଣ

## (୪)

ଶ୍ରୀପତି ଦାସ

[ଏହି ପ୍ରବନ୍ଧଗୁଡ଼ିକ Clifford Sawhneyଙ୍କ ଲିଖିତ "The World's Greatest Seers & Philosophers" ପୁସ୍ତକର ଅବଲମ୍ବନରେ ଲିଖିତ । – ଲେଖକ ।]

### ଶ୍ରୀରାମକୃଷ୍ଣ ପରମହଂସ (୧୮୩୬-୧୮୮୬)

#### ପରମ ଦ୍ରଷ୍ଟା :

ଭାରତୀୟ ଆଧ୍ୟାତ୍ମିକ ଇତିହାସରେ ଲିପିବଦ୍ଧ ଏକ ମହାନ୍ ଆତ୍ମା ହେଉଛନ୍ତି ଶ୍ରୀରାମକୃଷ୍ଣ । ସେ ଏକ ଦରିଦ୍ର ବ୍ରାହ୍ମଣ ପରିବାରରେ ପଶ୍ଚିମ ବଙ୍ଗଳାର କଲିକତା ନିକଟସ୍ଥ କାମାର-ପୁକୁର ନାମକ ଗ୍ରାମରେ ୧୮୩୬ ଖ୍ରୀଷ୍ଟାବ୍ଦ ଫେବ୍ରୁଆରୀ ୧୮ ତାରିଖରେ ଜନ୍ମଗ୍ରହଣ କରିଥିଲେ । ରାମକୃଷ୍ଣଙ୍କର ପିଲାଦିନର ନାମ ଥିଲା ଗଦାଧର ଚଟ୍ଟୋପାଧ୍ୟାୟ ।

ଜୀବନର ପ୍ରାରମ୍ଭରୁ ରାମକୃଷ୍ଣଙ୍କର ଏକ ଗଭୀର ଆଧ୍ୟାତ୍ମିକ ପ୍ରତିଭା ପ୍ରକାଶିତ ହୋଇଥିଲା । ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନଥିଲା କାରଣ ତାଙ୍କର ମାତା ଓ ପିତା ଉଭୟେ ଧର୍ମପରାୟଣ ଥିଲେ । ସମୟ ସମୟରେ ରାମକୃଷ୍ଣଙ୍କର ଆଧ୍ୟାତ୍ମିକ ଜୀବନରେ ବିଲକ୍ଷଣ ଅବସ୍ଥାମାନ ଦେଖାଯାଉଥିଲା ଏବଂ ଅଳ୍ପ ସମୟ ସକାଶେ ସେ ସଂଜ୍ଞାହୀନ ହୋଇ ପଡୁଥିଲେ ।

ତାଙ୍କର ମାତ୍ର ଛଅ ବର୍ଷ ବୟସରେ ଝଡ଼ଝଞ୍ଜା ବିକ୍ଷୁବ୍ଧ ଆକାଶ ବକ୍ଷରେ ଉଡ଼ିଯାଉଥିବା କିଛି ବଗକୁ ଦେଖି ତାଙ୍କର ଉଲ୍ଲାସଜନକ ଅବସ୍ଥା ଦେଖାଯାଇଥିଲା । ଅନ୍ୟ ଏକ ଘଟଣାରେ ଯେତେବେଳେ ବିଦ୍ୟାଳୟରେ ଏକ ନାଟକରେ ଭଗବାନ୍ ଶିବଙ୍କ ଭୂମିକାରେ ସେ ଅଭିନୟ କରୁଥିଲେ ସେତେବେଳେ ସେ ବାହ୍ୟଜ୍ଞାନଶୂନ୍ୟ ହୋଇପଡ଼ିଥିଲେ ।

#### ମନ୍ଦିରରେ ପୁରୋହିତ କାର୍ଯ୍ୟ :

ଯଦିଓ ରାମକୃଷ୍ଣ ବ୍ରାହ୍ମଣ ଥିଲେ, ତଥାପି ତାଙ୍କ ପରିବାରର ଦାରିଦ୍ର୍ୟ ହେତୁ ସାମାନ୍ୟ ଶିକ୍ଷା ଲାଭ କରିଥିଲେ । ୧୮୫୨ ଖ୍ରୀଷ୍ଟାବ୍ଦରେ ଯେତେବେଳେ ତାଙ୍କର ଭାଇ ରାମକୁମାର କଲିକତାର ଦକ୍ଷିଣେଶ୍ୱର କାଳୀ ମନ୍ଦିରରେ ପୂଜକଭାବେ କାର୍ଯ୍ୟ କରୁଥିଲେ ସେତେବେଳେ ସେ ତାଙ୍କୁ ଡକାଇଥିଲେ । ସେହି କାଳୀ ମନ୍ଦିରଟି ରାଣୀ ରାସମଣିଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା । ଯଦିଓ ସେ ସମୟରେ ଏହା ଏକ ଲୋକପ୍ରିୟ ପେସା ନଥିଲା, ତଥାପି ରାମକୃଷ୍ଣଙ୍କୁ ଏହା ଭଲ ଲାଗିଥିଲା ଏବଂ ଏହା ତାଙ୍କୁ ସୁଯୋଗ ଦେଇଥିଲା ଗଭୀର ଧ୍ୟାନ ଓ ଅନ୍ୟାନ୍ୟ ଆଧ୍ୟାତ୍ମିକ କାର୍ଯ୍ୟରେ ମଗ୍ନହେବା ସକାଶେ ଯାହା ତାଙ୍କୁ ଈଶ୍ୱର ଓ ତାଙ୍କ ଉପଲବ୍ଧିର ନିକଟତର କରିଥିଲା ।

ରାମକୁମାର ୧୮୫୬ ଖ୍ରୀଷ୍ଟାବ୍ଦରେ ଦେହତ୍ୟାଗ କରିଥିଲେ, ଫଳରେ କଲିକତାର ଗଙ୍ଗା ନଦୀ କୂଳରେ ଥିବା ଦେବୀ କାଳୀଙ୍କ ମନ୍ଦିରରେ ଶ୍ରୀରାମକୃଷ୍ଣ ଏକମାତ୍ର ମୁଖ୍ୟ ପୁରୋହିତ ହୋଇରହିଲେ ।

ଆଧ୍ୟାତ୍ମିକ ଚିନ୍ତାରେ ନିରନ୍ତର ମନୋନିବେଶ ହେତୁ ତାଙ୍କର ଅଧିକାଂଶ ସମୟରେ ଆଧ୍ୟାତ୍ମିକ ଓ ରହସ୍ୟମୟ ଅଭିଜ୍ଞତାମାନ ହେଉଥିଲା ଏବଂ ତଦ୍ୱାରା ସେ ପରମ ସତ୍ୟ ସହିତ ଏକୀଭୂତ ହୋଇଯାଉଥିଲେ । ରାମକୃଷ୍ଣ ଏପରି ଜଣେ ଗୁରୁ ଥିଲେ ଯିଏ କୌଣସି ଏକ ନିର୍ଦ୍ଦିଷ୍ଟ ଶୃଙ୍ଖଳାର ଚିନ୍ତାଧାରା ମଧ୍ୟରେ ଆବଦ୍ଧ ନଥିଲେ ଏବଂ ଯାହା 'ଠିକ୍' ଭାବୁଥିଲେ ତାହାକୁହିଁ ଅନୁସରଣ କରୁଥିଲେ । ସେ ସକଳ ଧର୍ମର ବିଶ୍ୱବ୍ୟାପକତା ଉପରେ ବିଶ୍ୱାସ କରୁଥିଲେ । ମୂର୍ତ୍ତି ପୂଜାରୁ ଆରମ୍ଭ କରି ଅଦ୍ୱୈତ, ବୈଷ୍ଣବ, ଯୋଗ, ତନ୍ତ୍ର ଓ ହିନ୍ଦୁଧର୍ମର ସକଳ ଧାର୍ମିକ ଅଭ୍ୟାସ ଉପରେ ସେ ବିଶ୍ୱାସ କରୁଥିଲେ । ଦିବ୍ୟଚେତନାରେ ଉପନୀତ ହେବା ନିମିତ୍ତ ସେ ପ୍ରଚେଷ୍ଟା କରିଚାଲୁଥିଲେ । ଏପରିକି ଏ ସମସ୍ତ ପ୍ରକାର ପ୍ରଚେଷ୍ଟା ମଧ୍ୟରେ ସନ୍ତୁଷ୍ଟ ନହୋଇ ସେ ଖ୍ରୀଷ୍ଟଧର୍ମ ଓ ଇସଲାମ ଧର୍ମ ପ୍ରତି ଆକୃଷ୍ଟ

ହୋଇଥିଲେ । ଅତ୍ୟନ୍ତ ଆନନ୍ଦ ଓ ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ ସେ ସର୍ବଦା ଅନୁଭବ କରୁଥିଲେ ସକଳ ପଥ ତାଙ୍କୁ ସେହି ଏକହିଁ ଦିବ୍ୟ-ଆନନ୍ଦ ବା ପରମସତ୍ୟର ଅଭିଜ୍ଞତା ଦିଗରେ ଅଗ୍ରସର କରାଇ ନେଉଛି ।

ଦିବ୍ୟଦ୍ରଷ୍ଟା ଶ୍ରୀରାମକୃଷ୍ଣ କହିଥିଲେ, ''ବିଭିନ୍ନ ବ୍ୟକ୍ତି ଭଗବାନଙ୍କୁ ଭିନ୍ନ ଭିନ୍ନ ନାମ ଦେଇଥା'ନ୍ତି । କେତେକେ ତାଙ୍କୁ ଆଲ୍ଲା, କେତେକ ଈଶ୍ୱର ଓ ଅନ୍ୟ କେତେକେ ତାଙ୍କୁ କୃଷ୍ଣ, ଶିବ ଓ ବ୍ରହ୍ମନ୍ ବୋଲି କହିଥା'ନ୍ତି । ଏହା ଠିକ୍ ଏକ ହ୍ରଦର ଜଳ ସଦୃଶ । କେତେକେ ଏହି ଜଳକୁ ଏକ ସ୍ଥାନରୁ ପାନ କରି 'ଜଳ' ଏବଂ ଅନ୍ୟ କେତେକେ ଅନ୍ୟ ସ୍ଥାନରୁ ପାନ କରି 'ପାଣି' ଏବଂ ଅନ୍ୟ କେତେକେ ଏକ ତୃତୀୟ ସ୍ଥାନରୁ ଏହାକୁ ପାନ କରି 'ୱାଟର୍' ବୋଲି କହିଥା'ନ୍ତି । ହିନ୍ଦୁମାନେ ଏହାକୁ 'ଜଳ', ଖ୍ରୀଷ୍ଟିଆନମାନେ ଏହାକୁ 'ୱାଟର୍' ଏବଂ ମୁସଲମାନମାନେ ଏହାକୁ 'ପାନି' ବୋଲି କହିଥା'ନ୍ତି । କିନ୍ତୁ ଏହା ସେହି ଏକ ଓ ସମାନ ତରଳ ବସ୍ତୁ ।''

### ଦିବ୍ୟ-ଅଭିଜ୍ଞତା :

ଦିବ୍ୟସତ୍ୟର ପ୍ରତ୍ୟକ୍ଷ ଅଭିଜ୍ଞତା ଲାଭ କରି ସେ ଘୋଷଣା କରିଥିଲେ ଯେ ବିଶ୍ୱର ସକଳ ଧର୍ମ ବାସ୍ତବତଃ ଏକ, ଏକହିଁ ଲକ୍ଷ୍ୟ ଦିଗରେ ଯେହେତୁ ବିଶ୍ୱର ସକଳ ଧର୍ମ ଗତିକରେ ତେଣୁ ''ଯେତେ ବିଶ୍ୱାସ, ସେତେ ପଥ'' ବୋଲି କୁହାଯାଇଥାଏ ।

ସେ ମୂର୍ତ୍ତି ପୂଜାକୁ ନିନ୍ଦା କରି ନଥିଲେ, କିନ୍ତୁ ଅନୁଭବ କରିଥିଲେ ଯେ ଏହା ଭଗବତ୍ ସନ୍ଧାନର ଏକ ନ୍ୟାୟସଂଗତ ଉପାୟ । ସେ ପ୍ରକାଶ କରିଥିଲେ ଯେ ତାଙ୍କର ଗଭୀର ଧ୍ୟାନ ଓ ଦକ୍ଷିଣେଶ୍ୱରର ଦିବ୍ୟଜନନୀଙ୍କ ପ୍ରତି ଭକ୍ତି ମାଧ୍ୟମରେ ତାଙ୍କର ଦିବ୍ୟ-ଉପଲବ୍ଧି ଘଟିଥିଲା । ଦକ୍ଷିଣେଶ୍ୱର ମନ୍ଦିରସ୍ଥ ପବିତ୍ର ଭୂମିରେ ଥିବା ଏକ ତୋଟା ମଧ୍ୟରେ ସେ ଦେବୀ କାଳୀଙ୍କର ଦର୍ଶନ ଲାଭ କରିଥିଲେ । କିଛି କାଳ ଧରି ଏହି ଦର୍ଶନ ବନ୍ଦ ହୋଇଯିବା ଫଳରେ ସେ ହତାଶ ହୋଇ ପଡ଼ିଥିଲେ ଏବଂ ଦେବୀ କାଳୀଙ୍କୁ ପୂଜା କରାଯାଉଥିବା ଏକ ଖଡ଼୍‌ଗରେ ନିଜକୁ ହତ୍ୟା କରିବାର ଭୟ ଦେଖାଇଥିଲେ ।

ହଠାତ୍ ତାଙ୍କର ଏକ ଦିବ୍ୟ-ଅନୁଭୂତି ହୋଇଥିଲା : ''ଯେତେବେଳେ ମୁଁ ପାଗଳ ପରି ହୋଇଯାଇଥିଲି ଏବଂ ଏକ ଖଡ଼୍‌ଗ ଧାରଣ କଲି ସେତେବେଳେ ହଠାତ୍ ଦେବୀ ମୋତେ ଦର୍ଶନ ଦେଲେ । ମନ୍ଦିରର ସମସ୍ତ ଅଂଶ ମୋ ସମ୍ମୁଖରୁ ଅନ୍ତର୍ହିତ ହୋଇଗଲା ଏବଂ ତାହା ପରିବର୍ତ୍ତେ ମୁଁ ଦେଖିଲି ଚେତନାର ଏକ ଅସୀମ ଦୀପ୍ତିମାନ୍ ସାଗର । ଯେତେଦୂର ପର୍ଯ୍ୟନ୍ତ ମୋର ଚକ୍ଷୁ ଯାଉଥିଲା, ସେତେଦୂର ପର୍ଯ୍ୟନ୍ତ ଦେଖିବାକୁ ପାଇଲି ଏକ ବିଶାଳ ସାଗର-ତରଙ୍ଗ ମୋ ଆଡ଼କୁ ଚତୁର୍ଦ୍ଦିଗରୁ ମାଡ଼ି ଆସୁଛି ଏକ ଭୟଙ୍କର ଶବ୍ଦ ସହ ମୋତେ ଗ୍ରାସ କରିବାକୁ । ଫଳରେ ମୁଁ ମୋର ଚେତନା ହରାଇ ବସିଲି ଏବଂ ଅଚେତନ ହୋଇ ପଡ଼ିଲି... ମୋ ମଧ୍ୟରେ ଏକ ସମ୍ପୂର୍ଣ୍ଣ ଆନନ୍ଦର ସ୍ରୋତ ବହିଗଲା ଏବଂ ମୁଁ ଦିବ୍ୟଜନନୀଙ୍କର ଉପସ୍ଥିତି ଅନୁଭବ କଲି ।''

### ଅଦ୍ଭୁତ ବ୍ୟବହାର :

ସମୟ ଅତିବାହିତ ହେବା ସଙ୍ଗେ ସଙ୍ଗେ ରାମକୃଷ୍ଣଙ୍କ ବ୍ୟବହାର ଅଧିକରୁ ଅଧିକ ଅଦ୍ଭୁତ ଓ ଖାମ ଖିଆଲି ହୋଇଉଠିଲା । ଏହା ତାଙ୍କ ନିକଟ ସମ୍ପର୍କୀୟ ବ୍ୟକ୍ତିମାନଙ୍କର ଚିନ୍ତାର ବିଷୟ ହେଲା । ସମୟ ସମୟରେ ସେ ନିଜକୁ ଧର୍ମୀୟ ଓ ପୌରାଣିକ ଚିତ୍ର ବା ମୂର୍ତ୍ତି ସହିତ ଏକୀଭୂତ କରିଚାଲିଲେ । ରାମକୃଷ୍ଣଙ୍କର ଏହି ''ମାନସିକ ଅସ୍ଥିରତା''କୁ ଦୂର କରିବା ଆଶାରେ ତାଙ୍କର ମାତା-ପିତା ତାଙ୍କୁ ବିବାହ କରାଇ ଦେବା ସକାଶେ ସ୍ଥିର କଲେ । କାରଣ ସେମାନେ ଭାବିଲେ ଯେ ଅବିବାହିତ ଅବସ୍ଥାହିଁ ଏହି ସମସ୍ୟାର କାରଣ ହୋଇପାରେ । ତେଣୁ ୧୯ ବର୍ଷ ବୟସରେହିଁ ରାମକୃଷ୍ଣଙ୍କର ଶାରଦା ଦେବୀଙ୍କ ସହ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା ।

ଯାହାହେଉ, ଭୈରବୀ ବ୍ରାହ୍ମଣୀ ନାମକ ଏକ ପବିତ୍ର ନାରୀ ଯେ କି ପରବର୍ତ୍ତୀ କାଳରେ ରାମକୃଷ୍ଣଙ୍କର ପ୍ରଥମ ଗୁରୁ ହୋଇଥିଲେ, ସେ ଏହି ସିଦ୍ଧାନ୍ତ ନେଇଥିଲେ ଯେ ଅନ୍ୟ କିଛି କାରଣ ନୁହେଁ, ''ଆଧ୍ୟାତ୍ମିକ ପାଗଳାମି''ହିଁ ଏହାର ଏକମାତ୍ର କାରଣ । ଏହାପରେ ଜନସାଧାରଣ ରାମକୃଷ୍ଣଙ୍କୁ ଅଧିକ ସମ୍ମାନ ଦେଇଥିଲେ ।

ବାଲ୍ୟବିବାହ କରିଥିବା ଶାରଦା ଦେବୀ ପ୍ରାପ୍ତବୟସ୍କା ହେବା ପରେ ଶ୍ୱଶୁରାଳୟରେ ତାଙ୍କର ଅସାଧାରଣ ପ୍ରତିଭାସମ୍ପନ୍ନ ସ୍ୱାମୀଙ୍କୁ ସାକ୍ଷାତ୍ କରିଥିଲେ । ତାଙ୍କର ସମଗ୍ର ବୈବାହିକ ଜୀବନ ମଧ୍ୟରେ କୌଣସି ଯୌନ-ସମ୍ପର୍କ ସ୍ଥାପିତ ହୋଇ ନଥିଲା । ରାମକୃଷ୍ଣଙ୍କୁ ସେ ସ୍ୱାମୀଭାବେ ନୁହେଁ, କିନ୍ତୁ ଗୁରୁଭାବେ ଗ୍ରହଣ କରିଥିଲେ । ପରବର୍ତ୍ତୀ କାଳରେ ଶାରଦା ଦେବୀ ଏକ ସିଦ୍ଧ ସାଧିକାରୂପେ ପରିଚିତ ହୋଇଥିଲେ ।

କ୍ରମେ ରାମକୃଷ୍ଣ ଏକ ନିଃସ୍ୱାର୍ଥପର ଜୀବନ ଗ୍ରହଣ କରି ଜଣେ ଭ୍ରମଣକାରୀ ନାଗା ସନ୍ୟାସୀ ତୋତାପୁରୀଙ୍କୁ ନିଜର ଦ୍ୱିତୀୟ ଗୁରୁରୂପେ ଗ୍ରହଣ କରିଥିଲେ । ତାଙ୍କଠାରୁ ସେ ଅଦ୍ୱୈତ ବେଦାନ୍ତ ଦର୍ଶନ ଶିକ୍ଷା କରିଥିଲେ । ଅଦ୍ୱୈତ ବେଦାନ୍ତ ଦର୍ଶନରେ ଈଶ୍ୱରଙ୍କୁ ନିରାକାର, ଅବ୍ୟକ୍ତ ଏକ ଶକ୍ତିରୂପେ ଗ୍ରହଣ କରାଯାଏ ଏବଂ ଏହି ଶକ୍ତି ଜଗତ୍ ମଧ୍ୟରେ ପ୍ରବେଶ କରେ । ଏହି ସମୟରେ ରାମକୃଷ୍ଣ ଏକ ଗଭୀର ଧ୍ୟାନାବସ୍ଥା ଲାଭକଲେ ଯାହାକୁ ନିର୍ବିକଳ୍ପ ସମାଧି ବୋଲି କୁହାଯାଏ । ଏହା ଏପରି ଏକ ଅବସ୍ଥା ଯେଉଁଠାରେ ଦିବ୍ୟ-ଚେତନାର ସାଗରରେ ଆତ୍ମାକୁ ସମ୍ପୂର୍ଣ୍ଣରୂପେ ନିମଗ୍ନ ହେବାକୁ ହୋଇଥାଏ ।

ରାମକୃଷ୍ଣଙ୍କର ବିଭିନ୍ନ ପ୍ରକାର ଅଭିଜ୍ଞତାହିଁ ସବୁ ପ୍ରକାର ଆରାଧନାକୁ ସହଜ କରିଥିଲା । ବିଭିନ୍ନ ସମୟରେ ସେ ତାଙ୍କର ଶିଷ୍ୟମାନଙ୍କୁ ବ୍ୟାଖ୍ୟା କରି କହୁଥିଲେ ଯେ ଭଗବାନ୍ ହେଉଛନ୍ତି ଉଭୟ ଅରୂପ ଓ ସରୂପ ଏବଂ ଭକ୍ତ ତାଙ୍କୁ ଯେଉଁ ଭାବରେ ବିଶ୍ୱାସ କରେ, ସେ ତା' ସମ୍ମୁଖରେ ସେହି ଭାବରେହିଁ ଉପସ୍ଥିତ ହୁଅନ୍ତି । ତେଣୁ ସେ ପ୍ରତ୍ୟେକ ଭକ୍ତକୁ ତାହାର ସାମର୍ଥ୍ୟ ଅନୁସାରେ ଭଗବାନଙ୍କ ସମ୍ବନ୍ଧେ ଶିକ୍ଷା ଦେଉଥିଲେ । ସେ ତାଙ୍କର ଶିଷ୍ୟମାନଙ୍କୁ ଉପଦେଶ ଦେଇ କହୁଥିଲେ, ''ନିଜର ବିଶ୍ୱାସରେ ସର୍ବଦା ଦୃଢ଼ ରୁହ କିନ୍ତୁ ସକଳ ଧର୍ମାନ୍ଧତା ଓ ଅସହିଷ୍ଣୁତାକୁ ପରିହାର କର ।''

ହିନ୍ଦୁଧର୍ମର ପୁରାତନ ସତ୍ୟକୁ ପୁନଃପ୍ରତିଷ୍ଠିତ କରିବା ସକାଶେ ରାମକୃଷ୍ଣ ତାଙ୍କର ଦଳେ ବିଶ୍ୱସ୍ତ ଶିଷ୍ୟଙ୍କୁ ତାଲିମ ଦେଇଥିଲେ । ଯେଉଁ ବ୍ୟକ୍ତିଙ୍କୁ ତାଙ୍କର ଆଧ୍ୟାତ୍ମିକ ଜ୍ଞାନାଲୋକର ବାହକ-ରୂପେ ସେ ନିର୍ବାଚନ କରିଥିଲେ, ସେ ଥିଲେ ନରେନ୍ଦ୍ରନାଥ । ପରବର୍ତ୍ତୀ ସମୟରେ ସେ ସ୍ୱାମୀ ବିବେକାନନ୍ଦ ନାମରେ ବିଶ୍ୱବିଖ୍ୟାତ ହୋଇଥିଲେ । ଯଦିଓ ଶ୍ରୀରାମକୃଷ୍ଣଙ୍କ ଶିକ୍ଷାରେ କିଛି ନୂତନତ୍ୱ ନଥିଲା, ଖ୍ରୀଷ୍ଟିଆନ ଧର୍ମ ସଂଘର ଓ ବ୍ରିଟିଶ ଔପନିବେଶିକମାନଙ୍କର ପ୍ରବଳ ଆକ୍ରମଣ ମଧ୍ୟରେ ଭାରତୀୟମାନଙ୍କୁ ସେମାନଙ୍କର ବୈଦିକ ସଂସ୍କୃତି ସମ୍ବନ୍ଧେ ସଚେତନ କରିବାକୁ ହୋଇଥିଲା । ରାମକୃଷ୍ଣଙ୍କ ଦ୍ୱାରା ଅନୁପ୍ରେରିତ ହୋଇ ବିବେକାନନ୍ଦ ତାହାହିଁ କରିଥିଲେ ।

## ନୀତିଗଳ୍ପ ମାଧ୍ୟମରେ ସତ୍ୟର ପ୍ରସାର :

ଯିଶୁଖ୍ରୀଷ୍ଟ ଓ ଅନ୍ୟାନ୍ୟ ଧର୍ମଗୁରୁମାନଙ୍କ ସଦୃଶ ଶ୍ରୀରାମକୃଷ୍ଣ ଅନେକ ସମୟରେ ନୀତିଗଳ୍ପ କହୁଥିଲେ । ଅମଙ୍ଗଳର ଉପସ୍ଥିତି ସମ୍ବନ୍ଧେ ରାମକୃଷ୍ଣ କହୁଥିଲେ, ''ସର୍ପ ବିଷ ଧାରଣ କଲା ପରି, ପରମେଶ୍ୱରଙ୍କ ମଧ୍ୟରେ ଅମଙ୍ଗଳର ଉପସ୍ଥିତି ଥାଏ । ବିଷ ଖାଲି ଆମ ପାଇଁ ବିଷ, ତାହା ସର୍ପ ସକାଶେ ନୁହେଁ । ସେହିପରି ଅମଙ୍ଗଳ କେବଳ ମନୁଷ୍ୟର ଧାରଣା ଅନୁଯାୟୀ ଅମଙ୍ଗଳ ।'' ଅନ୍ୟ ଭାବରେ କହିବାକୁ ଗଲେ ସାମଗ୍ରିକ ଦୃଷ୍ଟିକୋଣରୁ ''ଅମଙ୍ଗଳ'' ବୋଲି କିଛି ନାହିଁ । ''ଅମଙ୍ଗଳ'' ରହିଛି ଏକ ଭୟପ୍ରଦ ସତ୍ୟରୂପେ କେବଳ ଆପେକ୍ଷିକ ଭାବେ ମନୁଷ୍ୟର ବିଚାରରେ ।

ତାଙ୍କ ଉପଲବ୍ଧିର ଏପରି ଏକ ଗଭୀର ଅବସ୍ଥା ଥିଲା ଯାହା ଯୌନ-ଚେତନାର ସକଳ ଅବସ୍ଥାରୁ ତାଙ୍କୁ ଉପରକୁ ଉଠାଇ ନେଇଥିଲା । ଏହି କାରଣରୁ ସେ ଶିଶୁର ନିଷ୍ପାପ ଓ ସରଳଭାବ ନେଇ ନାରୀ ଓ ପୁରୁଷ ଉଭୟଙ୍କର ସାନ୍ନିଧ୍ୟ ଲାଭ କରିପାରୁଥିଲେ । ସକଳ ମନୁଷ୍ୟ ପରମେଶ୍ୱରଙ୍କର ଉଚ୍ଚତମ ଅଭିବ୍ୟକ୍ତି ବୋଲି ଘୋଷଣା କରି ମାନବଜାତିକୁ ସେ ଗଭୀରଭାବେ ପ୍ରେମ କରୁଥିଲେ । ରାମକୃଷ୍ଣ ମିଶନ ଯାହା ମାନବସମାଜର ସେବା ନିମିତ୍ତ ବିଶ୍ୱକୁ ଭାରତର ପ୍ରଥମ ଅବଦାନ, ତାହାକୁ କାର୍ଯ୍ୟକାରୀ କରିବା ନିମିତ୍ତ ତାଙ୍କର ସକଳ ଶିକ୍ଷା ଉଦ୍ଦିଷ୍ଟ ଥିଲା ।

ଶ୍ରୀରାମକୃଷ୍ଣଙ୍କର ଦର୍ଶନ ପୃଥିବୀର ବହୁ ପ୍ରସିଦ୍ଧ ଲେଖକ ଓ ଦାର୍ଶନିକଙ୍କୁ – ଆଲ୍‌ଡସ୍ ହକ୍‌ସଲେ, ଆରନୋଲ୍‌ଡ୍ ଟୟନ୍‌ବି, ଲିଓ ଟଲ୍‌ଷ୍ଟୟ, କ୍ରିଷ୍ଟୋଫର ଇଶେରଉଡ୍ ଏବଂ ମହାତ୍ମା ଗାନ୍ଧୀ ପ୍ରଭୃତିଙ୍କୁ ପ୍ରଭାବିତ କରିପାରିଥିଲା ।

୧୮୮୬ ଖ୍ରୀଷ୍ଟାବ୍ଦ ଅଗଷ୍ଟ ୧୬ ତାରିଖରେ ରାମକୃଷ୍ଣ ଗଳାରେ କର୍କଟ ରୋଗ ଦ୍ୱାରା ଆକ୍ରାନ୍ତ ହୋଇ ମୃତ୍ୟୁପ୍ରାପ୍ତ ହୋଇଥିଲେ । ସେତେବେଳକୁ ସେ 'ପରମହଂସ' ନାମରେ ପ୍ରସିଦ୍ଧି ଲାଭ କରିଥିଲେ ।

❑❑❑

# ଇତିହାସ କେତେ ସତ !

## ଆର୍ତ୍ତତ୍ରାଣ ମିଶ୍ର

ମହାଭାରତ ଯୁଦ୍ଧ ଆରମ୍ଭର ଚାରିଦିନ ପରେ ବ୍ୟାସଦେବ ଧୃତରାଷ୍ଟ୍ରଙ୍କ ନିକଟକୁ ଆସି କହିଲେ ଯେ ସେ ଯଦି ଚାହାନ୍ତି ତେବେ ତାଙ୍କର ଯୋଗଶକ୍ତି ଦ୍ୱାରା ସେ ଯୁଦ୍ଧକୁ ଦେଖାଇ ଦେବେ । କିନ୍ତୁ ଧୃତରାଷ୍ଟ୍ର ସେଥିରେ ରାଜି ନହୋଇ କେବଳ ଯୁଦ୍ଧର ବର୍ଣ୍ଣନା ଶୁଣିବାକୁ ଚାହିଁଲେ । ତେଣୁ ବ୍ୟାସଦେବ ସଞ୍ଜୟଙ୍କୁ ଧୃତରାଷ୍ଟ୍ରଙ୍କ ନିକଟକୁ ଆଣି କହିଲେ ଯେ ସେ ତାଙ୍କୁ ଯୋଗଶକ୍ତି ପ୍ରଦାନ କରୁଛନ୍ତି, ଯାହା ଫଳରେ ସେଠାରେ ବସି ସମସ୍ତ ଯୁଦ୍ଧକ୍ଷେତ୍ର ଦେଖିପାରିବେ ଏବଂ ବର୍ଣ୍ଣନା କରିପାରିବେ । ସେଠାରୁ ଆରମ୍ଭ ହେଲା ଗୀତାର ପ୍ରଥମ ଧାଡ଼ି –

ଧୃତରାଷ୍ଟ୍ରଙ୍କର ପ୍ରଶ୍ନ –

''ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ
ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଞ୍ଜୟ ।''

ସଞ୍ଜୟ ହସ୍ତିନାପୁରରେ ବସି ବହୁ ଦୂରରେ ଥିବା କୁରୁକ୍ଷେତ୍ରରେ ଚାରିଦିନ ପୂର୍ବରୁ ଆରମ୍ଭ ହୋଇଥିବା ଯୁଦ୍ଧର ବର୍ଣ୍ଣନା କଲେ ।

ଏଥିରେ ଗୋଟିଏ କଥା ମନକୁ ଆସେ ଯେ ଚାରିଦିନ ପୂର୍ବେ ଆରମ୍ଭ ହୋଇଥିବା ଯୁଦ୍ଧ କୌଣସି ଏକ ସୂକ୍ଷ୍ମ-ଜଗତରେ ଲିପିବଦ୍ଧ ହୋଇଥିଲା ଯାହାକୁ ସଞ୍ଜୟ ଉଦ୍ଧାର କଲେ । ଆଜିକାଲି ବିଜ୍ଞାନ ଯୁଗରେ ଘଟଣାମାନ ଭିଡ଼ିଓରେ ରେକର୍ଡ଼ିଂ ହୋଇ ପୁନର୍ବାର ଦେଖା ଯାଇପାରୁଛି, ତାହାହେଲେ ସେସମୟରେ ଏହା କିପରି ରେକର୍ଡ଼ିଂ ହେଲା ?

ଶ୍ରୀମା ୧୫-୨-୧୯୫୧ର କ୍ଲାସରେ କହିଲେ – ପୃଥିବୀର ମନୋଲୋକ, ପ୍ରାଣଲୋକ, ସୂକ୍ଷ୍ମ ଭୌତିକ ଲୋକ (Subtle Physical)ମାନଙ୍କରେ ଯାହାସବୁ ଘଟି ଯାଇଛି ଏବଂ ଘଟି ଚାଲିଛି ତା'ର ଅବିକଳ ପୂର୍ଣ୍ଣାଙ୍ଗ ରେକର୍ଡ଼ିଂ ହୋଇ ଯାଉଛି । ଏହା କଳ୍ପନାତୀତ ଭାବରେ ନିଖୁଣ ସ୍ମୃତିଶକ୍ତି ସମ୍ପନ୍ନ, ଯାହା କିଛି ବି ନଛାଡ଼ି ସବୁ ରେକର୍ଡ଼ିଂ କରି ଚାଲିଛି । ଉଦାହରଣସ୍ୱରୂପ ପାର୍ଥିବ ମନ ଅଂଶରେ ପାର୍ଥିବ ଘଟଣାମାନ ଲିପିବଦ୍ଧ ଅଛି । ଜଣେ ସେଠାରେ ପ୍ରବେଶ କଲେ ଦେଖି ପାରିବ ଗୋଟିଏ ପରେ ଗୋଟିଏ ଅସଂଖ୍ୟ ଥାକ ସବୁ ଅଛି । ସେଥିମଧ୍ୟରେ ଗୋଟିଏ ପରେ ଗୋଟିଏ ଛୋଟ ଛୋଟ ଖୋପ ଅଛି ଯାହାର ଦ୍ୱାର ଅଛି । ଯଦି ଜଣେ ସଚେତନ ଭାବରେ କିଛି ଜାଣିବାକୁ ଚାହିଁବ ସେ ଚାହୁଁଥିବା ଖୋପ ପାଖରେ ଏକ ଉଜ୍ଜ୍ୱଳ ବିନ୍ଦୁ ଦେଖିପାରିବ ଏବଂ ସେଠାରେ ଚେତନାକୁ କେନ୍ଦ୍ରିତ କଲେ ଏହା ଖୋଲିଯିବ – ଯାହା ଏକ ସୂକ୍ଷ୍ମ ପୋଥି ଭଳି । ତାକୁ ଜଣେ ବହି ପଢ଼ିଲା ଭଳି ପଢ଼ିପାରିବ, ଯେଉଁଥିରେ ଘଟଣାର ଟିକିନିଖି ଦୈନନ୍ଦିନ ବିବରଣୀ ଅଛି । ଜଣେ ଚାଲି ଚାଲି ଏପରି ହଜାର ହଜାର ଖୋପ ଦେଖିପାରିବ । ଏପରି ଭାବରେ ଜଣେ ଗୋଟିଏ ଘଟଣାର ସମ୍ପୂର୍ଣ୍ଣ ଇତିହାସ ଠିକ୍ ଭାବରେ ଜାଣିପାରିବ ।

ଆମେ ଇତିହାସ ବୋଲି ଯାହା ରଚନା କରୁ ସେଥିରେ ଘଟନାଟିର ସମ୍ପୂର୍ଣ୍ଣ ଠିକ୍ ବର୍ଣ୍ଣନା ନଥାଏ । ତା'ର କାରଣ ମନୁଷ୍ୟର ମସ୍ତିଷ୍କ ଘଟନାକୁ ଏଭଳି ସମ୍ପୂର୍ଣ୍ଣ ଠିକ୍ ଭାବରେ ଧରି ରଖିବାର ସ୍ମୃତି ଶକ୍ତି ନାହିଁ । ତେଣୁ ଇତିହାସ ସମ୍ପୂର୍ଣ୍ଣ ରୂପେ ଆଧାରିତ ହୋଇଥାଏ ଏପରି ଅସମ୍ପୂର୍ଣ୍ଣ ସ୍ମୃତି ଉପରେ ।

ଜଣେ ଯେତେବେଳେ ଏପରି ଖଣ୍ଡିତ ସ୍ମୃତିକୁ ଆଧାର କରି ଇତିହାସ ଲେଖେ ସେ ତାକୁ ଭଲ ଲାଗୁଥିବା ଅଂଶଗୁଡ଼ିକୁ ବାଛି ଲେଖେ ଯାହା ଘଟଣାର ସମ୍ପୂର୍ଣ୍ଣ ବିବରଣୀ ନୁହେଁ । ତେଣୁ ଘଟନାଟିର ସମ୍ପୂର୍ଣ୍ଣ ଧାରାବାହିକ ରୂପ ଦେବା ପାଇଁ ଉହ୍ୟ ରହୁଥିବା ଅଂଶଗୁଡ଼ିକୁ ନିଜର କଳ୍ପନା କିଂବା ଅନ୍ୟ କେଉଁଠାରୁ ସଂଗ୍ରହ କରିଥିବା ତଥ୍ୟ ଦ୍ୱାରା ପୂରଣ କରେ । ଗୋଟିଏ ଘଟନାକୁ ଜଣେ ଗୋଟିଏ ଭାଷାରେ ଗୋଟିଏ ଦେଶରେ ଲେଖିଲା । ସେହି ଘଟନାଟିକୁ ଅନ୍ୟ ଏକ ଦେଶରେ ଅନ୍ୟ ଏକ ଭାଷାରେ ଲେଖା ହେଲା; ପରେ ଦୁଇଟିକୁ ତୁଳନା କଲେ ଦେଖାଯିବ କେତେ ପାର୍ଥକ୍ୟ ରହିଛି । ଏଥିରେ ଦେଶଗତ, ଧର୍ମଗତ, ସଂସ୍କୃତିଗତ ଅହମିକା ଘଟନାଟିକୁ ସମ୍ପୂର୍ଣ୍ଣ ବଦଳାଇ ଦେଇଥାଏ । ଆଉ ମଧ୍ୟ ମନୁଷ୍ୟର ମସ୍ତିଷ୍କ ଗୋଟିଏ ବିଷୟକୁ ସବୁ ଦିଗରୁ ପରିପୂର୍ଣ୍ଣ ଭାବରେ ବୁଝିବାକୁ ଅସମର୍ଥ । ତେଣୁ ସେ ଘଟନାଟିକୁ ତା'କୁ ଯେପରି ବୁଝା ପଡ଼ିଛି ସେପରି ଲେଖିବ, ଯାହା ବୁଝିପାରିଲା ନାହିଁ ତାକୁ ଛାଡ଼ି ଦେବ । ତେଣୁ ଆମେମାନେ ପାଠ କରୁଥିବା ଇତିହାସରେ ବର୍ଣ୍ଣିତ ଘଟନାମାନ ସମ୍ପୂର୍ଣ୍ଣ ସତ୍ୟ ବୋଲି କହି ହେବ ନାହିଁ ।

ଏହି ଅଲୌକିକ ପାର୍ଥିବ ସ୍ମୃତି ଭଣ୍ଡାରକୁ ପ୍ରବେଶ

*(ଅବଶିଷ୍ଟାଂଶ ପୃଷ୍ଠା ୫୨ରେ ଦେଖନ୍ତୁ)*

# ପ୍ରଭୁ ! ଧନ୍ୟବାଦ

ଥରେ ଜଣେ ଅତ୍ୟୁତ୍ସାହୀ ମା ନିଜ ପିଲାଟିକୁ ବୈଜ୍ଞାନିକଭାବେ ଗଢ଼ିତୋଳିବା ପାଇଁ ଆଲବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ସୁଚିନ୍ତିତ ପରାମର୍ଶ ଲୋଡ଼ିଲେ । କେଉଁ ପ୍ରକାର ବହି ପଢ଼ାପଢ଼ି କଲେ ତାହା ସମ୍ଭବ ହୋଇପାରିବ – ଏ ପ୍ରଶ୍ନର ଉତ୍ତରରେ ସେ କହିଲେ, ''ପରୀ କାହାଣୀ ଏବଂ ଅଧିକ ପରୀ କାହାଣୀ ।'' ମା'ଟି ଟିକେ ଏକଥାକୁ ବିରୋଧ କଲେ ଓ ଅଧିକ ଗୁରୁତ୍ୱଦେଇ ପରାମର୍ଶ ଦେବାକୁ ଅନୁରୋଧ କଲେ । ଏଥର ସେ କହିଲେ –''ଯଦି ତୁମେ ନିଜ ପିଲାଟିକୁ ବୁଦ୍ଧିମାନ୍ କରିବାକୁ ଚାହୁଁଛ ତେବେ ତାକୁ ପରୀ କାହାଣୀ ପଢ଼ିବାକୁ ଦିଅ, ଯଦି ତାହାକୁ ଅଧିକ ଜ୍ଞାନୀ କରିବାକୁ ଚାହୁଁଛ ତେବେ ତାକୁ ଆହୁରି ଅଧିକ ପରୀ କାହାଣୀ ପଢ଼ିବାକୁ ଛାଡ଼ିଦିଅ ।''

ଆସନ୍ତୁ ଆମ ଜୀବନକୁ ଏକ ସାଦାସିଧା ସରଳ ଓ ଅପ୍ରତ୍ୟାଶିତ ଛନ୍ଦରେ ଗଢ଼ିବାକୁ ଛାଡ଼ିଦେବା । ଏହା ଉଭୟ ମନ ଓ ଶରୀର ପାଇଁ ସର୍ବୋତ୍ତମ ।

### ଆମ ସଭିଙ୍କ ପାଇଁ ଏକ ପରୀକାହାଣୀ

ମରୁଭୂମିରେ ଚଢ଼େଇଟିଏ ରହୁଥିଲା । ତା'ର ଦୁର୍ବଳ ଦେହରୁ ପରଗୁଡ଼ିକ ବି ଝଡ଼ି ପଡ଼ିଥିଲା । କିଛି ଖାଇବାକୁ ପିଇବାକୁ ବି ମିଳୁ ନଥିଲା । ଏପରିକି ବସାଟିଏ ବି ନଥିଲା । ସେ ତା' ଜୀବନକୁ ଦିନରାତି ନିନ୍ଦାକରି ଚାଲିଥିଲା ।

ଦିନେ ପରୀଟିଏ ସେହି ମରୁଭୂମି ଦେଇ ଯାଉଥିବାର ଦେଖି ଚଢ଼େଇଟି ତାଙ୍କୁ କୁଆଡ଼େ ଯାଉଛନ୍ତି ବୋଲି ପଚାରିଲା । ପରୀଟି କହିଲା, ''ମୁଁ ଭଗବାନଙ୍କୁ ଭେଟିବାକୁ ଯାଉଛି'' ।

ଚଢ଼େଇଟି ପରୀକୁ କହିଲା, ''ଦୟାକରି ଟିକେ ପ୍ରଭୁଙ୍କୁ ପଚାରିବ – ମୋ ଦୁଃଖ-ଦୁର୍ଦ୍ଦଶା କେବେ ସରିବ ?''

'ହଁ ନିଶ୍ଚୟ ପଚାରିବି' ବୋଲି କହି ପରୀଟି ଚଢ଼େଇଠାରୁ ବିଦାୟ ନେଲା ।

ପରୀଟି ପ୍ରଭୁଙ୍କୁ ଚଢ଼େଇଟିର ଦୁଃଖପୂର୍ଣ୍ଣ ଅବସ୍ଥା ବିଷୟରେ ଜଣାଇଲା ଓ ତା'ର ଦୁଃଖ କେବେ ଦୂର ହେବ ବୋଲି ପଚାରିଲା । ଭଗବାନ୍ କହିଲେ, ''ଆଗାମୀ ସାତ ଜନ୍ମ ପର୍ଯ୍ୟନ୍ତ ଚଢ଼େଇଟିକୁ କଷ୍ଟ ଭୋଗିବାର ଯୋଗ ରହିଛି । ତା' ପୂର୍ବରୁ ତା' ଭାଗ୍ୟରେ ସୁଖ ଆସିବାରହିଁ ନାହିଁ ।''

ପରୀଟି ସହାନୁଭୂତିଶୀଳ ହୋଇ ପୁଣି ପଚାରିଲା, ''ଚଢ଼େଇଟି ଏକଥା ଶୁଣିଲେ ତା' ହୃଦୟଟି ଭାଙ୍ଗି ପଡ଼ିବ । ତେବେ ଏହାର କ'ଣ କିଛି ସମାଧାନ ନାହିଁ ?''

ଭଗବାନ୍ ମୃଦୁ ହସି କହିଲେ, ''ହଁ ଅଛି ! ତାକୁ ଏହି ମନ୍ତ୍ରଟି ଜପ କରିବାକୁ କୁହ । 'ହେ ପ୍ରଭୁ ! ସବୁକିଛି ଦେଇଥିବାରୁ ଧନ୍ୟବାଦ ।' ''

ପରୀଟି ଚଢ଼େଇଟିକୁ ପୁଣି ଫେରିବା ବାଟରେ ଭେଟିଲା ଏବଂ ଭଗବାନଙ୍କ ବାର୍ତ୍ତାଟି ଦେଇଦେଲା ।

ସାତ ଦିନ ପରେ ପରୀଟି ସେଇ ବାଟ ଦେଇ ଉଡ଼ିଯାଉଥିଲା । ଦେଖିଲା – ଚଢ଼େଇଟି ଭାରି ଖୁସି ଅଛି । ତା' ଦେହରେ ପରସବୁ କଅଁଳିଲାଣି । ତା' ବସାର ଅନତିଦୂରରେ ଛୋଟ ଜଳାଶୟଟିଏ, ତା' ଆଖପାଖରେ ଛୋଟ ଛୋଟ ଗଛ ବି ଉଠିଲାଣି । ଚଢ଼େଇଟି ଖୁସିରେ କିଚିରି ମିଚିରି ଗୀତ ଗାଇ ନାଚୁଛି । ପରୀଟି ଆଶ୍ଚର୍ଯ୍ୟ ହୋଇଗଲା ।

କଥା କ'ଣ ? ଭଗବାନ୍ ତ କହିଥିଲେ ସାତଜନ୍ମ ପର୍ଯ୍ୟନ୍ତ ତା' ଭାଗ୍ୟରେ ଖୁସି ଆସିବାରହିଁ ନାହିଁ । କିନ୍ତୁ ସେତ ଖୁସିରେ ମସଗୁଲ ଅଛି । ଏହି ପ୍ରହେଳୀଟିକୁ ଧରି ସିଧା ଭଗବାନଙ୍କ ପାଖରେ ପହଞ୍ଚିଗଲା ।

ପରୀଟିର ପ୍ରହେଳୀର ଉତ୍ତରରେ ପ୍ରଭୁ କହିଲେ, ''ହଁ ଚଢ଼େଇଟିର ଭାଗ୍ୟରେ ସାତଜନ୍ମ ପର୍ଯ୍ୟନ୍ତ ଖୁସି ନ ଆସିବାର ଯୋଗ ତ ଥିଲା । କିନ୍ତୁ ସେ ଯେଉଁ ମନ୍ତ୍ରଟିକୁ ପ୍ରତ୍ୟେକ ପରିସ୍ଥିତିରେ ଜପକରି ଚାଲିଲା ଯେ – 'ହେ ପ୍ରଭୁ ! ସବୁକିଛି ଦେଉଥିବାରୁ – ଧନ୍ୟବାଦ !' ସେଥିପାଇଁ ତା' ସାତଜନ୍ମର କର୍ମଫଳ ମାତ୍ର ସାତ ଦିନ ଭୋଗିବା ପରେ ମିଳାଇଗଲା । ଯେତେବେଳେ ସେ ତତଲା ବାଲିରେ ପଡ଼ିଯାଉଥିଲା, କହୁଥିଲା 'ପ୍ରଭୁ, ଯାହାକିଛି ଦେଇଛ ସେଥିପାଇଁ ଧନ୍ୟବାଦ ।' ଯେତେବେଳେ ଉଡ଼ିବାକୁ ଚେଷ୍ଟା କରି ଉଡ଼ି ନପାରି ପଡ଼ିଯାଉଥିଲା ତଥାପି କହୁଥିଲା – 'ସବୁକିଛି ଦେଇଥିବାରୁ ପ୍ରଭୁ, ଧନ୍ୟବାଦ ।' ଭୋକରେ ଆଉଟୁ ପାଉଟୁ ହେଲାବେଳେ ବି କହୁଥିଲା, 'ପ୍ରଭୁ ଅନେକ ଧନ୍ୟବାଦ ।' ''

ଏହି ସାଧାରଣ କଥାଟି ଯାହାକି ପ୍ରତି ମୁହୂର୍ତ୍ତରେ ଆମେ ଭଗବାନଙ୍କ ପାଖରୁ ପାଇଚାଲିଥିବା – ପାଣି-ପବନ, ଖାଦ୍ୟ-

ପାନୀୟ, ସ୍ନେହ-ଶ୍ରଦ୍ଧା, ସୁବିଧା-ସୁଯୋଗ, ସୁଖ-ଦୁଃଖ ଇତ୍ୟାଦି ପାଇଁ ଅବିରତ କୃତଜ୍ଞ ରହିବାକୁ ଓ କୃତଜ୍ଞତା ଜଣାଇବାକୁ ଶିକ୍ଷା ଦିଏ । ଆଚରଣରେ ଏହା ଫୁଟି ଉଠିଲେ ଜନ୍ମ-ଜନ୍ମାନ୍ତରର ଦୁଃଖ ଦୁର୍ଦଶା ଅଚିରେ ମିଳେଇଯାଏ । ଭଗବାନଙ୍କ ଆଶିଷରେ ଜୀବନ ବିତାଇବାର ଚିରନ୍ତନ ଆନନ୍ଦରେ ଜୀବନ ପାତ୍ରଟି ଭରିଯାଏ ।

ମନଛୁଆଁ କାହାଣୀଟିକୁ ପଢ଼ି ଭାବୁ ଭାବୁ ଆଖିକୁ ନିଦ ଆସି ଯାଇଛି । ତା'ପରେ ...

ଏକ ସ୍ୱପ୍ନ ଦେଖୁଛି ଯେ ମୁଁ ସ୍ୱର୍ଗପୁରକୁ ଯାଇଛି । ସେଠାରେ ଜଣେ ପରୀ ମୋତେ ବିଭିନ୍ନ ସ୍ଥାନ ବୁଲାଇ ଦେଖାଉଛନ୍ତି । ପରୀଜଣକ ଓ ମୁଁ ପାଖାପାଖି ହୋଇ ଚାଲିଥାଉ । ଗୋଟିଏ ବିଶାଳ କକ୍ଷ ଦୃଶ୍ୟମାନ ହେଲା । ସେଠାରେ ବହୁ ପରୀ ଥାଆନ୍ତି ।

ମୋତେ ସାଙ୍ଗରେ ନେଇ ଯାଉଥିବା ପରୀଜଣକ କିଛିକ୍ଷଣ ସେଠାରେ ଅଟକିଯାଇ କହିଲେ, ଏହା ହେଉଛି ଚିଠିପତ୍ର ଗ୍ରହଣ କରିବା ବିଭାଗ । ଭଗବାନଙ୍କ ନିକଟକୁ ଗୁହାରି କରି ଆସୁଥିବା ଦରଖାସ୍ତଗୁଡ଼ିକୁ ଏହିଠାରେ ଗ୍ରହଣ କରାଯାଇଥାଏ । ମୁଁ ଚାରିଆଡ଼କୁ ନଜର ପକାଇଲି । ସମସ୍ତ ପରୀ ନିଜ ନିଜ କାର୍ଯ୍ୟରେ ଅତ୍ୟନ୍ତ ବ୍ୟସ୍ତ ଥାଆନ୍ତି । ପୃଥିବୀର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲକ୍ଷ ଲକ୍ଷ ଦରଖାସ୍ତଗୁଡ଼ିକୁ ଘାଣ୍ଟି ସେମାନେ ବାଛିବାରେ ଲାଗିଥାଆନ୍ତି । କିଏ ଖଣ୍ଡିଏ ଟୁକୁରା କାଗଜରେ ତା'ର ଗୁହାରି ଲେଖିଛି ତ ଆଉ କିଏ ପୋଥି ଭଳି ବିରାଟକାୟ ଗ୍ରନ୍ଥ ଆକାରରେ ଲେଖିଛି । ସେଠାରୁ ଆମେ ଆଗକୁ ଗଲୁ । କିଛି ବାଟ ଯିବା ପରେ ଆଉ ଗୋଟିଏ ବିଭାଗ ପଡ଼ିଲା । ପରୀଜଣକ ମୋତେ ସେ ଆଡ଼କୁ ଦେଖାଇଦେଇ କହିଲେ, ଏହା ହେଉଛି ପ୍ୟାକେଜିଂ ଓ ଡେଲିଭରି ବିଭାଗ । ଅର୍ଥାତ୍ ଭଗବାନଙ୍କ ନିକଟକୁ ଆସିଥିବା ଦରଖାସ୍ତଗୁଡ଼ିକ ମଧ୍ୟରୁ ଯାହା ପାଖକୁ ଅନୁଗ୍ରହ ଓ କୃପା ପଠାଯିବା କଥା ତାହା ଏଠାରୁ ପଠାଯାଇଥାଏ ।

ସେଠାରେ ମଧ୍ୟ ବହୁ ପରୀ ବ୍ୟସ୍ତ ରହିଥିବାର ଦେଖିଲି । ଏତେ ସଂଖ୍ୟକ କରୁଣା ଓ ଆଶୀର୍ବାଦ ସେମାନେ ପଠାଇବାରେ ଲାଗିଥା'ନ୍ତି ଯେ ତାହା କେବେ ସରିବ ଭାବି ହେଉ ନଥାଏ ।

ସେଠାରେ କିଛି ସମୟ ରହି ଆଗକୁ ଚାଲିଲୁ । ବହୁ ବାଟ ଯିବା ପରେ ଶେଷରେ ଏକ ଛୋଟିଆ ବିଭାଗ ପଡ଼ିଲା । ତା'ର ଫାଟକ ସମ୍ମୁଖରେ ଆମେ ଅଟକିଲୁ । ସେଠାରେ ଜଣେ ମାତ୍ର ପରୀ ଚୁପ୍‌ଚାପ୍ ବସିଥା'ନ୍ତି । ତାଙ୍କର କିଛି କାମ ଥିବା ପରି ମନେ ହେଉ ନଥିଲା । ମୁଁ କିଛି ବୁଝି ନପାରି ଆଶ୍ଚର୍ଯ୍ୟ ହୋଇ ଚାହିଁଲି ।

ମୋର ମନୋଭାବକୁ ଠଉରାଇ ନେଇ ପରୀଜଣକ ଜଣାଇ ଦେଲେ ଯେ ଏହା ହେଉଛି ପ୍ରାପ୍ତି ସ୍ୱୀକାର ପୂର୍ବକ 'କୃତଜ୍ଞତା ଜ୍ଞାପନ'(Gratitude)ର ବିଭାଗ ।

ମୁଁ ଏଥର ସାହସ ସଞ୍ଚାର କରି ତାଙ୍କୁ ପଚାରିଲି ଯେ ଏଠାରେ କିଛି କାମ ନାହିଁ କିପରି ? ପରୀଜଣକ ମୋର ଏ ପ୍ରକାର ପ୍ରଶ୍ନରେ ବିଷଣ୍ଣ ହୋଇପଡ଼ିଲେ । ତେବେ ବିଚଳିତ ନହୋଇ କହିଲେ ଲୋକମାନେ ବହୁ କାକୁତି ମିନତି ହୋଇ ସେମାନଙ୍କର ପତ୍ରମାନ ପଠାଇଥା'ନ୍ତି । ମାତ୍ର ଦୁଃଖ ଦୂର ହେବା ପରେ ବହୁ କମ୍ ଲୋକ କୃତଜ୍ଞତା ଜ୍ଞାପନ କରି ପତ୍ର ପଠାଇଥା'ନ୍ତି ।

ମୁଁ ତାଙ୍କ କଥାର ଅର୍ଥ ବୁଝି ନପାରି ପଚାରିଲି ଭଗବାନଙ୍କୁ ଜଣେ କିପରି କୃତଜ୍ଞତା ଜଣାଇବ ?

ସେ କହିଲେ ଖାଲି ଏତିକି କହିବ ଯେ ସବୁକିଛି ଦେଇଥିବାରୁ 'ଧନ୍ୟବାଦ ଭଗବାନ୍ ।'

ମୁଁ ପୁଣି ପଚାରିଲି, ସବୁ ଜିନିଷ ତ ଭଗବାନଙ୍କର । ତାଙ୍କୁ ଏପରି ଅର୍ପଣ କରାଯିବାର ଔଚିତ୍ୟ କ'ଣ ?

ସେ କହିଲେ –

ଏଇଥିପାଇଁ କରିବ ଯେ ତୁମର ଫ୍ରିଜ୍‌ରେ ଯଦି ଆଜି ରାତିକ ପାଇଁ ଖାଦ୍ୟ ରହିଛି, ପିନ୍ଧିବାକୁ ଲୁଗା ଖଣ୍ଡେ ଘରେ ଅଛି ଏବଂ ଶୋଇବାକୁ ନିରାପଦ ଛାତଟିଏ ରହିଛି ତା'ହେଲେ ପୃଥିବୀର ୭୫ ପ୍ରତିଶତ ଲୋକଙ୍କଠାରୁ ତୁମେ ଧନୀ ବୋଲି ଜାଣ ।

ତୁମର ବ୍ୟାଙ୍କ ଖାତାରେ ଯଦି କିଛି ଟଙ୍କା ବଳକା ରହିପାରୁଛି, ମନିପର୍ସରେ ଟଙ୍କା ଅଛି, ମନ ପସନ୍ଦ ଖାଦ୍ୟ ଖାଇପାରୁଛ ତା'ହେଲେ ପୃଥିବୀର ୮ ପ୍ରତିଶତ ସ୍ୱଚ୍ଛଳ ଲୋକଙ୍କ ମଧ୍ୟରେ ତୁମର ସ୍ଥାନ ରହିଛି ।

ଯଦି କମ୍ପ୍ୟୁଟର ମାଧ୍ୟମରେ ତୁମେ ଏସବୁ ହାସଲ କରିପାରୁଛ, ତା'ହେଲେ ପୃଥିବୀର ୧ ପ୍ରତିଶତ ଲୋକଙ୍କ ମଧ୍ୟରେ ତୁମର ସ୍ଥାନ ରହିଛି ବୋଲି ଜାଣିନିଅ ।

କାଲି ସକାଳୁ ନିଦରୁ ଉଠିବା ବେଳକୁ ଯଦି ତୁମେ ସ୍ୱାସ୍ଥ୍ୟବାନ୍ ଅଛ ଏବଂ ଦେହ କିଛି ଖରାପ ହୋଇ ନାହିଁ, ତା'ହେଲେ ସେହି ଦିନଟି ଭଲରେ କଟାଇ ପାରି ନଥିବା ପୃଥିବୀର ୧୦ ଲକ୍ଷ ଲୋକଙ୍କଠାରୁ ତୁମେ ଭାଗ୍ୟବାନ୍ ।

ଯଦି ତୁମେ ଯୁଦ୍ଧର ଭୟ ଅନୁଭବ କରି ନାହିଁ, ଜେଲ

ଭିତରର ନିଃସଂଗତା ଅନୁଭବ କରି ନାହଁ, ଅତ୍ୟାଚାର ଓ ନିର୍ଯାତନାର ଯନ୍ତ୍ରଣା ଭୋଗି ନାହଁ କିଂବା ଅନାହାର ଓ କ୍ଷୁଧାର ପୀଡ଼ା ଓ ଜ୍ୱାଳା ସହ୍ୟ କରି ନାହଁ ତା'ହେଲେ ପୃଥିବୀର ୭୦ କୋଟି ଲୋକଙ୍କଠାରୁ ତୁମେ ବେଶ୍ ଭଲରେ ଅଛ ।

ଯଦି କେହି ତୁମ ରାସ୍ତାରେ ବାଧା ସୃଷ୍ଟି କରି ନାହିଁ ଏବଂ କାହାର ଭୟ ବିନା କିଂବା ଗିରଫ, ଅତ୍ୟାଚାର ବା ମୃତ୍ୟୁର ସମ୍ମୁଖୀନ ନହୋଇ ତୁମେ କୌଣସି ଉପାସନାପୀଠରେ ପହଞ୍ଚିପାରୁଛ ତା'ହେଲେ ପୃଥିବୀର ୩୦୦ କୋଟି ଲୋକଙ୍କଠାରୁ ତୁମେ ଭାଗ୍ୟବାନ୍ ବୋଲି ଜାଣିବ ।

ଯେହେତୁ ତୁମେ ଏହା ପଢ଼ିପାରୁଛ, ଭଗବାନଙ୍କର ତୁମ ପ୍ରତି ଦୁଇଗୁଣ ଆଶୀର୍ବାଦ ରହିଛି ବୋଲି ଧରିନିଅ । କାରଣ ପୃଥିବୀର ଦୁଇଶହ କୋଟି ଲୋକ ଆଦୌ ପଢ଼ିବା ଜାଣନ୍ତି ନାହିଁ, ସେମାନଙ୍କଠାରୁ ତୁମେ ନିଶ୍ଚୟ ଭାଗ୍ୟବାନ୍ ।

ବର୍ତ୍ତମାନ ନିଜ ଭାଗ୍ୟର ହିସାବ କର ।

ସତରେ କେତେ ଭାଗ୍ୟବାନ୍ ଆମେ !

ସରଗ ସପନ ଦେଖିସାରିବା ପରେ ନିଜକୁ ତ ଭାଗ୍ୟବାନ୍ ମନେକଲି । କିନ୍ତୁ କୃତଜ୍ଞତା ଜଣାଇବାର ''ଧନ୍ୟବାଦ'' ମନ୍ତ୍ରଟି ଜପ କରିବାକୁ ଶୁଭଦିନଟିର ଅପେକ୍ଷାରେ ୩, ୪ଦିନ ବିତିଗଲା । ତା'ପରେ ନାରାୟଣ ନାମକ କେହି ଜଣେ ହିତୈଷୀଙ୍କଠାରୁ ହ୍ୱାଟ୍ସ୍ଆପଟିଏ ପାଇଲି,

ମୋର ପ୍ରିୟ... (ନିଜ ନାମ ଲେଖନ୍ତୁ)

ସକାଳୁ ଯେତେବେଳେ ତୁମେ ନିଦରୁ ଉଠିଲ, ମୁଁ ତୁମରି ପାଖରେହିଁ ଥିଲି । ମୁଁ ଭାବିଲି ତୁମେ ମୋ ସହ କଥା ହେବ । ଗତକାଲି ବା ବିଗତ ଦିନର କିଛି ଘଟଣା ପାଇଁ ତୁମେ ମୋତେ ଧନ୍ୟବାଦ ଦେବ । କିନ୍ତୁ ତୁମେ ସେମିତି କିଛି ନକରି ଫଟାଫଟ୍ ଉଠିପଡ଼ି ନିତ୍ୟକର୍ମ ସାରି କଫି ପିଇ ଗାଧୋଇବାକୁ ଚାଲିଗଲ । ମୋ ଆଡ଼କୁ ଟିକେ ନଜର ବି ଦେଲ ନାହିଁ ।

ମୁଁ ଭାବିଲି ତୁମେ ବୋଧେ ଗାଧୋଇସାରି ମୋତେ ମନେପକାଇବ ଓ ମୋ ପାଖକୁ ଆସିବ । କିନ୍ତୁ ତୁମେ ଗାଧୋଇ ସାରି 'କେଉଁ ଡ୍ରେସ୍ ପିନ୍ଧିଲେ ତୁମକୁ ଭଲ ମାନିବ' – ତୁମେ ସେଇ କାମରେ ଲାଗିଗଲ ।

ତା'ପରେ ଜଳଖିଆ ସାରି ଅଫିସର କାଗଜପତ୍ର ଏକାଠି କରିବା ପାଇଁ ଯେତେବେଳେ ଏଠି ସେଠି ଖୋଜି ଧାଇଁ ବୁଲୁଥିଲ ମୁଁ ଭାବିଲି କାଳେ ତୁମ ନଜର ମୋ ଉପରେ ପଡ଼ିବ । କିନ୍ତୁ ସେପରି କିଛି ହେଲା ନାହିଁ ।

ଯେତେବେଳେ ତୁମେ ଅଫିସ୍ ଯିବା ପାଇଁ ଟ୍ରେନ୍ ଧରିଲ, ମୁଁ ଭାବିଲି କି ଏହି ଫାଙ୍କା ସମୟର ଉପଯୋଗ କରି ତୁମେ ମୋ ସହ ଟିକେ କଥାବାର୍ତ୍ତା କରିବ । କିନ୍ତୁ ତୁମେ ସେମିତି ନକରି ଖବର କାଗଜ ପଢ଼ିଲ, ମୋବାଇଲରେ ଗେମ୍ ଖେଳିଲ, ହ୍ୱାଟସ୍ଆପ, ଫେସ୍‌ବୁକ୍ ଖୋଲିଲ; ନଚେତ୍ ଚୁପ୍ ହୋଇ ବସିଲ । କିନ୍ତୁ ପଦୁଟିଏ ବି ମୋ ସହ କଥା ହେଲନି । ମୁଁ ତୁମକୁ କହିବାକୁ ଚାହୁଁଥିଲି କି ତୁମେ ମୋ ସହ ଅଳ୍ପ କିଛି ସମୟ ବିତାଇ ଦେଖ, ତୁମର ସମସ୍ତ କାମ ଆହୁରି ସହଜ, ସରଳ ଓ ସୁନ୍ଦର କରିଦେଇ ପାରିବି । କିନ୍ତୁ ତୁମେ ମୋ ସହ କଥା ବି ହେଲ ନାହିଁ ।

ଅଫିସ୍‌ରେ ଏମିତି ବି ସୁଯୋଗ ଆସିଲା କି ତୁମେ ପୂରା ୧୫ ମିନିଟ୍ ନିଜ ଚେୟାର୍‌ରେ ବସି ରହିଲ, ତଥାପି ମୋ ଉପରକୁ ଟିକେ ନଜର ଦେଲ ନାହିଁ । ଦ୍ୱିପ୍ରହର ସମୟରେ ଯେତେବେଳେ ତୁମେ ମଧ୍ୟାହ୍ନ ଭୋଜନ କରିବାକୁ ଆସିଲ ମୋତେ ଲାଗିଲା କି ଏବେ ତୁମେ ମୋତେ ନିଶ୍ଚୟ ମନେ ପକାଇବ । କିନ୍ତୁ ସେମିତି କିଛି ବି କଲ ନାହିଁ ।

ଦିନର ବହୁତ ସମୟ ବାକିଥିଲା । ମୁଁ ପୁଣି ଭାବିଲି କି ତୁମେ ମୋତେ ଉପରଓଳା ନିଶ୍ଚୟ ମନେପକାଇବ । କିନ୍ତୁ ତୁମେ ଅଫିସ୍‌ରୁ ଫେରି ନିଜର ଅନ୍ୟ କାମରେ ଲାଗିଗଲ । ତା'ପରେ ଟି. ଭି. ଦେଖିବାରେ ଓ ମୋବାଇଲ୍‌ରେ ନିଜର ସବୁ ସମୟ ବିତାଇଦେଲ । ଅଧରାତି ପର୍ଯ୍ୟନ୍ତ ସମୟ ଅତିବାହିତ କଲା ପରେ ନିଜର ବିଛଣାକୁ ଆସିଲ । ନିଜର ପରିବାରବର୍ଗଙ୍କୁ ଶୁଭରାତ୍ରୀ ଜଣାଇ ରେଜେଇ ଘୋଡ଼ାଇ ହୋଇ ଶୋଇପଡ଼ିଲ ।

ମୋର ବହୁତ ମନ ଥିଲା କି ମୁଁ ବି ତୁମ ସହ କିଛି ସମୟ ବିତାଇବି, ତୁମ ସହ ଟିକେ କଥା ହେବି, ତୁମ କଥା ମଧ ଶୁଣିବି । ତୁମର ମାର୍ଗଦର୍ଶନ କରାଇବି । ତୁମେ କ'ଣ ପାଇଁ ଏହି ଦୁନିଆକୁ ଆସିଛ, ଆଉ କେଉଁ କାମରେ ଅଯଥା ବ୍ୟସ୍ତ ରହୁଛ ସେସବୁ ବୁଝାଇ ଦେବାକୁ । କିନ୍ତୁ ତୁମର ମୋ ପାଇଁ ଟିକେ ବି ସମୟ ନାହିଁ । ତେଣୁ ମୁଁ ମନ ମାରି ରହିଲି । ପୁଣି ଭାବିଲି କାଲି ଛୁଟିଦିନ ଅଛି । ସମୟ ବହୁତ ମିଳିବ, ତେବେ କାଲି ବୋଧେ ମୋ କଥା ନିଶ୍ଚୟ ମନେ ପକାଇବ । କିନ୍ତୁ ତୁମେ ଛୁଟି ଦିନରେ ନିଜ ପରିବାରବର୍ଗଙ୍କ ସହ ପିକ୍‌ନିକ୍ ଚାଲିଗଲ, ବନ୍ଧୁବାନ୍ଧବଙ୍କ ଘରକୁ ବୁଲିଗଲ, ପୁଣି ସନ୍ଧ୍ୟାରେ ନିଜର ସାଙ୍ଗସାଥିଙ୍କ ସହ କ୍ଲବ୍, ପାର୍ଟିରେ ବ୍ୟସ୍ତ ରହିଲ ।

ମୋ ଆଶା ଆଶାରେ ରହିଗଲା । କେବଳ ଅପେକ୍ଷା କରିବାରେ ମୋର ବେଳ ଚାଲିଗଲା ।

ମୁଁ ତୁମକୁ ବହୁତ... ଭଲପାଏ ରେ...

ପ୍ରତିଦିନ ମୁଁ ଅପେକ୍ଷା କରିଥାଏ କି ତୁମେ ମୋ ସହ ଟିକେ କଥା ହେବ, ତୁମର ଛୋଟ ଛୋଟ ଖୁସି ପାଇଁ ମୋତେ ଧନ୍ୟବାଦ ଦେବ ।

କିନ୍ତୁ ତୁମେ ସେତିକିବେଳେହିଁ ମନ୍ଦିରକୁ ଆସ ଯେତେବେଳେ କିଛି ଅସୁବିଧା ହୋଇଥାଏ । ଫଟାଫଟ୍ ଆସ ଓ ନିଜର ଇଛାନୁସାରେ ଯାହା ଆବଶ୍ୟକ ତାହା ମୋତେ ମାଗି ପୁଣି ଚାଲିଯାଅ । ବେଳେବେଳେ ମୋତେ ଧମକ ମଧ ଦେଇଯାଅ କି ''ମୋ ମନସ୍କାମନା ପୂର୍ଣ୍ଣ ନହେଲେ ତୁମକୁ ଏଠି ରହିବାକୁ ଦେବିନି । ଛେଳି, କଦଳୀ, ପିଠାପଣା ଦେବିନି ।'' ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି ସେତେବେଳେ ଧାନ ବି ଅନ୍ୟ ଲୋକଙ୍କ ଉପରେ କିଂବା ନିଜ ଗାଡ଼ି ଓ ଜୋତା ଉପରେ ଥାଏ । ତୁମେ ପରନିନ୍ଦା, ପରଚର୍ଚ୍ଚାରେ ଅନେକ ସମୟ ଖୁସିରେ ବିତାଇଦିଅ ।

ମୁଁ ସେହିଭଳି ତୁମ ପାଇଁ ଅପେକ୍ଷା କରି ରହିଥାଏ । ତଥାପି ମୋର ଦୁଃଖ ନାହିଁ । ହୋଇପାରେ କାଲି ତୁମର ମୋ କଥା ମନେ ପଡ଼ିଯାଇପାରେ ଓ ତୁମେ ପୁଣି ମୋ ପାଖକୁ ଆସିପାର । ଏମିତି ବିଶ୍ୱାସ ଓ ଭରସା ମୋର ତୁମ ଉପରେ ଅଛି । ଜନ୍ମ ଜନ୍ମ ଧରି ତୁମକୁ ମୁଁ ଗଢ଼ି ଆଣିଛି, ତୁମ ପାଖେ ପାଖେ ରହି ତୁମର ସବୁ ଆବଶ୍ୟକତା, ଅଭିଳାଷ ପୂରଣ କରି ଆସିଛି । ମୁଁ ତୁମକୁ ତୁମଠାରୁ ଅଧିକ ଜାଣେ, ତୁମ ଉପରେ ବିଶ୍ୱାସ ଅଛି ଆଜି ନହେଲେ କାଲି ତୁମେ ନିଶ୍ଚୟ ମୋ ପାଖକୁ ଆସିବ, କଥା ହେବ, ଭେଟିବ, ଗୁହାରି କରିବ, ଅଭିମାନ କରିବ... ଆସିବ...ନା !

ତୁମ ଅପେକ୍ଷାରେ ରହୁଛି ।

ଇତି ତୁମର... ଈଶ୍ୱର ।

ଚିଠିଟି ପଢ଼ିସାରିଲା ପରେ କେଇଟୋପା ଲୁହ ମୋବାଇଲ କାଚରେ ପଡ଼ିବାରୁ ଅକ୍ଷରଗୁଡ଼ା ଅସ୍ପଷ୍ଟ ହୋଇଗଲା । ଉପରକୁ ଚାହିଁଲି, ଚାରିପଟେ ଖୋଜି କିଛି ଦେଖିପାରିଲି ନାହିଁ । ସବୁ କୁହୁଡ଼ିମୟ । କିନ୍ତୁ ଆଖି ବୁଜିଲାମାତ୍ରେ ଅନୁଭବ କଲି, କେହି ଜଣେ ମୋ ସାଥେ ସାଥେ ଚାଲୁଛନ୍ତି, ବସିଛନ୍ତି, କାମ ବି କରୁଛନ୍ତି... ସେହି ଦିବ୍ୟ-ଆଲୋକିତ ପରମପ୍ରଭୁ ଆଗେ ଆଗେ ଚାଲୁଥିବାରୁ ମୋ ପଛପଟେ ମୋର କଳା ଛାଇଟା ଲମ୍ବିଯାଇଛି । ମୁଁ କ୍ଳାନ୍ତ ହୋଇଗଲେ ସେ କୋଳେଇ ନେଉଥିବାରୁ ମୋ ଛାଇଟା ଲିଭି ଯାଉଛି । ତାଙ୍କ କୋଳରେ ନିଶ୍ଚୁପ୍ ହୋଇ ବିଶ୍ରାମ ନେଇଗଲେ ଚାରିଆଡ଼ ଶୀତଳ ଛାଇରେ ଢାଙ୍କି ହୋଇ ଯାଉଛି । ଆଃ ! କି ପରମ ଆନନ୍ଦ ଓ ଚରମ ଶାନ୍ତି !! କେବଳ ସେହିଁ ସବୁଠି ପୂରି ରହିଛନ୍ତି । ଏଠି, ସେଠି, ସବୁଠି ।

ହେ ପ୍ରଭୁ ! ଏ ଅନୁଭବ ଟିକକ ଦେଇଥିବାରୁ ଅଶେଷ ଧନ୍ୟବାଦ ।

ସଂଗ୍ରହ ଓ ଉପସ୍ଥାପନା : ରମାକାନ୍ତ ସାହୁ ❑

ପୃଥିବୀପୃଷ୍ଠରେ ଭୌତିକ ଭାବେ, ବାସ୍ତବତଃ, କୃତଜ୍ଞତାରେହିଁ ଜଣେ ଶୁଦ୍ଧତମ ଆନନ୍ଦର ଉତ୍ସକୁ ଆବିଷ୍କାର କରିଥାଏ ।

— ଶ୍ରୀମା

*(ପୃଷ୍ଠା ୪୮ ର ଅବଶିଷ୍ଟାଂଶ)*

କରିବାର ବିଦ୍ୟାଲାଭ କରିବା ପାଇଁ ଆଧ୍ୟାତ୍ମିକ ଜୀବନ ଏକାନ୍ତ ପ୍ରୟୋଜନ ନୁହେଁ । ଏଥିପାଇଁ ପ୍ରୟୋଜନ ଏକ ବିଶେଷ କ୍ଷମତା । ଏହା ଯୋଗ ବିଦ୍ୟାଠାରୁ କଷ୍ଟକର ଏକ ଗୁହ୍ୟ ବିଦ୍ୟା । ଏଥିପାଇଁ ଜଣକୁ ନିଜ ଶରୀର ମଧ୍ୟରୁ ବାହାରି ଅନ୍ୟ ଏକ ସୂକ୍ଷ୍ମ ଶରୀରରେ ପ୍ରବେଶ କରିବା ଶିଖିବାକୁ ହେବ, ନିଜର ଇଚ୍ଛାଶକ୍ତିକୁ ପ୍ରୟୋଗ କରି ଯେଉଁଠାକୁ ଚାହିଁବ ସେଠାକୁ ଯାଇପାରିବା ଶିଖିବାକୁ ହେବ । ସମ୍ପୂର୍ଣ୍ଣ ଭୟ ଶୂନ୍ୟ ହୋଇ ଯେକୌଣସି ଶକ୍ତି, ତାହା ଯେତେ ଭୟଙ୍କର ହେଉ ନା କାହିଁକି ତା'କୁ ଶାନ୍ତ, ସ୍ଥିର ଭାବରେ ସମ୍ମୁଖୀନ ହେବା ପାଇଁ ଶିଖିବାକୁ ହେବ — ଏପରି ଅନେକ କଥା ।

ମା' ଏହି ଯେଉଁ ଅଲୌକିକ ସ୍ମୃତିଶକ୍ତି କଥା ବର୍ଣ୍ଣନା କରିଛନ୍ତି ସେଥିରୁ ବିଶ୍ୱାସ ହେଉଛି ବ୍ୟାସଦେବ ସଞ୍ଜୟଙ୍କୁ ଏହି ବିଦ୍ୟା ପ୍ରଦାନ କରିଥିଲେ ।

❑❑❑

# ଜିଜ୍ଞାସୁର ପୃଷ୍ଠା

*ପ୍ରଶ୍ନ : ଜପରେ ଉଭୟ ଥାଏ, ମନ୍ତ୍ର ଆଉ ନାମ । ତେବେ ନାମ ଓ ମନ୍ତ୍ର ଭିତରେ ପ୍ରଭେଦ କ'ଣ ?*

**ଉତ୍ତର** : ଯଥାର୍ଥରେ ନାମ ଓ ମନ୍ତ୍ର ମଧ୍ୟରେ କୌଣସି ପ୍ରଭେଦ ନାହିଁ । ପରନ୍ତୁ ପ୍ରଭେଦ ହେଉଛି ଏତିକି, ନାମଜପ ସବୁ ସମୟରେ ନିରନ୍ତର କରାଯାଇପାରେ । ମନ୍ତ୍ରଜପ କରିବାକୁ ହେଲେ ବିଧିବିଧାନ ସହ କରିବାକୁ ହୁଏ । ଶୁଦ୍ଧ ଆସନରେ ବସିବାକୁ ହେବ । ସ୍ନାନ କରିସାରି ଶୁଦ୍ଧ ଆସନରେ ପୂର୍ବ ଅଥବା ପଶ୍ଚିମକୁ ମୁଖ କରି ବସିବାକୁ ହେବ । ଏପରି କେତେଗୁଡ଼ିଏ ବିଧି ଅଛି । ଅର୍ଥାତ୍ ମନ୍ତ୍ରଜପ ଆନୁଷ୍ଠାନିକ ରୂପେ କରାଯାଏ । ନାମଜପ ସବୁ ସମୟରେ କରାଯାଏ । କିନ୍ତୁ ନାମ ଓ ମନ୍ତ୍ରରେ କୌଣସି ପ୍ରଭେଦ ନଥାଏ । କାରଣ ଶ୍ରୀଅରବିନ୍ଦ କହିଛନ୍ତି, ''ଏ ଯୋଗର ମନ୍ତ୍ର ମା'ଙ୍କର ନାମ ଅଥବା ମୋ ନାମ ସହ ମା'ଙ୍କ ନାମ ।'' ମା' ଜପ କରିବାକୁ କହିଥିଲେ, ''ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ ।'' ଆଉ କେବେ କେବେ ଜପ କରୁଥିଲେ, ''ଓଁ ନମୋ ଭଗବତେ ।'' କିନ୍ତୁ ମନ୍ତ୍ର ଓ ନାମ ଏକ । ପୁରାତନ ଯୋଗରେ ଯେଉଁ ଉପଦେଶ ଦିଆଯାଉଥିଲା, ଦୀକ୍ଷା ଦିଆଯାଉଥିଲା, ସେ ହେଲା ମନ୍ତ୍ର, କିନ୍ତୁ ଜପ କରିବାକୁ କୁହାଯାଇଥିଲା ସବୁ ସମୟରେ ନାମ ।

*

*ପ୍ରଶ୍ନ : ନାମଜପ କରୁଥିବା ସମୟରେ ମନେହୁଏ ମୁଁ ସ୍ୱାଭାବିକ ରୂପେ କରୁଛି କି ଯାନ୍ତ୍ରିକଭାବେ କରୁଛି ? ଏଭଳି ଚିନ୍ତା ଅନେକ ସମୟରେ ଆସେ ।*

**ଉତ୍ତର** : ନାମଜପ କରିବା ସମୟରେ ଯାନ୍ତ୍ରିକ ମନେହୁଏ । ଗୋସ୍ୱାମୀ ତୁଳସୀ ଦାସ କହୁଛନ୍ତି :

''ଭାୟଁ କୁଭାୟଁ ଅନଖ ଆଲସହୁଁ ।
ନାମ ଜପତ ମଙ୍ଗଲ ଦିସି ଦସହୁଁ ।''

ଭାବରେ ହେଉ କୁଭାବରେ ହେଉ, ଅନଖରେ ହେଉ, ଆଳସ୍ୟରେ ହେଉ ନାମଜପ କଲେ ଦଶଦିଶାର ମଙ୍ଗଳ । ଆଚ୍ଛା ଗୋଟିଏ ପ୍ରଶ୍ନ ହେଲା ଯାନ୍ତ୍ରିକ ଜପ । ଯାନ୍ତ୍ରିକ ଜପ ହେବାର ଅର୍ଥ – ଯେ ଆମେ ମୁହଁରେ ନାମଜପ କରୁଛୁ । ଆଉ ନାନା ପ୍ରକାର ବିଚାର ମନରେ ଆସୁଛି ଯାଉଛି – ଏହାକୁ କହନ୍ତି ଯାନ୍ତ୍ରିକ ବିଚାର । ଆମେ ଯେଉଁ ବିଚାରକୁ ନଚାହୁଁ ସେ ବିଚାର ଆସେ । ସେଟା ଯାନ୍ତ୍ରିକ ହେଲା । ଆଚ୍ଛା ନାମଜପ କରିବାକୁ ଯଦି ଆପଣ ଚାହିଁବେ ବାରଂବାର ସଙ୍କଳ୍ପ ନକରିବେ ନାମଜପ ହେବ ? ମୁଁ ପ୍ରଶ୍ନ କରୁଛି । ନାମଜପ କରିବାକୁ ହେଲେ ବାରଂବାର ସଙ୍କଳ୍ପ କରିବାକୁ ହେବ । ବାରଂବାର ସଚେତନ ହେବାକୁ ହେବ । ତେବେ ଯାଇ ନାମଜପ ହେବ । ଯେଉଁ ସକାଶେ ପ୍ରଯତ୍ନ କରି, ଚେଷ୍ଟା କରି ଜପ ହେବ ସେ ଯାନ୍ତ୍ରିକ କିପରି ହେବ ? ଆମର ଯେଉଁ ବିଚାର ଆମେ ନଚାହିଁବା ସତ୍ତ୍ୱେ ଜବରଦସ୍ତି ଆସେ ତାକୁ କହନ୍ତି ଯାନ୍ତ୍ରିକ ବିଚାର । ଆମେ ଯଦି ଚେଷ୍ଟା କରିକି ଜପ କରୁ ସେ ଯାନ୍ତ୍ରିକ କାହିଁକି ହେବ ? ଆମର ତ ଗୋଟାଏ ଭାଗ ରହିଲା ଚେଷ୍ଟା କରିବା । ସେ ସକାଶେ ଏହା ପୂରା ଯାନ୍ତ୍ରିକ ନୁହେଁ । କିନ୍ତୁ ସେ ବିଚାର ଦୂର ହେବ ନାମଜପ ସହିତ । ଯଦି ଆମେ ଧାରଣା କରିବା, ''ମୁଁ ତୁମର, ସବୁ କିଛି ତୁମର, ତୁମ ଚରଣରେ ସମର୍ପଣ କରୁଛି ।'' – ଏ ଧାରଣା ଯଦି ରହିବ ଆଉ ଯାନ୍ତ୍ରିକ ବିଚାର ଆସିବ କେଉଁଠି ! କିନ୍ତୁ ନାମଜପ ପୂରାପୂରା ଯାନ୍ତ୍ରିକ ନୁହେଁ । ସେହି ସକାଶେ ଗୋସ୍ୱାମୀଜି କହିଛନ୍ତି :

''ଭାୟଁ କୁଭାୟଁ ଅନଖ ଆଲସହୁଁ ।
ନାମ ଜପତ ମଙ୍ଗଲ ଦିସି ଦସହୁଁ ।''

ଯଦି ଏହି ଯାନ୍ତ୍ରିକଭାବେ ଜପ କରାହେବ, କ୍ରମଶଃ ଆନନ୍ଦ ଆସିବ ତ ଏ ଯେଉଁ ଯାନ୍ତ୍ରିକ ବିଚାର ଆସୁଛି କ୍ରମଶଃ କମ୍ ହେବ । କୌଣସି ସାଧନା ଅପେକ୍ଷା ନାମଜପ ଦ୍ୱାରା ଗୋସ୍ୱାମୀ ତୁଳସୀ ଦାସ କହୁଛନ୍ତି :

''ରାମ ନାମକୋ ଅଙ୍କ ହୈ ସବ ସାଧନ ହୈ ଶୂନ୍ ।
ଅଙ୍କ ରହେ ଭୟେ ଦଶଗୁନ୍ ଅଙ୍କ ଗୟେ ଶୂନେ ଶୂନ୍ ।।''

ସେ କହୁଛନ୍ତି, ଭଗବାନଙ୍କ ନାମ । ଆମର ଏ ଯୋଗରେ ମା'ଙ୍କ ନାମ । ମା'ଙ୍କ ନାମ ହେଉଛି ଅଙ୍କ । ଅଙ୍କର ଏହି Formula ଅନୁସାରେ ଅନ୍ୟାନ୍ୟ ସାଧନା ହେଉଛନ୍ତି ଶୂନ । ଯେପରି ମା'ଙ୍କ ନାମଜପ କରୁଛୁ । ଆମେ ଭାବିବା ଯେ କାହାକୁ ହିଂସା କରିବା ନାହିଁ । ହିଂସା ହେଉଛି ଏ ସାଧନାରେ ବିପରୀତ, ସାଧନାରେ ବାଧକ । କାହା ପ୍ରତି ଅନ୍ୟାୟ କରିବା ନାହିଁ । ସତ୍ୟ ଆଚରଣ କରିବା ଏସବୁ ସାଧନା । ନାମଜପ ସହିତ ଯଦି ଏ ରହିଲା, ଆମର ସାଧନା ଦଶ ଗୁଣ ହୋଇଯିବ । କିନ୍ତୁ

ଆମେ ନାମଜପ କରୁ ନାହିଁ । ଖାଲି ମନେ କରିଛୁ ଯେ ହିଂସା କରିବାନି । କାହିଁକି ନା ଆମ ଭିତରେ ହିଂସା ଅଛି । ନାମଜପ ନକରିକି ଯଦି ଆମେ ହିଂସା ନକରିବାକୁ ଚାହିଁବୁ ଅଙ୍କ ତ ଚାଲିଗଲା ଆଉ ଏ ଯେଉଁ ଆମର ଧାରଣା ଏ ମାନସିକ । ଆଉ ସେ ଶୂନକୁ ଶୂନ ରହିଯିବ । ଏ ସକାଶେ ଗୋସ୍ୱାମୀ ତୁଳସୀ ଦାସ କହିଛନ୍ତି :

''ରାମ ନାମକୋ ଅଙ୍କ ହୈ ସବ ସାଧନ ହୈ ଶୂନ୍ ।
ଅଙ୍କ ରହେ ଭୟେ ଦଶଗୁନ୍ ଅଙ୍କ ଗୟେ ଶୂନେ ଶୂନ୍ ॥''

ଯଦି ନାମଜପ ନହେଲା ବାକି ସାଧନା ସବୁ ଶୂନକୁ ଶୂନ । ଏହିପରି ଆମର ମା'ଙ୍କ ନାମ ଯେଉଁ ଜପ ଏ ହେଉଛି ଅଙ୍କ । ଆଉ ଅନ୍ୟାନ୍ୟ ଯେଉଁ ସାଧନା ହେଉଛି ଶୂନ । ଅଙ୍କ ରହିକି ଯଦି ସବୁ ଅନ୍ୟ ସାଧନା ହେଲା ସେ ଦଶ ଗୁଣ ହୋଇଯିବ । ଆଉ ଅଙ୍କ ନରହିକି ଯଦି ସାଧନା ହେଲା, ସେ ଖାଲି ଶୂନ ରହିବ ।

*

*ପ୍ରଶ୍ନ : ଶ୍ରୀମା ଶ୍ରୀଅରବିନ୍ଦଙ୍କ ସାହିତ୍ୟ ପଢ଼ିବାକୁ ମନଲାଗୁ ଥିଲା । ସାଧନା କରିବାକୁ ଆଗ୍ରହ ଥିଲା । ବର୍ତ୍ତମାନ ସେପରି ନାହିଁ । ଏହାର କାରଣ କ'ଣ ?*

**ଉତ୍ତର :** ସାଧନା ସବୁ ସମୟରେ ସମାନଭାବେ ଚାଲେ ନାହିଁ । ଉଚ୍ଚାନୀଚ୍ଚା ପାହାଡ଼ ଅତିକ୍ରମ କରିବା ସଦୃଶ ସାଧନା । ସାଧନାର ଶିଥିଳତା ସମୟରେ ନିଜ ଅନ୍ତରରେ ଶୁଦ୍ଧି କାର୍ଯ୍ୟ ଚାଲିଥାଏ । କିନ୍ତୁ ଉପରେ ଏହି ସୁପ୍ତ ଅବସ୍ଥାରେ ଶାନ୍ତ ହୋଇ ରହି ମା'ଙ୍କୁ ସ୍ମରଣ କରିବା ଉଚିତ ।

*ପ୍ରଶ୍ନ : ଶ୍ରୀମା କହିଛନ୍ତି – ''ନିଶ୍ଚୟ ମୁଁ ବିଶ୍ୱାସ କରେ ନିଶ୍ଚେତନା ଉପରେ ଯେତେବେଳେ ବିଜୟ ହେବ ସେତେବେଳେ ଆଉ କୌଣସି ସର୍ତ୍ତର ଆବଶ୍ୟକତା ରହିବ ନାହିଁ, ସେତେବେଳେ କରୁଣା ମୁକ୍ତ ଭାବରେ କାର୍ଯ୍ୟ କରିପାରିବ ।'' – ଏହାକୁ ବୁଝାଇ ଦେବେ ।*

**ଉତ୍ତର :** ନିଶ୍ଚେତନାର କାର୍ଯ୍ୟ ସନ୍ଦେହ, ଅବିଶ୍ୱାସ, ଭଗବତ ପ୍ରତିକୂଳ ବସ୍ତୁ ପ୍ରତି ବାସନାକାମନା । ଏହିସବୁ ବାଧା ଭଗବାନଙ୍କ କୃପା ଶକ୍ତିର ରାସ୍ତା ଅବରୋଧକ । ନିଶ୍ଚେତନା ଉପରେ ବିଜୟ ପ୍ରାପ୍ତ ହେଲେ ଏହିସବୁ ବାଧା ସହଜରେ ଅପସାରିତ ହୋଇଯିବ ସେତେବେଳେ କରୁଣା ଶକ୍ତି ମୁକ୍ତଭାବେ କାର୍ଯ୍ୟ କରିପାରିବ ।

*

*ପ୍ରଶ୍ନ : ବିଶେଷ ଜରୁରୀ କାର୍ଯ୍ୟବଶତଃ ଠିକ୍ ସମୟରେ ପାଠଚକ୍ର ଆରମ୍ଭ ଯଦି ନହୋଇପାରେ ତେବେ କ'ଣ କରିବାକୁ ହେବ ?*

**ଉତ୍ତର :** ପାଠଚକ୍ର ନିୟମିତ ସମୟରେ ଆରମ୍ଭ ହେବ । ଏହା ଗୋଟିଏ ବିଶେଷ ଜରୁରୀ କାର୍ଯ୍ୟ । ଜରୁରୀ କାର୍ଯ୍ୟବଶତଃ କୌଣସି ବ୍ୟକ୍ତି ଉପସ୍ଥିତ ନହୋଇପାରନ୍ତି, ସେ ପ୍ରବନ୍ଧ କରିବେ ଅନ୍ୟ ଲୋକମାନେ ପାଠଚକ୍ର ଅନୁଷ୍ଠାନ କରିବେ ।

*

*ପ୍ରଶ୍ନ : ପୂର୍ଣ୍ଣ ଓ ଆଂଶିକ ସମର୍ପଣର ଅର୍ଥ କ'ଣ ?*

**ଉତ୍ତର :** ପୂର୍ଣ୍ଣ ସମର୍ପଣ ଅର୍ଥ ମନୁଷ୍ୟର ମନ-ପ୍ରାଣ-ଶରୀର ଏବଂ ଏହି ସମସ୍ତ ସତ୍ତାର ଗତିବୃତ୍ତି ଭଗବାନଙ୍କ ସଙ୍ଗେ ଏକ ହୋଇଯିବା ଅର୍ଥାତ୍ ସେହି ସତ୍ତାରେ ଭଗବତ ଭାବଛଡ଼ା ସାଂସାରିକ କୌଣସି ଭାବ ଅଥବା ଗତିବୃତ୍ତି ନହେବା ।

ଆଂଶିକ ସମର୍ପଣର ଅର୍ଥ – ମନୁଷ୍ୟର କିଛି ଅଂଶ ଭଗବାନଙ୍କୁ ସ୍ମରଣ କରେ, କିଛି ଅଂଶ ସଂସାର ବସ୍ତୁ ସ୍ମରଣ କରେ ଏବଂ ସେଥିରେ ଆସକ୍ତି ଥାଏ ।

ସମର୍ପଣ ପ୍ରଣାଳୀ ହେଲା – ୧. ସମର୍ପଣ କରିବା ସକାଶେ ଦୃଢ଼ ସଙ୍କଳ୍ପ, ୨. ପ୍ରତିକୂଳ କର୍ମ, ଗତିବୃତ୍ତିର ତ୍ୟାଗ, ୩. ନିରନ୍ତର ଭଗବତ ସ୍ମରଣ ଏବଂ ସମର୍ପଣ । ଏହା ସକାଶେ ସତତ ସଜାଗ ହୋଇ ନିରନ୍ତର କର୍ମରେ ତତ୍ପର ହେବା ।

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ତୃତୀୟ ଖଣ୍ଡ, ପୃଷ୍ଠା : ୨୨୫, ୨୪୯, ୪୯୩)
**– ରାମକୃଷ୍ଣ ଦାସ**

❑❑❑

ଚେତନାର ଦିଗ୍‌ବଳୟ :

# ‘‘କାହିଁ ବନ୍ଧୁତା କାହିଁ ପ୍ରେମ ସୁନ୍ଦର !’’

ଆମେରିକାର ମିଚିଗାନ ବିଶ୍ୱବିଦ୍ୟାଳୟ ଦ୍ୱାରା ପରିଚାଳିତ ଏକ ତାତ୍ପର୍ଯ୍ୟପୂର୍ଣ୍ଣ ଗବେଷଣାର ଫଳ ପ୍ରକାଶ ପାଇଛି ଗତମାସ (ଜୁନ ୨୦୧୭) ପ୍ରଥମ ସପ୍ତାହରେ । ଦୁଇ ଲକ୍ଷ ସତୁରି ହଜାର ବୃଦ୍ଧ ବ୍ୟକ୍ତିଙ୍କ ସହ ଅନ୍ତରଙ୍ଗ ଆଳାପ ଆଲୋଚନା ତଥା ସେମାନଙ୍କ ଆଚରଣର ସମୀକ୍ଷା ଭିତ୍ତିରେ ଗବେଷକ ଗୋଷ୍ଠୀର ମୁଖପାତ୍ର ଅଧ୍ୟାପକ ଉଇଲିୟମ୍ ଚୋପିକ୍ ଦର୍ଶାଇଛନ୍ତି ଯେ ବୃଦ୍ଧ ବୟସରେ ଖାଲି ମାନସିକ ନୁହେଁ, ଶାରୀରିକ କୁଶଳତା ବଜାୟ ରଖିବା ନିମନ୍ତେ ସାମାଜିକ ସୁରକ୍ଷା ଓ ସେବା ବ୍ୟବସ୍ଥା, ଉପଯୁକ୍ତ ଚିକିତ୍ସା ଓ ଏପରିକି ଆପଣାର ପରିବାରର ଯତ୍ନ ତୁଳନାରେ ମଧ୍ୟ ଯାହା ଅଧିକ ହିତକର ତାହା ହେଲା କେତେଜଣ ସହୃଦୟ ବନ୍ଧୁଙ୍କ ସାହଚର୍ଯ୍ୟ ।

ଏହା ସ୍ୱାଭାବିକ । ଆମ ପରିବାରର ସଦସ୍ୟମାନଙ୍କୁ ଆମେ ମନୋନୀତ କରି ନଥାଉଁ । ସେମାନଙ୍କ ଭିତରୁ କେହି କେହି ବାର୍ଦ୍ଧକ୍ୟରେ ଆମ ପ୍ରତି ଯଥେଷ୍ଟ ଶ୍ରଦ୍ଧା ଓ ସହାନୁଭୂତିଶୀଳ ହୋଇପାରନ୍ତି ବା ହୋଇ ନପାରନ୍ତି, କିନ୍ତୁ ବନ୍ଧୁଟିଏ ଆମ ନିଜ ମନୋନୟନ ସାପେକ୍ଷ । କୈଶୋର ଓ ଯୁବା ବୟସରେ, ମଧ୍ୟବୟସ୍କ ସ୍ତରରେ ଅନେକଙ୍କ ସହ ତଥାକଥିତ ବନ୍ଧୁତା ଥାଏ, କିନ୍ତୁ ସେସବୁର ପଟଭୂମି ସର୍ବଦା ନିଃସ୍ୱାର୍ଥପର ହୋଇ ନଥାଇପାରେ । ଅଧ୍ୟୟନଗତ, ବୃତ୍ତିଗତ, ପାରିବାରିକ ବା ରାଜନୈତିକ କାରଣରୁ ଅନେକଙ୍କ ସହ ସୁସମ୍ପର୍କ ସ୍ଥାପନ ହୁଏ । ସେମାନଙ୍କ ଭିତରୁ ଅଧିକାଂଶ ସମୟକ୍ରମେ ବିସ୍ମୃତ ହୋଇଯାଆନ୍ତି ବା ସ୍ମୃତିରେହିଁ ସୀମିତ ରହନ୍ତି । କିନ୍ତୁ ବାର୍ଦ୍ଧକ୍ୟରେ ଉପନୀତ ହେବା ବେଳକୁ ବ୍ୟକ୍ତି ବ୍ୟକ୍ତି ଭିତରେ ଯେଉଁ ବନ୍ଧୁତା ଗଢ଼ି ଉଠିଥାଏ, ସେଥିରେ ପ୍ରାୟଶଃ ସ୍ୱାର୍ଥ ନଥାଏ; ଥାଏ ପରସ୍ପର ସହାନୁଭୂତି ।

ବାଲ୍ୟ ବା ତରୁଣ ଅବସ୍ଥାରୁ ଯେଉଁମାନଙ୍କ ଭିତରେ ବନ୍ଧୁତା ବୃଦ୍ଧାବସ୍ଥା ପର୍ଯ୍ୟନ୍ତ ଅତୁଟ ରହେ, ସେମାନେ ପରସ୍ପର ସଚ୍ଚା ବନ୍ଧୁ ବୋଲି କୁହାଯାଇପାରେ । ତେବେ ବନ୍ଧୁତା ସ୍ଥାପନ ଦିଗରେ ଆଜିକାଲି ଯେଉଁ ପ୍ରଚଣ୍ଡ ପ୍ରତିବନ୍ଧକ ଦେଖା ଦେଇଛି, ତାହା ହେଲା ଫେସ୍‌ବୁକ, ମୋବାଇଲ ଇତ୍ୟାଦି ମାନବିକ ସମ୍ପର୍କର କୃତ୍ରିମ ଓ ଯାନ୍ତ୍ରିକ ମାଧ୍ୟମ ସମୂହର ପ୍ରଭାବ । ଏହାର ମାଦକତା ବ୍ୟାପକ ଭାବରେ ଉପଲବ୍ଧ । ସେ ସମ୍ପର୍କରେ କିଛି କହିବା ବାହୁଲ୍ୟମାତ୍ର । ଏସବୁ ମାଧ୍ୟମ ଯୋଗୁଁ ପ୍ରତାରଣାର ଶିକାର ହେଉଥିବା ତରୁଣ, ତରୁଣୀଙ୍କ ସଂଖ୍ୟା କମ୍ ନୁହେଁ । ନୂଆ ପିଢ଼ିର ଅଭିଭାବକମାନେ ସେମାନଙ୍କ ସନ୍ତାନସନ୍ତତିଙ୍କୁ ଏ ମାଦକତାଠୁଁ ଦୂରେଇ ରଖିବା ପରିବର୍ତ୍ତେ ନିଜର ମୂଲ୍ୟବାନ୍ ସମୟ ସେହି ଯାନ୍ତ୍ରିକ ବିଳାସରେ ବ୍ୟୟ କରିବା ନିମନ୍ତେ ବାଳକ ବାଳିକାମାନଙ୍କର ସେ ପ୍ରବଣତାକୁ ଅନ୍ତତଃ ପରୋକ୍ଷରେ ଉତ୍ସାହ ପ୍ରଦାନ କରୁଛନ୍ତି । ଫଳରେ ଆଜିର ତରୁଣମାନେ ବୃଦ୍ଧ ହେବା ବେଳକୁ ମାନବିକ ବନ୍ଧୁ ମିଳୁଥିବେ କି ନା ସନ୍ଦେହ !

ପ୍ରକୃତ ବନ୍ଧୁ ଯୁଗେ ଯୁଗେ ଦୁର୍ଲଭ । ତରୁଣମାନେ ଉଦ୍ଦାମ ଉଲ୍ଲାସରେ ଯେଉଁମାନଙ୍କୁ ବନ୍ଧୁ ବୋଲି ଧରି ନିଅନ୍ତି, ସେମାନଙ୍କ ସମ୍ପର୍କ ସେହି ଉଦ୍ଦାମ ଉଲ୍ଲାସ ସ୍ତରରେହିଁ ସୀମିତ । ଏକ ପ୍ରାଚୀନ ଇତାଲୀୟ ଗଳ୍ପ ସ୍ମରଣକୁ ଆସୁଛି । ଜଣେ ସମ୍ଭ୍ରାନ୍ତ ବ୍ୟକ୍ତି କଥା ପ୍ରସଙ୍ଗରେ ତାଙ୍କ ତରୁଣ ପୁତ୍ରଙ୍କୁ ଦିନେ କହିଲେ, ‘‘ବାବୁ, ସମାଜରେ ପ୍ରତିଷ୍ଠା ହାସଲ କରିବା ଉତ୍ତମ, ବିତ୍ତ ସଞ୍ଚୟ ମଧ୍ୟ ମନ୍ଦ ନୁହେଁ, କିନ୍ତୁ ଜୀବନରେ ଯଦି ଜଣେ, ଦୁଇ ଜଣ ଉତ୍ତମ ବନ୍ଧୁ ଲାଭ କରିପାରିବୁ, ତେବେ ତାହାହିଁ ହେବ ଜୀବନ ସାୟାହ୍ନରେ ସବୁଠାରୁ ବଡ଼ ଆଶ୍ୱସ୍ତି ।’’

ତରୁଣ ପୁତ୍ର ହସି ଉତ୍ତର ଦେଲା, ‘‘ଜଣେ ଦୁଇ ଜଣ ? ମୋର ଅଛନ୍ତି ଶହେ ବନ୍ଧୁ !’’

ପିତା ଗମ୍ଭୀର ହୋଇ କହିଲେ, ‘‘ମୋତେ ଆସି ଷାଠିଏ ହେଲା । ଜୀବନରେ ମାତ୍ର ଦେଢ଼ ଜଣ ବନ୍ଧୁ ଲାଭ କରିଛି । ତୋତେ ମିଳିଗଲେଣି ଶହେ ବନ୍ଧୁ ?’’

ସଗର୍ବ ହାସ୍ୟ ସହକାରେ ଉତ୍ତର ଦେଲା ପୁତ୍ର, ‘‘ହଁ, ବାପା, ଏମିତି କିଛି ତ୍ୟାଗ ନାହିଁ, ଯାହା ସେମାନେ ମୋ ପାଇଁ ସ୍ୱୀକାର ନ କରିବେ ।’’

‘‘ବେଶ୍ । ଟିକିଏ ପରୀକ୍ଷା କରି ଦେଖାଯାଉ ।’’ କହିଲେ ବାପା । ପରଦିନ ରାତିରେ ସେ ଗୋଟାଏ ବଡ଼ ଟୋକେଇରେ କିଛି ଲୁଗା ଭର୍ତ୍ତି କରି ତହିଁ ଉପରେ କିଞ୍ଚିତ୍ ଲାଲ ରଙ୍ଗ ଛିଟିକାଇ ଦେଇ ପୁଅକୁ କହିଲେ, ‘‘ଯାହାକୁ ତୁ ଶହେ ଭିତରୁ ସବୁଠାରୁ ବିଶ୍ୱସ୍ତ ବନ୍ଧୁ ମନେ କରୁ, ପ୍ରଥମେ ତା’ ପାଖକୁ

ଯାଇ କହିବୁ କି ଘଟଣାକ୍ରମେ ତୁ ଗୋଟାଏ ମଣିଷ ମାରି ପକାଇଛୁ । ରାଜାଙ୍କ ସିପାହିମାନେ ତୋତେ ଅନୁସରଣ କରୁଥିବା ସମ୍ଭବ । ଟୋକେଇରେ ଥିବା ମୃତ ଦେହ ସହ ତୋତେ ବନ୍ଧୁଟି ଯେମିତି ନିଜ ଘରେ ଲୁଚାଇ ରଖିବେ ରାତିକ ପାଇଁ ।''

ତରୁଣ ଅନ୍ଧାର ରାତିରେ ତା'ର ସର୍ବଶ୍ରେଷ୍ଠ ବନ୍ଧୁଟିର ଘରେ ପହଞ୍ଚି ଦରଜା ପାଖରେ ଠିଆ ହୋଇ ସେହି ଆବେଦନ କଲା । ବନ୍ଧୁ ଚମକି ପଡ଼ି ଉତ୍ତର ଦେଲା, ''ଆରେ, ତୋ ପାଇଁ ମୁଁ କ'ଣ ଏତକ କରନ୍ତି ନାହିଁ ? ଅସୁବିଧା ହେଲା, ଆଜି ଆମ ଘରେ କୁଣିଆ ଅଛନ୍ତି । ଆଚ୍ଛା, ପରେ ଦେଖା ହେବ ।'' ବାସ୍, ବନ୍ଧୁ ଦରଜା ବନ୍ଦ କରି ଦେଲା ।

ଶ୍ରେଷ୍ଠ ବନ୍ଧୁ ତାଲିକାରେ ଥିବା ପରବର୍ତ୍ତୀ ଯୁବକ ପାଖକୁ ଯାଇ ସେ ଶରଣ ଭିକ୍ଷା କରନ୍ତେ ସେ କହିଲା, ''ବନ୍ଧୁ ବୋଲି କ'ଣ ତୋ ଅପରାଧ ଘୋଡ଼ାଇବି ? ଏଠାରୁ ଶୀଘ୍ର ଚାଲିଯା' ।''

ତରୁଣ ହେଲା ତୃତୀୟ ବନ୍ଧୁର ଦ୍ୱାରସ୍ଥ । ବନ୍ଧୁ ଖୁସ୍ ମିଜାଜ୍‌ରେ ଥିଲେ । କହିଲେ, ''ଆରେ ତୁ ଏମିତି ଛାନିଆ ହେଉଛୁ କାହିଁକି ? ସିପାହି ଧରିନେଇ କରିବ କ'ଣ ? ତୋ ପ୍ରଭାବଶାଳୀ ବାପା ଲଢ଼ିବେ ନାହିଁ ? ଖୁବ୍ ବେଶୀ ହେଲେ ତୋତେ ଫାଶୀ ହେବ । ଆମେ କ'ଣ ଜାକଜମକରେ, ତୋ ସମ୍ମାନ ଜଗି, ତୋ ଶ୍ରାଦ୍ଧୋତ୍ସବ କରିବା ନାହିଁ ? ହେଉ । ଶୁଭରାତ୍ରି !'' ଦରଜା ବନ୍ଦ ହେଲା ।

କ୍ଳାନ୍ତ ଶ୍ରାନ୍ତ ହତାଶ ତରୁଣ ଯାଇ ବାପାଙ୍କ ଆଗରେ କାନ୍ଦି ପକାଇ ସବୁ କହିଲା ।

''ବ୍ୟସ୍ତ ହୁଅନା, ପୁଅ । ତୋ ଆଗରେ ରହିଛି ଦୀର୍ଘ ଜୀବନ । ଆଶା, ଜଣେ ଦୁଇଜଣ ସଚ୍ଚା ବନ୍ଧୁ ତୋ କପାଳରେ ଜୁଟିବେ । ବେଶ୍ । ଆଗାମୀ କାଲି ମୋର ବନ୍ଧୁଙ୍କ ପରୀକ୍ଷା କରିବା ।''

ଯାହାକୁ ଭଦ୍ରଲୋକ ଅଧା ବନ୍ଧୁ ବୋଲି ମନେ କରୁଥିଲେ, ତରୁଣ ଆଦ୍ୟ ରାତ୍ରିରେ ରକ୍ତାକ୍ତ ଦିଶୁଥିବା ଟୋକେଇ ମୁଣ୍ଡେଇ ତାଙ୍କ ପାଖରେ ପହଞ୍ଚି ସମାନ ଅଭିନୟ କରନ୍ତେ ସେ ଜଣକ ସଙ୍ଗେ ସଙ୍ଗେ ତରୁଣକୁ ଆଶ୍ରୟ ଦେବାକୁ ପ୍ରସ୍ତୁତ ହେଲେ । କିନ୍ତୁ ତରୁଣ କୌଣସି ଯୁକ୍ତିରେ ଚାଲି ଆସିଲା ।

ତହିଁ ପରଦିନ ପିତାଙ୍କ ନିର୍ଦ୍ଦେଶରେ ସେ ଯାଇ ତାଙ୍କର ପୂର୍ଣ୍ଣ ବନ୍ଧୁଙ୍କ ଦ୍ୱାର ଦେଶରେ ପହଞ୍ଚିଲା । ଯୋଗାଯୋଗ ଏମିତି, ସେଦିନ ସତକୁ ସତ ସେ ମୁଲକରେ ଗୋଟାଏ ହତ୍ୟାକାଣ୍ଡ ଘଟିଥାଏ ଏବଂ ମୃତଦେହ ସହ ପଳାତକ ଅପରାଧୀକୁ ସିପାହିମାନେ ଖୋଜୁଥା'ନ୍ତି । ଏକଥା ଗୃହସ୍ୱାମୀ ଜାଣିଥିଲେ । ତଥାପି ସେ ତତ୍‌କ୍ଷଣାତ୍ ତରୁଣକୁ ଘରେ ଲୁଚାଇ ଟୋକେଇକୁ ଉଦ୍ୟାନରେ ପୋତିବାର ବ୍ୟବସ୍ଥା କଲେ । ପରେ ପରେ ସଦଳବଳ ସିପାହି ସର୍ଦ୍ଦାର ତାଙ୍କ ଘରେ ପହଞ୍ଚି କହିଲେ କି ହତ୍ୟାକାରୀ ତରୁଣଟିଏ ତାଙ୍କରି ଘରେ ଆଶ୍ରା ନେଇଛି ବୋଲି ସେମାନେ ସୂଚନା ପାଇଛନ୍ତି । ତାକୁ ଗିରଫ ନକଲେ ସେମାନେ ଯିବେ ନାହିଁ; ଘର ତଲାସ କରିବେ ।

ଗୃହସ୍ୱାମୀ ତତ୍‌କ୍ଷଣାତ୍ ନିଜ ସୁପୁତ୍ରକୁ ସିପାହିଦଳ ହାତରେ ଅର୍ପଣ କରି କହିଲେ, ''ତୁମେମାନେ ଯାହାକୁ ଖୋଜୁଛ ଏହି ଜଣକ ସେହି ଯୁବକ । ସେ କିଛି ଅପରାଧ କରି ନାହିଁ । ତେବେ ସେକଥା ମୁଁ ଆଗାମୀ କାଲି ବୁଝିବି ।''

ସିପାହି ସର୍ଦାର ଭଦ୍ରଲୋକଙ୍କ ପୁଅକୁ ଆପାତତଃ ଗିରଫ କରିନେଇଗଲେ ।

ପ୍ରଭାତରେ ପିତାଙ୍କ ପାଖକୁ ଆସି ତରୁଣ କହିଲା, ''ବାପା, ମୋର ମୋହମୁକ୍ତି ହେଲା । ପ୍ରକୃତ ବନ୍ଧୁର ସ୍ୱରୂପ ଜାଣିଲି ।''

''ଉତ୍ତମ । ବିଧାତା ତୋତେ ଏହି ସଦ୍‌ବୁଦ୍ଧି ଦିଅନ୍ତୁ – ତୁ ଯେମିତି ମୋହ ମୁକ୍ତିକୁ ସର୍ବଦା ସ୍ୱାଗତ କରୁଥିବୁ ।'' ବାପା ପୁଅକୁ ସାନ୍ତ୍ୱନା ଦେଲେ ।

ଅବଶ୍ୟ ଏ ଗଳ୍ପର ପଟଭୂମି ଦୁଇଶହ ବର୍ଷ ତଳର ସମାଜ ଓ ପରିବେଶ । ଏହାର ଆକ୍ଷରିକ ବାସ୍ତବତା ନୁହେଁ, ମର୍ମହିଁ ଆମର ଧ୍ୟେୟ ।

ସାମାଜିକ ଜୀବନରେ ବନ୍ଧୁ ଅପରିହାର୍ଯ୍ୟ । କିନ୍ତୁ କିଏ ଆମର ଶ୍ରେଷ୍ଠ ବନ୍ଧୁ ? ଶ୍ରୀମାଙ୍କ ଉତ୍ତର :

''Our best friend is he who loves us in our best part, and yet does not ask us to be different from what we are.''

ଅର୍ଥାତ୍, ଆମର ଯିଏ ଶ୍ରେଷ୍ଠ ବନ୍ଧୁ, ସିଏ ଆମର ସବୁଠୁଁ ଉତ୍ତମ ଗୁଣ ଯୋଗୁଁ ଆମକୁ ଭଲ ପାଏ । କିନ୍ତୁ ଭଲପାଏ ବୋଲି ତା' ରୁଚି ଅନୁସାରେ ଆମ ବ୍ୟକ୍ତିତ୍ୱ ବଦଳିବା ଚାହି, ସେଭଳି ଦାବି ତା'ର ନଥାଏ !

ଏ ବାଣୀର ତାତ୍ପର୍ଯ୍ୟ ସ୍ପଷ୍ଟ : ପ୍ରକୃତି ସମସ୍ତଙ୍କୁ ଭିନ୍ନ ଭିନ୍ନ ଭାବରେ ଗଠନ କରିଛି । ଅଜସ୍ର ଭିନ୍ନତାର ସମନ୍ୱୟହିଁ ସୃଷ୍ଟିର ଆଭିମୁଖ୍ୟ । 'କ' ଯଦି ଅବିକଳ 'ଖ' ଭଳି ହେବ ତେବେ 'ଖ'ର ଆବଶ୍ୟକତା କ'ଣ ? 'କ'ହିଁ ଯଥେଷ୍ଟ ।

ସୃଷ୍ଟିର ଏହି ରହସ୍ୟ ଆମେ ହୃଦୟଙ୍ଗମ କରୁନା ବୋଲି ଆମେ ଆଶାକରୁଁ ବନ୍ଧୁଟିଏ ଆମରି ରୁଚି, ଆମରି ସଂସ୍କାର, ଆମରି ମତାମତର ଅକୁଣ୍ଠ ସମର୍ଥକ ହେବ । ଫଳରେ ଅନେକଙ୍କ ସହ ବନ୍ଧୁତାର ବିକାଶ ହୋଇ ପାରେନା ।

ଶ୍ରୀମା ତାଙ୍କର ଉପରୋକ୍ତ ବାଣୀ ଉପରେ ପରେ ମନ୍ତବ୍ୟ ଦେଇ ବୁଝାଇଛନ୍ତି, ପ୍ରକୃତ ବନ୍ଧୁ କଦାଚ ଆମକୁ ଆମ ଚେତନାରେ ନିମ୍ନଗାମୀ କରାଇବ ନାହିଁ । ସେ କଦାପି ନିଜେ ଲିପ୍ତ ଥିବା ମନ୍ଦ କର୍ମରେ ଆମକୁ ଭାଗୀଦାର ହେବାକୁ ପ୍ରବର୍ତ୍ତାଇବ ନାହିଁ । କିନ୍ତୁ ଶୋଚନାର କଥା ହେଲା ଆମେ ପ୍ରାୟଶଃ ତାକୁହିଁ ବନ୍ଧୁ ବୋଲି ଗ୍ରହଣ କରୁଁ ଯିଏ ଆମର ନିମ୍ନ ପ୍ରବୃତ୍ତିକୁ ଉତ୍ସାହ ଯୋଗାଏ ।

ଆମେ ଟିକିଏ ସଜାଗ ହେଲେ ନିଜେ ବୁଝିପାରିବୁଁ, ଆମର ସଚ୍ଚା ବନ୍ଧୁମାନଙ୍କୁ ମଧ୍ୟ ତିନି ଶ୍ରେଣୀରେ ବିଭକ୍ତ କରାଯାଇପାରେ : (କ) ଯେଉଁମାନେ ଆମ ଭୁଲ୍ ମୋଟେ ଦେଖନ୍ତି ନାହିଁ; (ଖ) ଯେଉଁମାନେ ଦେଖନ୍ତି କିନ୍ତୁ ବିନା ବିରୋଧରେ ସହିଯା'ନ୍ତି ବା ସେସବୁ କ୍ଷମାର ଉପଯୋଗୀ ବୋଲି ମନେ କରନ୍ତି; (ଗ) ଯେଉଁମାନେ ସୁବିଧା ସୁଯୋଗ ଦେଖି ଆମକୁ ସେ ସମ୍ପର୍କରେ ନିଷ୍କପଟରେ ସଚେତନ କରି ଦିଅନ୍ତି – ଯଦିଓ ବାହାରେ ସମାଲୋଚନା କରନ୍ତି ନାହିଁ ।

କହିବା ବାହୁଲ୍ୟ, ଶେଷ ଶ୍ରେଣୀର ବନ୍ଧୁହିଁ ସବୁଠାରୁ ମୂଲ୍ୟବାନ୍, କିନ୍ତୁ ସେଭଳି ବନ୍ଧୁ ଦୁର୍ଲଭ ।

ବାସ୍ତବତା ହେଲା, ସ୍ୱଳ୍ପସଂଖ୍ୟକ ବିକଶିତ ଚେତନାବନ୍ତ ବ୍ୟକ୍ତିଙ୍କୁ ଛାଡ଼ିଦେଲେ କୌଣସି ମଣିଷର (ସେ ଯେତେ଼ ଆଦର୍ଶବାଦୀ, ଯେତେ଼ ଭଲ ମଣିଷଟାଏ ହୋଇଥାଉ ନା କାହିଁକି) ଶକ୍ତି, ଧୈର୍ଯ୍ୟ ଓ ଶୁଭ ବୁଦ୍ଧି ଅସୀମ ନୁହେଁ । ତେଣୁ ଆପାତ ଦୃଷ୍ଟିରେ ବିଶ୍ୱସ୍ତ ବନ୍ଧୁଟିଏ ମଧ୍ୟ ଆମ ବିପର୍ଯ୍ୟୟ ବେଳେ ଆମକୁ ହତାଶ କରିପାରେ । ତା' ଶୁଭେଚ୍ଛାର ଅପ୍ରାଚୁର୍ଯ୍ୟ ତା'ର କାରଣ ହୋଇପାରେ; କାରଣ ହୋଇପାରେ ଆଉ କାହାରି ବା କିଛିର ପ୍ରଭାବ ।

କଦାଚ ହତାଶ ନକଲା ଭଳି ବନ୍ଧୁ ତେବେ କିଏ ? ଶ୍ରୀମାଙ୍କ ଉତ୍ତର, ଏକମାତ୍ର ଭଗବାନ୍, ''ଯାବତୀୟ କରୁଣାର ଉତ୍ସ'' ।

''... ସେହିଁ ଏକମାତ୍ର ସଚ୍ଚା ବନ୍ଧୁ, ଭଲ ସମୟରେ ଓ ଖରାପ ସମୟରେ ବନ୍ଧୁ । ସିଏ ଠିକ୍ ବୁଝନ୍ତି,... ଏବଂ ସେ ତୁମ ପ୍ରୟୋଜନ ବେଳେ ସର୍ବଦା ଉପସ୍ଥିତ । ତୁମେ ଯଦି ଆନ୍ତରିକ ଭାବରେ ତାଙ୍କୁ ଡାକ, ସେ ସର୍ବଦା ଉପସ୍ଥିତ ତୁମକୁ ଦିଗ୍‌ଦର୍ଶନ ଦେବା ପାଇଁ, ତୁମକୁ ହିମ୍ମତ ଦେବା ପାଇଁ, – ଏବଂ ସଚ୍ଚା ମାର୍ଗରେ ତୁମକୁ ଭଲପାଇବା ପାଇଁ ।''

(C.W.M., Vol. 9)

**– ମନୋଜ ଦାସ**

❑❑❑

## ସଭ୍ୟତାର ନିର୍ଭୁଲ ପ୍ରମାଣ

ଆଫ୍ରିକାର ଗୋଟାଏ ଦୁର୍ଗମ ମୁଲକରେ ଧର୍ମପ୍ରଚାର କରି ନିଜ ଦେଶକୁ ବାହୁଡ଼ି ଆସିଥା'ନ୍ତି ଜଣେ ଧର୍ମଯାଜକ । ତାଙ୍କୁ ସମ୍ବର୍ଦ୍ଧନା ଦେବା ପାଇଁ ଯେଉଁ ସଭା ହେଲା, ସେଥିରେ ସେ ଗର୍ବଭରେ କହିଲେ, ''ଆପଣମାନେ ସ୍ୱଚକ୍ଷୁରେ ନ ଦେଖିଲେ ବିଶ୍ୱାସ କରିବେ ନାହିଁ ମୁଁ ସେ ଅସଭ୍ୟ ଲୋକଙ୍କୁ କେମିତି ଗୋଟାପଣେ ସଭ୍ୟ କରିଦେଇଛି ।''

ଶ୍ରୋତାମାନେ ହାତତାଳି ଦେଲେ । ତାହା ଥମିଯିବା ଉତ୍ତାରୁ ଜଣେ ଭଦ୍ରଲୋକ ଠିଆ ହୋଇ କହିଲେ, ''ଆଜ୍ଞା, ମୁଁ ମାତ୍ର ଦୁଇ ଦିନ ତଳେ ଏଠି ପହଞ୍ଚିଲି ସେ ମୁଲକରେ ପନ୍ଦର ଦିନ କଟାଇବା ଅନ୍ତେ । ମୁଁ ସ୍ୱଚକ୍ଷୁରେ ଦେଖିଛି ସେମାନେ ଏବେ ମଧ୍ୟ ମଣିଷ ମାଂସ ଖାଉଛନ୍ତି !''

ରାଗିଯାଇ ଉତ୍ତର ଦେଲେ ଧର୍ମଯାଜକ : ''ଆପଣ ଖାଲି ସେମାନେ ମଣିଷ ମାଂସ ଖାଇବାଟା ଦେଖିଲେ, କେଉଁ ରୀତିରେ ଖାଉଛନ୍ତି ସେକଥା ଲକ୍ଷ୍ୟ କଲେ ନାହିଁ । ସେମାନେ ପୂର୍ବଭଳି ଖାଲି ହାତରେ ଖାଇଯାଉଛନ୍ତି କି ? ସେମାନେ ଚୌକିରେ ବସି, ନିଜ କୋଳରେ କନା ବିଛାଇ, ଟେବୁଲ ଉପରେ କଣ୍ଟା ଚାମଚ ଯୋଗେ ତାହା ଖାଉଛନ୍ତି କି ନାହିଁ ?''

tarika

AYURVEDIC HERBAL REMEDIES

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days**. *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and texture within 3 to 4 weeks.*

**Daily Facial**
**Sandal & Saffron Beauty Masks**
For a fair, glowing, radiant complexion.
Improves skin tone. Removes marks, scars.

**Hair Vitaliser oil**
Controls hair loss and improves hair growth
*Regular use prevents hair thinning and receding hair line*

**Gum oil**
Quick relief from toothache, sensitive teeth, receding gum, bleeding gum, mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain, spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA, Germany, Italy, Australia etc.*

Bhubaneswar Contact
Phone/Whatsapp: 9937786512

Made in India by: Ayurlabs India
32 Lally Tollendal Street, Pondicherry 605001. Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com Website: www.ayurlabsindia.com

## OM NAMO BHAGAVATE

These three words. For me they meant :

**OM** – I implore the Supreme Lord.

**NAMO** – Obeisance to Him.

**BHAGAVATE** – Make me divine.

(CWM-12, p. 447)



## ଓଁ ନମୋ ଭଗବତେ

ଏହି ତିନୋଟି ଶବ୍ଦ । ମୋ’ ଲାଗି ସେଗୁଡ଼ିକର ଅର୍ଥ ହେଉଛି :

**ଓଁ** – ମୁଁ ସେହି ସର୍ବୋଚ୍ଚ ପରମସତ୍ତାଙ୍କର ଆବାହନ କରୁଛି ।

**ନମୋ** – ମୁଁ ତାହାଙ୍କୁହିଁ ମୋ’ର ପ୍ରଣତି ଜଣାଉଛି ।

**ଭଗବତେ** – ମୋତେ ଆପଣ ଏକ ଦିବ୍ୟସତ୍ତାରେ ପରିଣତ କରିଦିଅନ୍ତୁ ।

**Vol. XLVIII, No. 7** **R.N.I. No. 18163/70.**
Navaprakash, July, 2017 Registered No. SSP/PY/51/2015-17
**Date of Posting : 7th, 8th of every month** **Licenced to Post without prepayment**
TN/PMG(CR)/WPP-63/2015-17

## ବିଶେଷ ସୂଚନା




# ପୂର୍ଣ୍ଣାଙ୍ଗ ନିରାମୟତା

ଶ୍ରୀମାଶ୍ରୀଅରବିନ୍ଦଙ୍କ ରଚନାବଳୀ ଏବଂ କଥୋପକଥନ-ମୂଳକ ଗ୍ରନ୍ଥରୁ ସଂକଳିତ 'Integral Healing' ପୁସ୍ତକର ଓଡ଼ିଆ ଅନୁବାଦ 'ପୂର୍ଣ୍ଣାଙ୍ଗ ନିରାମୟତା' ପ୍ରକାଶ ପାଇଲା । ଏହି ପୁସ୍ତକଟିରେ ଶ୍ରୀମା ଓ ଶ୍ରୀଅରବିନ୍ଦ ଆଧ୍ୟାତ୍ମିକ ତଥା ମନସ୍ତାତ୍ତ୍ୱିକ ଦୃଷ୍ଟିକୋଣରୁ ଚିକିତ୍ସା ବିଜ୍ଞାନର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଛନ୍ତି ।

ଆଶାକରୁ ଜିଜ୍ଞାସୁ ପାଠକମାନେ ଏହି ପୁସ୍ତକଟିକୁ ଅଧ୍ୟୟନ କରି ଉପକୃତ ହେବେ ।

୨୮୫ ପୃଷ୍ଠା ସମ୍ବଳିତ ଏହି ପୁସ୍ତକଟିର ମୂଲ୍ୟ : (ଟ. ୧୫୦/-) ରଖାଯାଇଛି ।

## ପ୍ରାପ୍ତିସ୍ଥାନ :

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**